# ନିତିଦିନ
NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8+16 PAGES • | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday
୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର' ସହ

SUNDAY
7 JUNE 2026
ରବିବାର
୭ ଜୁନ୍ ୨୦୨୬

NEW AGE MEDIA & PUBLICATIONS PVT. LTD. | PRINTED AT BHUBANESWAR | VOLUME 12 • ISSUE 7 | BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୨ • ସଂଖ୍ୟା ୭ | ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


## କଳାହାଣ୍ଡିଆ ମେଘର ତାଣ୍ଡବ

# ଥରହର ଭୁବନେଶ୍ୱର





**କାଳବୈଶାଖୀ ପ୍ରଭାବରେ କୁଆପଥର ବର୍ଷା**

**ଭାଙ୍ଗିଲା ଗଛ, ଚାପି ହେଲା ଗାଡ଼ି**

**ଜନତା ମଇଦାନକୁ ମୁହୂର୍ତ୍ତକରେ ଉଜାଡ଼ି ଦେଲା**

**ବର୍ଷା ପବନରେ ମାଟିରେ ମିଶିଲା ୨୫୦ ଷ୍ଟଲ୍**

**ଭୁବନେଶ୍ୱର,୬।୬/ଏନ୍‌ଏନ୍‌ଏସ୍:**

କଳାହାଣ୍ଡିଆ ମେଘର ତାଣ୍ଡବ । ଥରହର ଭୁବନେଶ୍ୱର, କିଛି ମିନିଟରେ ପୂରା ଛାରଖାର । ଭାଙ୍ଗିଲା ଗଛ, ଚାପି ହେଲା ଗାଡ଼ି, ଜାମ୍ ହେଲା ରାସ୍ତା । ସାରା ଦିନର ଗୁଳୁଗୁଳି ଭିତରେ ଶନିବାର ଅପରାହ୍ନରେ ରାଜଧାନୀରେ ଗର୍ଜିଥିଲା କାଳବୈଶାଖୀ । ଶନିବାର ସକାଳେ ପାରଦ ଉପରମୁହାଁ ଥିଲା । ସକାଳ ସମୟରେ ଘରୁ ବାହାରିବା ବେଶ୍ ମୁସ୍କିଲ ଥିଲା ।

ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଥିଲେ । ତେବେ ଅପରାହ୍ନ ପାଖାପାଖି ୩ଟା ବେଳକୁ ଚାହୁଁଚାହୁଁ ଘୋଟିଆସିଥିଲା ମେଘ । ଆଉ ତାତିର ଥାର୍ଡ ଡିଗ୍ରୀ ଭିତରେ ଅନ୍ଧାର କରି ଆରମ୍ଭ କରିଦେଇଥିଲା ତାଣ୍ଡବ । ଦିନସାରା ତାତିରେ ସିଝୁଥିଲା, ଅପରାହ୍ନରେ ହଠାତ୍ ବଦଳିଗଲା ପାଗର ମିଜାଜ । ଆକାଶରେ ଘୋଟି ଆସିଲା କଳାହାଣ୍ଡିଆ ମେଘ, ଆଉ ତା'ପରେ ଆରମ୍ଭ ହେଲା କାଳବୈଶାଖୀର କରାଳ ତାଣ୍ଡବ । କିଛି ମିନିଟର ଝଡ଼ ବର୍ଷା ଉଜାଡ଼ି ଦେଲା ଜନଜୀବନ । ଟ୍ରେଡ୍ ଫେୟାରର ଶହ ଶହ ଷ୍ଟଲକୁ ବି ଛାରଖାର କରିଦେଲା ବର୍ଷା ପବନ । ରାଜଧାନୀ ଭୁବନେଶ୍ୱରରେ ଆଜି କୁଆପଥର ବର୍ଷା ସହିତ ପ୍ରବଳ ପବନ ତାତିରୁ ସାମାନ୍ୟ ଆଶ୍ୱସ୍ତି ତ ଦେଇଛି, କିନ୍ତୁ ଛାରଖାର୍ ବି ଖୁବ୍ କରିଛି ।

ଭୁବନେଶ୍ୱର ଜୟଦେବ ବିହାର ଓ ନୟାପଲ୍ଲୀ ଅଞ୍ଚଳରେ କୁଆପଥର ମାଡ଼ ସାଙ୍ଗକୁ ୪୦ରୁ ୫୦ କିଲୋମିଟର ବେଗରେ ପବନ ଘାଣ୍ଟି ପକାଇଥିଲା ସଭିଙ୍କୁ । ଏକଦମ୍ ଅଟକିଯାଇଥିଲା ଜନଜୀବନ । ମଡ୍ ମଡ୍ ହୋଇ ଭାଙ୍ଗିଯାଇଥିଲା ଗଛ । ଜୟଦେବ ବିହାରରେ ଗଛ ପଡ଼ି ୧୦ ଅଧିକ ଗାଡ଼ି ଚାପି ହୋଇଯାଇଥିଲା । ଜାମ୍ ହୋଇଯାଇଥିଲା ଏନଏଚ୍ ୧୬ । ଆହୁରି କିଛି ସ୍ଥାନରେ ଗଛ ପଡ଼ି ଯାଇଥିବାରୁ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା ।

ଏପଟେ ଭୁବନେଶ୍ୱର ଜନତା ମଇଦାନକୁ ମୁହୂର୍ତ୍ତକରେ ଉଜାଡ଼ି ଦେଇଛି ଝଡ଼ର ଝଟକା । ଅନ୍ତର୍ଜାତୀୟ ଟ୍ରେଡ୍ ଫେୟାର ପାଇଁ ନିର୍ମିତ ଟେଣ୍ଟ ଭାଙ୍ଗି ପଡ଼ିଛି । ବର୍ଷାପବନରେ ମାଟିରେ ମିଶିଛି ପ୍ରାୟ ୨୫୦ଟି ଷ୍ଟଲ୍ । ଫଳରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହେବା ସହ ଅନ୍ତର୍ଜାତୀୟସ୍ତରରୁ ଆସିଥିବା ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇଛନ୍ତି । ସବୁଠି ଅଗ୍ନିଶମ ବାହିନୀ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଗଛ କାଟି ସଫା କରୁଛି ।

ସାରା ରାଜ୍ୟରେ ଏବେ ଅସହ୍ୟ ଗରମ ଗୁଳୁଗୁଳି ଲାଗିରହିଛି । ତାପମାତ୍ରାକୁ ବଳିଯାଉଛି ଆର୍ଦ୍ରତା । ଭୁବନେଶ୍ୱରରେ ଲଗାତାର ହିଟ୍ ଇଣ୍ଡେକ୍ସ ୫୦ ଡିଗ୍ରୀ ପାଖାପାଖି ରହୁଛି । ଅର୍ଥାତ ତାପମାତ୍ରା କମ୍ ଥିଲେ ବି ତାତି ପ୍ରାୟ ୫୦ ଡିଗ୍ରୀ ଭଳି ଅନୁଭବ ହେଉଛି । ତେବେ କାଳବୈଶାଖୀ ପ୍ରଭାବରେ ଭୁବନେଶ୍ୱରରେ ତାପମାତ୍ରା ୧୪ ଡିଗ୍ରୀ ସେଲସିୟସ୍ ଯାଏଁ ତଳକୁ ଖସିଥିବା ବେଳେ ତାପ ସୂଚକାଙ୍କ ୨୨ ଡିଗ୍ରୀ ସେଲସିୟସ୍ ଯାଏଁ ତଳକୁ ଖସିଆସିଥିଲା । ଯାହି ଭିତରେ ମୌସୁମୀ ଆଣିଛି ଖୁସି ଖବର । ଆଗାମୀ ୬ରୁ ୮ଦିନ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ନେଇ ଆକଳନ କରିଛି ପାଣିପାଗ ବିଭାଗ । ରାଜ୍ୟର କିଛି ଅଞ୍ଚଳକୁ ମୌସୁମୀ ଅଗ୍ରସର ହେବା ପାଇଁ ପାଣିପାଗ ପରିସ୍ଥିତି ଅନୁକୂଳ ରହିଛି ।

---

**ଭିଜିଲାନ୍ସ ଜାଲରେ ଆଇଟିଡିଏ ଯନ୍ତ୍ରୀ**

# ଲକର୍‌ରୁ ମିଳିଲା ୨ କୋଟି



**ବାଲିଗୁଡ଼ା,୬।୬/ଏନ୍‌ଏନ୍‌ଏସ୍:**



**୫ ବହୁତଳ କୋଠା ସହ ରହିଛି ୧୩ ଦାମୀ ପ୍ଲଟ୍**

ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆଉ ଜଣେ କୁବେର ସରକାରୀ ବାବୁ । ସେ ହେଉଛନ୍ତି ବାଲିଗୁଡା ଆଇଟିଡିଏର ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରା । ଶନିବାର ଭିଜିଲାନ୍ସ ରେଡ୍ କରିବା ପରେ କେବଳ ଭୁବନେଶ୍ୱରରେ ୪ଟି ବହୁତଳ କୋଠା ସହ ଠାବ ହୋଇଛି ବାବୁଙ୍କର କୋଟି କୋଟିର ବିପୁଳ ସମ୍ପତ୍ତି । ସରକାରୀ ଦରମାରେ କେମିତି ଠିଆ କରିଥିଲେ ଏତେ ବଡ଼ ସାମ୍ରାଜ୍ୟ, ତାକୁ ନେଇ ଉଠିଛି ପ୍ରଶ୍ନ । ସବୁଠାରୁ ବଡ଼ କଥା ହେଲା ଯେ ସମ୍ପୃକ୍ତ କୁବେର ଯନ୍ତ୍ରୀଙ୍କ ୨ଟି ଲକରରୁ ନଗଦ ୨ କୋଟି ଟଙ୍କା ମିଳିଛି । ଭିଜିଲାନ୍ସ ରେଡ୍ ବେଳେ ଶ୍ରୀ ବେହେରାଙ୍କ ଲକରରୁ ବିଡ଼ା ବିଡ଼ା ଟଙ୍କା ଠାବ କରାଯାଇଛି । ଏହାଛଡ଼ା ତାଙ୍କର ୫ଟି ବହୁତଳ କୋଠା ସହ ୧୩ଟି ଦାମୀ ପ୍ଲଟର ସନ୍ଧାନ ମିଳିଛି । ୬ ହଜାର ଟଙ୍କା ଦରମାରୁ ଆରମ୍ଭ ହୋଇଥିଲା ସରକାରୀ ଚାକିରି । ଆଉ ଆଜି ସମ୍ପତ୍ତିର ତାଲିକା ଖୁବ୍ ଲମ୍ବା । ଶ୍ରୀ ବେହେରାଙ୍କ ରାଜଧାନୀ ଭୁବନେଶ୍ୱରର ପ୍ରାଇମ୍ ଏରିଆ ▶▶ ୫

---

**ଚାକିରିକୁ ଫେରିଲେ**

# ଧିମାନ ଚାକମା

**ଭୁବନେଶ୍ୱର,୬।୬/ଏନ୍‌ଏନ୍‌ଏସ୍:**



ଆଇଏଏସ୍ ଅଫିସର ଧିମାନ ଚାକମା ପୁଣି ଚାକିରିରେ ଯୋଗଦେଇଛନ୍ତି । ରାଜସ୍ୱ ବିଭାଗର ଉପ ସଚିବ ଭାବେ ତାଙ୍କୁ ନିଯୁକ୍ତି ଦିଆଯାଇଛି । ୨୦୨୧ ବ୍ୟାଚ୍‌ର ଏହି ଆଇଏଏସ୍ ଅଧିକାରୀ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ । କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ର ସବ୍ କଲେକ୍ଟର ଥିବା ବେଳେ ତାଙ୍କ ସରକାରୀ ବାସଭବନରେ ୧୦ ଲକ୍ଷ ଟଙ୍କା ▶▶ ୫

**ହାତୀ ଆକ୍ରମଣରେ**

# ୪ ମୃତ

**ଭୁବନେଶ୍ୱର,୬।୬/ଏନ୍‌ଏନ୍‌ଏସ୍:**

ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନରେ ହାତୀ ଆକ୍ରମଣରେ ତିନି ଜଣଙ୍କର ମୃତ୍ୟୁ ଘଟିଛି । କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରାଞ୍ଚଳର ସିନେମା ହଲ ଛକ ନିକଟରେ ଥିବା ଆମ୍ବ ତୋଟାକୁ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତ ମହିଳାଙ୍କ ନାଁ ମଞ୍ଜୁ ନାଥ । ଅନ୍ୟପକ୍ଷରେ ସେହି ଗାଁର ଯଶୋଦା ମଲ୍ଲିକ ହାତୀ ଆକ୍ରମଣରେ ଆହତ ହୋଇଛନ୍ତି । ପ୍ରାଥମିକ ଚିକିତ୍ସା ▶▶ ୫

---

# ଏକାଠି ଜଳିଲା ବାପ-ପୁଅଙ୍କ ଜୁଇ

**ବିଷ ପିଇଦେଲେ ପୁଅ**

**ରେଳଧାରଣାରେ ଶୋଇପଡ଼ିଲେ ବାପା**

**ବାଣପୁର,୬।୬/ଏନ୍‌ଏନ୍‌ଏସ୍:**

କରଜରେ ବୁଡ଼ି ରହିଥିଲେ ବାପା । ବିଦେଶରେ ରହି କରଜ ସୁଝୁଥିଲେ ପୁଅ । ବାପା କରଜ କରିଥିବା ତଥା ସେଥିରୁ ଝିଅକୁ (ବିବାହିତା) ୫ ଲକ୍ଷ ଟଙ୍କା ଦେବା କଥା ଶୁଣି ରାଗି ଯାଇଥିଲେ ପୁଅ । ଏହାକୁ ନେଇ ଶୁକ୍ରବାର ରାତିରେ ବାପପୁଅଙ୍କ ମଧ୍ୟରେ ହୋଇଥିଲା ପ୍ରବଳ ଝଗଡ଼ା । ଏହା ପରେ ରାତି ପ୍ରାୟ ୨ଟା ବେଳେ ବାପା ସାଇକେଲ ଧରି ଘରୁ ବାହାରି ଯାଇଥିଲେ । ଗଲା ବେଳେ କହିଥିଲେ ଯେ ସେ ଆଉ ଫେରିବେନି । କୁଆଡ଼େ ଗୋଟେ ପଳେଇବେ ବୋଲି କହିଥିଲେ । ଏହା ଶୁଣି ପୁଅ ଆହୁରି ରାଗି ଯାଇ ବିଷ ପିଇ ଦେଇଥିଲେ । ତାଙ୍କୁ ତୁରନ୍ତ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନାକୁ ନିଆଯାଇଥିଲା । କିନ୍ତୁ ▶▶ ୫

---

**ମହାନଦୀ ବିବାଦ**

# ଦିଲ୍ଲୀରେ ହେବ ମାନସ ମନ୍ଥନ



**ଭୁବନେଶ୍ୱର,୬।୬/ଏନ୍‌ଏନ୍‌ଏସ୍:**

ମହାନଦୀ ପାଇଁ ଦିଲ୍ଲୀରେ ୧୧ ଦିନ ଧରି ହେବ ମାନସ ମନ୍ଥନ । ଜୁନ୍ ୧୬ରୁ ୨୬ ପର୍ଯ୍ୟନ୍ତ ଆଲୋଚନା ହେବ । ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଏନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଆଜି ମହାନଦୀ ଟ୍ରିବ୍ୟୁନାଲଙ୍କ ଶୁଣାଣି ସମୟରେ ଦୁଇ ରାଜ୍ୟ ଛତିଶଗଡ଼ ଏବଂ ଓଡ଼ିଶା ପକ୍ଷରୁ ଦୁଇ ରାଜ୍ୟ ଭିତରେ ୱାଟର ସେୟାରିଂ ବା ଜଳ ବଣ୍ଟନ ନେଇ ବିସ୍ତୃତ ଆଲୋଚନା ପାଇଁ ଅପିଲ କରିଥିଲୁ । ଟ୍ରିବ୍ୟୁନାଲଙ୍କ ଅନୁମତି କ୍ରମେ ଆସନ୍ତା ଜୁନ୍

**ଜୁନ୍ ୧୬ରୁ ୨୬ ଯାଏଁ ଆଲୋଚନା**

୧୬ରୁ ୨୬ ତାରିଖ ଅର୍ଥାତ ୧୧ ଦିନ ଧରି ଦିଲ୍ଲୀରେ ଉଭୟ ରାଜ୍ୟର ଟେକ୍ନିକାଲ ଟିମ୍ ଏବଂ ଲିଗାଲ ଟିମ୍ ମୂଳ ବିଷୟକୁ ନେଇ ବିଶଦ ଭାବେ ଆଲୋଚନା କରିବେ । ଦରକାର ପଡ଼ିଲେ ସେଥିରେ ସିଡବ୍ଲ୍ୟୁସିର ସହାୟତା ନିଆଯିବ । ଦୁଇ ରାଜ୍ୟର ୱାଟର ଏକ୍ସପର୍ଟମାନେ ଏନେଇ ଆଲୋଚନା କରିବେ । ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ମହାନଦୀ ▶▶ ୫

---

# ପିକ୍‌ଅପ୍-ଟ୍ରେଲର୍ ଧକ୍କା: ୯ ମୃତ

**ଫିରୋଜପୁର (ପଞ୍ଜାବ),୬।୬/ଏଜେନ୍ସି:**

ପଞ୍ଜାବ ଫିରୋଜପୁର ଅନ୍ତର୍ଗତ ଫାଜିଲକା-ଫିରୋଜପୁର ରାସ୍ତାରେ ଶନିବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ଯାତ୍ରୀବାହୀ ପିକ୍ ଅପ୍ ଭ୍ୟାନ ଏବଂ ଟ୍ରେଲର୍ ମଧ୍ୟରେ ଧକ୍କା ଘଟି ଗୋଟିଏ ପରିବାରର ୯ ଜଣଙ୍କ ମୃତ୍ୟୁ ଘଟିଛି । ମୃତକମାନଙ୍କ ମଧ୍ୟରେ ୫ ଜଣ ମହିଳା, ଜଣେ ଶିଶୁ ଏବଂ ୩ ଜଣ ପୁରୁଷ ରହିଛନ୍ତି । ଦୁର୍ଘଟଣାରେ ପାଖାପାଖି ୧୫ ଜଣ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇଛନ୍ତି । ପ୍ରାଥମିକ ସୂଚନା ଅନୁଯାୟୀ, ଜଲାଲାବାଦ ଅଞ୍ଚଳର ଏହି ପରିବାର ନିଜ ମାଆଙ୍କ ▶▶ ୫






---

**ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଫୁଟବଲ୍ ଏକାଡେମୀ ପରିଦର୍ଶନ**

# 'ଫିଫା' ମାନର ପଡ଼ିଆ ଖୁବ୍‌ଶୀଘ୍ର



**'ସିଏମ୍ କପ୍'ରୁ ଚୟନ ହେବେ ୧୪ ବର୍ଷରୁ କମ୍ ବୟସ କ୍ରୀଡ଼ାବିତ୍**

**୩୦ ଜଣ ପ୍ରତିଭାଙ୍କୁ ମିଳିବ ଉଚ୍ଚକୋଟୀର ମାଗଣା ତାଲିମ ଓ ଶିକ୍ଷା**

**ଭୁବନେଶ୍ୱର, ସମ୍ବଲପୁର,୬।୬/ଏନ୍‌ଏନ୍‌ଏସ୍:**

ଓଡ଼ିଶାର କ୍ରୀଡ଼ା ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ବହନ କରୁଥିବା ସମ୍ବଲପୁର ଫୁଟବଲ ଏକାଡେମୀର ସୁଦୃଢ଼ ଯାତ୍ରାକୁ ଆହୁରି ବ୍ୟାପକ ତଥା ବିଶ୍ୱସ୍ତରୀୟ କରାଯିବ । ୧୫ କୋଟି ଟଙ୍କାରେ ଆରମ୍ଭ ହୋଇଥିବା ଏକାଡେମୀ ପରିସରରେ ଅନ୍ତର୍ଜାତୀୟ ମାନର ୩ଟି ଫିଫା ମାନର ଫୁଟବଲ ପଡ଼ିଆ ଏବଂ ୨ଟି ଅତ୍ୟାଧୁନିକ ଫୁଟ୍‌ସାଲ ଗ୍ରାଉଣ୍ଡ ସ୍ଥାପନ କରାଯିବ । ଶନିବାର ଏହା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସମ୍ବଲପୁର ଗସ୍ତରେ ଯାଇ ଏହି ଏକାଡେମୀ ପରିଦର୍ଶନ କରି ଭିତ୍ତିଭୂମିର ବିକାଶ ଓ ଆଧୁନିକୀକରଣରମାନକୁ ପ୍ରଶଂସା କରି ଶ୍ରୀ ମାଝୀ କହିଛନ୍ତି ଯେ, ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ୍‌ର ଏକ ଶାଖା ଭାବେ ୨୦୦୭ରୁ ଆରମ୍ଭ ହୋଇଥିବା ଏହି ଏକାଡେମୀ ଆଜି ରାଜ୍ୟର କ୍ରୀଡ଼ା ପ୍ରତିଭାମାନଙ୍କୁ ଜାତୀୟସ୍ତରରେ ପରିଚୟ ଦେବାରେ ସବୁଠାରୁ ବଡ଼ ମାଧ୍ୟମ ସାଜିଛି । ବିଗତ ୧୯ ବର୍ଷ ମଧ୍ୟରେ ଏହି ଏକାଡେମୀରୁ ଶହ ଶହ ପ୍ରତିଭାବାନ୍ ଫୁଟ୍‌ବଲ ଖେଳାଳୀ ସୃଷ୍ଟି ହୋଇଛନ୍ତି । ସେମାନେ ବିଭିନ୍ନ ବୟସ ବର୍ଗରେ ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପ୍ରତିନିଧିତ୍ୱ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଫୁଟବଲ କ୍ରୀଡ଼ାର ବିକାଶ ପ୍ରତି ଏକାଡେମୀର ଏହି ଅବଦାନକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଏକାଡେମୀ ଉପରେ ଆଉ ଏକ ନୂଆ ତଥା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ଏଣିକି ପ୍ରତିବର୍ଷ ଆୟୋଜିତ ହେଉଥିବା ▶▶ ୫

# ବ୍ରହ୍ମାକୁମାରୀଙ୍କ ଦ୍ୱାରା ସ୍ୱଚ୍ଛତା କାର୍ଯ୍ୟକ୍ରମ



**କଟକ,୬।୬/ଏନ୍ଏନ୍ଏସ୍:** ବାଲିସାହି ବସ୍ତିରେ ବ୍ରହ୍ମାକୁମାର-କୁମାରୀଙ୍କ ମିଳିତ ଉଦ୍ୟମରେ ଆଜି ସକାଳେ ବସ୍ତିର ପାର୍କ, ରାସ୍ତା ଘାଟ ସଫା କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂସ୍ଥାର ମୁଖ୍ୟ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ସୁଲୋଚନା ଏବଂ ସାର୍ତୋଲର ପୂର୍ବତନ କର୍ପୋରେଟର୍ କୈଳାସ ଚନ୍ଦ୍ର ବସ୍ତିଆ, ଜଟଣୀ ସେବାକେନ୍ଦ୍ରର ସଂଚାଳିକା ବ୍ର.କୁ. ଜ୍ୟୋତି, ବ୍ର.କୁ. ଉମା ଭଉଣୀ ଏବଂ ଅନ୍ୟାନ୍ୟ ଭାଇଭଉଣୀମାନେ ଯୋଗ ଦେଇଥିଲେ।

# ଓଡ଼ିଶା ଚାମ୍ବର ଅଫ୍ କମର୍ସ ପକ୍ଷରୁ ପାଳିତ ହେବ ରଜ କାର୍ଣ୍ଣିଭାଲ୍ ଏକ୍ସପୋ




**କଟକ,୬।୬/ଏନ୍ଏନ୍ଏସ୍:** ରଜ ପର୍ବ ଉପଲକ୍ଷେ ଅଗ୍ରଣୀ ଅନୁଷ୍ଠାନ ଓଡ଼ିଶା ଚାମ୍ବର କମର୍ସ ପକ୍ଷରୁ ଆସନ୍ତା ୯ ଓ ୧୧ ତାରିଖରେ କଟକର ଜବାହାରଲାଲ ନେହରୁ ଇଣ୍ଡୋର ଷ୍ଟାଡ଼ିୟମଠାରେ ରଜ ପର୍ବ ପାଳନ କରାଯିବ। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଇଭେଣ୍ଟର କନଭିନର୍ ଶ୍ରୁତି ମହାନ୍ତି ସାମ୍ବାଦିକ କହିଥିଲେ ଯେ ଏହି ବର୍ଷ ୮୦ରୁ ଅଧିକ ଉଦ୍ୟୋଗୀ ଓ ବ୍ୟବସାୟୀ ଏହି ଏକ୍ସପୋରେ ଯୋଗ ଦେଇଛନ୍ତି। ଗତବର୍ଷ ତୁଳନାରେ ଏହି ବର୍ଷ ଆହୁରି ବଡ଼ ଭିଡ଼ ଓ ସଫଳତା ମିଳିବ ବୋଲି ଆୟୋଜକମାନେ ଆଶା ରଖିଛନ୍ତି। ଏହି ବର୍ଷର ଏକ୍ସପୋକୁ ରଜ କାର୍ଣ୍ଣିଭାଲ ଥିମ୍‌ରେ ଆୟୋଜନ କରାଯାଉଛି। ରଜ ପର୍ବର ସମସ୍ତ ବିଶେଷତାକୁ ଏହି ଇଭେଣ୍ଟ୍‌ରେ ସାମିଲ କରାଯାଇଛି। ଦର୍ଶକମାନେ ରଜ ଦୋଳି, ପଣାପିଠା ସହ ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଅନେକ ଆକର୍ଷଣୀୟ ଅନୁଭବ ଉପଭୋଗ କରିପାରିବେ। ବ୍ୟବସାୟିକ ପ୍ରଦର୍ଶନୀ ସହ ଫ୍ୟାସନ, ଲାଇଫ୍‌ଷ୍ଟାଇଲ୍, ଫୁଡ୍ ହ୍ୟାଣ୍ଡିକ୍ରାଫ୍ଟ ଓ ବିଭିନ୍ନ ଷ୍ଟାର୍ଟଅପ ବ୍ରାଣ୍ଡ୍‌ଗୁଡ଼ିକର ଆକର୍ଷଣୀୟ ଷ୍ଟଲ୍ ମଧ୍ୟ ଏଠାରେ ଦେଖିବାକୁ ମିଳିବ। ଏହି ସାମ୍ବାଦିକ ସମ୍ମିଳନୀରେ ସୁଶ୍ରୀ ବିଶ୍ୱାଳ ଉପସ୍ଥିତ ଥିବାବେଳେ ଇଡ଼ିଆବ୍ରିକ୍ସ ଏଣ୍ଟର୍‌ଟେନ୍‌ମେଣ୍ଟ୍ ପକ୍ଷରୁ ଆୟୁଷ ବିଶ୍ୱାଳ, ନିର୍ମାଲ୍ୟ ମହାନ୍ତି ଓ ପଲ୍ଲବୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ସାରସ୍ୱତ ସ୍ରଷ୍ଟା ଜଗନ୍ନାଥ ପ୍ରସାଦ ଦାସଙ୍କ ଶୋକସଭା

**କଟକ,୬।୬/ଏନ୍ଏନ୍ଏସ୍:** ଓଡ଼ିଶାର ପ୍ରାଚୀନ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟା ତଥା ଅନୁଷ୍ଠାନର ବରେଣ୍ୟ ସଭ୍ୟ ଡକ୍ଟର ଜଗନ୍ନାଥ ପ୍ରସାଦ ଦାସଙ୍କ ଶୋକସଭା ଶନିବାର ସଂଧ୍ୟାରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଶୋକସଭାରେ ଡକ୍ଟର ଦାସଙ୍କ ବହୁମୁଖୀ ପ୍ରତିଭା ଓ କର୍ମମୟ ଜୀବନର ବିଭିନ୍ନ ଦିଗ ଉପରେ ସ୍ମୃତିଚାରଣ କରାଯାଇଥିଲା।



ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଶୋକ ପ୍ରସ୍ତାବ ଆଗତ କରିଥିବା ବେଳେ ପ୍ରାରମ୍ଭିକ ସୂଚନା ଦେଇଥିଲେ କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ। ଅନ୍ୟମାନଙ୍କ ମଧ୍ୟରେ ଶୈଳଜ ରବି, ଡକ୍ଟର ନଟବର ଶତପଥୀ, ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ, ଅମରେଶ ପଟ୍ଟନାୟକ, ରାଜକିଶୋର ଦାଶ, ଡାକ୍ତର ସୁଦର୍ଶନ ପଟ୍ଟନାୟକ, ଶ୍ୟାମ ସୁନ୍ଦର ସାହୁ, ଉମାଶଙ୍କର ମିଶ୍ର, ପ୍ରଦୀପ ଦାସ, ରବି ନାରାୟଣ ମହାରଣା, ଡକ୍ଟର ସୁନାମଣି ରାଉତ, ଅମିୟ ରଂଜନ ମହପାତ୍ର, ଅରବିନ୍ଦ ରାଉତରାୟ, ଡକ୍ଟର ଜ୍ଞାନଗୁରୁ ଦାସ, ଆଦିତ୍ୟ ପ୍ରତାପ ଧଳ, ଡକ୍ଟର ସୁରଞ୍ଜନ ଲେଙ୍କା, ବ୍ରହ୍ମାନନ୍ଦ ବିଶ୍ୱାଳ, ଶଶିକାନ୍ତ ରାଉତ, ବ୍ରହ୍ମାନନ୍ଦ ମହାନ୍ତି, ଶିବାଶିଷ କର, ମନୋରଂଜନ ବେହୁରା, ରାଧାଶ୍ୟାମ ରାଉଳ, ସଫଳା ଦାସ, ଗଣେଶ୍ୱର ସ୍ୱାଇଁ, ଲକ୍ଷ୍ମୀ ପ୍ରସାଦ ଅଚାର୍ଯ୍ୟ, ବ୍ରଜବନ୍ଧୁ ପୃଷ୍ଟି, ସୁରେନ୍ଦ୍ର ମହାପାତ୍ର, ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରେମଚାନ୍ଦ ମହାନ୍ତି, ବିଶ୍ୱଜିତ ପାଣି, ପ୍ରଶାନ୍ତ କୁମାର ନାୟକ, ଚକ୍ରଧର ନାୟକ ବିହାରୀ ବିଶ୍ୱାଳ, ଶେଖର କର୍ମକାର, ରଞ୍ଜନ କମାର ଲେଙ୍କା, ଶୁଭଲକ୍ଷ୍ମୀ ସାହୁ, ଲକ୍ଷ୍ମୀଛଡ଼ା, ଅକ୍ଷୟ କୁମାର ପରିଜା, ଅମୂଲ୍ୟ କୁମାର ନାୟକ ଓ ଉପସ୍ଥିତ ଛାତ୍ରଛାତ୍ରୀ ଜେପିଙ୍କୁ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ।

**ରାଜ୍ୟସ୍ତରୀୟ ଚିନ୍ତନ ଶିବିର ଉଦ୍‌ଘାଟିତ**

# ଚରିତ୍ର ଓ ଅନୁଶାସନ ଗଢ଼ିବାର ଶକ୍ତିଶାଳୀ ମାଧ୍ୟମ ହେଉଛି କ୍ରୀଡ଼ା: ରାଜ୍ୟପାଳ

**ଭୁବନେଶ୍ୱର,୬।୬/ଏନ୍ଏନ୍ଏସ୍:** କ୍ରୀଡ଼ା କେବଳ ଉଚ୍ଚ ପ୍ରଦର୍ଶନର ଏକ ମାଧ୍ୟମ ନୁହେଁ, ବରଂ ଯୁବପିଢ଼ି ମଧ୍ୟରେ ଚରିତ୍ର, ନେତୃତ୍ୱ, ଅନୁଶାସନ ଏବଂ ସାମାଜିକ ଦାୟିତ୍ୱବୋଧ ଗଢ଼ିବାର ଏକ ଶକ୍ତିଶାଳୀ ମାଧ୍ୟମ ହେବା ଉଚିତ ବୋଲି ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ପ୍ରକାଶ କରିଛନ୍ତି। ଶନିବାର ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ଆୟୋଜିତ ଦୁଇ ଦିନିଆ ରାଜ୍ୟସ୍ତରୀୟ ଚିନ୍ତନ ଶିବିର ୨୦୨୬କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟପାଳ ଏହା କହିଛନ୍ତି। ତୃଣମୂଳସ୍ତରରେ କ୍ରୀଡ଼ାକୁ ସୁଦୃଢ଼ କରିବା, ଯୁବ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଯୁବ ଖେଳାଳିମାନଙ୍କ ପୂର୍ଣ୍ଣ ସମ୍ଭାବନାକୁ ସାକାର କରିବା ପାଇଁ କ୍ରୀଡ଼ା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଏହି ଚିନ୍ତନ ଶିବିରକୁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ ଅଭିହିତ କରି ସେ କହିଥିଲେ ଯେ ଏହା ଅଭିଜ୍ଞତା, ବିଶେଷଜ୍ଞତା ଏବଂ ନୂତନ ଚିନ୍ତାଧାରାକୁ ଏକତ୍ରିତ କରି ପ୍ରତିଷ୍ଠାନଗୁଡ଼ିକୁ ମଜଭୁତ କରିବାର ଏକ ମାଧ୍ୟମ। କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାର ଭିତ୍ତିଭୂମି ଓ ନିରନ୍ତର ନିବେଶ ଯୋଗୁଁ ରାଜ୍ୟ ଆଜି ଏକ ଅଗ୍ରଣୀ କ୍ରୀଡ଼ା ଗନ୍ତବ୍ୟସ୍ଥଳ ଭାବେ ଉଭା ହୋଇଛି ବୋଲି ରାଜ୍ୟପାଳ ପ୍ରଶଂସା କରିଥିଲେ। ଏହି ସମାରୋହରେ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ କ୍ରୀଡ଼ା ଓ ଯୁବ ସେବା ବିଭାଗର କମିଶନର-ତଥା-ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଭବ୍ୟ ଅବସରରେ ବିଶ୍ୱ ଆଥଲେଟିକ୍ସର ଉପାଧ୍ୟକ୍ଷ ଆଦିଲ୍ଲେ ସୁମାରିୱାଲା, ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ସ୍ୱିମିଂ ଫେଡେରେସନ୍ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦିକା ମୋନାଲ୍ ଚୋକ୍ସି ଏବଂ ପଦ୍ମଶ୍ରୀ ଦୀପା ମଲ୍ଲିକ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ମଞ୍ଚାସୀନ ଥିଲେ। ଏହି ଶିବିରରେ ନୀତି ନିର୍ମାତା, କ୍ରୀଡ଼ା ପ୍ରଶାସକ, କ୍ରୀଡ଼ାବିଦ୍, ଶିଳ୍ପପତି, କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ଏବଂ ବିଦ୍ୱାନ୍‌ମାନଙ୍କ ଉପସ୍ଥିତି ଓଡ଼ିଶାରେ କ୍ରୀଡ଼ାର ବିକାଶ ପାଇଁ ସମ୍ମିଳିତ ପ୍ରତିବଦ୍ଧତାର ପ୍ରତୀକ ବୋଲି ଆଲୋଚନା ହୋଇଥିଲା।

# ପଦଯାତ୍ରା ମାଧ୍ୟମରେ ମତଦାତାଙ୍କୁ ସଚେତନ କଲେ ଉପଜିଲ୍ଲାପାଳ




**କଟକ,୬।୬/ଏନ୍ଏନ୍ଏସ୍:** ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ.ଆଇ.ଆର)-୨୦୨୬ ପ୍ରକ୍ରିୟାରେ ସମସ୍ତ ଯୋଗ୍ୟ ମତଦାତା ଅଂଶଗ୍ରହଣ କରନ୍ତୁ - ଏହି ଉଦ୍ଦେଶ୍ୟ ନେଇ ଆଜି ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଟକ ସଦର ଉପଜିଲ୍ଲାପାଳ ତଥା ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ଏହି ସଚେତନତା ପଦଯାତ୍ରାକୁ ଉଦ୍‌ଘାଟନ କରି ନାଗରିକମାନଙ୍କୁ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ସହଯୋଗ କରିବା ସହ ବିଏଲଓମାନଙ୍କୁ ଆବଶ୍ୟକ ତଥ୍ୟ ପ୍ରଦାନ କରି ଏକ ନିର୍ଭୁଲ ମତଦାତା ତାଲିକା ପ୍ରସ୍ତୁତିରେ ସହଭାଗୀ ହେବାକୁ ଆହ୍ୱାନ ଦେଇଥିଲେ। ପଦଯାତ୍ରା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ବାହାରି ହାଇକୋର୍ଟ ଗଡ଼ା, ନିମଚୌଡ଼ି ଆଦି ଅଞ୍ଚଳ ପରିକ୍ରମା କରିଥିଲା। ସହକାରୀ ପଞ୍ଜୀକରଣ ଅଧିକାରୀ, ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ), ସୁପର୍‌ଭାଇଜର, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଏହି ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଏସ୍‌ଆଇଆର୍ କାର୍ଯ୍ୟକ୍ରମର ଗୁରୁତ୍ୱ ଏବଂ ମତଦାତା ତାଲିକାରେ ସଠିକ୍ ତଥ୍ୟ ଅନ୍ତର୍ଭୁକ୍ତିର ଆବଶ୍ୟକତା ସମ୍ପର୍କରେ ସ୍ଲୋଗାନ ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏଥିସହ ଜୁନ ୨ ତାରିଖରେ ଶୁଭାରମ୍ଭ କରାଯାଇଥିବା ସଚେତନତା ରଥ ବାରବାଟୀର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ମତଦାତାମାନଙ୍କୁ ଏସ୍‌ଆଇଆର୍‌ର ଗୁରୁତ୍ୱ ସମ୍ପର୍କରେ ସଚେତନ କରୁଛି।

# ଉତ୍କଳ ଖଦି ମଣ୍ଡଳ କାର୍ଯ୍ୟକାରୀ କମିଟି ବୈଠକ




**କଟକ,୬।୬/ଏନ୍ଏନ୍ଏସ୍:** ଉତ୍କଳ ଖଦି ମଣ୍ଡଳ କାର୍ଯ୍ୟକାରୀ କମିଟି ବୈଠକ ସ୍ଥାନୀୟ ଗୁଣନିଧି ଭବନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଖଦି ମଣ୍ଡଳର ସଭାପତି ଦେବେନ୍ଦ୍ର କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଖଦି କାର୍ଯ୍ୟକ୍ରମ ଓ ଅନ୍ୟ ରଚନାତ୍ମକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଉତ୍କଳ ଖଦି ମଣ୍ଡଳର ସଦସ୍ୟ ସଦସ୍ୟାଙ୍କ ସହିତ ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ ରମାକାନ୍ତ ମଣ୍ଡଳ, ଉତ୍କଳ ନବଜୀବନ ମଣ୍ଡଳର ସଭାପତି ଗୁରୁ ମହାନ୍ତି, ସର୍ବୋଦୟ ସମାଜ ସଂଯୋଜିକା ଅଞ୍ଜନା ଦାସଙ୍କ ସହିତ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ତର୍ଯ୍ୟାମୀ ରଥ, ସରୋଜ କୁମାର ଶତପଥୀ, ନିମାଇଁ ରାୟ, ଅରୁଣ ସ୍ୱାଇଁ, ଖଗେଶ୍ୱର ବଳ, ଜୟପ୍ରକାଶ ଦାସ, ରାକେଶ କୁମାର ନାୟକ, ରେଣୁକା ସାହୁ, ବନୀତା ସାମଲ, ଇନ୍ଦୁମତୀ ସାହୁ, ମାଳତୀ ପାତ୍ର, ଡଲି ଦାଶ ପ୍ରମୁଖ ଖଦି ଆନ୍ଦୋଳନକୁ ରାଜ୍ୟରେ ବ୍ୟାପକ କରିବାକୁ ମତ ଦେଇଥିଲେ। ଉତ୍କଳ ଖଦି ମଣ୍ଡଳର ସମ୍ପାଦିକା ସ୍ମିତାରାଣୀ ସାମଲ ବିବରଣୀ ପାଠ କରିଥିଲା ବେଳେ ସ୍ନେହାଂଶୁ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ବୈଠକରେ ସର୍ବଧର୍ମ ପ୍ରାର୍ଥନା ଗାନ କରାଯାଇଥିଲା ଓ ଦିବଂଗତ ଡାକ୍ତର ଶିଶିର କୁମାର ସାହୁ, ରବି ମହାନ୍ତି, ଜଗନ୍ନାଥ ପ୍ରସାଦ ଦାସ, ବଳରାମ ଜେନା, କୈଳାସ ଚନ୍ଦ୍ର ମଲ୍ଲିକ ଓ ଜୟନ୍ତୀ ମଞ୍ଜରୀ ରଥଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇ ଶୋକବ୍ୟକ୍ତ କରାଯାଇଥିଲା। ଆଗାମୀ ଦିନରେ ଓଡ଼ିଶାରେ ଖଦି ଓ ଅନ୍ୟ ରଚନାତ୍ମକ କାମକୁ ଆଗେଇ ନେବା ପାଇଁ ତଥା ଗାନ୍ଧୀ ବିଚାରର ପ୍ରସାର ପ୍ରଚାର ପାଇଁ ଉତ୍କଳ ଖଦି ମଣ୍ଡଳ ନିଷ୍ଠାର ସହିତ କାର୍ଯ୍ୟ କରିବ ବୋଲି ସଭାପତି ପ୍ରକାଶ କରିଛନ୍ତି।

# ୮ରେ ନରସିଂହପୁରରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

**କଟକ,୬।୬/ଏନ୍ଏନ୍ଏସ୍:** ନରସିଂହପୁର ବ୍ଲକ୍ କାର୍ଯ୍ୟାଳୟଠାରେ ଜୁନ୍ ୮ ତାରିଖ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୭ଟାରେ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଚାଲିବ। ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡ଼ିକ ପଞ୍ଜିକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ। ଏଥିସହ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ସ୍ତରରେ ହେଉଥିବା ଜନ ଅଭିଯୋଗ ଶୁଣାଣିଗୁଡ଼ିକ ମଧ୍ୟ ସକାଳ ୭ଟାଠାରୁ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ଅକ୍ଷୟ ମହାନ୍ତିଙ୍କ ପାର୍କର ନବୀକରଣ ଓ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି



**କଟକ,୬।୬/ଏନ୍ଏନ୍ଏସ୍:** ଓଡ଼ିଶାର ସଂଗୀତ ଜଗତର ଅପ୍ରତିଦ୍ୱନ୍ଦ୍ୱୀ କିମ୍ବଦନ୍ତି ଅକ୍ଷୟ ମହାନ୍ତିଙ୍କ ସ୍ମୃତିକୁ ଅଧିକ ଗୌରବମୟ କରିବା ଉଦ୍ଦେଶ୍ୟରେ କଟକ ସହର କନିକାଛକ ସ୍ଥିତ ଅକ୍ଷୟ ମହାନ୍ତି ପାର୍କର ସମ୍ପୂର୍ଣ୍ଣ ନବୀକରଣ ଓ ସୌନ୍ଦର୍ଯ୍ୟକରଣ କରାଯିବା ସହିତ ସେଠାରେ ଥିବା ଅର୍ଦ୍ଧାଙ୍ଗ ପ୍ରତିମୂର୍ତ୍ତି ପରିବର୍ତ୍ତେ ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଜିର ଏହି ପରିଦର୍ଶନରେ ସିଏମ୍‌ସି କମିଶନର୍, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ସ୍ଥାନୀୟ କର୍ପୋରେଟର୍ ବିକାଶ ରଞ୍ଜନ ବେହେରା ଏବଂ ସନ୍ ହସ୍‌ପିଟାଲ୍‌ର ମ୍ୟାନେଜର୍ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ପାର୍କର ସ୍ଥିତି ଓ ଆଗାମୀ ଯୋଜନା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ପାର୍କରେ ନୂତନ ଲ୍ୟାଣ୍ଡସ୍କେପିଂ, ସବୁଜୀକରଣ, ବସିବା ପାଇଁ ଉନ୍ନତବ୍ୟବସ୍ଥା, ଆକର୍ଷଣୀୟ ଲାଇଟ୍, ପଦଯାତ୍ରୀ ପଥର ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧାର ବିକାଶ କରାଯିବ। କଟକ ସହରର ଐତିହ୍ୟ, ସଂସ୍କୃତି ଓ ଗୌରବ ସହ ଜଡ଼ିତ ସମସ୍ତ ସ୍ଥାନର ସଂରକ୍ଷଣ ଓ ବିକାଶ କଟକ ମହାନଗର ନିଗମର ପ୍ରାଥମିକତା ମଧ୍ୟରେ ରହିଛି। ଖୁବ୍ ଶୀଘ୍ର ଅକ୍ଷୟ ମହାନ୍ତି ପାର୍କର ନବୀକରଣ କାର୍ଯ୍ୟ ଆରମ୍ଭ ହୋଇ ଏହା ଏକ ଆଦର୍ଶ ସାଂସ୍କୃତିକ ଓ ବିନୋଦନ କେନ୍ଦ୍ର ଭାବେ ପରିଣତ ହେବ ବୋଲି ମେୟର ଶ୍ରୀ ସିଂହ କହିଛନ୍ତି।

# କିଶନନଗରରେ ଏସ୍‌ଆଇଆର୍ କାର୍ଯ୍ୟର ସମୀକ୍ଷା

**ଡିଜିଟିକରଣ ଉପରେ ଗୁରୁତ୍ୱ**



**କଟକ,୬।୬/ଏନ୍ଏନ୍ଏସ୍:** ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର - ୨୦୨୬) କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ କମଳଜିତ ଦାସ କିଶନନଗର ଅଞ୍ଚଳ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ସହକାରୀ ପଞ୍ଜୀକରଣ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ), ସୁପରଭାଇଜରମାନଙ୍କ ସହ ଚାଲିଥିବା ଗଣନା ଓ ଯାଞ୍ଚ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଛନ୍ତି। ପ୍ରଥମଥର ପାଇଁ ଏହି ଜନଗଣନା ଡିଜିଟିକରଣ ମାଧ୍ୟମରେ କରାଯାଉଛି। ସେଥି ନିମନ୍ତେ ସତର୍କତା, ଦାୟିତ୍ୱବୋଧ ଓ ସମୟନିଷ୍ଠତା ସହ କାର୍ଯ୍ୟ କରିବାକୁ ବିଏଲଓମାନଙ୍କୁ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି। ଘରକୁ ଘର ଯାଇ କରାଯାଉଥିବା ତଥ୍ୟ ସଂଗ୍ରହ, ମତଦାତାଙ୍କ ବିବରଣୀ ଯାଞ୍ଚ ଏବଂ ଏନୁମେରେସନ୍ ଫର୍ମ ପୂରଣ କାର୍ଯ୍ୟର ତଦାରଖ କରିଛନ୍ତି। ବୁଥ ନଂ ୧୪୯, ୧୫୦, ୧୫୧(୧), ୧୫୨, ୧୫୩, ୧୫୪, ୧୫୫, ୧୫୬, ୧୫୭ ଅନ୍ତର୍ଗତ ରାମକୁମାରପୁର, ସୋମପୁର, ଥୋରିଆପଡ଼ା, ତେଲଡିଆ, ତରିଲୋ ଓ ଅରିଲୋ ଆଦି ଅଞ୍ଚଳକୁ ଯାଇ ତଦାରଖ କରିଛନ୍ତି।

# ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ସଫଳତାକୁ ବ୍ରିକ୍ସ୍ ସମୁଦାୟର ଉଚ୍ଚ ପ୍ରଶଂସା



**ଭୁବନେଶ୍ୱର,୬।୬/ଏନ୍ଏନ୍ଏସ୍:** ଭାରତର ବ୍ରିକ୍ସ-୨୦୨୬ ଅଧ୍ୟକ୍ଷତା ଅଧୀନରେ ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ ଓଡ଼ିଶାର ପୁରୀଠାରେ ଜୁନ୍ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ବ୍ରିକ୍ସ୍ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟ ଗୋଷ୍ଠୀ ବୈଠକ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ଲୋକସେବା ଭବନଠାରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ, ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ସଦସ୍ୟ ତଥା ବିଭାଗୀୟ ମୁଖ୍ୟ ଶ୍ରୀକୃଷ୍ଣ ସ୍ୱରୁପ ବତ୍ସା, ସଦସ୍ୟ ଡକ୍ଟର ଦିନେଶ କୁମାର ଅସୱାଲ୍, ରୀତା ମିଶାଲ୍, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ, ସ୍ୱତନ୍ତ୍ର ସହାୟତା ଆୟୁକ୍ତ ତଥା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ପରିଚାଳନା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ୍, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର କମଳ ଲୋଚନ ମିଶ୍ରଙ୍କ ସମେତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। 'ପ୍ରତିରୋଧ କ୍ଷମତା, ନୂତନ ଜ୍ଞାନକୌଶଳ, ପାରସ୍ପରିକ ସହଯୋଗ ତଥା ସମନ୍ୱୟ ଏବଂ ନିରନ୍ତର ଧାରଣୀୟ ବିକାଶ ପାଇଁ ନିର୍ମାଣ' ଶୀର୍ଷକ ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ବୈଠକରେ ବ୍ରିକ୍ସର ଆଠଟି ସଦସ୍ୟ ରାଷ୍ଟ୍ର-ଚୀନ୍, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ଇରାନ୍, ରୁଷିଆ, ଦକ୍ଷିଣ ଆଫ୍ରିକା ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ବରିଷ୍ଠ ଅଧିକାରୀ ଓ ବୈଷୟିକ ବିଶେଷଜ୍ଞମାନେ ଯୋଗଦେଇ ବିପର୍ଯ୍ୟୟ ବିପଦ ହ୍ରାସ କ୍ଷେତ୍ରରେ ସହଯୋଗ ବୃଦ୍ଧି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତିକ ବୈଠକର ଉଦ୍‌ଘାଟନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରିଥିବା ବେଳେ ଏହା ଓଡ଼ିଶା ପାଇଁ ତାହାର ବିଶ୍ୱପ୍ରସିଦ୍ଧ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ବିଶ୍ୱ ଦରବାରରେ ଉପସ୍ଥାପନ କରିବାର ଏକ ଶ୍ରେଷ୍ଠ ସୁଯୋଗ ସୃଷ୍ଟି କରିଥିଲା। ରାଜ୍ୟ ପକ୍ଷରୁ ପ୍ରାରମ୍ଭିକ ସତର୍କୀକରଣ ବ୍ୟବସ୍ଥା, ବାତ୍ୟା ପ୍ରସ୍ତୁତି, ସୁରକ୍ଷିତ ସ୍ଥାନାନ୍ତରଣ ଯୋଜନା ଏବଂ ଗୋଷ୍ଠୀଭିତ୍ତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅନୁସରଣ କରାଯାଉଥିବା ସର୍ବୋତ୍ତମ ପଦ୍ଧତିଗୁଡ଼ିକ ପ୍ରତିନିଧିମାନଙ୍କ ସମ୍ମୁଖରେ ପ୍ରଦର୍ଶିତ ହୋଇଥିଲା। ବିପର୍ଯ୍ୟୟ ସମୟରେ ପ୍ରାୟ ଶୂନ୍ୟ ଜନହାନି ଲକ୍ଷ୍ୟ ହାସଲ କରିବାରେ ଓଡ଼ିଶାର ନିରନ୍ତର ପ୍ରୟାସ ଓ ଜନଜୀବନ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତାକୁ ଆନ୍ତର୍ଜାତିକ ପ୍ରତିନିଧିମାନେ ଉଚ୍ଚ ପ୍ରଶଂସା କରିଛନ୍ତି। ବୈଠକ ଅବସରରେ ପ୍ରତିନିଧିମାନେ ରାମଚଣ୍ଡୀଠାରେ ଓଡ଼ିଶା ବିପର୍ଯ୍ୟୟ ସମିଶ୍ରଣ କାର୍ଯ୍ୟ ବାହିନୀ ପକ୍ଷରୁ ପ୍ରଦର୍ଶିତ ଜଳ ଉଦ୍ଧାର ପ୍ରଦର୍ଶନୀ ସିଧାସଳଖ ଦେଖି ରାଜ୍ୟର ପରିଚାଳନାଗତ ପ୍ରସ୍ତୁତି, ଅତ୍ୟାଧୁନିକ ଉପକରଣ ଏବଂ ଜରୁରୀ ପରିସ୍ଥିତିରେ ପ୍ରତିରକ୍ଷା କ୍ଷମତାର ଉଚ୍ଚ ପ୍ରଶଂସା କରିଥିଲେ। ବିପର୍ଯ୍ୟୟ ପରିଚାଳନା ସହିତ ପ୍ରତିନିଧିମାନେ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବା ସହ ଓଡ଼ିଶୀ, ଛଉ, ଯାତ୍ରା ଏବଂ ଆଦିବାସୀ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ପରମ୍ପରାର ଅନୁଭୂତି ଲାଭ କରିଥିଲେ। ଏହି ବୈଠକର ସଫଳ ଆୟୋଜନ 'ବିକଶିତ ଓଡ଼ିଶା—୨୦୩୬'ର ଦୃଷ୍ଟିକୋଣ ସହ ସମ୍ପୂର୍ଣ୍ଣ ଭାବେ ସମ୍ପର୍କିତ, ଯାହା ବିପର୍ଯ୍ୟୟ ପ୍ରତିରୋଧ କ୍ଷେତ୍ରରେ ଓଡ଼ିଶାର ବିଶ୍ୱସ୍ତରୀୟ ଆଦର୍ଶ ସ୍ଥାନକୁ ଆହୁରି ସୁଦୃଢ଼ କରିଛି।

# ମୁଖ୍ୟମନ୍ତ୍ରୀ ଟ୍ରଫି- ୨.୦ର ଦ୍ୱିତୀୟ ଦିବସରେ ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ



**କଟକ,୬।୬/ଏନ୍ଏନ୍ଏସ୍:** ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଆୟୋଜିତ ମୁଖ୍ୟମନ୍ତ୍ରୀ ଟ୍ରଫି-୨.୦ କବାଡ଼ି ଚାମ୍ପିୟନସିପ୍ -୨୦୨୬ ଅନ୍ତର୍ଗତ ଜୋନ୍—୨ (କଟକ) ପ୍ରତିଯୋଗିତାର ଦ୍ୱିତୀୟ ଦିବସ ମ୍ୟାଚ୍‌ଗୁଡ଼ିକ କଟକ ସ୍ଥିତ ଜବାହରଲାଲ ନେହରୁ ଇଣ୍ଡୋର୍ ଷ୍ଟାଡିୟମ୍‌ଠାରେ ଅତ୍ୟନ୍ତ ରୋମାଞ୍ଚକର ପରିବେଶରେ ଅନୁଷ୍ଠିତ ହୋଇଛି। ୫ରୁ ୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚାମ୍ପିୟନସିପ୍‌ରେ ବିଭିନ୍ନ ଜିଲ୍ଲାର ପ୍ରତିଭାଶାଳୀ ଖେଳାଳିମାନେ ନିଜ ଦକ୍ଷତାର ଉତ୍କୃଷ୍ଟ ପ୍ରଦର୍ଶନ କରୁଛନ୍ତି। ବାଳକ ବର୍ଗର ପୁରୀ ଦଳ ୫୨-୩୬ ପଏଣ୍ଟରେ ଯାଜପୁରକୁ ପରାସ୍ତ କରି ୧୬ ପଏଣ୍ଟ ବ୍ୟବଧାନରେ ବିଜୟ ହାସଲ କରିଛି। ଅନ୍ୟ ଏକ ମ୍ୟାଚ୍‌ରେ କଟକ ଦଳ ୫୧-୪୦ ପଏଣ୍ଟରେ ଭଦ୍ରକକୁ ପରାସ୍ତ କରି ୧୧ ପଏଣ୍ଟ ବ୍ୟବଧାନରେ ବିଜୟୀ ହୋଇଛି। ସେହିପରି ଜଗତସିଂହପୁର ଦଳ ୫୦-୩୭ ପଏଣ୍ଟରେ ଖୋର୍ଦ୍ଧାକୁ ପରାସ୍ତ କରି ୧୩ ପଏଣ୍ଟ ବ୍ୟବଧାନରେ ବିଜୟ ହାସଲ କରିଛି। ଅନ୍ୟପକ୍ଷେ ବାଳିକା ବର୍ଗରେ ଜଗତସିଂହପୁର ଦଳ ୬୧୪୨ ପଏଣ୍ଟରେ ଖୋର୍ଦ୍ଧାକୁ ପରାସ୍ତ କରି ୧୯ ପଏଣ୍ଟ ବ୍ୟବଧାନରେ ବିଜୟୀ ହୋଇଛି । କଟକ ଦଳ ୪୪—୧୬ ପଏଣ୍ଟରେ କେନ୍ଦ୍ରାପଡ଼ାକୁ ପରାସ୍ତ କରି ୨୮ ପଏଣ୍ଟ ବ୍ୟବଧାନରେ ବିଜୟ ହାସଲ କରିଛି। ପୁରୀ ଦଳ ୫୩-୩୨ ପଏଣ୍ଟରେ ଯାଜପୁରକୁ ପରାସ୍ତ କରି ୨୧ ପଏଣ୍ଟ ବ୍ୟବଧାନରେ ବିଜୟୀ ହୋଇଥିବା ବେଳେ କଟକ ଦଳ ୪୭-୧୨ ପଏଣ୍ଟରେ ଭଦ୍ରକକୁ ପରାସ୍ତ କରି ୩୫ ପଏଣ୍ଟ ବ୍ୟବଧାନରେ ଚମତ୍କାର ବିଜୟ ହାସଲ କରିଛି। ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା କବାଡ଼ି ଆସୋସିଏସନ୍‌ର ଯୁଗ୍ମ ସମ୍ପାଦିକା ଜୟଶ୍ରୀ ସ୍ୱାଇଁ ଏବଂ ଚୟନ ସମିତିର ଅଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ବେହେରା ପ୍ରତିଯୋଗିତାର ସୁପରିଚାଳନା ଓ ତଦାରଖ ଦାୟିତ୍ୱ ନିର୍ବାହ କରୁଛନ୍ତି। ଆଜିର କାର୍ଯ୍ୟକ୍ରମରେ ଓଡ଼ିଶା କବାଡ଼ି ଆସୋସିଏସନ୍‌ର ଉପସଭାପତି ପୃଥ୍ୱୀରାଜ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କ ମନୋବଳ ବୃଦ୍ଧି କରିବା ସହ କ୍ରୀଡ଼ା ମନୋଭାବକୁ ପ୍ରୋତ୍ସାହିତ କରିଥିଲେ। ଆସନ୍ତା ୭ ଜୁନ ୨୦୨୬ ତାରିଖରେ ଜୋନ୍-୨ର ଫାଇନାଲ୍ ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବ। ଏହାକୁ ନେଇ କ୍ରୀଡ଼ାପ୍ରେମୀ, କବାଡ଼ି ଅନୁରାଗୀ ଓ ସାଧାରଣ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଆଗ୍ରହ ପରିଲକ୍ଷିତ ହେଉଛି।

# ବର୍ଷିଲା... ଉଡ଼ାଇଲା... ଭାଙ୍ଗିଲା...







ରାଜଧାନୀରେ କାଳବୈଶାଖୀର ତାଣ୍ଡବ। ଶନିବାର କାଳବୈଶାଖୀ ପ୍ରଭାବରେ କୁଆପଥର ବର୍ଷା ସହ ଜୋରରେ ପବନ ହୋଇଥିଲା। ପ୍ରାୟ ୪୦ରୁ ୫୦ କି.ମି ବେଗରେ ପବନ ହୋଇଥିଲା। ପବନରେ ବହୁ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା। ଏପରିକି କେତେକ ସ୍ଥାନରେ ଗଛ ଭାଙ୍ଗି କାର୍ ଉପରେ ପଡ଼ିଥିଲା। ଏଥିଯୋଗୁ ବହୁ କାର୍ କ୍ଷତିଗ୍ରସ୍ତ ହୋଇଛି। ବିଶେଷ କରି ପବନରେ କଳିଙ୍ଗ ଷ୍ଟାଡିୟମ୍ ନିକଟରେ ବହୁ ଗଛ ଭାଙ୍ଗିଯାଇଛି। ଗଛ ପଡ଼ିବାରୁ ଟ୍ରାଫିକ ବ୍ୟବସ୍ଥା ବେହାଲ୍ ହୋଇଯାଇଥିଲା। ଜୟଦେବ ବିହାର ଓ ନୂଆପଲ୍ଲୀରେ ବହୁ ଗଛ ଭାଙ୍ଗିଯାଇଛି। ଜାତୀୟ ରାଜପଥରେ ଗଛ ଭାଙ୍ଗି ପଡ଼ିଥିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅଗ୍ନିଶମବାହିନୀ ପହଞ୍ଚି ରାସ୍ତାରୁ ଗଛ କାଟି ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।


























# ଜିଲ୍ଲା ପ୍ରଶାସନ ଓ ଓର୍‌ମାସ ପକ୍ଷରୁ ଆମ୍ବ ମେଳା ଉଦ୍‌ଘାଟିତ

**ଫୁଲବାଣୀ, ୬।୬/ଏନ୍‌ଏନ୍‌ଏସ୍:** ଗ୍ରାମାଞ୍ଚଳର ଆମ୍ବ ଚାଷୀମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ କରିବା, ମଧ୍ୟସ୍ଥଙ୍କ ହସ୍ତକ୍ଷେପ ଦୂର କରିବା ଏବଂ ଉପଭୋକ୍ତାମାନଙ୍କୁ ୧୦୦ ପ୍ରତିଶତ ପ୍ରାକୃତିକ ଭାବେ ପାଚିଥିବା ସତେଜ ଆମ୍ବ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଓରମାସ, କନ୍ଧମାଳ ପକ୍ଷରୁ ସ୍ଥାନୀୟ ଜିଲ୍ଲା ସ୍ୱୟଂ ସହାୟିକା ଗୋଷ୍ଠୀ କେନ୍ଦ୍ର, ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟ, ଫୁଲବାଣୀ ଠାରେ ଏକ ଆମ୍ବ ମେଳାର ଆୟୋଜନ କରାଯାଇଛି । ଏହି ଆମ୍ବ ମେଳାକୁ ଜିଲ୍ଲାପାଳ ବେଦଭୂଷଣ ଉଦ୍ଘାଟନ କରିଥିଲେ । ଏହି ଅବସରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ



ଅଧିକାରୀ, ଶମ୍ଭୁନାଥ ନନ୍ଦୀ, ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଓରମାସ ଗୁଣ୍ଡିଚା ବେହେରା ଏବଂ ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ପାତ୍ର ଉପସ୍ଥିତ ଥିଲେ । ଓରମାସ ଦ୍ୱାରା ଗଠିତ ତିନୋଟି କୃଷକ ଉତ୍ପାଦକ ସଂଗଠନ ଏହି ମେଳାରେ ଅଂଶଗ୍ରହଣ କରିଛନ୍ତି । ଆମ୍ବ ଚାଷୀମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ କିସମର ଆମ୍ବ ଯଥା ଆମ୍ଳୁରସ, ତୋଟାପୁରୀ, ଅମ୍ରପାଳୀ, ଦଶେରୀ, ବାଇଗଣପଲ୍ଲୀ, ଲଙ୍ଗଡ଼ା ଓ ମଲ୍ଲିକା ପ୍ରଭୃତି ମେଳାରେ ବିକ୍ରୟ କରୁଛନ୍ତି । ଏହି ମେଳା ମାଧ୍ୟମରେ ଚାଷୀମାନେ ସେମାନଙ୍କ ଉତ୍ପାଦର ନ୍ୟାୟସଙ୍ଗତ ମୂଲ୍ୟ ପାଇପାରିବେ ଏବଂ ସ୍ଥାନୀୟ ଉପଭୋକ୍ତାମାନେ ଏକ ସ୍ଥାନରେ ବିଭିନ୍ନ ଚାହିଦା ସମ୍ପନ୍ନ ଆମ୍ବ କିଣିବାର ସୁବିଧା ପାଇବେ । ଏହା ସହିତ ମଧ୍ୟସ୍ଥଙ୍କ ଭୂମିକାକୁ ହ୍ରାସ କରି ଗ୍ରାମୀଣ ଚାଷୀମାନଙ୍କ ଆୟ ବୃଦ୍ଧି ଏବଂ ଉପଭୋକ୍ତାଙ୍କୁ ସିଧାସଳଖ ଫାର୍ମରୁ ସତେଜ ଓ ପ୍ରାକୃତିକ ଭାବେ ପାଚିଥିବା ଆମ୍ବ ଯୋଗାଇବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ । ଏହି ମେଳା ପରିଦର୍ଶନ କରି ସ୍ଥାନୀୟ ଚାଷୀମାନଙ୍କୁ ପ୍ରୋତ୍ସାହନ ଦେବା ସହ ଉତ୍ତମ ଗୁଣବତ୍ତାର ଆମ୍ବ କ୍ରୟ କରିବାକୁ ଓରମାସ ପକ୍ଷରୁ ଅନୁରୋଧ କରାଯାଇଛି ।

## ପାରା ସିଟିଂ କ୍ରିକେଟ୍: ଭାରତୀୟ ଦଳରେ ଗଞ୍ଜାମର କୋଟା ଲକ୍ଷ୍ମଣ

# ଶ୍ରୀଲଙ୍କାରେ ଖେଳିବେ ଅନ୍ତର୍ଜାତୀୟ ମ୍ୟାଚ୍

**ବ୍ରହ୍ମପୁର,୬।୬/ଏନ୍‌ଏନ୍‌ଏସ୍:** ଜନ୍ମରୁ ଦୁଇଟି ଗୋଡ଼ କାର୍ଯ୍ୟକ୍ଷମ ନଥିଲେ ମଧ୍ୟ ପିଲାଟି ଦିନରୁ ନିଜକୁ କେବେ ଦୁର୍ବଳ ମନେ କରିନଥିଲେ ଗଞ୍ଜାମ ଜିଲ୍ଲାର କୋଟା ଲକ୍ଷ୍ମଣ । ମନରେ ଦୃଢ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ଆଜି ତାଙ୍କୁ ସଫଳତାର ଦ୍ୱାରଦେଶରେ ପହଞ୍ଚାଇପାରିଛି । ଭାରତୀୟ ଟିମର 'ପାରା ସିଟିଂ' କ୍ରିକେଟ ଟିମ୍‌ରେ ଏକମାତ୍ର ଓଡିଆ କ୍ରୀଡାବିତ୍ ଭାବେ ଚୟନ ହୋଇ ଜିଲ୍ଲା ତଥା ରାଜ୍ୟ ପାଇଁ ଆଣିଛନ୍ତି ଗୌରବ କୋଟା ଲକ୍ଷ୍ମଣ । ତାଙ୍କର ସଫଳତା ପଛର ସଂଘର୍ଷ କାହାଣୀ ଅନ୍ୟମାନଙ୍କ ପାଇଁ ଯେତିକି ଉଦାହରଣ ସେତିକି ପ୍ରେରଣାଦାୟୀ ମଧ୍ୟ । କୋଟା ଲକ୍ଷ୍ମଣ ରେଡ୍ଡିଙ୍କ ଘର ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ଝାଟିପଦର ଗ୍ରାମରେ । ଜନ୍ମରୁ ଦୁଇଟି ଗୋଡ଼ କାର୍ଯ୍ୟକ୍ଷମ ନଥିଲେ ମଧ୍ୟ ପିଲାଟି ଦିନରୁ ନିଜକୁ କେବେ ଦିବ୍ୟାଙ୍ଗ ବୋଲି ବିବେଚନା କରି ଘରେ ଚୁପ ହୋଇ ବସିନଥିଲେ । ବରଂ ନିଜ ମନରେ ରହିଥିବା କ୍ରିକେଟ୍ ଖେଳ ପ୍ରତି ଆଗ୍ରହକୁ ନେଇ ଜାରି ରଖିଥିଲେ ଅଭ୍ୟାସ । ଗ୍ରାମର ଅନ୍ୟ ସାଙ୍ଗ ସାଥୀଙ୍କ ସହିତ ମିଳିତ ଭାବରେ କ୍ରିକେଟ ଖେଳୁ ଖେଳୁ



ଗୋଟିଏ ପରେ ଗୋଟିଏ ସଫଳତାର ସୋପାନ ଅତିକ୍ରମ କରି ଶେଷରେ 'ପାରା ସିଟିଂ' କ୍ରିକେଟ ଟିମ୍‌ର ଭାରତୀୟ ଦଳରେ ଏକମାତ୍ର ଓଡିଆ କ୍ରୀଡାବିତ୍ ଭାବରେ ଚୟନ ହୋଇଛନ୍ତି କୋଟା ଲକ୍ଷ୍ମଣ । ପାରା ସିଟିଂ କ୍ରିକେଟରେ ଜଣେ ବ୍ୟାଟସ୍ ମ୍ୟାନ୍ ଭାବରେ କୋଟା ଲକ୍ଷ୍ମଣ ବସି ବସି କ୍ରିକେଟ୍ ଖେଳରେ ଭଲ ବେଟିଂ କରନ୍ତି । ପଡିଆକୁ ଓଲ୍ଲାଇବା ସମୟରେ ପ୍ରତ୍ୟେକ ବଲକୁ କିପରି ଛକା, ଚୌକା ମାରି ଅଧିକରୁ ଅଧିକ ରନ୍ କରିବେ ତାହାରି ଲକ୍ଷ୍ୟ ରଖି ନିୟମିତ ଭାବରେ ଜାରି ରଖିଥାନ୍ତି ଅଭ୍ୟାସ । ଏପରିକି ବେଟିଂ ସହିତ ୱିକେଟ୍ କିପିଙ୍ଗ୍ କରି ନିଜ ଗ୍ରାମ ଠାରୁ ପାଉଥିବା ସଫଳତା ପରବର୍ତ୍ତୀ ସମୟରେ ଜିଲ୍ଲା, ରାଜ୍ୟ, ଦେଶ ଏବଂ ବର୍ତ୍ତମାନ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ସ୍ଥାନ ଦେଇଛି । ଆସନ୍ତା ମାସ ଶେଷ ସପ୍ତାହରେ ଶ୍ରୀଲଙ୍କାରେ ଆୟୋଜିତ ହେବାକୁ ରହିଥିବା ଅନ୍ତର୍ଜାତୀୟ ମ୍ୟାଚରେ ଜଣେ ମାତ୍ର ଓଡିଆ ଭାବରେ କୋଟା ଲକ୍ଷ୍ମଣ ଓଡ଼ିଶାରୁ ପ୍ରତିନିଧିତ୍ୱ କରି ପାରା ସିଟିଙ୍ଗ୍ କ୍ରିକେଟ ଖେଳିବେ । ଭାରତୀୟ ଟିମରେ ଚୟନ ହୋଇଥିବା ଜାଣିବା ପରେ ସେ ଆନ୍ତର୍ଜାତୀୟ ମ୍ୟାଚରେ କିପରି ଭଲ ପ୍ରଦର୍ଶନ କରିବେ ଏଥିପାଇଁ ନିଜ ଗ୍ରାମରେ ଦିନରାତି ଏକ କରି ସାଥୀ ଖେଳାଳିଙ୍କ ସହିତ ନିୟମିତ ଅଭ୍ୟାସ କରୁଛନ୍ତି । ଚନ୍ଦ୍ରଶେଖର ଓ କୋଟା କାନ୍ତାମ୍ମାଙ୍କ ପୁଅ କୋଟା ଲକ୍ଷ୍ମଣ । ଜନ୍ମରୁ ଚାଲିବା ନିମନ୍ତେ ସଠିକ୍ ଭାବରେ ସକ୍ଷମ ନଥିବା ଦିବ୍ୟାଙ୍ଗ ଯୁବକ ଜଣଙ୍କ ପାରା ସିଟିଙ୍ଗ୍ କ୍ରିକେଟ୍ ଖେଳ ପ୍ରତି ଆକର୍ଷୀତ ହେବା ଏବଂ ନିଜ ଦିବ୍ୟାଙ୍ଗ ଗୋଡ଼ରେ ଖେଳପଡିଆରେ ବସି କ୍ରିକେଟ ଖେଳିବା ସହିତ ଏହାକୁ ନେଇ କ୍ୟାରିଅର ଗଢିବା ପାଇଁ ଚିନ୍ତା କରୁଥିବା ସମୟରେ ବୋଝ ଉପରେ ନଳିତା ବିଡା ଭଳି ମାତ୍ର ୯ ବର୍ଷ ବୟସରେ ବାପା ଛାଡି ଚାଲିଯାଇଥିଲେ ଆରପାରିକୁ । ଏଥିପାଇଁ ଅତ୍ୟନ୍ତ କଷ୍ଟରେ ଜୀବନ ବିତାଉଥିବା କୋଟା ଲକ୍ଷ୍ମଣଙ୍କୁ ଏହି କ୍ଷେତ୍ରରେ ଆଗକୁ ବଢିବା ପାଇଁ ପୁଣି ଥରେ ସହଯୋଗ କରିଥିଲେ ସାଙ୍ଗସାଥୀ ଓ ଗ୍ରାମବାସୀ । ଏପରିକି ଗ୍ରାମରେ ଖେଳପଡ଼ିଆ ନଥିବା ଯୋଗୁଁ ନିକଟବର୍ତ୍ତୀ ଗ୍ରାମକୁ ପ୍ରାୟ ତିନି କିଲୋମିଟର ଚାଲି ଚାଲି ଆସି ଅଭ୍ୟାସ କରନ୍ତି କୋଟା ଲକ୍ଷ୍ମଣ । ପ୍ରଥମେ ସେ ୨୦୨୫ ଅଗଷ୍ଟ ମାସରେ ଚେନ୍ନାଇରେ ହୋଇଥିବା ପାରା ସିଟିଙ୍ଗ୍ କ୍ରିକେଟ୍ ମ୍ୟାଚରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ଭଲ ବ୍ୟାଟିଂ ଓ କିପିଙ୍ଗ୍ କରିଥିଲେ । ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ମଧ୍ୟ ମିଳିଥିଲା । ପରେ ୨୦୨୬ ମସିହା ଫେବୃଆରୀ ୧ ଓ ୨ ତାରିଖରେ ଚେନ୍ନାଇରେ ହୋଇଥିବା ମ୍ୟାଚରେ ମଧ୍ୟ ଭଲ ଖେଳ ପ୍ରଦର୍ଶନ କରିବା ଯୋଗୁଁ ଭାରତୀୟ ଦଳରେ ସ୍ଥାନୀତ ହୋଇଛନ୍ତି କୋଟା ଲକ୍ଷ୍ମଣ । ଶ୍ରୀଲଙ୍କାରେ ଭାରତ ସହିତ ଶ୍ରୀଲଙ୍କା, ନେପାଳ ଓ ବାଂଲାଦେଶର ଖେଳାଳି ମାନେ ଖେଳିବେ । ଭାରତୀୟ ଟିମରେ କୋଟା ଲକ୍ଷ୍ମଣ ସ୍ଥାନୀତ ହେବା ଏବଂ ଶ୍ରୀଲଙ୍କା ଯିବା ପାଇଁ ଚୟନ ହେବା ପରେ ଏହାକୁ ନେଇ ଗ୍ରାମରେ ଖୁସିର ମାହୋଲ ଦେଖିବାକୁ ମିଳିଛି ।

## ଛତ୍ରପୁର ମହୋତ୍ସବ ଉଦ୍‌ଯାପିତ

# ଦର୍ଶକଙ୍କ ମନ ଜିଣିଲେ ଅଙ୍କିତା, ପ୍ରଜ୍ଞା, ସଚିନ ଓ ଆରଡି ଏକ୍ସ ଡ୍ୟାନ୍ସ ଗ୍ରୁପ୍

**ଛତ୍ରପୁର,୬।୬/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲ୍ଲା ପ୍ରଶାସନ ଏବଂ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ପାଞ୍ଚଦିନଧରି ଚାଲିଥିବା ଛତ୍ରପୁର ମହୋତ୍ସବ ଶେଷ ହୋଇଛି । ଶେଷ ଦିନରେ ପ୍ରବଳ ଜନଗହଳି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅଧିଷ୍ଠାତ୍ରୀ ଦେବୀ ମା' ରାମାୟଣାମ୍ମା ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଅଂଚଳ ବାସୀଙ୍କ ମଙ୍ଗଳ କାମନା କରିଛନ୍ତି । ଅତିଥିମାନେ ପଲ୍ଲିଶ୍ରୀ ମେଳା , ଜିଲ୍ଲା ସ୍ତରୀୟ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ମେଳା, କୃଷି

## ପଲ୍ଲିଶ୍ରୀ, କୃଷି ଯନ୍ତ୍ରପାତି, ଖାଦ୍ୟ ଓ ସୁଭଦ୍ରା ଶକ୍ତି ମେଳା ବୁଲି ଦେଖିଲେ ଅତିଥି

ପରିଲକ୍ଷିତ ହୋଇଥିଲା । ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସାଂସଦ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ତଥା ସୁପ୍ରସିଦ୍ଧ ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ନାୟକଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଓ ଦେବଦତ୍ତ ପଣ୍ଡା ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଆଇଏଏସ ଶିକ୍ଷାନବୀସ ସାରାନ୍ୟା ଯନ୍ତ୍ରପାତି ମେଳା, ଖାଦ୍ୟ ମେଳା ଓ ସୁଭଦ୍ରା ଶକ୍ତି ମେଳା ବୁଲି ଦେଖିବା ସହିତ ଉତ୍ପାଦକ, ବିକ୍ରୀକର୍ତ୍ତା, ଅଧିକାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ । ଛତ୍ରପୁର ମହୋତ୍ସବ ଓ ଗଞ୍ଜାମ ଜିଲ୍ଲାର ଅନୁଭୂତି ତାସହିତ ତାଙ୍କର ବ୍ୟବସାୟ ସମ୍ପର୍କରେ ପଚାରି ବୁଝିଥିଲେ । ଛତ୍ରପୁର ମହୋତ୍ସବରେ ଭଲ ବ୍ୟବସାୟ ହେବା ସହ ଆଗାମୀଦିନରେ ମଧ୍ୟ ଏଠାକୁ ଆସିବା ପାଇଁ ସେମାନେ ଆଗ୍ରହ ପ୍ରକାଶ କରିଛନ୍ତି । ପଞ୍ଚମ ତଥା ଶେଷ ସନ୍ଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଅଙ୍କିତା ଭଟ୍ଟାଚାର୍ଯ୍ୟ, ପ୍ରଜ୍ଞା ହୋତା, ସଚିନ



ରାଉତଙ୍କ ସୁମଧୁର ସଂଗୀତ ଓ ଆର ଡି ଏକ୍ସ ଡ୍ୟାନ୍ସ ଗ୍ରୁପର ଦମଦାର ଡ୍ୟାନ୍ସ ସହିତ ଛତ୍ରପୁର ଶ୍ରୀ ନଟରାଜ ନୃତ୍ୟ ଏକାଡେମୀର ସେମି କ୍ଲାସିକାଲ୍, ବ୍ରହ୍ମପୁର ସଙ୍ଗୀତ ଆରାଧନା ଡ୍ୟାନ୍ସ ଆଣ୍ଡ୍ ମ୍ୟୁଜିକ୍ ଏକାଡେମୀର ସମ୍ବଲପୁରୀ, ବ୍ରହ୍ମପୁର ଉତ୍କଳିକା କଳା ନିକେତନର ସେମି କ୍ଲାସିକାଲ୍, ଛତ୍ରପୁର ସମୀର ନୃତ୍ୟ କେନ୍ଦ୍ରର କାଳୀ ନୃତ୍ୟ, ଛତ୍ରପୁର ଜୟ ଗଣେଶ କଳା ବିକାଶ କେନ୍ଦ୍ରର ବାର ମାସ ତେର ଯାତ, କଳାହାଣ୍ଡି ମାଁ ସାନ ସ୍ମୃତି ଯୁବ ଅନୁଷ୍ଠାନର ବଜାଶାଲ, ବ୍ରହ୍ମପୁର ଓଡ଼ିଶୀ ନୃତ୍ୟାୟନର ମାହାରୀ, ବ୍ରହ୍ମପୁର ଶ୍ରୁତି ଡ୍ୟାନ୍ସ ଏକାଡେମୀର ସମ୍ବଲପୁରୀ ନୃତ୍ୟ, ଦିଗପହଣ୍ଡି ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦର ପଶୁ ମୁଖା ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା । ଏହି ଅବସରରେ ବିଭିନ୍ନ ଚାଷ କରି ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃଷକ ଓ ଚାଷୀଙ୍କୁ ଏଠାରେ ସମ୍ମାନୀତ କରାଯାଇଥିଲା । ପାଞ୍ଚଦିନଧରି ଛତ୍ରପୁର ମହୋତ୍ସବକୁ ଶାନ୍ତି ଓ ଶୃଙ୍ଖଳା ସହିତ ଉପଭୋଗ କରିଥିବାରୁ ଅଞ୍ଚଳବାସୀଙ୍କୁ ତା ସହିତ ଜିଲ୍ଲାପ୍ରଶାସନ, ପୋଲିସ ପ୍ରଶାସନ, ସମସ୍ତ ବିଭାଗ, ଗଣମାଧ୍ୟମ, ବୁଦ୍ଧିଜୀବୀ ଓ ସମ୍ପୃକ୍ତ ସମସ୍ତଙ୍କୁ ମହୋତ୍ସବର ସମସ୍ତ ସହଯୋଗ ଓ ସଫଳତା ପାଇଁ ଜିଲ୍ଲାପାଳ ଓ ଛତ୍ରପୁର ବିଧାୟକ ସାଧୁବାଦ ଜ୍ଞାପନ କରିଥିଲେ ।

# ପିଏମ୍‌ଶ୍ରୀ ନରସିଂହ ଦାସ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ

**ପୁରୁଷୋତ୍ତମପୁର,୬।୬/ଏନ୍‌ଏନ୍‌ଏସ୍:** ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଏନଏସି ତରଫରୁ ପ୍ରଥମେ କୁମାରୀ ସ୍ଥିତ ସନ୍‌ସାଇନ ଇଂରାଜି ମିଡ଼ିଏମ ସ୍କୁଲରେ ବୃକ୍ଷରୋପଣ କରାଯାଇଥିଲା । ବନ ବିଭାଗ ଅଧିକାରୀ, ସ୍କୁଲର ନିର୍ଦ୍ଦେଶକ ସୁନୀଲ କୁମାର ମହାନ୍ତି ଓ ଷ୍ଟାଫ ଏବଂ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ବିଭିନ୍ନ କିସମର ଗଛ ଲଗାଯାଇଥିଲା । ପରେ ପିଏମଶ୍ରୀ ନରସିଂହ ଦାସ ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ସଙ୍ଗୀତା ସେଠୀଙ୍କ ସମେତ ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ମିଳିତ ସଂଯୋଜନାରେ ଏମ୍‌ପି ଏନଏସି ପ୍ରତିନିଧି ବିଶ୍ୱ ଭୂଷଣ ମହାପାତ୍ର, କାଉନ୍‌ସିଲର ଭାସ୍କର ବେହେରା, ବହୁ କାଉନ୍‌ସିଲର ଓ ବିଭାଗୀୟ କର୍ମଚାରୀ, ଯନ୍ତ୍ରୀ ରାମଚନ୍ଦ୍ର ପିଙ୍ଗୁଆ, ପବିତ୍ରା ପ୍ରଧାନ, ସିଓ ରଞ୍ଜିତା ପଣ୍ଡା, ସାନିଟାରାଇଜର ଏକ୍ସପୋର୍ଟ ସତୀଶ କୁମାର ପାଣିଗ୍ରାହୀ, ବଳିଆ, ସନ୍ତୋଷ, ସତୀଶ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ସାହୁ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ



କରିଥିଲେ । ଛାତ୍ରଛାତ୍ରୀଙ୍କୁ ଗଛ ଲଗାଇବା ପାଇଁ ସଚେତନ କରିଥିଲେ । ସେହିପରି ଶ୍ରୀରାମ ଆଦର୍ଶ ଶିକ୍ଷାନିକେତନ ପକ୍ଷରୁ ମଧ୍ୟ ବୃକ୍ଷରୋପଣ କରାଯାଇଥିଲା । ପରିବେଶର ସୁରକ୍ଷା ପାଇଁ ଗଛର ଆବଶ୍ୟକତା ସମ୍ପର୍କରେ ସଚେତନ କରାଯାଇଥିଲା । ଏହି ଅବସରରେ ଶ୍ରୀରାମ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଦଶମ ଓ ଦ୍ୱାଦଶ ଶ୍ରେଣୀର ବ୍ଲକ ଟପ୍ପର ପ୍ରତିଭା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଏନଏସି ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା, ବିଆରସିସି ବିଜୟ ଚନ୍ଦ୍ର ବେହେରା ଉପସ୍ଥିତ ରହି ବିଦ୍ୟାର୍ଥୀଙ୍କୁ ଜଣେ ଭଲ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ । ସାନଖେମୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ଆଡପଡା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ତଥା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକୃତିବନ୍ଧୁ ଓ ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ ସମାଜସେବୀ ସନ୍ତୋଷ କୁମାର ଚର୍ଚ୍ଚୀଙ୍କୁ ଉତ୍ତମ ଜନସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

# ଫୁଲବାଣୀ ବିଧାନସଭା କ୍ଷେତ୍ରରେ ଗଡ଼ିଲା ସଚେତନତା ରଥ

**ଫୁଲବାଣୀ, ୬।୬/ଏନ୍‌ଏନ୍‌ଏସ୍:** ଭାରତର ନିର୍ବାଚନ ଆୟୋଗଙ୍କ ସ୍ୱତନ୍ତ୍ର ସଂଘନ ସଂଶୋଧନ କାର୍ଯ୍ୟକ୍ରମକୁ ନେଇ ୮୪-ଫୁଲବାଣୀ ବିଧାନସଭା କ୍ଷେତ୍ରରେ ତିନିଦିନିଆ ସଚେତନତା ରଥ ଯାତ୍ରାର ଶୁଭାରମ୍ଭ ହୋଇଛି । ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁ ପତାକା ପ୍ରଦର୍ଶନ କରି ରଥ ଯାତ୍ରା ଆରମ୍ଭ କରିଥିଲେ । ଏହି ସଚେତନତା ରଥ ୮୪-ଫୁଲବାଣୀ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ତିନୋଟି ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଜନବସତି ଅଞ୍ଚଳରେ ତିନି ଦିନ ଧରି ପରିଭ୍ରମଣ କରି ସ୍ୱତନ୍ତ୍ର ସଂଘନ ସଂଶୋଧନ ସମ୍ପର୍କରେ ଓଡ଼ିଆ ଏବଂ ସ୍ଥାନୀୟ କୁଇ ଭାଷାରେ ସଚେତନତା ବାର୍ତ୍ତା ପ୍ରଚାର କରିବ । ରଥ ଉଦ୍‌ଘାଟନ ପରେ ଜିଲ୍ଲା ଇ-ଲାଇବ୍ରେରୀଠାରେ ଆୟୋଜିତ ସଚେତନତା ଓ ମତବିନିମୟ କାର୍ଯ୍ୟକ୍ରମରେ ଶ୍ରୀ ସାହୁ ଯୁବ



ଭୋଟରମାନଙ୍କୁ ସମ୍ବୋଧିତ କରି ଏହି ପ୍ରକ୍ରିୟାର ଗୁରୁତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସେ ଯୁବ ଭୋଟରମାନଙ୍କୁ ସକ୍ରିୟ ଭାଗୀଦାରି ପାଇଁ ଆହ୍ୱାନ କରିଥିଲେ ।ଏହି ଅବସରରେ ଫୁଲବାଣୀ ବିଡିଓ ସୌମ୍ୟ ରଞ୍ଜନ ପାତ୍ର, ତହସିଲଦାର ଶ୍ରୀମତୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ଡେପୁଟି କଲେକ୍ଟର ସମୀର ପାଇକରାୟ, ଡେପୁଟି କଲେକ୍ଟର ଅଙ୍କିତ ଜେନା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅତିନିଏଲ ନାଇକାଙ୍କ ସମେତ ବିଭାଗର କର୍ମଚାରୀ ଓ ବହୁ ସଂଖ୍ୟକ ଯୁବ ଭୋଟର ଉପସ୍ଥିତ ଥିଲେ ।

# ତ୍ରିବିଧେଶ୍ୱର ମହାପ୍ରଭୁଙ୍କ ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି

**ଆସିକା,୬।୬/ଏନ୍‌ଏନ୍‌ଏସ୍:** ପବିତ୍ର ଋଷିକୁଲ୍ୟା ନଦୀ ତଟରେ ଆସିକା ପୌର ପରିଷଦ ଅଧିନସ୍ଥ ୫ନମ୍ବର ୱାର୍ଡର ବଜାରସାହିରେ ପୂଜା ପାଇ ଆସୁଥିବା ପ୍ରଭୁ ଶ୍ରୀ ତ୍ରିବିଧେଶ୍ୱର ମହାପ୍ରଭୁଙ୍କ ଶୀତଳଷଷ୍ଠୀ ଯାତ୍ରାକୁ ମହାଆଡମ୍ବର ସହକାରେ ପାଳନ ଲାଗି ଆୟୋଜକଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି । ଆସନ୍ତା ୧୮ ତାରିଖ ଗୁରବାର ଦିନ ଆସିକା ସହରର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ତ୍ରିବିଧେଶ୍ୱର ମହାଦେବଙ୍କ ଶିବ ବିବାହ ଓ ଶୀତଳଷଷ୍ଠୀ ଯାତ୍ରା ଉତ୍ସବକୁ ବିଧିବିଧାନ ଅନୁଯାୟୀ ମହାଆଡମ୍ବର ସହକାର ପାଳନ କରିବା ଲାଗି ପ୍ରସ୍ତୁତି ହୋଇଥିଲା । ଶ୍ରୀ ତ୍ରିବିଧେଶ୍ୱର ମହାପ୍ରଭୁଙ୍କ ଶୀତଳଷଷ୍ଠୀ ଯାତ୍ରା ପରିଚାଳନା କମିଟିର ସଭାପତି ଜିତେନ୍ଦ୍ର କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଯାତ୍ରା ପରିଚାଳନା କମିଟି ବୈଠକରେ ଆଧ୍ୟାତ୍ମିକପ୍ରେମୀ ପି.ଶୁଭମ୍



କୁମାର ପାତ୍ର, ଚନ୍ଦ୍ରଶେଖର ମୁନି, ସତୀଶ୍ ଆଚାରୀ, ଶୁଭମ୍ ସାହୁ, ଦୁର୍ଗାମାଧାବ ମୁନି, ଜଗବନ୍ଧୁ ମହାରଣା, ସମୀର ପ୍ରଧାନ, ରାହୁଲ ଆଚାରୀ, କେ.ସମ୍ବିତ୍ ଆଚାରୀ, କେ.ଶିବ ଆଚାରୀ, ସୋନୁ ପ୍ରଧାନ, ଜିତ୍ କୁମାର ସାହୁ, ରୁଦ୍ର ମୁନି, ଆୟୁଷ୍ମାନ୍ ନାୟକ, ଶ୍ରୀନିବାସ ମହାନ୍ତି, କେ.ବିଭି ଆଚାରୀ, ଅଜିତ୍ କୁମାର ମୁନି, ନାନୁ ମୁନି, ଚାରିଣୀ ଆଚାରୀଙ୍କ ସମେତ ବହୁ ଉତ୍ସାହୀ ଯୁବକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆସିକା ପୌର ପରିଷଦ ଅଧିନସ୍ଥ ବଜାର ସାହି, ନିରଞ୍ଜନ ନଗର, ସୁବର୍ଣ୍ଣପେଟା ସାହି, ଆର୍ବନ୍ ବ୍ୟାଙ୍କ ରୋଡ୍, ମୁନି ସାହି, ଗୋଲା ସାହି, ରେଡିକା ସାହି, ତୋଟା ସାହି, ଓଡିଆ ସାହି, ସୁନାମ୍ବ ସାହି ତଥା ଏହାର ଆଖପାଖ ଅଞ୍ଚଳକୁ ନେଇ ଆସନ୍ତା ଶୀତଳଷଷ୍ଠୀ ଯାତ୍ରା ଉତ୍ସବକୁ ମହାଆଡମ୍ବର ସହକାରେ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ ଲାଗି ନିଷ୍ପତ୍ତି ଗ୍ରହଣ ହୋଇଥିଲା । ଆସନ୍ତା ୧୮ ତାରିଖ ଗୁରବାର ଠାରୁ ଆରମ୍ଭ ହେବାକୁ ଥିବା ଶୀତଳଷଷ୍ଠୀ ଯାତ୍ରାକୁ ନୀତିକାନ୍ତି ଅନୁଯାୟୀ ଶୃଙ୍ଖଳିତ ଭାବେ ସମାପ୍ତ କରିବା ପାଇଁ ଯାତ୍ରା ପରିଚାଳନା କମିଟି ସଭାପତି ଜିତେନ୍ଦ୍ର କୁମାର ମହାରଣା ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଆସିକା ଅଞ୍ଚଳର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ତ୍ରିବିଧେଶ୍ୱର ମହାଦେବଙ୍କ ଶୀତଳଷଷ୍ଠୀ ଯାତ୍ରା ଓ ଶିବ ବିବାହ ଉତ୍ସବ ପାଇଁ ବର୍ତ୍ତମାନ ଠାରୁ ମନ୍ଦିର ପରିବେଶ ଚଳଚଞ୍ଚଳ ହୋଇ ଉଠିଥିବା ଲକ୍ଷ୍ୟ କରାଯାଇଛି ।

# ମାଆଙ୍କୁ ଆକ୍ରମଣ ସହ ଝିଅକୁ ଦୁଷ୍କର୍ମ ଉଦ୍ୟମ

**ବ୍ରହ୍ମପୁର,୬।୬/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଚୁଡୁଙ୍ଗପୁର ଗ୍ରାମର ଜଣେ ବିବାହିତା ଯୁବତୀ ତାଙ୍କ ଘର ବାରଣ୍ଡାରେ ବସିଥିବା ବେଳେ ଗ୍ରାମର ଏ.ଶଙ୍କର ପାତ୍ର ତାଙ୍କୁ ଘର ସମ୍ମୁଖରେ ଅସଦାଚରଣ କରିଥିଲେ । ସେ ପାଟି କରି ଘର ଭିତରକୁ ଦୌଡ଼ି ପଳାଇବାରୁ ଶଙ୍କର ଘର ଭିତରେ ପଶି ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ । ପାଟି ଶୁଣି ଯୁବତୀଙ୍କ ମା ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିବାରୁ ଶଙ୍କର ଉଭୟଙ୍କୁ ଅସଦାଚରଣ କରିବା ସହ ଯୁବତୀଙ୍କ ମାଙ୍କୁ ଠେଙ୍ଗାରେ ମାଡ଼ ମାରିଥିଲେ । ଏନେଇ ଯୁବତୀ ଜଣକ ତାଙ୍କ ମା ସହ ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେଇଥିଲେ । ଆଇଆଇସି କିଶୋର କୁମାର ସାମଲ ୨୪୧/୨୬ରେ ମାମଲା ରୁଜୁ କରିଥିଲେ । ଆଜି ତଦନ୍ତକାରୀ ଅଧିକାରୀ ଏସ.ଆଇ ସୋଫିଆ ମିଶ୍ର ଅଭିଯୁକ୍ତ ଶଙ୍କରଙ୍କୁ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିଲେ । ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି । ଯୁବତୀଙ୍କ ବାପା ଭୁବନେଶ୍ୱରରେ ରହି କାମ କରୁଥିବା ବେଳେ ମା ଝିଅ ଗାଁ ଘରେ ରହନ୍ତି । ଗତ ଶୁକ୍ରବାର ଅପରାହ୍ନ ପ୍ରାୟ ସାଢେ ୩ ଟାରେ ଯୁବତୀ ଜଣକ ଘର ବାରଣ୍ଡାରେ ବସିଥିଲେ । ଶଙ୍କର ସେଠାରେ ପହଞ୍ଚି ଯୁବତୀଙ୍କୁ ଅସଦାଚରଣ କରିଥିଲେ । ଯୁବତୀ ଜଣକ ପ୍ରତିବାଦ କରିବାରୁ ଶଙ୍କର ତାଙ୍କ ଚୁଟି ଧରି ଘୋଷାଡି ତଳେ ପକାଇ ଦେଇଥିଲେ । ଯୁବତୀଙ୍କ ପାଟି ଶୁଣି ତାଙ୍କ ମା ଘର ବାରି ପଟୁ ଧାଇଁ ଆସିଥିବା ବେଳେ ଅଭିଯୁକ୍ତ ଜଣକ ତାଙ୍କୁ ଆକ୍ରମଣ କରିଥିଲେ । ପାଖ ପଡୋଶୀ ମହିଳା ସେଠାରେ ପହଞ୍ଚି ଉଭୟ ଯୁବତୀ ଓ ତାଙ୍କ ମାଆଙ୍କୁ ଉଦ୍ଧାର କରିଥିଲେ ।

## ଆଜି ଜାତୀୟ କର୍କଟ ବିଜୟୀ ଦିବସ

# ପ୍ରେରଣାର ଉତ୍ସ ପାଲଟିଛନ୍ତି ସୁକାନ୍ତି

**ଆସିକା,୬।୬/ଏନ୍‌ଏନ୍‌ଏସ୍:** ଦୁରାରୋଗ୍ୟ କର୍କଟ । ଯେଉଁ ରୋଗର ନାଁ ଶୁଣିଲେ ମନରେ ଛନକା ପଶିଯାଏ ଓ ଜୀବନ ବୋଝ ଭଳି ଲାଗେ । କର୍କଟ ରୋଗ (କ୍ୟାନ୍ସର) ରୋଗକୁ ଜିତିଥିବା ବ୍ୟକ୍ତିଙ୍କ ଜୀବନକୁ ସମ୍ମାନ ଜଣାଇବା ଏବଂ ସେମାନଙ୍କ ସାହସକୁ ସମାଜ ସମ୍ମୁଖରେ ଉପସ୍ଥାପନ କରିବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଜୁନ୍ ମାସ ପ୍ରଥମ ରବିବାରରେ ଜାତୀୟ କର୍କଟ ବିଜୟୀ ଦିବସ ପାଳନ କରାଯାଇଥାଏ । ଯେଉଁମାନେ ପ୍ରାଣଘାତୀ କର୍କଟର କରାଳ ପଞ୍ଝାରୁ ମୁକ୍ତି ପାରିସାରିଛନ୍ତି ସେମାନେ ଅନ୍ୟ ମାନଙ୍କ ପାଇଁ ପ୍ରେରଣା ଓ ସକରାତ୍ମକ ଭାବନାର ଆଲୋକବର୍ତ୍ତିକା ସାଜିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେହିଭଳି ଜଣେ ପରୋପକାରୀ ସାହସୀ ମହିଳା ହେଉଛନ୍ତି ଆସିକା ପୌର ପରିଷଦ ଅଧିନସ୍ଥ ୧୦ ନମ୍ବର ୱାର୍ଡର ରାଜେନ୍ଦ୍ର ନଗରର ସୁକାନ୍ତି ପାଢୀ । ଗତ ପ୍ରାୟ ୩ ବର୍ଷ ପୂର୍ବରୁ ସାହସୀ ମହିଳା

## ହାରିଲା କର୍କଟ, ଜିତିଲା ଆତ୍ମବିଶ୍ୱାସ

ସୁକାନ୍ତି ପାଢୀ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ ବି ବର୍ତ୍ତମାନ ସେ କର୍କଟ ରୋଗୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି । ଗତ ପ୍ରାୟ ୩ ବର୍ଷ ତଳେ ହଠାତ୍ ସୁକାନ୍ତି ଅସୁସ୍ଥ ହୋଇପଡିବାରୁ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିବା ପରେ ପରିବାରବର୍ଗ ବିଚଳିତ ହୋଇ ଦୁଃଖରେ



ଭାଙ୍ଗି ପଡିଥିଲେ । ତଥାପି ଜଗତର ନାଥ ଜଗନ୍ନାଥ ଓ ଆସିକାର ଅଧିଷ୍ଠାତ୍ରୀ ଦେବୀ ମା ଖମ୍ବେଶ୍ୱରୀଙ୍କ ଉପରେ ଅତୁଟ ବିଶ୍ୱାସ ଓ ଭରସା ରଖିବା ସହ ପରିବାରବର୍ଗଙ୍କ ପୂର୍ଣ୍ଣ ସହଯୋଗରେ ସୁସ୍ଥ ହେବା ପାଇଁ ଚିକିତ୍ସା ଆରମ୍ଭ କରିଥିଲେ । ଦୃଢ ମନୋବଳ ଓ ତତ୍କାଳ ଚିକିତ୍ସା ଫଳରେ ସୁକାନ୍ତି ପାଢୀ ଦୁରାରୋଗ୍ୟ କର୍କଟ ରୋଗକୁ ହରାଇ ଏବେ ସେ ପ୍ରାୟତଃ ସୁସ୍ଥ ହେବା ସାଙ୍ଗକୁ ସ୍ୱାଭାବିକ ଭାବେ ଖାଦ୍ୟପେୟ ଗ୍ରହଣ କରୁଛନ୍ତି । ସେ ସଂପୂର୍ଣ୍ଣ ସୁସ୍ଥ ହେବା ପାଇଁ ଏବେ ବି ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟକୁ କିଛି ମାସ ବ୍ୟବଧାନରେ ଥରେ ଗସ୍ତ କରି ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି । ସନ୍ତୁଳିତ ଖାଦ୍ୟ ଓ ନିୟମିତ ସୁସ୍ଥ ନିଦ୍ରା ଏବଂ ପରିଶ୍ରମ ଜାରି ରହିଲେ ଏହି ରୋଗକୁ ସଂପୁର୍ଣ୍ଣ ମାତ୍ରାରେ ପ୍ରତିହତ କରାଯାଇପାରିବ ବୋଲି ସାହସୀ ମହିଳା ଶ୍ରୀମତି ପାଢୀ କହିଛନ୍ତି । ଦୀର୍ଘ ପ୍ରାୟ ୩ ବର୍ଷ ତଳେ ରାଜେନ୍ଦ୍ର ନଗର ଅଞ୍ଚଳର ମହିଳା ଶ୍ରୀମତୀ ପାଢୀଙ୍କ ଜୀବନ ହସଖୁସିର ବିତୁଥିଲା । ହେଲେ ଏଥିରେ ହଠାତ୍ ଦୁଃଖର କଳାବାଦଲ୍ ଢାଙ୍କି ଦେଇଥିଲା ଦୁରାରୋଗ୍ୟ କର୍କଟ । ବଞ୍ଚିବେ କି ମରିବେ ସେ ଜଣାନଥିଲେ । ଗୋଟିଏ ପଟେ ଶରୀରର ପୀଡା ଓ ଅନ୍ୟପଟେ ପରିବାର ଆଖିରେ ଲୁହ । ସେ ସମୟରେ ଲାଗୁଥିଲା ଏ ଦୁର୍ବିସହ ଜୀବନ କିପରି ଜିଇଁବେ । ତଥାପି ସେ ଭାଙ୍ଗିପଡିନଥିଲେ, ମନରେ ଦୃଢ ଆତ୍ମବିଶ୍ୱାସ ତାଙ୍କ ପାଇଁ ଅସ୍ତ୍ର ପାଲଟିଥିଲା । ଶ୍ରୀମତି ସୁକାନ୍ତି ନିଜ ମନକୁ ଦୃଢ କରି ଶେଷରେ କର୍କଟ ରୋଗ ସହ ଲଢି ଜୀବନଯୁଦ୍ଧରେ ବିଜୟୀ ହୋଇ ଅନ୍ୟ କ୍ୟାନ୍ସର ରୋଗୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି ।

## ଟାଉନ୍ ହଲ୍ ନିର୍ମାଣ ପାଇଁ ମୃତ୍ତିକା ପରୀକ୍ଷଣ କାର୍ଯ୍ୟକ୍ରମ

# ବେସରକାରୀ ଜମିରେ ଗାତ ଖୋଳାଯାଇଥିବା ଅଭିଯୋଗ

**ବୁଗୁଡା,୬।୬/ଏନ୍‌ଏନ୍‌ଏସ୍:** ବୁଗୁଡ଼ାରେ ପାଞ୍ଚ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଟାଉନ୍ ହଲ୍ ନିର୍ମାଣ ନିମନ୍ତେ ଏନ୍‌ଏସି ଅନ୍ତର୍ଗତ କାଞ୍ଜିଆପଲ୍ଲୀ ପାର୍କ ରାସ୍ତା ଏବଂ ମୋଟାବାଡି ରାସ୍ତା କଡରେ ତହସିଲଦାରଙ୍କ ଦ୍ୱାରା ୩୭୦ ଡେସିମିଲ ସରକାରୀ ଜାଗା ଚିହ୍ନଟ ପରେ ସେହି ସ୍ଥାନର ମୃତ୍ତିକା ପରୀକ୍ଷଣ କାର୍ଯ୍ୟକ୍ରମ ଗତ ୩ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା । ତେବେ ମୃତ୍ତିକା ପରୀକ୍ଷଣ ପାଇଁ ସରକାରୀ ଜାଗାରେ ଗାତ ଖୋଳିବା ପରିବର୍ତ୍ତେ ରଘୁନାଥ ସାହୁ ନାମକ ଜନୈକ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜାଗାରେ ୭ ଫୁଟ ଗଭୀରତା ବିଶିଷ୍ଟ ୩ଟି ଗାତ ଖୋଳା ଯାଇଥିବା ନେଇ ସେ ଅଭିଯୋଗ କରିଛନ୍ତି । ଏନେଇ ସେ ତହସିଲଦାର ଓ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଉକ୍ତ ଗାତ ପୋତିବା ପାଇଁ ଅନୁରୋଧ କରିଥିବା କହିଛନ୍ତି । ଏନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରାଙ୍କୁ ପଚାରିବାରୁ ରଘୁନାଥଙ୍କ ଜାଗାରେ ଭୁଲବଶତଃ ଗୋଟିଏ ଗାତ ଖୋଳି ହୋଇଯାଇଛି । ତେବେ ଏଠି ପ୍ରଶ୍ନ ଉଠୁଛି ଜାଗା ଚିହ୍ନଟ କରିଥିବା ରାଜସ୍ୱ ନିରୀକ୍ଷକଙ୍କ ଭୁଲ ଯୋଗୁଁ ଏପରି ହୋଇଛି ନା ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁଁ ଏମିତି ତ୍ରୁଟି ଘଟିଛି । ଅନ୍ୟ ପକ୍ଷରେ ଟାଉନ୍ ହଲ୍ ନିର୍ମାଣ ନିମନ୍ତେ ଚିହ୍ନଟ ହୋଇଥିବା ଜମି ବୁଗୁଡ଼ା ସହର ଠାରୁ ବହୁ ଦୂରରେ ହୋଇଥିବାରୁ ସହର ଭିତରେ ଟାଉନ୍ ହଲ୍ ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି ।

ନିତିଦିନ NITIDIN



# ୧୩ ଉଚ୍ଚବିଦ୍ୟାଳୟରେ ନୂତନ ପ୍ରଧାନଶିକ୍ଷକ ନିଯୁକ୍ତ

**ରାଜନଗର,୬।୬/ଏନ୍ଏନ୍ଏସ୍:** ରାଜନଗର ବ୍ଲକ୍‌ର ୧୩ଟି ଉଚ୍ଚବିଦ୍ୟାଳୟରେ ଖାଲିଥିବା ପ୍ରଧାନଶିକ୍ଷକ ପଦବୀ ପୂରଣ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ସମୁଦାୟ ୮୯ଟି ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ନିଯୁକ୍ତି ପାଇଛନ୍ତି। ସେଥିମଧ୍ୟରୁ ରାଜନଗର ବ୍ଲକ୍‌ରେ ୧୨ଟି ଉଚ୍ଚବିଦ୍ୟାଳୟ ଓ ଗୋଟିଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିଯୁକ୍ତି ଦିଆଯାଇଛି। ନିବେଦିତା ପ୍ରଧାନଙ୍କୁ ଶ୍ରୀ ଜଗନ୍ନାଥ ନୋଡାଲ୍ ଉଚ୍ଚବିଦ୍ୟାଳୟ କେରଡ଼ାଗଡ଼, ନିରୁପମା ବାରିକଙ୍କୁ ରାଜନଗର ଉଚ୍ଚବିଦ୍ୟାଳୟ, ବିଜୟାଲକ୍ଷ୍ମୀ ସାହୁଙ୍କୁ ନିଗମାନନ୍ଦ ଉଚ୍ଚ ବିଦ୍ୟାପୀଠ ନାଉକଣା, ଅନସୂୟା ବେହେରାଙ୍କୁ ପଞ୍ଚୁବରାହୀ ବିଦ୍ୟାନିକେତନ ମାଣପଡ଼ା, ସନ୍ତୋଷ କୁମାର ନାୟକଙ୍କୁ ବନବିହାରୀ ଜିଥୁ ନୋଡାଲ୍ ଉଚ୍ଚବିଦ୍ୟାଳୟ ଗୋପାଳପୁର, ସ୍ମିତାରାଣୀ ନାୟକଙ୍କୁ ଲକ୍ଷ୍ମୀବରାହ ସରକାରୀ ଉଚ୍ଚବିଦ୍ୟାଳୟ ହାତିନା, ମଧୁସ୍ମିତା ସାହୁଙ୍କୁ ସପ୍ତେଶ୍ୱର ଉଚ୍ଚବିଦ୍ୟାଳୟ ବାରହାପୁର, ତ୍ରୈଲୋକ୍ୟନାଥ ମହାପାତ୍ରଙ୍କୁ ନାଗାନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଦିଲ୍ଲୀପ କୁମାର ଦାସଙ୍କୁ ବିଣାପାଣୀ ଉଚ୍ଚବିଦ୍ୟାଳୟ ଦିଘୀ, ପ୍ରଦୀପ କୁମାର ସ୍ୱାଇଁଙ୍କୁ ବଡ଼ପଲୀ ନୋଡାଲ୍ ଉଚ୍ଚବିଦ୍ୟାଳୟ, ଶାନ୍ତନୁ ସୂତାରଙ୍କୁ ଓସ୍ତିଆ-ବନ୍ଧପାଟଣା ନୋଡାଲ୍ ଉଚ୍ଚବିଦ୍ୟାଳୟ, ଶିବ ପ୍ରସାଦ ନାୟକଙ୍କୁ ମହାକାଳୀ ଉଚ୍ଚବିଦ୍ୟାଳୟ ବେଲପାଳ ଓ ପବିତ୍ରମୋହନ ଜେନାଙ୍କୁ ପଞ୍ଚୁବରାହୀ ସରକାରୀ ଅପଗ୍ରେଡେଡ୍ ଉଚ୍ଚବିଦ୍ୟାଳୟ ସାତଭାୟାର ପ୍ରଧାନଶିକ୍ଷକ ରୂପେ ନିଯୁକ୍ତି ମିଳିଥିବା ଜଣାପଡ଼ିଛି।

# ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଗାଳିଗୁଲଜ କରିବା ପଡ଼ିଲା ମହଙ୍ଗା

**ତାଳଚେର,୬।୬/ଏନ୍ଏନ୍ଏସ୍:** ତାଳଚେରର ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ଦେହରେ ହାତ ମାରିବା ଟାଉନ୍ ଥାନାରେ କାର୍ଯ୍ୟରତ ଜଣେ ସବ୍‌ଇନ୍ସପେକ୍ଟର୍‌ଙ୍କୁ ମହଙ୍ଗା ପଡ଼ିଛି। ସମ୍ପୃକ୍ତ ପୁଲିସ୍ ବାବୁ ଜଣକ ପୂର୍ବରୁ ସାଧା ପୋଷାକରେ ବିଭିନ୍ନ ସ୍ଥାନକୁ ଯାଇ ପୁଲିସ୍‌ର ଡର ଦେଖାଇ ଦବଙ୍ଗଗିରି ଜାହିର୍ କରି ନିଜର ସ୍ୱାର୍ଥ ହାସଲ କରୁଥିଲେ ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ତେବେ ଶେଷରେ ତାଳଚେରରେ ଏକ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ହାତମାରି ଗାଳିଗୁଲଜ କରିବା ଯୋଗୁ ତାଙ୍କୁ ଅନୁଗୋଳ ଆର୍‌ଓ ଅଫିସ୍‌କୁ ବଦଳି କରାଯାଇଥିବା ସୋସିଆଲ୍ ମିଡିଆରେ ଘୁରି ବୁଲୁଥିବା ଚର୍ଚ୍ଚାର ବିଷୟ ହୋଇଛି। ତେବେ ବାବୁଙ୍କ ସ୍ଥାବର ଅସ୍ଥାବର ସମ୍ପତି ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଦାବି ହେଉଛି।

# ହାତୀ ଆକ୍ରମଣରେ ମହିଳା ଆହତ

**ଅନୁଗୋଳ,୬।୬/ଏନ୍ଏନ୍ଏସ୍:** ଅନୁଗୋଳ ବନଖଣ୍ଡ କରତପଟା ସେକ୍ସନ୍ ଜଗନ୍ନାଥପୁର ଗ୍ରାମର ଜଣେ ମହିଳା ହାତୀ ଆକ୍ରମଣରେ ଆହତ ହୋଇଛନ୍ତି। ସୁଭଦ୍ରା ସାହୁ (୩୦) ଗାଁ ପାଖ ଆମ୍ବ ବଗିଚାକୁ ଆମ୍ବ ଗୋଟାଇବାକୁ ଶନିବାର ସକାଳେ ଯାଇଥିବାବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଖବରପାଇ ଗ୍ରାମବାସୀ ଯାଇ ତାଙ୍କୁ ଉଦ୍ଧାର କରିଥିଲେ। ବନ ବିଭାଗ କର୍ମଚାରୀ ଆସିବା ପରେ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ପ୍ରକାଶଥାଉକି ମାସକ ମଧ୍ୟରେ ଅନେକ ଲୋକ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି ଏବଂ ଅନେକ ଆହତ ହୋଇଛନ୍ତି। ହାତୀ କେତେବେଳେ ଗାଁ ଭିତରେ ପଶି ଘରଦ୍ୱାର ଭାଙ୍ଗୁଛି ତ ଆଉ କେତେବେଳେ ଫସଲ ଉଜାଡ଼ି ଦେଉଛି। ହେଲେ ବନ ବିଭାଗ ହାତୀ ଦାଉରୁ ମଣିଷକୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏନେଇ ଗାଁରୁ ସହର ପର୍ଯ୍ୟନ୍ତ ଲୋକମାନେ ବନ ବିଭାଗର ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# କୁଟୁରା ମାଂସ ଜବତ, ଜଣେ ଗିରଫ



**କାମାକ୍ଷାନଗର,୬।୬/ଏନ୍ଏନ୍ଏସ୍:** କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ଦଣ୍ଡାଧର-ବୁଢ଼ିବିଲି ପୂର୍ତ୍ତ ବିଭାଗ ରାସ୍ତାରୁ ଚୋରାରେ ଜନ୍ତୁ ମାଂସ ନେଉଥିବା ଶିକାରୀକୁ ବନ ବିଭାଗ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କଙ୍କଡ଼ାହାଡ଼ ଥାନା ବୁଢ଼ିବିଲି ଗ୍ରାମର ନୃସିଂହ ହାଁସଦା। ନୃସିଂହ ଦଣ୍ଡାଧର ଅଞ୍ଚଳରେ ଥିବା ଜଙ୍ଗଲ ମଧ୍ୟରେ ସବୁବେଳେ ଜନ୍ତୁ ଶିକାର କରି ବିଭିନ୍ନ ସ୍ଥାନକୁ ମାଂସ ରପ୍ତାନି କରିଥାଏ। ଶୁକ୍ରବାର ସଂଧ୍ୟାରେ ନୃସିଂହ ଏକ କୁଟୁରାକୁ ମାରି ତା' ମାଂସକୁ କାଟି ଚୋରାରେ ଏକ ବାଇକ୍ ଯୋଗେ କଙ୍କଡ଼ାହାଡ଼ ଅଭିମୁଖେ ଆସୁଥିବାବେଳେ ବନ ବିଭାଗ ବାଇକ୍ ସହ ମାଂସକୁ ଜବତ କରିଥିଲା। ନୃସିଂହ ନିକଟରୁ ୧୨ କିଲୋ ୫୦୦ ଗ୍ରାମ୍ କୁଟୁରା ମାଂସ ଜବତ ହୋଇଥିବା ଜଣାପଡ଼ିଛି।

# ବନ୍ଧୁକ ମୁନରେ ୨୫ ଲକ୍ଷ ଲୁଟ୍

**ଆଳି,୬।୬/ଏନ୍ଏନ୍ଏସ୍:** ବନ୍ଧୁକ ମୁନରେ ୨୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଦୁର୍ବୃତ୍ତ ଲୁଟି ନେଇଛନ୍ତି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୮ଟା ୩୦ରେ ୧୨ ଜଣ ଦୁର୍ବୃତ୍ତ ହାତରେ ଭୁଜାଲି ଓ ବନ୍ଧୁକ ଧରି ଆଳି ଥାନା ଖଣ୍ଡିଆପାଟଣା ଗ୍ରାମର ପ୍ରଦୀପ ରାଉତଙ୍କ ଘରେ ପଶି ଏଭଳି କାଣ୍ଡ ଭିଆଇଛନ୍ତି। ଡକାୟତମାନେ ଘରେ ପଶିବା ପରେ ପରିବାରର ଜଣକ ପରେ ଜଣେ ସଦସ୍ୟଙ୍କ ବେକରେ ଭୁଜାଲି ଲଗାଇ ରୋଷେଇ ଘରେ ପୁରାଇ ବନ୍ଦ କରିଦେବା ପରେ ଗଡରେଜ୍ ଓ ବାକ୍ସ ତାଡ଼ି ସୁନା ଅଳଙ୍କାର ସହିତ ନଗଦ ଟଙ୍କା ଲୁଟି ନେଇଛନ୍ତି। ମାସେ ପୂର୍ବରୁ ପ୍ରଦୀପଙ୍କ ପୁଅ ବାହାଘର ହୋଇଥିବାରୁ ଏହାକୁ ଲକ୍ଷ୍ୟ କରି ଲୁଟେରାମାନେ ସମସ୍ତ ଜିନିଷ ଲୁଟି ନେଇଛନ୍ତି। ୪୫ ମିନିଟ୍ ଧରି ଏହି ଲୁଟ୍‌ପାଟ୍ କରିବା ପରେ ସେମାନେ ଫେରାର୍ ହୋଇଯାଇଥିଲେ। ଖବରପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଜାରି ରଖିଛି।

## ତାଳଚେର ମେଡିକାଲ୍ କଲେଜରେ ଦୁର୍ନୀତି ଅଭିଯୋଗ

# ଜାଲ୍ ପ୍ରମାଣପତ୍ରରେ ୨୪ ଷ୍ଟାଫ୍‌ନର୍ସ ନିଯୁକ୍ତ

### ଯଥାଶୀଘ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି



**ତାଳଚେର,୬।୬/ଏନ୍ଏନ୍ଏସ୍:** ତାଳଚେର ମେଡିକାଲ୍ କଲେଜ ସରକାରୀ ଚିକିତ୍ସାଳୟ (ପିଏମ୍‌ପିଜିଏଚ୍)ରେ ଷ୍ଟାଫ୍‌ନର୍ସ ନିଯୁକ୍ତିର କେଲେଙ୍କାରୀ ଏବେ ପଦାକୁ ଆସିଛି। ଜାଲ୍ ପ୍ରମାଣପତ୍ର ଦେଇ ୨୪ ଜଣ ଷ୍ଟାଫ୍‌ନର୍ସ ନିଯୁକ୍ତି ପାଇଥିବା ଖବର ସ୍ଥାନୀୟ ବେକାର୍ ଯୁବକ ଯୁବତୀଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି କରିଛି। ଏହି ନିଯୁକ୍ତିକୁ ପ୍ରଥମେ ତାଳଚେରର ଶିକ୍ଷିତ ଯୁବକ ଯୁବତୀଙ୍କୁ ଦୃଷ୍ଟିରେ ରଖି ଅଗ୍ରାଧିକାରରେ ସ୍ଥାନୀୟ ଯୁବପିଢ଼ିଙ୍କୁ ନିଯୁକ୍ତି ଦେବାକୁ ତାଳଚେର ଜନବିକାଶ କଲ୍ୟାଣ ସଂଘ ଆଉଟ୍ ସୋର୍ସି ସଂସ୍ଥା ବିରୋଧ କରିଥିଲା। ପରେ ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶ ପାଇଥିଲା। କିନ୍ତୁ କେଲେଙ୍କାରୀରେ ସ୍ଥାନୀୟ ଦଲାଲ୍‌ଙ୍କ ସମ୍ପୃକ୍ତି ଥିବା ହେତୁ କେହି ମୁହଁ ଖୋଲିନଥିଲେ। ସୂଚନା ମୁତାବକ ପ୍ରଜ୍ଞା ପାରମିତା ବୁର୍ଗ ପିଏମ୍‌ପିଜିଏଚ୍‌ରେ ଷ୍ଟାଫ୍‌ନର୍ସ ଭାବେ ଚାକିରି କରିଛନ୍ତି। ଚାକିରି ପାଇଁ ସେ ଅନୁଗୋଳ ତୁରଙ୍ଗ ସେବା ସ୍କୁଲ୍ ଅଫ୍ ନର୍ସିଂରୁ ଜିଏନ୍‌ଏମ୍ କୋର୍ସ କରିଥିବା ସାର୍ଟିଫିକେଟ୍ ଦାଖଲ କରିଛନ୍ତି। ସାର୍ଟିଫିକେଟ୍ ଅନୁସାରେ ୨୦୨୧ ଡିସେମ୍ବର ୧୦ରେ ଜିଏନ୍‌ଏମ୍ ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ୨୦୨୫ ମାର୍ଚ୍ଚ ୨୦ରେ ପାଠପଢ଼ା ଶେଷ କରିଛନ୍ତି। ତେବେ ସେବା ସ୍କୁଲ୍ ଅଫ୍ ନର୍ସିଂରେ ଏଭଳି ନାମଧାରୀ କେହି ପାଠ ପଢ଼ିନଥିବା କଥା କଲେଜର ଅଧ୍ୟକ୍ଷ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି କେବଳ ପ୍ରଜ୍ଞା ନୁହଁନ୍ତି ସେବା ସ୍କୁଲ୍ ଅଫ୍ ନର୍ସିଂର ମାଟି ମାଡ଼ି ନଥିବା ଖଗପତି ସାହୁ, ଯସ୍ମିଲିମା ଭୋଇ, ଜାନକୀ ଗଡ଼ନାୟକ, ମୀରା ମହାଲିକ ଓ ଚିତ୍ରରେଖା ସାହୁଙ୍କ ଭଳି ୨୪ ଜଣ ଏହି କଲେଜ ନାମରେ ଜାଲ୍ ସାର୍ଟିଫିକେଟ୍ ଦାଖଲ କରି ଏବେ ପିଏମ୍‌ପିଜିଏଚ୍‌ରେ ଷ୍ଟାଫ୍‌ନର୍ସ ଭାବେ କାର୍ଯ୍ୟ କରୁଛନ୍ତି। ତେବେ ଅନୁଗୋଳ ଜିଲ୍ଲାପାଳ ଚିଠି ମାଧ୍ୟମରେ ଏହାର ତଦନ୍ତ ପାଇଁ ଜାଗୃତି ବିହାର ସମ୍ବଲପୁର ଚେୟାରମ୍ୟାନ୍ କମ୍ ମ୍ୟାନେଜିଙ୍ଗ ଡାଇରେକ୍ଟର୍‌ଙ୍କୁ ଜଣାଇଛନ୍ତି। ସେହିପରି ଅନ୍ୟ ପଦପଦବୀ ଗୁଡ଼ିକରେ ଠିକା ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ସାର୍ଟିଫିକେଟ୍ ଯାଞ୍ଚ ହେବାସହ ଏହି କେଲେଙ୍କାରୀ ଯେଉଁମାନେ ସମ୍ପୃକ୍ତ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ନୂତନ ଅଧ୍ୟୟନ ଓ ବିକାଶ କେନ୍ଦ୍ର ଉଦ୍‌ଘାଟିତ



**ପାରାଦୀପ,୬।୬/ଏନ୍ଏନ୍ଏସ୍:** ଆର୍ସେଲରମିତ୍ତଲ୍ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ଏହାର କର୍ମଚାରୀ ଏବଂ ସହଯୋଗୀଙ୍କ ଦକ୍ଷତା ବିକାଶ ଲକ୍ଷ୍ୟରେ ପାରାଦୀପ ପେଲେଟ୍ ପ୍ଲାଣ୍ଟ କମ୍ପ୍ଲେକ୍ସରେ ନୂତନ ଅଧ୍ୟୟନ ଏବଂ ବିକାଶ କେନ୍ଦ୍ର ତଥା ଲର୍ଣ୍ଣିଂ ଆଣ୍ଡ ଡେଭଲପମେଣ୍ଟ ସେଣ୍ଟର ଉଦ୍‌ଘାଟନ କରିଛି। ଏହି କେନ୍ଦ୍ର କର୍ମଚାରୀଙ୍କ ଦକ୍ଷତା ବିକାଶ ଏବଂ ବୃତ୍ତିଗତ ଅଭିବୃଦ୍ଧି ପାଇଁ କାର୍ଯ୍ୟ କରିବା ସହିତ ଏଏମ୍/ଏନଏସ୍ ଇଣ୍ଡିଆର ବିକାଶ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି କେନ୍ଦ୍ର ନିରନ୍ତର ପ୍ରଶିକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଛି ଯେଉଁଠାରେ ୧୨୦ ଜଣଙ୍କ ପାଇଁ ବସିବା କ୍ଷମତା ରହିଛି। ତାଲିମ୍ ଅଧିବେଶନ ଗୁଡ଼ିକର ସହଜ ଓ ନିରବଚ୍ଛିନ୍ନ ପରିଚାଳନା ପାଇଁ ଏହା ଉଚ୍ଚଗୁଣବତ୍ତା ସମ୍ପନ୍ନ ଅଡିଓ-ଭିଜୁଆଲ୍ ସିଷ୍ଟମ୍ ଏବଂ ଏକ ଡିଜିଟାଲାଇଜଡ୍ ପୋଡିୟମ୍ (ମଞ୍ଚ) ଦ୍ୱାରା ସୁସଜ୍ଜିତ। ଏହି କେନ୍ଦ୍ରରେ ଏଲ୍ ଆଣ୍ଡ ଡି ଟିମ୍ ପାଇଁ ସ୍ୱତନ୍ତ୍ର ୱର୍କ ଷ୍ଟେସନ୍ ମଧ୍ୟ ରହିଛି। ଶିକ୍ଷଣ ପରିବେଶକୁ ଆହୁରି ସମୃଦ୍ଧ କରିବା ପାଇଁ ଖୁବ୍‌ଶୀଘ୍ର ଲାଉଞ୍ଜ୍ ଏବଂ ଲାଇବ୍ରେରୀ ସୁବିଧା ଯୋଡ଼ିବାକୁ ମଧ୍ୟ ଯୋଜନା କରାଯାଉଛି। ଏହି କେନ୍ଦ୍ରକୁ ଏଏମ୍/ଏନ୍ଏସ୍ ଇଣ୍ଡିଆ ଅର୍ଥ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ଅମିତ ହରଲାଲକା ଏବଂ ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ତଥା ଭାଇସ୍ ପ୍ରେସିଡେଣ୍ଟ ଆଶୁତୋଷ ତେଲାଙ୍ଗ ମିଳିତଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଖଣି ଏବଂ ଷ୍ଟ୍ରାଟେଜିକ୍ ପ୍ରକଳ୍ପ ନିର୍ଦ୍ଦେଶକ ଆଲୋକ କୁମାର ମେହେଟ୍ଟା, ପ୍ରକଳ୍ପ (ପୂର୍ବ ) ବିଭାଗ ମୁଖ୍ୟ କେ ଏ ଚୌଧୁରୀ, ମାନବ ସମ୍ବଳ (ପୂର୍ବ) ବିଭାଗ ମୁଖ୍ୟ ଡକ୍ଟର ଦେବବ୍ରତ ଦାଶ, ଓଡ଼ିଶା ଅପରେସନ୍ସର ମୁଖ୍ୟ ୟୁ ଏସ୍ ଆର୍ ରାଜୁ, ପ୍ରକଳ୍ପ (ଓଡ଼ିଶା) ବିଭାଗ ମୁଖ୍ୟ ଘନଶ୍ୟାମ ପରିଡ଼ା ଓ ମାଇନିଂ ଅପରେସନ୍ସ ଆଣ୍ଡ ଡେଭଲପ୍‌ମେଣ୍ଟ ବିଭାଗ ମୁଖ୍ୟ ଲକ୍ଷ୍ମଣ ଶେଖାୱତ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ବିଭିନ୍ନ ବିଭାଗର କର୍ମଚାରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ପରେ ଆୟୋଜିତ ଏକ ପୁରସ୍କାର ଓ ସ୍ୱୀକୃତି ସମାରୋହରେ କାର୍ଯ୍ୟ କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା କର୍ମଚାରୀଙ୍କୁ ସେମାନଙ୍କ ଅବଦାନ ପାଇଁ ଏଏମ୍/ଏନ୍ଏସ୍ ଇଣ୍ଡିଆର ନେତୃତ୍ୱମଣ୍ଡଳୀ ଦଳ ଦ୍ୱାରା ସମ୍ମାନିତ କରାଯାଇଥିଲା।

# ଅନ୍ୱେଷଣ ଥିଏଟର୍ ଗ୍ରୁପ୍ ପକ୍ଷରୁ ବୃକ୍ଷରୋପଣ

**ଯାଜପୁର,୬।୬/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର୍ ଗ୍ରୁପ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ମହାରାଜା ଯଯାତିକେଶରୀ ମେଡିକାଲ୍ କଲେଜ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁନିତା ପ୍ରଧାନ, ସୋନାଲିନି କର, ଶୁଭଶ୍ରୀ ବେହେରା, ଅନ୍ୱେଷଣ ଥିଏଟର୍ ଗ୍ରୁପ କୋର୍ କମିଟିର ଅଧ୍ୟକ୍ଷ ସେକ୍ ଅବ୍‌ଦୁଲ ସାଜିଦ୍, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ସହସମ୍ପାଦିକା ଶକୁନ୍ତଳା ବେହେରା, କୋର୍ କମିଟିର ବରିଷ୍ଠ ସଭ୍ୟ ରବିନାରାୟଣ ରାଉତ, ଭରତ ଚନ୍ଦ୍ର ବେହେରା, ବରିଷ୍ଠ



ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ଅବରସରପ୍ରାପ୍ତ ଖରସ୍ରୋତା ମହାବିଦ୍ୟାଳୟର ଅଧ୍ୟକ୍ଷ ଉଦୟ ନାରାୟଣ ପରିଡ଼ା, ମେଡିକାଲ୍ କଲେଜର ସହାୟକ ସାରଦା ମହାନ୍ତି, ମେଡିକାଲ୍ କଲେଜ ପରିଚାଳନାର ମୁଖ୍ୟ ସଦସ୍ୟ ଶିଶିର କୁମାର ମହାପାତ୍ର, ଅବକାଶ ରଥ ଓ ସମ୍ପାଦକ ଅଭିମନ୍ୟୁ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ମେଡିକାଲ୍ କଲେଜର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନେତାଜୀ କ୍ଲବ୍‌କୁ 'ପ୍ରକୃତି ମିତ୍ର' ସମ୍ମାନ



**ରାଜକନିକା,୬।୬/ଏନ୍ଏନ୍ଏସ୍:** ବିଶ୍ୱ ପରିବେଶ ଦିବସ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗରସ୍ଥିତ ପେଣ୍ଠ ବେଳାଭୂମିରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ରାଜକନିକା ଅଞ୍ଚଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ନେତାଜୀ କ୍ଲବ୍‌କୁ 'ପ୍ରକୃତି ମିତ୍ର' ସମ୍ମାନ ପ୍ରଦାନ କରାଯାଇଛି। ବିଭିନ୍ନ ଅଞ୍ଚଳରେ ବୃକ୍ଷରୋପଣ, ସବୁଜ ବନାନୀ ସୃଷ୍ଟି, ପକ୍ଷୀ ସୁରକ୍ଷା, ପରିବେଶ ସଚେତନତା ଓ ସାମାଜିକ ସେବା କ୍ଷେତ୍ରରେ ନେତାଜୀ କ୍ଲବ୍‌ର ନିରନ୍ତର କାର୍ଯ୍ୟକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବନ ଅଧିକାରୀ ମହୋଦୟ କ୍ଲବ୍‌ର ପ୍ରତିନିଧି ଦଳ ସଭାପତି ବନଜ କୁମାର ବାରିକ, କ୍ରୀଡ଼ା ସମ୍ପାଦକ ସୁମନ୍ତ କୁମାର ନାୟକ, ବରିଷ୍ଠ ସଦସ୍ୟ ଶିବ ପ୍ରସାଦ ମଲ୍ଲିକ, ସୁଶାନ୍ତ କୁମାର ବାରିକ, ମୁକ୍ତିକାନ୍ତ ଦଳାଇ ଓ ସହସମ୍ପାଦକ ରତିକାନ୍ତ ଦଳାଇଙ୍କୁ ସମ୍ମାନପତ୍ର ସହିତ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।

## ନାବାଳିକାକୁ ବିକ୍ରି ଓ ଯୌନ ନିର୍ଯାତନା ଘଟଣା

# ଲକ୍ଷେ ଟଙ୍କାରେ କିଣିଥିବା ବ୍ୟକ୍ତି ଗିରଫ



**କାମାକ୍ଷାନଗର,୬।୬/ଏନ୍ଏନ୍ଏସ୍:** କାମାକ୍ଷାନଗର ଥାନା ଅଞ୍ଚଳର ଜଣେ ନାବାଳିକାକୁ ଉତ୍ତରପ୍ରଦେଶର ଝାନ୍ସିରେ ବାରମ୍ବାର ବିକ୍ରି ଓ ଯୌନ ନିର୍ଯାତନା ଘଟଣାରେ କାମାକ୍ଷାନଗର ପୁଲିସ୍‌କୁ ସଫଳତା ମିଳିଛି। ନାବାଳିକାକୁ ଲକ୍ଷେ ଟଙ୍କାରେ କିଣିଥିବା ଚନ୍ଦ୍ରକାନ୍ତ କସ୍ୱାକୁ ଉତ୍ତରପ୍ରଦେଶର ଝାନ୍ସି ଜିଲ୍ଲା ଇରେଜ ଥାନା ଅନ୍ତର୍ଗତ ପଠା ଗ୍ରାମରୁ ଗିରଫ କରାଯାଇଛି। କାମାକ୍ଷାନଗର ଥାନା ଅଞ୍ଚଳର ଜଣେ ନାବାଳିକାକୁ ଭୁବନେଶ୍ୱରରେ କାମ କରେଇବାକୁ କହି ଜଣେ ସମ୍ପର୍କୀୟ ଲକ୍ଷେ ଟଙ୍କାରେ ଝାନ୍ସିରେ ବିକ୍ରି କରିଦେଇଥିଲେ। ସେଠାରେ ନାବାଳିକାକୁ ଦୁଇ ବର୍ଷ ଧରି ଯୌନ ନିର୍ଯାତନା ଦିଆଯାଇଥିବାବେଳେ ବାରମ୍ବାର ବିକ୍ରି କରାଯାଇଥିଲା। କିନ୍ତୁ କୌଶଳକ୍ରମେ ନାବାଳିକା ଜଣକ ସେଠାରୁ ଖସି ଆସି ଗତ ୨୩ ତାରିଖରେ କାମାକ୍ଷାନଗର ଥାନାରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କାମାକ୍ଷାନଗର ପୁଲିସ୍ ଘଟଣାର ତଦନ୍ତ କରି ବର୍ତ୍ତମାନ ସୁଦ୍ଧା ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୂର୍ବରୁ ନାବାଳିକାକୁ ଝାନ୍ସିରେ ବିକିଥିବା ସମ୍ପର୍କୀୟ ବିନୋଦ ପାତ୍ରକୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ପୁଲିସ୍ ଗିରଫ କରିଥିଲା।

## ଗୋବରାଙ୍ଗ ସେଠୀ ମୃତ୍ୟୁ ଘଟଣା

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ



**କେନ୍ଦ୍ରାପଡ଼ା,୬।୬/ଏନ୍ଏନ୍ଏସ୍:** ଗୋବରାଙ୍ଗ ସେଠୀଙ୍କ ମୃତ୍ୟୁ ସାଧାରଣ ଘଟଣା ନୁହେଁ, ବରଂ ଏକ ସୁପରିକଳ୍ପିତ ହତ୍ୟା ବୋଲି ପରିବାର ଏବଂ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ସରପଞ୍ଚଙ୍କ ସ୍ୱାମୀ ମଣି ସାହୁଙ୍କ ସମେତ ପ୍ରାୟ ୧୫ରୁ ୨୦ ଜଣ ଲୋକ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ, ଗୋବରାଙ୍ଗଙ୍କୁ

### କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ଗାଁର ଗାଧୁଆ ତୁଠ ନିକଟରୁ ଧରି ରାସ୍ତା ଉପରେ ଅଟକାଇ ଲୁହା ରଡ୍, ଠେଙ୍ଗା ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ନିର୍ମମ ଭାବେ ମାଡ଼ ମରାଯାଇଥିଲା। ଏହି ସମୟରେ ସେ ପାଣି ମାଗିଥିଲେ ମଧ୍ୟ ତାଙ୍କୁ ଦିଆଯାଇନଥିଲା। ଏହାସହ ତାଙ୍କ ବାପା, ଭାଇ ଓ ଅନ୍ୟ ଗ୍ରାମବାସୀମାନେ ସହାୟତା କରିବାକୁ ଯିବାବେଳେ ସେମାନଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିବା ଅଭିଯୋଗ ରହିଛି। ଘଟଣାର ଭିଡିଓ ଗ୍ରାମର ଅନେକ ଲୋକ ମୋବାଇଲ୍‌ରେ ଉତ୍ତୋଳନ କରିଥିବା କଥା ମଧ୍ୟ କୁହାଯାଉଛି। ସେଥିପାଇଁ ସମସ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କ ମୋବାଇଲ୍ ଫୋନ୍‌ର ଫରେନସିକ୍ ଯାଞ୍ଚ କରାଯିବାକୁ ଦାବି ହେଉଛି। ଅଭିଯୋଗ ଅନୁସାରେ, ଗୋବରାଙ୍ଗଙ୍କୁ ଚିକିତ୍ସା ପାଇଁ ପରିବାର ଲୋକଙ୍କ ହାତକୁ ଦିଆଯାଇନଥିଲା। ପରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜାଣି ସାରିବା ପରେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଘରଠାରୁ ପ୍ରାୟ ୧୫ କିଲୋମିଟର୍ ଦୂରରେ ଥିବା ଏକ ଜନଶୂନ୍ୟ ସ୍ଥାନରେ ମୃତଦେହକୁ ଫିଙ୍ଗି ଦିଆଯାଇଥିଲା। ମୃତଦେହର ପରିଚୟ ନଷ୍ଟ କରିବା ପାଇଁ ପୋଷାକ ଖୋଲାଯାଇଥିବା ଏବଂ କୌଣସି ରାସାୟନିକ ପଦାର୍ଥ କିମ୍ବା ଅନ୍ୟ ବସ୍ତୁ ବ୍ୟବହାର କରାଯାଇଥିବା ସନ୍ଦେହ ମଧ୍ୟ ଉଠିଛି। ଏହି ଘଟଣାରେ ସ୍ଥାନୀୟ ପୁଲିସ୍‌ର ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଅଭିଯୋଗକାରୀ କହିଛନ୍ତି ଯେ ପୁଲିସ୍ ଘଟଣା ସମ୍ପର୍କରେ ଅବଗତ ଥିଲେ ମଧ୍ୟ ସଠିକ୍ ପଦକ୍ଷେପ ନେଇନଥିଲା ଏବଂ ପ୍ରମାଣ ନଷ୍ଟ ହେବାକୁ ସୁଯୋଗ ଦେଇଥିଲା। ତେଣୁ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯିବା ସହ ସମସ୍ତ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି କରାଯାଉଛି।

# ଧର୍ମଶାଳା ଷ୍ଟାଡିୟମ୍‌ରେ ୨ ଟର୍ଫ ପିଚ୍ ଉଦ୍‌ଘାଟିତ



**ଧର୍ମଶାଳା,୬।୬/ଏନ୍ଏନ୍ଏସ୍:** ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ୍‌ରେ ନୂତନ ଭାବେ ୨ଟି ଟର୍ଫ ପିଚ୍ ଉଦ୍‌ଘାଟିତ ହୋଇଯାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସହଯୋଗରେ ଏହି ପିଚ୍ ତିଆରି କରାଯାଇଥିବାବେଳେ କୋଚ୍ ନବକିଶୋର ଭଞ୍ଜ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏଠାରେ ୧୪, ୧୬ ଓ ୧୯ ବର୍ଷରୁ କମ୍ ବର୍ଗର ବାଳକଙ୍କୁ ଉନ୍ନତମାନର କ୍ରିକେଟ୍ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଟର୍ଫ ପିଚ୍‌ରେ ପ୍ରଶିକ୍ଷାର୍ଥୀମାନେ ପ୍ରଶିକ୍ଷଣ ଗ୍ରହଣ କରି ଉନ୍ନତମାନର ଖେଳ ପ୍ରଦର୍ଶନ କରିପାରିବେ। ପୂର୍ବରୁ ଏହି ଷ୍ଟାଡିୟମ୍‌ରେ ପ୍ରଶିକ୍ଷଣ ପାଇଁ ୧୦ରୁ ଅଧିକ ଖେଳାଳି ଜିଲ୍ଲା ତଥା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଆଗକୁ ଏଠାରୁ ଅଧିକ ଖେଳାଳି ଚୟନ ହୋଇପାରିବେ ବୋଲି କୋଚ୍ ମତପ୍ରକାଶ କରିଛନ୍ତି। ଷ୍ଟାଡିୟମ୍‌ରେ ପ୍ରତ୍ୟହ ସକାଳ ଓ ଅପରାହ୍ନରେ କ୍ରିକେଟ୍ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିବାବେଳେ ନୂତନ ଭାବେ ତିଆରି କରାଯାଇଥିବା ଏହି ପିଚ୍ ବିଶେଷ ଭାବେ ସହାୟକ ହେବ ବୋଲି କୋଚ୍ ଶ୍ରୀ ଭଞ୍ଜ କହିଛନ୍ତି। ଟର୍ଫ ପିଚ୍ ଉଦ୍‌ଘାଟନ ବେଳେ ବହୁ ପ୍ରଶିକ୍ଷାର୍ଥୀ ଉପସ୍ଥିତ ଥିଲେ।

ନିତିଦିନ NITIDIN
ରବିବାର, ୭ ଜୁନ ୨୦୨୬

**ନିତି ଭାରତୀ**

ବେଦାନ୍ତର ମୂଳ ମନ୍ତ୍ର ହେଉଛି ବିଶ୍ୱରେ କେବଳ ଏକମାତ୍ର ଶକ୍ତି ରହିଛି ଏବଂ ପ୍ରତ୍ୟେକ ଆତ୍ମା ସେହି ଶକ୍ତିର ଏକ ଅଂଶ ନୁହେଁ, ବରଂ ପୂର୍ଣ୍ଣ ପରିପ୍ରକାଶ।
- ସ୍ୱାମୀ ବିବେକାନନ୍ଦ

# ପ୍ରକୃତି ରକ୍ଷତି ରକ୍ଷିତଃ



ପ୍ରମୋଦ କୁମାର ପଣ୍ଡା

ଫେସବୁକ୍ ତଳ ଉପର କରୁ କରୁ ହଠାତ୍ ଜୋରହାଟ, ଆସାମର ଜନୈକ ବିଶେଷ ପ୍ରତିନିଧିଙ୍କ ଏକ ପୋଷ୍ଟ ନଜରରେ ପଡ଼ିଲା। ଯାଦବ ପାୟେଙ୍ଗ ଆସାମ ରାଜ୍ୟର ମିସିଙ୍ଗ ଆଦିବାସୀ ସମ୍ପ୍ରଦାୟର ଜଣେ ସାଧାରଣ ବ୍ୟକ୍ତି। ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ ପାସ୍। ପେସା- ଗୋପାଳନ। ନିଶା- ବୃକ୍ଷ ରୋପଣ। ଜଙ୍ଗଲ ସୃଷ୍ଟି। ନିଜସ୍ୱ ବ୍ୟକ୍ତିଗତ ପ୍ରୟାସରେ ସେ ବ୍ରହ୍ମପୁତ୍ର ନଦୀର ଶୁଷ୍କ ବାଲିଚରରେ ୧୩୬୦ ଏକର ପରିମିତ ବିଶାଳ ଘଞ୍ଚ ଜଙ୍ଗଲ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି। ନ୍ୟୁୟର୍କର ପ୍ରସିଦ୍ଧ ସେଣ୍ଟ୍ରାଲ ପାର୍କ ଅପେକ୍ଷା ମଧ୍ୟ ଏହା ବଡ଼।

୧୯୬୫ ମସିହାର ପ୍ରଳୟଙ୍କରୀ ବନ୍ୟାରେ ଯାଦବଙ୍କ ନିଜ ଗାଁ ସମ୍ପୂର୍ଣ୍ଣ ରୂପେ ବୁଡ଼ି ଯାଇଥିଲା। ତେଣୁ ତାଙ୍କ ପରିବାର ମଜୁଲି ନାମକ ଏକ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିଲେ। ୧୯୭୯ ମସିହାରେ ତାଙ୍କୁ ୧୬ ବର୍ଷ। ସେତେବେଳର ଭୟଙ୍କର ବନ୍ୟା ପରେ ବାଲିଚରରେ ଆଶ୍ରା ନେଇଥିବା ଶତାଧିକ ସାପ ପ୍ରଚଣ୍ଡ ରୌଦ୍ରତାପ, ଛାଇ ଅଭାବରୁ ମରି ପଡ଼ିଥିବା ଦୃଶ୍ୟ ତାଙ୍କୁ ଗଭୀର ମର୍ମାହତ କରିଥିଲା। ସେମାନଙ୍କ ସୁରକ୍ଷା ପାଇଁ ସେ ଗଛ ଲଗାଇବା ଆରମ୍ଭ କରିଥିଲେ। ପଚାଶ ବର୍ଷ କାଳ ନିରନ୍ତର ଅକ୍ଳାନ୍ତ ପରିଶ୍ରମ କରି ବାଲିଚର ଭୂଇଁରେ ବିଶାଳ ଘଞ୍ଚ ଜଙ୍ଗଲ ସୃଷ୍ଟି କରିବାକୁ ସମର୍ଥ ହୋଇଥିଲେ। ଏବେ ତାହା ମହାବଳ ବାଘ, ଏକଶିଙ୍ଗିଆ ଗଣ୍ଡା, ଶହେରୁ ଅଧିକ ହାତୀ ଓ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ପାଇଁ ଏକ ସୁରକ୍ଷିତ ଆଶ୍ରୟସ୍ଥଳୀ ପାଲଟିଛି। ଜୈବ ବିବିଧତାର ପୁନରୁଦ୍ଧାର ଓ ପରିବେଶ ପ୍ରତି ତାଙ୍କର ଅସାଧାରଣ ଅବଦାନ ପାଇଁ ଭାରତ ସରକାର ୨୦୧୫ ମସିହାରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି। ଜବାହାରଲାଲ ନେହରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ) ତାଙ୍କୁ ଫରେଷ୍ଟ ମ୍ୟାନ୍ ଅଫ୍ ଇଣ୍ଡିଆ ଉପାଧି ପ୍ରଦାନ କରିଛି। ବିଶ୍ୱପ୍ରସିଦ୍ଧି ପ୍ରାପ୍ତି ପରେ ମଧ୍ୟ ଆଜି ସେ ସରଳ ଓ ନିରାଡ଼ମ୍ବର ଜୀବନଯାପନ କରନ୍ତି। ମାଟି ଘରେ ରୁହନ୍ତି। ସେ କୁହନ୍ତି, ପରିବେଶର ସୁରକ୍ଷା ପାଇଁ ବଡ଼ ବଜେଟ, ସରକାରୀ ଅନୁଦାନ ଅବା ବିରାଟ ସଂଗଠନର ଆବଶ୍ୟକତା ନାହିଁ। ମଣିଷର ନିଃସ୍ୱାର୍ଥପର ଚିନ୍ତାଧାରା, ଦୃଢ଼ ସଂକଳ୍ପ ଓ ନିରବ ସାଧନା ହିଁ ପର୍ଯ୍ୟାପ୍ତ। ତାଙ୍କ ଜୀବନୀ ଆମେରିକାର ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି। ପିଲାମାନେ ତାଙ୍କ ବିଷୟରେ ପଢୁଛନ୍ତି। ଜାଣୁଛନ୍ତି। ପ୍ରେରଣା ପାଉଛନ୍ତି।

ସମ୍ପ୍ରତି ସମଗ୍ର ବିଶ୍ୱ ଗମ୍ଭୀର ପାରିବେଶିକ ସଙ୍କଟର ସମ୍ମୁଖୀନ ହେଉଛି। ଭୂପୃଷ୍ଠର ତାପମାନ କଳ୍ପନାତୀତ ଭାବେ ବୃଦ୍ଧି ପାଉଛି। ବର୍ଷର ଅଧିକାଂଶ ସମୟ ଜଳବାୟୁ ଗରମ ରହୁଛି। ଗ୍ରୀଷ୍ମ ପ୍ରବାହ ବଢୁଛି। ପିଲାବେଳେ ବର୍ଷକରେ ଛଅଟି ଋତୁ ଅଛି ବୋଲି ପଢ଼ିଥିଲୁ। ଏବେ ଲାଗୁଛି ବର୍ଷକୁ କେବଳ ଗୋଟିଏ ଋତୁ- ଗ୍ରୀଷ୍ମ। ମୌସୁମୀଜନିତ ବର୍ଷାର ପରିମାଣ କ୍ରମାଗତ କମୁଛି। ଆକାଶରେ ମେଘ ସୃଷ୍ଟି ହୋଇପାରୁ ନାହିଁ। କେଉଁ ଅଞ୍ଚଳରେ ନିର୍ଘାତ ବର୍ଷୁଛି ତ କେଉଁ ଅଞ୍ଚଳ ସମ୍ପୂର୍ଣ୍ଣ ଶୁଖା। କେଉଁଠି ବନ୍ୟା ତ ଅନ୍ୟ କେଉଁଠି ମରୁଡ଼ି। ବିଶ୍ୱ ତାପନରେ ଲୋକେ ଅତିଷ୍ଠ। ପାରଦ ୪୦ ଡିଗ୍ରୀ ସେଲସିୟସ୍‌ରୁ ତଳକୁ ଖସିବାର ନାଁ ଧରୁନି। ୫୦ ଡିଗ୍ରୀ ବି ପାର ହେଉଛି। ଖାଲି ସ୍ଥାନର ଘୋର ଅଭାବ। ବିକାଶ ନାଁରେ ବିନାଶ ଘଟୁଛି। ଶିଳ୍ପାୟନ ଓ ସହରୀକରଣ ପାଇଁ କୋଟି କୋଟି ପରିପକ୍ୱ ଗଛ କଟା ଚାଲିଛି। ଜଙ୍ଗଲ ଧ୍ୱଂସ ପାଉଛି। ପାଣି, ପବନ ଓ ଉତ୍ତାପ ପରିବେଶକୁ ସନ୍ତୁଳିତ ରଖିଥାଏ। ବିଚାରବନ୍ତ ବୋଲି ଗର୍ବ କରୁଥିବା ମଣିଷ ପ୍ରାକୃତିକ ତତ୍ତ୍ୱକୁ ପ୍ରଦୂଷିତ କରୁଛି। ପରିବେଶ ଦୂଷିତ ହେଉଛି। କଳକାରଖାନା, କୋଠାବାଡ଼ି, ରାସ୍ତା ପ୍ରଶସ୍ତିକରଣ କାଳ ସାଜିଛି। ମୁକ୍ତ ବାୟୁ, ବିଶୁଦ୍ଧ ପାନୀୟ ଜଳ, ବିଷମୁକ୍ତ ଖାଦ୍ୟ ସ୍ୱପ୍ନ ହେଲାଣି। ଭୂତଳ ଜଳ ନିମ୍ନଗାମୀ। ଜୈବିକ ସାର ଓ ପ୍ରାକୃତିକ ଚାଷ ଚୁଲିକୁ ଗଲାଣି। ପ୍ଲାଷ୍ଟିକ୍‌ର ବ୍ୟବହାର ବଢୁଛି। ତେଲ, ବିଜୁଳି, ଗ୍ୟାସ, ପାଣିର ଅପବ୍ୟବହାର ହେଉଛି। ଏସି, କୁଲର, ଫ୍ରିଜ, ୱାଶିଂ ମେସିନ, ବାସନମଜା ଯନ୍ତ୍ର, ଘରସଫା ଯନ୍ତ୍ର ଇତ୍ୟାଦିର ବହୁଳ ବ୍ୟବହାର ହେଉଛି। ଗାଡ଼ିମଟର, ଯାନବାହନ, କଳକାରଖାନା ଇତ୍ୟାଦିରୁ ନିର୍ଗତ ଧୂଆଁ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି। ଫସଲରେ ରାସାୟନିକ ସାର ତଥା କୀଟନାଶକ ଔଷଧର ପ୍ରୟୋଗ ଜଳକୁ ଜହର କରୁଛି। ଏସିରୁ ନିର୍ଗତ ଉତ୍ତାପ ବାୟୁମଣ୍ଡଳକୁ ଆହୁରି ଉତ୍ତପ୍ତ କରୁଛି।




ଜଳ, ବାୟୁ ଓ ଉତ୍ତାପରେ ସମତା ଆଣିଲେ ପରିବେଶ ବିଶୁଦ୍ଧ ହେବ। ଆଗାମୀ ପିଢ଼ିକୁ ସୁରକ୍ଷିତ ରଖିବାକୁ ହେଲେ ବର୍ଦ୍ଧିତ ପ୍ରଦୂଷଣକୁ ନିୟନ୍ତ୍ରଣ କରିବାକୁ ପଡ଼ିବ।

ପ୍ରତି ବର୍ଷ ଜୁନ୍ ମାସ ପାଞ୍ଚ ତାରିଖ ବିଶ୍ୱ ପରିବେଶ ଦିବସ ରୂପେ ପାଳିତ ହୋଇଥାଏ। ଏହା ମିଳିତ ଜାତିସଙ୍ଘ ଦ୍ୱାରା ୧୯୭୨ ମସିହାରେ ଆରମ୍ଭ କରାଯାଇଥିଲା। ପ୍ରଥମ ବିଶ୍ୱ ପରିବେଶ ଦିବସ ୫ ଜୁନ୍, ୧୯୭୩ରେ ପାଳିତ ହୋଇଥିଲା। ପର୍ଯ୍ୟାବରଣ ସୁରକ୍ଷା, ପ୍ରକୃତି ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ସଂରକ୍ଷଣ, ବିଶ୍ୱ ତାପନ, ପ୍ରଦୂଷଣ ନିୟନ୍ତ୍ରଣ ସମ୍ପର୍କିତ ଜନସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ବିଶ୍ୱ ପରିବେଶ ଦିବସରେ ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ବେସରକାରୀ ଅନୁଷ୍ଠାନ ସମେତ ଅନ୍ୟାନ୍ୟ ସଂସ୍ଥାନରେ ବୃକ୍ଷ ରୋପଣ, ବିଭିନ୍ନ ପ୍ରତିଯୋଗିତା ଓ ସ୍ୱଚ୍ଛତା ଅଭିଯାନର ଆୟୋଜନ କରାଯାଇଥାଏ। ସାର୍ବଜନୀନ ସମସ୍ୟାର ପ୍ରତିକାର ପାଇଁ ଲୋକଙ୍କୁ ଏକଜୁଟ କରିବା ଭଲ କଥା। ସଂଗଠିତ ହୋଇ କାର୍ଯ୍ୟ କଲେ କାମଟି ସୁଚାରୁ ରୂପେ ଏବଂ ସହଜରେ ସମ୍ପାଦିତ ହୋଇଥାଏ। ଅପିତୁ ବେଳେ ବେଳେ ସମସ୍ତଙ୍କର ଦାୟିତ୍ୱ କାହାର ଦାୟିତ୍ୱ ନୁହେଁ, ଅଥବା ବହୁ ଲୋକରେ ମୂଷା ମରେ ନାହିଁ ଭଳି ଅବସ୍ଥା ଭୋଗିବାକୁ ପଡ଼େ। କାର୍ଯ୍ୟକ୍ରମଟି ସନ୍ତୋଷଜନକ ନ ହେବାର ସମ୍ଭାବନା ଥାଏ। ବ୍ୟକ୍ତିଗତ ପ୍ରଚେଷ୍ଟା ଅଧିକ ଲାଭଦାୟକ ସିଦ୍ଧ ହୁଏ। ବ୍ୟକ୍ତିଗତ ସ୍ତରରେ ନିଜ ଘର ଆଖପାଖ ଖାଲି ସ୍ଥାନ, ବାଡ଼ି ବଗିଚା, ଛାତ ଉପର, ବାଲ୍‌କୋନି ଓ ଖେତ ଖଳାରେ ଯଥାସାଧ୍ୟ ଛୋଟରୁ ବଡ଼ ବିଭିନ୍ନ କିସମର ଗଛ ଲଗାଇବା ଉଚିତ। ପୁରୁଣା ଓ ପରିପକ୍ୱ ଗଛ ଯେଭଳି ନ କଟିବ, ସେ ଦିଗରେ ଯତ୍ନବାନ ଦେବା ଆବଶ୍ୟକ। କେବଳ ନୂଆ ଗଛ ଲଗାଇଲେ କାମ ଦେବନାହିଁ। ତା'ର ଉପଯୁକ୍ତ ଯତ୍ନ ଓ ରକ୍ଷଣାବେକ୍ଷଣ ବଡ଼ କଥା। ନିଜ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ପ୍ରକୃତିଦତ୍ତ ମୁକ୍ତ ପଦାର୍ଥର ଅପବ୍ୟବହାର ନ କରିବା, ପ୍ରଦୂଷଣ ରୋକିବା, ବର୍ଷାଜଳ ସଂରକ୍ଷଣ କରିବା, ଅଳିଆ ଆବର୍ଜନା ଇତଃସ୍ତତ ଫୋପଡ଼ା ଫୋପଡ଼ି ନ କରିବା, ଜଙ୍ଗଲକୁ ସୁରକ୍ଷିତ ରଖିବା, ବନାଗ୍ନିରୁ ବଞ୍ଚାଇବା ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯାଇପାରେ। ପଦ୍ମଶ୍ରୀ ଯାଦବ ପାୟେଙ୍ଗଙ୍କ ଭଳି ଏକାକୀ ବ୍ୟକ୍ତିଗତ ସ୍ତରରେ ଅନେକ କାମ କରାଯାଇ ପାରିବ। ଏଥିପାଇଁ ସରକାରୀ ସାହାଯ୍ୟ ସହଯୋଗର ବିଶେଷ ଦରକାର ନାହିଁ। ଦରକାର କେବଳ ଆତ୍ମବଳ, ଆଗ୍ରହ ଓ ଇଚ୍ଛାଶକ୍ତି।

ବିଭିନ୍ନ ଛୋଟ, କିନ୍ତୁ ପ୍ରଭାବୀ କାମ ହାତକୁ ନେଇ ଦୈନନ୍ଦିନ ଜୀବନରେ ପର୍ଯ୍ୟାବରଣକୁ ସନ୍ତୁଳିତ କରାଯାଇ ପାରିବ। ଶୋଇବା ପୂର୍ବରୁ, ଘର ଛାଡ଼ି ବାହାରକୁ ଯିବା ପୂର୍ବରୁ କିମ୍ବା ଅନ୍ୟ ଅନାବଶ୍ୟକ ସମୟରେ ଲାଇଟ, ଫ୍ୟାନ୍, ଏସି ତଥା ଅନ୍ୟାନ୍ୟ ବିଦ୍ୟୁତ୍‌ଚାଳିତ ଗୃହୋପକରଣ ବନ୍ଦ ରଖନ୍ତୁ। ପାରମ୍ପରିକ ବଲ୍‌ବ ବଦଳରେ ଏଲ୍‌ଇଡି ବଲ୍‌ବ ବ୍ୟବହାର କରନ୍ତୁ। ଶକ୍ତି ସଞ୍ଚୟ ହେବ। ଦାନ୍ତ ଘଷିବା, ଦାଢ଼ି କାଟିବା, ବାସନକୁସନ ଧୋଇବା ବେଳେ ନଳ ବନ୍ଦ ରଖନ୍ତୁ। ଲିକ୍ ହେଉଥିବା ନଳକୁ ଶୀଘ୍ର ଠିକ୍ କରାନ୍ତୁ। ବର୍ଷାଜଳ ସଞ୍ଚୟ କରନ୍ତୁ। ଜଳ କଷ୍ଟ ଲାଘବ ହେବ। ପଲିଥିନ୍, ପ୍ଲାଷ୍ଟିକ ବ୍ୟବହାରକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଓଦା ଓ ଶୁଖା ବର୍ଜ୍ୟବସ୍ତୁ ଅଲଗା ଅଲଗା ଡଷ୍ଟବିନ୍‌ରେ ପକାନ୍ତୁ। ଓଦା କଚରାରୁ କମ୍ପୋଷ୍ଟ ସାର ପ୍ରସ୍ତୁତ ହୋଇଥାଏ। ଚାରା ଲଗାଇବା ବେଳେ ତାହା ବ୍ୟବହାର ହୋଇ ପାରିବ। ଦୂର ରାସ୍ତା ପାଇଁ ବସ୍, ଟ୍ରେନ୍ ଭଳି ସାର୍ବଜନିକ ପରିବହନ ଉପଯୋଗ କରନ୍ତୁ। ଆବଶ୍ୟକତା ଅନୁଯାୟୀ କାର୍ ପୁଲିଂ କରନ୍ତୁ। ପାଖ ସ୍ଥାନକୁ ଚାଲି ଚାଲି କିମ୍ବା ସାଇକେଲ ଯୋଗେ ଯିବା ଆସିବା କରନ୍ତୁ। ତେଲ ବଞ୍ଚିବ। ଧୂଆଁ କମିବ। ବାୟୁ ପ୍ରଦୂଷଣ ହ୍ରାସ ହେବ। କିଣାବିକା ସମୟରେ କାଗଜ ଠୁଙ୍ଗା, କପଡ଼ା କିମ୍ବା ଖୋଟରୁ ତିଆରି ବ୍ୟାଗ୍ ବ୍ୟବହାର କରନ୍ତୁ। ଆଞ୍ଚଳିକ ଜଳବାୟୁ ଅନୁକୂଳ ଫଳମୂଳ, ପନିପରିବା ଲଗାନ୍ତୁ ଓ ସେବନ କରନ୍ତୁ। ସନ୍ତୁଳିତ ଭୋଜନ ମିଳିବ। ସ୍ୱାସ୍ଥ୍ୟ ଭଲ ରହିବ। ସୋଲାର ପ୍ୟାନେଲ ଲଗାନ୍ତୁ। ବିଦ୍ୟୁତ୍ ସଂକଟରୁ ରକ୍ଷା ପାଇବେ।

ସନ୍ତୁଳିତ ଓ ସ୍ୱାସ୍ଥ୍ୟପ୍ରଦ ପରିବେଶ ସୃଷ୍ଟି ପାଇଁ ବ୍ୟକ୍ତିଗତ ଓ ସାଙ୍ଗଠନିକ ପ୍ରୟାସ ଆବଶ୍ୟକ। ସରକାର ମଧ୍ୟ ଏ ଦିଗରେ ଗମ୍ଭୀର ହେବା ଦରକାର। ତ୍ରିକୋଣୀୟ ମିଳିତ ଉଦ୍ୟମ ଆମକୁ ଏହି ସଂକଟରୁ ରକ୍ଷା କରି ପାରିବ। ଆମେ ପ୍ରକୃତିର ରକ୍ଷା କଲେ, ପ୍ରକୃତି ଆମକୁ ରକ୍ଷା କରିବ - 'ପ୍ରକୃତି ରକ୍ଷତି ରକ୍ଷିତଃ।'

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ: ୭୯୭୮୨୮୩୧୯୦

# ଶେଷ ଯାତ୍ରାର ମହାମନ୍ତ୍ର



ମୀନାକ୍ଷୀ ଦ୍ୱିବେଦୀ

ମାନବ ଜୀବନର ସବୁଠାରୁ ବଡ଼ ଏବଂ ଅପରିବର୍ତ୍ତନୀୟ ସତ୍ୟ ହେଉଛି ମୃତ୍ୟୁ। ଜନ୍ମଗ୍ରହଣ କରିଥିବା ପ୍ରତିଟି ପ୍ରାଣୀ ଦିନେ ନା ଦିନେ ଏହି ମାଟିର ଶରୀରକୁ ତ୍ୟାଗ କରି ପଞ୍ଚଭୂତରେ ବିଲୀନ ହେବା ନିଶ୍ଚିତ। ସନାତନ ହିନ୍ଦୁ ସଂସ୍କୃତିରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଷୋହଳଟି ସଂସ୍କାରର ବ୍ୟବସ୍ଥା ରହିଛି। ତା' ମଧ୍ୟରୁ ଶେଷ ସଂସ୍କାର ହେଉଛି ଅନ୍ତ୍ୟେଷ୍ଟି କ୍ରିୟା ବା ଶବ ସଂସ୍କାର। ଏହି ଶେଷ ଯାତ୍ରା ସମୟରେ ଏକ ସ୍ୱତନ୍ତ୍ର ଧ୍ୱନି ବା ମନ୍ତ୍ର ସମଗ୍ର ପରିବେଶକୁ ପ୍ରକମ୍ପିତ କରିଥାଏ। ତାହା ହେଉଛି- 'ରାମ ନାମ ସତ୍ୟ ହୈ'। ଦାହ ସଂସ୍କାର ପାଇଁ ଶବକୁ ନେଇ ଯାଉଥିବା ସମୟରେ ସାଙ୍ଗରେ ଯାଉଥିବା ସମ୍ପର୍କୀୟ ଓ ସମାଜର ଲୋକମାନେ ଏହି ନାମକୁ ବାରମ୍ବାର ଉଚ୍ଚାରଣ କରିଥାନ୍ତି। ଦେଖିବାକୁ ଗଲେ ଏହି ଚାରୋଟି ଶବ୍ଦ ପଛରେ ଗଭୀର ଆଧ୍ୟାତ୍ମିକ ଦର୍ଶନ, ମନସ୍ତାତ୍ତ୍ୱିକ ସତ୍ୟ, ସାମାଜିକ ଚେତନା ଏବଂ ମାନବ ଜୀବନର ସାରମର୍ମ ଲୁଚି ରହିଛି। ଏହି ପରମ୍ପରାର ଗଭୀରତାକୁ ବୁଝିବାକୁ ହେଲେ ଆମକୁ ଜୀବନର ବିଭିନ୍ନ ଦିଗ ଏବଂ ବାସ୍ତବ ଉଦାହରଣଗୁଡ଼ିକୁ ଅନୁଧ୍ୟାନ କରିବାକୁ ହେବ।

ଜୀବନର ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ଯେ ମଣିଷ ନିଜର ମୃତ୍ୟୁ ବିଷୟରେ ଜାଣି ମଧ୍ୟ ସବୁବେଳେ ଅଜଣା ହୋଇ ରହିବାକୁ ଚେଷ୍ଟା କରେ। ସେ ସାରା ଜୀବନ ଧନ, ସମ୍ପତ୍ତି, କ୍ଷମତା, ସୁନା-ରୂପା ଏବଂ ପ୍ରତିଷ୍ଠା ପଛରେ ଏମିତି ଦୌଡ଼େ, ଯେମିତି ସେ ଏହି ସଂସାରରେ ସଦାସର୍ବଦା ପାଇଁ ରହିବ! ଯେତେବେଳେ ତା'ର ଶବ ଯାତ୍ରା ବାହାରେ, ସେତେବେଳେ ପଛରେ ଯାଉଥିବା ଲୋକେ କୁହନ୍ତି 'ରାମ ନାମ ସତ୍ୟ ହୈ'। ଏହି କଥାଟି ସେହି ମୃତ ବ୍ୟକ୍ତି ପାଇଁ ଯେତିକି ପ୍ରଯୁଜ୍ୟ ନୁହେଁ, ତା'ଠାରୁ ଅଧିକ ସେହି ସମାଜର ଜୀବିତ ଲୋକଙ୍କ ପାଇଁ ଏକ ଚେତାବନୀ। ଏହା ମନେ ପକାଇ ଦିଏ ଯେ ତୁମେ ଯେଉଁ ଧନ-ସମ୍ପତ୍ତି ପାଇଁ ପାପ କରୁଛ, ତାହା ଦିନେ ଏଇଠି ରହିଯିବ; କେବଳ ଭଗବାନଙ୍କ ନାମ ହିଁ ପ୍ରକୃତ ସତ୍ୟ ହୋଇ ରହିବ।

ମହାଭାରତର ଏକ ପ୍ରସିଦ୍ଧ ପର୍ବ ରହିଛି, ଯାହାକୁ ଆମେ ଯକ୍ଷ-ଯୁଧିଷ୍ଠିର ସମ୍ବାଦ ବୋଲି ଜାଣୁ। ଯେତେବେଳେ ଯକ୍ଷ ଯୁଧିଷ୍ଠିରଙ୍କୁ ପଚାରି ଥିଲେ ଯେ ସଂସାରର ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ କ'ଣ, ସେତେବେଳେ ଧର୍ମରାଜ ଯୁଧିଷ୍ଠିର ଉତ୍ତର ଦେଇଥିଲେ କି ପ୍ରତିଦିନ ଆମ ଆଖି ଆଗରେ ହଜାର ହଜାର ପ୍ରାଣୀ ମୃତ୍ୟୁବରଣ କରି ଯମାଳୟକୁ ଯାଉଥିବା ଦେଖୁଛୁ, କିନ୍ତୁ ବାକି ବଞ୍ଚିଥିବା ମଣିଷମାନେ ଭାବୁଛନ୍ତି ଯେ ସେମାନେ କେବେ ମରିବେ ନାହିଁ ଏବଂ ଚିରକାଳ ଏହି ସଂସାରରେ ରହିବେ। ଏହାଠାରୁ ବଡ଼ ଆଶ୍ଚର୍ଯ୍ୟ ଆଉ କ'ଣ ହୋଇପାରେ? ଏହି ମାନସିକତାକୁ ଦୂର କରିବା ପାଇଁ ଶବ ଯାତ୍ରା ସମୟରେ ରାମ ନାମ ଉଚ୍ଚାରଣ କରାଯାଏ। ଲୋକମାନଙ୍କ ମନରେ ଏକ ସାମୟିକ ବୈରାଗ୍ୟ ଆସେ, ଯାହାକୁ 'ଶ୍ମଶାନ ବୈରାଗ୍ୟ' କୁହାଯାଏ। ଶ୍ମଶାନରେ ଜଳୁଥିବା ଚିତାକୁ ଦେଖି ପ୍ରତ୍ୟେକ ବ୍ୟକ୍ତିଙ୍କ ମନରେ ପ୍ରଶ୍ନ ଉଠେ, ଦିନେ ମୋତେ ମଧ୍ୟ ଏହିପରି ପାଉଁଶ ହେବାକୁ ପଡ଼ିବ। ତେବେ ଏହି ଲୋଭ, କ୍ରୋଧ ଏବଂ ହିଂସା କାହିଁକି? ଯଦିଓ ଏହି ବୈରାଗ୍ୟ ଶ୍ମଶାନରୁ ଫେରିବା ପରେ ଅନେକ ସମୟରେ ଲୋପ ପାଇଯାଏ, ତଥାପି ସେହି କିଛି ସମୟ ପାଇଁ ମଣିଷର ଅହଙ୍କାର ଚୂର୍ଣ୍ଣ ହୋଇଯାଏ।

ଏହାର ଆଉ ଏକ ମନସ୍ତାତ୍ତ୍ୱିକ ଦିଗ ହେଉଛି, ଶୋକସନ୍ତପ୍ତ ପରିବାରକୁ ସହାନୁଭୂତି ଓ ଧୈର୍ଯ୍ୟ ପ୍ରଦାନ କରିବା। ଯେଉଁ ପରିବାରର ଜଣେ ସଦସ୍ୟ ସବୁଦିନ ପାଇଁ ଚାଲିଯାଏ, ସେହି ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଥାଏ। ଏହିଭଳି ଏକ ଅତ୍ୟନ୍ତ ସେନ୍ସିଟିଭ୍ ବା ସମ୍ବେଦନଶୀଳ ସମୟରେ ସେମାନଙ୍କୁ ସାନ୍ତ୍ୱନା ଦେବା ପାଇଁ କୌଣସି ସାଂସାରିକ ଶବ୍ଦ ଯଥେଷ୍ଟ ହୋଇ ନଥାଏ। ଯଦି ସେହି ସମୟରେ କେହି କୁହେ ଯେ 'ସବୁ ଠିକ୍ ହୋଇଯିବ', ତେବେ ତାହା ମିଥ୍ୟା ମନେହୁଏ। କିନ୍ତୁ ଯେତେବେଳେ ସମଗ୍ର ସାହିଭାଇ ଏବଂ ଆତ୍ମୀୟ ସ୍ୱଜନ ଏକ ସ୍ୱରରେ 'ରାମ ନାମ ସତ୍ୟ ହୈ' ବୋଲି ଉଚ୍ଚାରଣ କରନ୍ତି, ସେତେବେଳେ ଏକ ଆଧ୍ୟାତ୍ମିକ ତରଙ୍ଗ ସୃଷ୍ଟି ହୁଏ। ଏହି ଶବ୍ଦଗୁଡ଼ିକ ଶୋକାକୁଳ ପରିବାରକୁ ଏକ ଭିନ୍ନ ପ୍ରକାରର ଆଭ୍ୟନ୍ତରୀଣ ଶକ୍ତି ଦିଏ। ଏହା ସେମାନଙ୍କୁ ବୁଝାଇ ଦିଏ ଯେ ଯିଏ ଏହି ଦୁନିଆକୁ ଆସିଛି, ସିଏ ଦିନେ ଯିବ। ଏହା ପ୍ରକୃତିର ନିୟମ। ଏହି ମହାମନ୍ତ୍ର ପରିବାର ଲୋକଙ୍କୁ ମାନସିକ ସ୍ତରରେ ସେହି ଅପୂରଣୀୟ କ୍ଷତିକୁ ସହ୍ୟ କରିବାର ଧୈର୍ଯ୍ୟ ପ୍ରଦାନ କରିଥାଏ।

ଏହା ବ୍ୟତୀତ, ମୃତ ଜୀବାତ୍ମାର ସଦ୍‌ଗତି ପାଇଁ ମଧ୍ୟ ଏହି ନାମ ଉଚ୍ଚାରଣର ବିଶେଷ ମହତ୍ତ୍ୱ ରହିଛି। ହିନ୍ଦୁ ଶାସ୍ତ୍ର ଅନୁସାରେ, ଶରୀରରୁ ପ୍ରାଣବାୟୁ ବାହାରି ଯିବା ପରେ ମଧ୍ୟ ଜୀବାତ୍ମା ତୁରନ୍ତ ସେହି ସ୍ଥାନ ଛାଡ଼ି ଯାଇ ନଥାଏ। ସେ ନିଜର ଶରୀର ଏବଂ ପରିବାର ପ୍ରତି ଥିବା ଆକର୍ଷଣ କାରଣରୁ ଚାରି ପାଖରେ ହିଁ ବୁଲୁଥାଏ। ସେ ନିଜ ପରିବାର ଲୋକଙ୍କ କାନ୍ଦ ବୋବାଳି ଦେଖି ନିଜେ ମଧ୍ୟ କଷ୍ଟ ପାଏ। ଯେତେବେଳେ ଶବକୁ ଶ୍ମଶାନ ଅଭିମୁଖେ ନିଆଯାଏ, ସେତେବେଳେ ତା'ର କାନରେ ଯଦି କେବଳ ସାଂସାରିକ ବିଳାପ ପଡ଼ିବ, ତେବେ ତା'ର ମୋହ ଅଧିକ ବଢ଼ିଯିବ ଏବଂ ସେ ପ୍ରେତ ଯୋନିରେ ଭ୍ରମିବ। କିନ୍ତୁ ଯେତେବେଳେ ଚାରିପଟେ ଭଗବାନ ରାମଙ୍କ ନାମ ସଂକୀର୍ତ୍ତନ କରାଯାଏ, ସେତେବେଳେ ସେହି ପବିତ୍ର ଧ୍ୱନି ଶୁଣି ମୃତ ଆତ୍ମା ସାଂସାରିକ ମାୟାରୁ ମୁକ୍ତ ହେବାକୁ ଚେଷ୍ଟା କରେ। ସେ ବୁଝିପାରେ ଯେ ତା'ର ଏହି ଶରୀର ସହ ସମ୍ପର୍କ ଶେଷ ହୋଇ ସାରିଛି। ଏହିପରି ଭାବରେ ରାମ ନାମ ଜପ କରିବା ଦ୍ୱାରା ମୃତ ବ୍ୟକ୍ତିର ଆତ୍ମାକୁ ସଦ୍‌ଗତି ଓ ପରମ ଶାନ୍ତି ମିଳିଥାଏ।

ଏକ ବ୍ୟବହାରିକ ଉଦାହରଣ ଦେଖିବା। ଧରନ୍ତୁ, ଜଣେ ବୟସ୍କ ବ୍ୟକ୍ତି ଦୀର୍ଘ ଦିନ ଧରି ରୋଗ ଶଯ୍ୟାରେ ପଡ଼ି ରହିଥିଲେ। ସେ ସାରା ଜୀବନ ନିଜ ପରିବାର ପାଇଁ ରକ୍ତକୁ ପାଣି କରି ଖଟିଥିଲେ। ଶେଷ ସମୟରେ ଯେତେବେଳେ ତାଙ୍କର ମୃତ୍ୟୁ ହୁଏ, ସେତେବେଳେ ତାଙ୍କ ପୁଅ-ବୋହୂ କାନ୍ଦନ୍ତି ସତ, କିନ୍ତୁ ସେହି କାନ୍ଦ ପଛରେ ଅନେକ ସମୟରେ ଭବିଷ୍ୟତର ଚିନ୍ତା ବା କେବଳ ଏକ ସାମାଜିକ କର୍ତ୍ତବ୍ୟ ଥାଏ। ଶବ ଯାତ୍ରା ସମୟରେ ଯେତେବେଳେ 'ରାମ ନାମ ସତ୍ୟ ହୈ' କୁହାଯାଏ, ସେତେବେଳେ ସେହି ପୁଅ ମଧ୍ୟ ଅନୁଭବ କରେ ଯେ ଯେଉଁ ବାପା ଦିନେ ତାଙ୍କ ପାଇଁ ସବୁକିଛି ଥିଲେ, ଆଜି ସେ କେବଳ ଏକ ମାଟିର ପିଣ୍ଡୁଳା। ଏହି ନାମ ଉଚ୍ଚାରଣ ଦ୍ୱାରା ସେହି ଶ୍ମଶାନ ଯାତ୍ରାରେ ସାମିଲ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ମନରେ ଏକ ପ୍ରକାର ଶୁଦ୍ଧତା ଆସେ। ସାଧାରଣ ଦିନରେ ଲୋକମାନେ ପରସ୍ପର ବିରୋଧରେ ଈର୍ଷା, ଅସୂୟା ବା ଶତ୍ରୁତା ମନୋଭାବ ରଖିଥାନ୍ତି। କିନ୍ତୁ ଶବଯାତ୍ରା ବେଳେ ସେହି ଶତ୍ରୁତା ଭୁଲି ସମସ୍ତେ ଏକାଠି ହୋଇ ଭଗବାନଙ୍କ ନାମ ନିଅନ୍ତି। ଏହା ସମାଜରେ ଏକତା ଏବଂ ସମାନତାର ବାର୍ତ୍ତା ଦିଏ- ମୃତ୍ୟୁ ଆଗରେ ସମସ୍ତେ ସମାନ, କେହି ବଡ଼ ନୁହେଁ କି କେହି ସାନ ନୁହେଁ।

'ରାମ' ଶବ୍ଦର ନିଜସ୍ୱ ଏକ ଅଲୌକିକ ଏବଂ ବୈଜ୍ଞାନିକ ମହିମା ରହିଛି। ସନାତନ ଧର୍ମରେ ରାମ ନାମକୁ 'ତାରକ ମନ୍ତ୍ର' ବୋଲି କୁହାଯାଏ। ଏହାର ଅର୍ଥ ହେଉଛି, ଯିଏ ଏହି ସଂସାର ରୂପକ ସାଗରରୁ ପାରି କରାଇ ଦିଏ। ଭାଷା ବିଜ୍ଞାନ ଓ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଦେଖିଲେ, 'ରା' ଶବ୍ଦର ଅର୍ଥ ହେଉଛି, ପ୍ରକାଶ କିମ୍ବା ଶକ୍ତି ଏବଂ 'ମ' ଶବ୍ଦର ଅର୍ଥ ହେଉଛି, ନିଜର ଅନ୍ତର ବା ଚେତନା। ତେଣୁ 'ରାମ' ନାମ ଉଚ୍ଚାରଣ କରିବା ଦ୍ୱାରା ଆମ ଭିତରେ ଥିବା ଅଜ୍ଞାନତାର ଅନ୍ଧକାର ଦୂର ହୋଇ ଜ୍ଞାନର ଆଲୋକ ପ୍ରକାଶିତ ହୁଏ। ଶବଯାତ୍ରା ପରି ଏକ ଗମ୍ଭୀର ଏବଂ ନକାରାତ୍ମକ ବାତାବରଣରେ (ଯେଉଁଠି ଦୁଃଖ ଓ ଶୋକର ପରିବେଶ ଥାଏ) ଏହି ନାମ ଜପ କରିବା ଦ୍ୱାରା ପରିବେଶରେ ଥିବା ସମସ୍ତ ନକାରାତ୍ମକ ଶକ୍ତି ନଷ୍ଟ ହୋଇଯାଏ ଏବଂ ଏକ ସକାରାତ୍ମକ ଶକ୍ତିର ସଞ୍ଚାର ହୁଏ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମଣିଷ ଜୀବନସାରା ମିଥ୍ୟାକୁ ସତ୍ୟ ବୋଲି ଭାବି ବଞ୍ଚିଥାଏ। ଉଦାହରଣ ସ୍ୱରୂପ, ଆମେ ଯେତେବେଳେ ସିନେମା ହଲ୍‌କୁ ଯାଇ ଗୋଟିଏ ସିନେମା ଦେଖୁ, ସେତେବେଳେ ପରଦା ଉପରେ ଚାଲୁଥିବା ଦୃଶ୍ୟକୁ ଦେଖି ଆମେ କେତେବେଳେ ହସୁ ତ କେତେବେଳେ କାନ୍ଦୁ। ଆମେ ସେହି କାହାଣୀ ସହ ଏତେ ଜଡ଼ିତ ହୋଇଯାଉ ଯେ ସେହି ଦୁଇ-ତିନି ଘଣ୍ଟା ପାଇଁ ଆମେ ଭୁଲିଯାଉ ତାହା କେବଳ ଏକ ଅଭିନୟ ବା କଳ୍ପନା। କିନ୍ତୁ ସିନେମା ଶେଷ ହେବା ପରେ ଯେତେବେଳେ ହଲ୍‌ର ଲାଇଟ୍ ଜଳେ, ସେତେବେଳେ ଆମେ ବାସ୍ତବତାକୁ ଫେରିଆସୁ। ଠିକ୍ ସେହିପରି, ଏହି ସଂସାର ହେଉଛି ଏକ ରଙ୍ଗମଞ୍ଚ ଏବଂ ଆମେ ସମସ୍ତେ ହେଉଛୁ ଜଣେ ଜଣେ ଅଭିନେତା। ଆମେ ନିଜ ନିଜର ଭୂମିକା ତୁଲାଉଛୁ। ମୃତ୍ୟୁ ହେଉଛି ସେହି ନାଟକର ଶେଷ ଏବଂ 'ରାମ ନାମ ସତ୍ୟ ହୈ' ହେଉଛି ସେହି ବାସ୍ତବତାର ଲାଇଟ୍, ଯାହା ସମସ୍ତଙ୍କୁ ଜଣାଇ ଦିଏ କି ନାଟକ ଶେଷ ହୋଇ ସାରିଛି, ଏବେ ଅସଲ ସତ୍ୟକୁ ଗ୍ରହଣ କର।

ଶେଷରେ, ଏହି ପରମ୍ପରା ଆମକୁ ସତ୍‌କର୍ମ କରିବା ପାଇଁ ପ୍ରେରିତ କରେ। ଯେତେବେଳେ ଜଣେ ବ୍ୟକ୍ତି ଅନ୍ୟ ଜଣକର ଶବଯାତ୍ରାରେ ଯାଇ 'ରାମ ନାମ ସତ୍ୟ ହୈ' କୁହେ, ସେତେବେଳେ ଅନ୍ତରାତ୍ମାରେ ସେ ନିଜକୁ ପ୍ରଶ୍ନ କରିବା ଉଚିତ୍ ଯେ 'ଯଦି କେବଳ ରାମଙ୍କ ନାମ ହିଁ ସତ୍ୟ, ତେବେ ମୁଁ ସାରା ଜୀବନ କ'ଣ କରୁଛି? ମୁଁ କାହିଁକି ଅନ୍ୟର ଅନିଷ୍ଟ କରୁଛି? ମୁଁ କାହିଁକି କ୍ରୋଧ ଏବଂ ଅହଙ୍କାରରେ ବୁଡ଼ି ରହିଛି?' ଏହି ଚେତନା ଯଦି ମଣିଷ ମନରେ ସାମାନ୍ୟ ମାତ୍ରାରେ ମଧ୍ୟ ଜାଗ୍ରତ ହୁଏ, ତେବେ ସେ ସଂସାରରେ ଭଲ କାମ କରିବାକୁ ଚେଷ୍ଟା କରିବ। ତେଣୁ, ଶବ ଗଲାବେଳେ 'ରାମ ନାମ ସତ୍ୟ ହୈ' କହିବା କେବଳ ଏକ ମୃତ୍ୟୁକାଳୀନ ରୀତିନୀତି ସହ ଜୀବିତ ମଣିଷମାନଙ୍କୁ ସତ୍‌ମାର୍ଗରେ ଚାଲିବା ପାଇଁ, ମୋହମାୟାରୁ ମୁକ୍ତ ହେବା ପାଇଁ ଏବଂ ଜୀବନର ପରମ ଲକ୍ଷ୍ୟକୁ ଚିହ୍ନିବା ପାଇଁ ସନାତନ ସଂସ୍କୃତିର ଏକ ଅମୂଲ୍ୟ ଆଧ୍ୟାତ୍ମିକ ଉପହାର।

ଗୁରୁ ଗ୍ରାମ
ମୋ: ୭୯୭୮୦୮୨୮୩୪

# ଉଠ, ଜାଗ୍ରତ ହୁଅ



ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ଧର୍ମ ଏକ ବ୍ୟାପକ ଶବ୍ଦ। ଏହାକୁ ସଠିକ୍ ଭାବେ ଅନୁଶୀଳନ କଲେ ଆପେ ଆପେ ବୁଝି ହୋଇଯାଏ ତାହାର ମର୍ମାର୍ଥ, ସେଇ ଶବ୍ଦରେ ନିହିତ ଥିବା ଗୂଢ଼ ଅର୍ଥ। ଏହା କେତେବେଳେ ବୁଝାଏ କୌଣସି ଏକ ଜଡ଼ ଚେତନ ବସ୍ତୁ ଅଥବା ଉଦ୍ଭିଦ କି ପ୍ରାଣୀର ଗୁଣ ବା ସ୍ୱଭାବକୁ ତ କେତେବେଳେ ବୁଝାଏ ଦେଶ ଏବଂ କାଳର ଆଚରଣ ଅଥବା ପ୍ରବଣତାକୁ। ଏହାର ଅର୍ଥ କେତେବେଳେ ହୁଏ ପୁଣି ଈଶ୍ୱର ଓ ପରକାଳାଦି ବିଷୟକ ନିର୍ଦ୍ଦେଶ ଓ ତତ୍ତ୍ୱ ତ ଆଉ କେତେବେଳେ ଏହାର ଅର୍ଥ ବୁଝାଏ ପରମ୍ପରାଗତ ସାମାଜିକ ଆଚାର ଅନୁଷ୍ଠାନ ବା ବିହିତ କର୍ମକୁ। ସଠିକ୍ ଅର୍ଥରେ କହିବାକୁ ଗଲେ, ସମାଜ ହିତକର ବିଧି ବିଧାନ ହେଉଛି ଧର୍ମ। ଅନ୍ୟାର୍ଥରେ କହିଲେ, ମାନବ ହିତରେ କରା ଯାଉଥିବା ପ୍ରତିଟି ପୁଣ୍ୟକର୍ମ ହେଉଛି ଧର୍ମ। ଆମ ପୂର୍ବଜମାନେ ମଧ୍ୟ କହି ଯାଇଛନ୍ତି 'ଧାରୟତି ଇତି ଧର୍ମ', ଅର୍ଥାତ୍ ଯିଏ/ ଯାହା ଧାରଣ କରେ, ତାହା ହିଁ ଧର୍ମ।

ଧର୍ମର ସଂଜ୍ଞା ନିରୂପଣ କରିବାକୁ ଯାଇ ମହର୍ଷି କଣାଦ କୁହନ୍ତି, 'ଯତୋ ଅଭ୍ୟୁଦୟ-ନିଃଶ୍ରେୟସ-ସିଦ୍ଧିଃ, ସ ଧର୍ମ।' ଅର୍ଥାତ୍, ଯାହା ଭୌତିକ, ଆଧ୍ୟାତ୍ମିକ ତଥା ଭାବାତୀତ ଉତ୍ଥାନ, ଅଗ୍ରଗତି ଏବଂ ସଫଳତା ଦେଇଥାଏ; ତାହା ହିଁ ଧର୍ମ। ଚାଣକ୍ୟଙ୍କ ମତରେ 'ସୁଖସ୍ୟ ମୂଳମ୍ ଧର୍ମଃ।' ଅର୍ଥାତ୍, ସମସ୍ତ ସୁଖର ମୂଳ ହେଉଛି ଧର୍ମ। ସଠିକ୍ ଅର୍ଥରେ କହିବାକୁ ଗଲେ, ଯାହା ମଣିଷ ବା ମାନବେତର ପ୍ରାଣୀମାନଙ୍କୁ ସୁଖ ପ୍ରଦାନ କରେ, ତାହା ହେଉଛି ଧର୍ମ ଆଉ କାୟ-ମନୋ-ବାକ୍ୟରେ ଯିଏ ଆପଣାର ଧର୍ମ ପାଳନ କରୁଥାଏ ଅଥବା ଧର୍ମ ପରାୟଣ ହୋଇଥାଏ, ସେମିତି ମଣିଷଟିକୁ କୁହାଯାଏ ଧାର୍ମିକ। ତେବେ ଏଇଠି କୋଉ ଧର୍ମ ପାଳନ କରୁଥିବା ମଣିଷକୁ ଆମେ ଧାର୍ମିକ କହିବା? ତାହା ପ୍ରକୃତିନ୍ୟସ୍ତ ଧର୍ମ ନା ମାନବସୃଷ୍ଟ ଧର୍ମ?

ସମଗ୍ର ବିଶ୍ୱରେ ଆମେ ମଣିଷମାନେ ଯେଉଁ ଧର୍ମର ସୁରକ୍ଷା ଅଥବା ପାଳନ ପାଇଁ ଆଜି ପରସ୍ପର ସହିତ କଳହ/ ସଂଘର୍ଷରତ, ସେଇ ଧର୍ମ ହେଉଛି ମାନବ ସୃଷ୍ଟ। ଏହା ଅବଶ୍ୟ ପରିବର୍ତ୍ତନଶୀଳ। ଯେ କୌଣସି ଏକ ଧର୍ମାବଲମ୍ବୀ ପରିବାରରେ ଜନ୍ମିତ ହୋଇଥାଉ ନା କାହିଁକି, ଜଣେ ଚାହିଁଲେ ସେ ପାଳନ କରି ଆସୁଥିବା ତା'ର ଧର୍ମକୁ ଯେ କୌଣସି ସମୟରେ ବଦଳେଇ ଆପଣା ମନ ପସନ୍ଦର ଏକ ନୂତନ ଧର୍ମରେ ଦୀକ୍ଷିତ ହୋଇ ପାଳନ କରିପାରେ। ଗଭୀର ଆସ୍ଥା ଏବଂ ବିଶ୍ୱାସକୁ ପାଥେୟ କରି ଏଇ ଧର୍ମ ତିଷ୍ଠି ରହିଥାଏ। ମାନବ ସୃଷ୍ଟ ଯେ କୌଣସି ଏକ ଧର୍ମ ଉପରୁ ମଣିଷ ଯଦି ଥରେ ଆସ୍ଥା ହରେଇ ବସେ, ତେବେ ଧାର୍ମିକ ସଂପର୍କ ତୁଟେଇବାକୁ ବେଶି ବେଳ ଲାଗେନାହିଁ। ଏହା କେବେହେଲେ ସାର୍ବଜନୀନ ମଣିଷର ଧର୍ମ ନୁହେଁ, ଏହା ନିଶ୍ଚିତ ରୂପେ ଗୋଟିଏ ଗୋଟିଏ ଗୋଷ୍ଠୀ/ ସଂପ୍ରଦାୟର ଧର୍ମ।

ଅପର ପକ୍ଷରେ, ପ୍ରକୃତି ନ୍ୟସ୍ତ ବା ଈଶ୍ୱରଦତ୍ତ ଧର୍ମ ହେଉଛି ଅପରିବର୍ତ୍ତନୀୟ। ଏଇ ଧର୍ମରେ ଆବଦ୍ଧ ରହିଥିବା ପ୍ରତିଟି ବସ୍ତୁ, ସିଏ ସଜୀବ ହେଉ କି ନିର୍ଜୀବ, ପ୍ରାଣୀ ହେଉ କି ଉଦ୍ଭିଦ, ଗ୍ରହ ହେଉ କି ନକ୍ଷତ୍ର, ସମସ୍ତେ ଆପଣା ଆପଣାର ଗୁଣ/ ସ୍ୱଭାବ/ ଧର୍ମ ଦ୍ୱାରା ସୃଷ୍ଟି ପ୍ରାରମ୍ଭରୁ ପରିଚାଳିତ ହୋଇ ଆସୁଛନ୍ତି। ଏହାକୁ ବଦଳେଇବା ମଣିଷର ସାଧ୍ୟାତୀତ। ତେଣୁ ପ୍ରକୃତି ଦ୍ୱାରା ମଣିଷମାନଙ୍କ ପାଇଁ ଧାର୍ଯ୍ୟ କରା ଯାଇଥିବା ନୀତି, ନିୟମ ବା ଧର୍ମ ହେଉଛି ମାନବ ଧର୍ମ। ସ୍ନେହଶ୍ରଦ୍ଧା, ଦୟାକ୍ଷମା ଭଳି ମହତ ଗୁଣସବୁ ସମଗ୍ର ବିଶ୍ୱର ପ୍ରତିଟି ମଣିଷଙ୍କ ପାଖରେ ଜନ୍ମରୁ ରହିଥାଏ, ଯାହା କଦାଚିତ୍ ବଦଳିବାର ସମ୍ଭାବନା ଥାଏ। ସେଇଥିପାଇଁ ତ କୁହାଯାଏ, 'ପ୍ରକୃତି ନୈବ ମୁଚ୍ୟତେ। ଯଦି ମୁଚ୍ୟତେ ସନୈ ସନୈ।' ପ୍ରକୃତି (ସ୍ୱଭାବ, ଚରିତ୍ର ବା ଧର୍ମ) ବଦଳେ ନାହିଁ। ଯଦି ବଦଳେ ତ ଆସ୍ତେ ଆସ୍ତେ ବା ମନ୍ଥର ଗତିରେ।

ବଡ଼ ଦୁଃଖର କଥା ଏୟା ଯେ ଆଜିକାଲି ଧର୍ମ ନାମରେ ଯାବତୀୟ ରାଜନୀତି ଚାଲିଛି ଦେଶେ ଦେଶେ, ଅତ୍ର ତତ୍ର ସର୍ବତ୍ର। ଧର୍ମର ସୁରକ୍ଷା ଓ ପ୍ରତିଷ୍ଠା ନାମରେ ପ୍ରଦର୍ଶିତ ହେଉଛି ସଶସ୍ତ୍ର ହିଂସା, ଗୋଷ୍ଠୀ କନ୍ଦଳ। ସମଗ୍ର ପୃଥିବୀବାସୀଙ୍କ ଏତାଦୃଶ କ୍ରୁର ଆଚରଣ ଦେଖିଲେ ନିଜକୁ ମଣିଷ ବୋଲି ପରିଚୟ ଦେବାକୁ ଲାଜ ଲାଗେ। ଧାର୍ମିକ ଦଙ୍ଗା, ହତ୍ୟା, ବିଭୀଷିକା କ'ଣ ମଣିଷର ପ୍ରକୃତ ଧର୍ମ? ଉଗ୍ର ହିଂସା ପ୍ରଦର୍ଶନ ଦ୍ୱାରା କିପରି ଭାବେ, କେଉଁ ଧର୍ମ ପ୍ରତିଷ୍ଠିତ ହୁଏ? ଏହା କେବଳ କିଛି ବିକୃତ ମସ୍ତିଷ୍କ ମଣିଷଙ୍କ ନାରକୀୟ କର୍ମ। ଏହା ଦ୍ୱାରା କୌଣସି ଧର୍ମ ପ୍ରତିଷ୍ଠିତ ହୁଏ ନାହିଁ। ବରଂ ମାନବ ସଭ୍ୟତା ଅଚିରେ ଧ୍ୱଂସ ହୁଏ।

ଧର୍ମକୁ ବୁଝିବାକୁ ହେଲେ ଗଭୀର ଭାବେ ଜୀବନକୁ ଅଧ୍ୟୟନ ଆଉ ଅନୁଶୀଳନ କରିବାକୁ ପଡ଼େ। ଯିଏ ଅନ୍ୟର ଆତ୍ମାକୁ ଚିହ୍ନି ପାରେନାହିଁ, ସିଏ ମଣିଷର ଧର୍ମକୁ କ'ଣ ଜାଣିବ? ତେଣୁ ପ୍ରଥମେ ମଣିଷ ହୁଅ। ପରେ କୋଉ ଧର୍ମ ପାଳନ କରିବ କି ଧାର୍ମିକ ବୋଲାଇବ, ତାହା ସ୍ଥିର କରିବ। ଆଜିକାଲି ବିଶ୍ୱର ପ୍ରତିଟି ଧର୍ମରେ ଆତ୍ମଘୋଷିତ ତଥାକଥିତ ଗୁରୁମାନଙ୍କର ଅଭାବ ନାହିଁ, ଯେଉଁମାନେ ନିଜର ସୀମିତ ଦୃଷ୍ଟିକୋଣକୁ ନେଇ ଧର୍ମର ବ୍ୟାଖ୍ୟା କରିବାକୁ ଯାଇ ମଣିଷ ମନରେ ମଣିଷମାନଙ୍କ ପ୍ରତି ଘୃଣାଭାବ ସୃଷ୍ଟି କରି ଚାଲିଛନ୍ତି। ବାସ୍ତବରେ ସେମାନେ ସମସ୍ତେ କ'ଣ ଧର୍ମର ପ୍ରକୃତ ମର୍ମାର୍ଥ ବୁଝି ପାରିଥାନ୍ତି? କେଜାଣି, ବୁଝିଥାଇ ପାରନ୍ତି। ହେଲେ ତାଙ୍କର ଆଚରଣ ଏବଂ ଉଚ୍ଚାରଣକୁ ପରଖି ଦେଖିଲେ ମନରେ ସନ୍ଦେହ ଜାତ ହେବା ସ୍ୱାଭାବିକ।

ମାଟି ଉପରେ ଥାଇ ପହଁରିବା କୌଶଳ ଶିଖେଇ ଦେଇ ପାରିବେ ଯେ କୌଣସି ଲୋକ। ଏସବୁ 'ପହଁରା ଶିଖିବାର କଳା ଓ କୌଶଳ' ନାମକ ବହିରେ ବିସ୍ତୃତ ବର୍ଣ୍ଣନା ସହିତ ଖୁବ୍ ସୁନ୍ଦର ଭାବେ ଲେଖା ଯାଇଛି। ହେଲେ ବାସ୍ତବ ଜୀବନରେ ତା'ର ମାନେ କ'ଣ? ଏଇ ପୁସ୍ତକଲବ୍ଧ ଜ୍ଞାନ କ'ଣ ବାସ୍ତବରେ କାମରେ ଲାଗିପାରେ ଅଥଳ ଜଳକୁ ଓହ୍ଲାଇବା ପରେ? ମାଟି ଉପରର ପରିବେଶ କି ପରିସ୍ଥିତି ନଥାଏ ପାଣି ଭିତରେ। ଯଦି ପାଣି ପହଁରିବାର ପ୍ରୟୋଗାତ୍ମକ ବା ବ୍ୟବହାରିକ ଜ୍ଞାନ ଆପଣଙ୍କ ପାଖରେ ନାହିଁ, ତେବେ ମିଛ ଜ୍ଞାନର ଅହମିକାରେ ଅଥଳ ଜଳରେ ବୁଡ଼ି ମରିବା ସାର ହୁଏ ଯାହା। ତେଣୁ ପ୍ରଥମେ ମଣିଷକୁ ଭଲ ପାଇବା ଅଭ୍ୟାସ କରିବା ଉଚିତ। ତତ୍‌ପଶ୍ଚାତ୍ ଧର୍ମ ଚର୍ଚ୍ଚା କଲେ ସୁନ୍ଦର ହେବ।

ଧର୍ମ ବିଷୟରେ ଆଲୋଚନା କି ସମାଲୋଚନା କଲାବେଳେ ପୋଥି ପୁରାଣର ଉଦାହରଣ ଦେଇ ଯୁଦ୍ଧଂ ଦେହି ଡାକରା ଦେବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ ଆମ ଭିତରୁ ଅନେକ ଲୋକ, ତଥାକଥିତ ପ୍ରାଜ୍ଞ ପୁରୁଷମାନେ। ବାସ୍ତବରେ ଦେଖିବାକୁ ଗଲେ, ଏଇ ପୁସ୍ତକଲବ୍ଧ ଜ୍ଞାନ ଟିକକ ହେଉଛି ଲେଖକର ଲେଖକୀୟତାର ଅନ୍ଧ ସ୍ୱୀକୃତି। ତା' ବ୍ୟତୀତ ଅନ୍ୟ କିଛି ନୁହେଁ। ପୁସ୍ତକରେ ଲିପିବଦ୍ଧ ଥିବା ସବୁତକ ଜ୍ଞାନ ଯେ ଅକାଟ୍ୟ, ଏହାର କିଛି ସ୍ଥିର ନିଶ୍ଚିତତା ଅଛି କି? ଏହା ଅବଶ୍ୟ ଏକ ଧ୍ରୁବ ସତ୍ୟ ଯେ ଲେଖକଟିଏ ଯାହା ଲେଖେ, ତାହା ତା'ର ଅନୁଭୂତିସିଦ୍ଧ ଅଥବା ଉଦ୍ଭଟ କଳ୍ପନା ପ୍ରସୂତ ହୋଇପାରେ। ତାକୁ କାୟ-ମନୋ-ବାକ୍ୟରେ ଆମେ ଗ୍ରହଣ କରିବା ପୂର୍ବରୁ ତା'ର ସତ୍ୟାସତ୍ୟ ପରଖି ନେବାରେ ଅସୁବିଧା କ'ଣ?

ଲମ୍ବା ଦାଢ଼ି ରଖିଦେଲେ କି ଜଟାଜୁଟ ମଣ୍ଡିତ ହୋଇଗଲେ କେହି କେବେ ହୋଇଯାଏ ନାହିଁ ଯୋଗୀ, ସନ୍ନ୍ୟାସୀ କି ଋଷି ମୁନି। ଅଥବା ନିତିଦିନ ଭୋଗଥାଳି ହାତରେ କୌଣସି ଦେବସ୍ଥଳୀକୁ ଯାଉଥିବା ଲୋକଟି ହୋଇଯାଏ ନାହିଁ ଧାର୍ମିକ। ଏମିତିରେ ତ ମାଳମାଳ ସ୍ୱଘୋଷିତ ଭଣ୍ଡବାବା/ ଭଗବାନ ମହିମା ମଣ୍ଡିତ ହୋଇ ବୁଲୁଛନ୍ତି ଏଇ ସସାଗରା ଧରା ବୁକୁରେ। ଧର୍ମକୁ ନେଇ ବେପାର/ ବ୍ୟବସାୟ କରୁଥିବା ଲୋକଙ୍କର ବି ଅଭାବ ନାହିଁ। ବଡ଼ ବଡ଼ କଥା ହାଙ୍କୁଥିବା ନୀତି ନୈତିକତା ବର୍ଜିତ ଅନେକ ମହାନ୍ ପୁରୁଷ ଅଛନ୍ତି, ଯେଉଁମାନଙ୍କ ଅନ୍ଧ ଅନୁଗାମୀଙ୍କ ବି ଅଭାବ ନାହାନ୍ତି ସାରା ସଂସାରରେ। ସେଇ ଭଣ୍ଡମାନଙ୍କ ଭିତରୁ ଅନେକେ ତ ଏବେ ଶୋଭା ବର୍ଦ୍ଧନ କରୁଛନ୍ତି ଦେଶ ବିଦେଶରେ ରହିଥିବା ବନ୍ଦୀଶାଳାମାନଙ୍କର। ଏଇ କପଟାଚାରୀଙ୍କ ପାଇଁ ନିନ୍ଦିତ ହେଉଛନ୍ତି ଅସଲି ସାଧୁ ସନ୍ଥ, ଏପରିକି ସେମାନେ ପ୍ରଚାର କରୁଥିବା ଧର୍ମ ମଧ୍ୟ। ତେବେ ଏଇ ଭଣ୍ଡ ବାବାମାନଙ୍କୁ ଚିହ୍ନିବାର ସରଳ ସୂତ୍ର କିଛି ଅଛି କି? ବୋଧହୁଏ ସେମିତି କିଛି ନାହିଁ। କାହିଁକି ନା ଯେଉଁମାନଙ୍କୁ ଆଜି ଆମେ ଭଣ୍ଡ ପାପାଚାରୀ ବୋଲି ନିନ୍ଦୁଛୁ, ସେମାନେ ବି ଦିନେ ଆମ ସମସ୍ତଙ୍କର ଥିଲେ ନମସ୍ୟ, ଆଦରର ଧନ। ଥିଲେ ମଧ୍ୟ ଆମ ସମସ୍ତଙ୍କ ପାଇଁ ଆଦର୍ଶ। ତାଙ୍କ ବଚନ ଅମୃତ ପାନ କରିବାକୁ ଥିଲେ ମଧ୍ୟ ଆମେ ସମସ୍ତେ ଅତ୍ୟନ୍ତ ଲାଳାୟିତ। ତାଙ୍କ ମୁଖ ସ୍ଫୁରିତ ବାଣୀ ଥିଲା ଆମ ସମସ୍ତଙ୍କ ପାଇଁ ଅଲଂଘ୍ୟ ବେଦବାକ୍ୟ। ସେମାନଙ୍କ ଶିଷ୍ୟ ହେବାକୁ ଆମେ ଗୌରବ ମଣୁଥିଲୁ ସେତେବେଳେ। ହେଲେ କାଳର କରାଳ ପ୍ରବାହରେ ଆଜି ଖୋଲି ଯାଇଛି ସେମାନଙ୍କ ମୁଖା, ପରସ୍ତ ପରସ୍ତ ମୁଖା। ତଥାପି ମଣିଷମାନଙ୍କୁ ଭଣ୍ଡିବା ପାଇଁ, ଅନନ୍ତ କାଳ ପର୍ଯ୍ୟନ୍ତ ଅନୁଗତ ମେଣ୍ଢା ବନେଇ ରଖିବା ପାଇଁ ଧର୍ମର ଦ୍ୱାହି ଦେଇ ଚାଲିଛନ୍ତି ତଥାକଥିତ ବତୁରମାନେ, ସ୍ୱାର୍ଥସର୍ବସ୍ୱ ରାଜନୈତିକ ତଥା ଧାର୍ମିକ ନେତାମାନେ।

ଆବ୍ରାହମ୍ ଲିଙ୍କନ୍ କୁହନ୍ତି, 'ଦୀର୍ଘ ସମୟ ପର୍ଯ୍ୟନ୍ତ ଦୁନିଆକୁ ମୂର୍ଖ ବନା ଯାଇ ପାରିବ ନାହିଁ, ହେଲେ ଧର୍ମ ହେଉଛି ଏମିତି ଏକ କ୍ଷେତ୍ର, ଯେଉଁଠି ଲୋକେ ପିଢ଼ି ପରେ ପିଢ଼ି ମୂର୍ଖ ବନି ଚାଲିଥାନ୍ତି।' କେବଳ ସେଇଥିପାଇଁ ଆଜି ସମଗ୍ର ବିଶ୍ୱରେ ଚତୁର ରାଜନୈତିକ ବ୍ୟକ୍ତିବିଶେଷମାନେ ଧର୍ମକୁ ସମ୍ମୁଖ ଭାଗରେ ରଖି ରାଜନୈତିକ ଗୋଟି ଚାଳନା କରି ଚାଲିଛନ୍ତି, ଆଉ ଗଡ୍ଡାଳିକା ପ୍ରବାହରେ ଆମେ ଯେତେକ ମେଣ୍ଢାସୁରିଆ ମଣିଷମାନେ ସେମାନଙ୍କୁ ଆଖି ବୁଜି ସମର୍ଥନ ଦେଇ ଚାଲିଛୁ, ଅନୁଗତ ହୋଇ ଆସୁଛୁ। ଏହା ଅବଶ୍ୟ ସତ ଯେ ମଣିଷର ଲହୁ ଲୁହରେ ହୋଲି ଖେଳିବାକୁ ଖୁବ୍ ଭଲ ପାଆନ୍ତି ଆମର ଅତିପ୍ରିୟ ରାଜନୈତିକ ବ୍ୟକ୍ତିବିଶେଷମାନେ। ଅତି ସନ୍ତର୍ପଣରେ ଚତୁରତାର ସହିତ ଧର୍ମ ନାମରେ ଆମ ସମସ୍ତଙ୍କ ବ୍ରେନ୍ ୱାଶ୍ କରି ଚାଲିଛନ୍ତି ସେମାନେ। ଧର୍ମର କାଦମ୍ବରୀ ପାନରେ ଆମେ ସମସ୍ତେ ଏବେ ହୋଇ ଚାଲିଛେ ମାତାଲ। ଏବେ ଆମର ମାନସିକ ସ୍ଥିତି ଏମିତି ଯେ ଧର୍ମ ରକ୍ଷା ନାମରେ କାହାକୁ ମାରିବାକୁ ନହେଲେ ମରିବାକୁ ବି ଆମେ ପ୍ରସ୍ତୁତ, ଯାହାର ଫଳଶ୍ରୁତି ହେଉଛି ଆଜିକାର ଦେଶେ ଦେଶେ ସୃଷ୍ଟି ହୋଇ ଚାଲିଥିବା ଗୃହଯୁଦ୍ଧ ପରିସ୍ଥିତି। ଏହାଦ୍ୱାରା ନିଃସନ୍ଦେହରେ ନେତାମାନେ ଲାଭାନ୍ୱିତ ହେଉଥିବା ବେଳେ ସର୍ବାଧିକ ପରିମାଣରେ କ୍ଷତିଗ୍ରସ୍ତ ହେଉଛି ମଣିଷ ଏବଂ ତା'ର ମାନବିକତା।

ଏଇ ପରିବେଶ ଆଉ ପରିସ୍ଥିତିକୁ ଦୃଷ୍ଟିରେ ରଖି ହେ ବିଜ୍ଞ ମଣିଷମାନେ ଉଠ, ଜାଗ୍ରତ ହୁଅ। ଧର୍ମର ଅଫିମ ଖାଇ ଆଉ କେତେ ଦିନ ବିଚାର ଶକ୍ତି ରହିତ ମେଣ୍ଢା ସାଜି ଚାଲିଥିବା ଆମେମାନେ? ମୂର୍ଖ ଭଳି ମୋହାଚ୍ଛନ୍ନ ହୋଇ ପର ଗୋଡ଼ାଣିଆ ସାଜିଥିବା ଆଉ କେତେ ଦିନ? ଆଉ କେତେ ଦିନ ପର୍ଯ୍ୟନ୍ତ ପର କଥାରେ ପଡ଼ି ନିଜ ଭାଇ ବିରାଦରୀ ସହିତ ଲଢ଼େଇ କରୁଥିବା ଅହର୍ନିଶ? ଏବେ ଆଖି ଖୋଲିବାର ବେଳ, ସଚେତନ ହେବାର ବେଳ, ପ୍ରଜ୍ଞା ଜାଗ୍ରତ କରିବାର ବେଳ, ମଧୁମୟ ଜଗତକୁ ଥରେ ମନ ଭରି ଦେଖିବା ସହିତ ଉପଭୋଗ କରିବାର ବେଳ ଉପଗତ। ମଣିଷକୁ ଭଲ ପାଉଥିବା କେହି ଜଣେ ବିଜ୍ଞ କବି ଯଥାର୍ଥରେ କହିଛନ୍ତି- 'ଶୁଣ ହୋ ମଣିଷ ଭାଇ, ସବୁରି ଉପରେ ମଣିଷ ଶ୍ରେଷ୍ଠ, ତା' ଉପରେ କେହି ନାହିଁ।'

ଭାରତୀ କୁଟୀର, ଡୁଙ୍ଗୁରିପାଲି
ସୁବର୍ଣ୍ଣପୁର, ମୋ: ୯୪୩୭୬୪୦୩୧୬

## ଶ୍ମଶାନଘାଟ ପରିସରରେ ବୃକ୍ଷରୋପଣ

**ଚରିଛକ,୬।୬/ଏନ୍ଏନ୍ଏସ୍:** ଚରିଛକ ନିକଟସ୍ଥ ରତନପୁର ଗ୍ରାମ ପଞ୍ଚାୟତର ବନମାଳିପୁର ଶ୍ମଶାନ ଘାଟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କବିରାଜ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟର ଅଧକ୍ଷ ଡକ୍ଟର କେଦାରନାଥ ସାହୁଙ୍କ ତତ୍ତ୍ୱାବଧାନରେ ଆରମ୍ଭ କରାଯାଇଛି । ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଔଷଧୀୟ ଚାରା ଯଥା ଅର୍ଜୁନ, ଅଶୋକ, ବେଲ, ଗଙ୍ଗଶିଉଳି, ଶିଶୁ, ବ୍ରାହ୍ମୀ, କୁଆଁଣି, ଅଶ୍ୱଗନ୍ଧା, ତେଜପତ୍ର, ଡାଲ୍ଚିନି , ପିପଳି, ବଉଳ, ଉଦମ୍ବର, ଗୋଖରା, ନଡ଼ିଆ, ଗୁଆ, ଓଲଟ ଦେବଦାରୁ କୃଷ୍ଣଚୂଡ଼ା, ରାଧାଚୂଡ଼ା, କାଠ ବାଦାମ, ବେଲ, ଅଶୋକା, ପ୍ରଭୃତି ଚାରା ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସଭ୍ୟ ସୁରେଶ ଚନ୍ଦ୍ର ସାହୁ, ରମେଶ ବେହେରା, ପ୍ରଶାନ୍ତ କଟିକିଆ ମଡିଆ ଭୋଇ, ଚୈତନ୍ୟ ଭୋଇ ସହଯୋଗ କରିଥିଲେ ।

### ରଥଯାତ୍ରା ଅବସରରେ ନଗର ଉନ୍ନୟନ ବିଭାଗର ସମୀକ୍ଷା ବୈଠକ

# ପରିବେଶ ସ୍ୱଚ୍ଛ ନ ରଖିଲେ ଫାଇନ୍



**ପୁରୀ,୬।୬/ଏନ୍ଏନ୍ଏସ୍:** ରଥଯାତ୍ରା ରେ ନଗର ଉନ୍ନୟନ ବିଭାଗ ପାଇଁ ଅନେକ ଆହ୍ୱାନ ରହିଥାଏ । ଏହାକୁ ସମ୍ମିଳିତ ଭାବେ କାର୍ଯ୍ୟ କରି, ଉନ୍ନତ ସେବା ଯୋଗାଇ ଶୃଙ୍ଖଳିତ ରଥଯାତ୍ରାକୁ ସଫଳ କରିବା ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ । ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ନଗର ଉନ୍ନୟନ ବିଭାଗ ର ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଆଜି ଅପରାହ୍ଣରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ଅବସରରେ ବଡ଼ଦାଣ୍ଡ ଓ ପୁରୀ ସହରରେ ଗ୍ରହଣ କରାଯାଇଥିବା ଓ ରଥଯାତ୍ରା ପାଇଁ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ଯାତ୍ରୀମାନଙ୍କ ସୁସ୍ଥ ଓ ସୁରକ୍ଷିତ ଦର୍ଶନ ପାଇଁ ନଗର ଉନ୍ନୟନ ବିଭାଗ ଏକ ପ୍ରମୁଖ ମାଧ୍ୟମ । ସହରକୁ ସଫା ସୁତୁରା ରଖିବା, ସୁସ୍ଥ ପରିବେଶ ସୃଷ୍ଟି କରିବା, ଶୌଚାଳୟ ବ୍ୟବସ୍ଥା କରିବା, ପାର୍କିଂ, ଆଲୋକିକରଣ ଇତ୍ୟାଦି ସମସ୍ତ କାର୍ଯ୍ୟ ର ସୁପରିଚାଳନା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ । ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଲା କାର୍ଯ୍ୟସୂଚୀ ଅନୁସାରେ ପୁରୀ ମହାନଗର ନିଗମର ବିବିଧ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ସର୍ବାଧିକ ଗୁରୁତ୍ୱ ସ୍ୱଚ୍ଛତା ଉପରେ ଦିଆଯିବା ସହ ସମସ୍ତ ନାଗରିକ ମାନଙ୍କୁ ସଚେତନ କରାଯିବ । କେହି ସ୍ୱଚ୍ଛତା ନିୟମ ଉଲ୍ଲଙ୍ଘନ କରୁଥିଲେ ତାଙ୍କୁ ଫାଇନ କରାଯିବ । ଲଗାତାର ଏନଫୋର୍ସମେଣ୍ଟ କରାଯିବ, ୩୦ ଜୁନ ସୁଦ୍ଧା ସମସ୍ତ ଡ୍ରେନ ରେ ସ୍ଲାବ ପଡିବ, ଜବରଦଖଲ ଉଚ୍ଛେଦ ସହ ସ୍ୱଚ୍ଛତା ପ୍ରତି ଏନଫୋର୍ସମେଣ୍ଟ ଟିମ ଦୃଷ୍ଟି ଦିଆଯିବ । ଅଧିକ ଲୋକ ଲଗାଯାଇ ପୁରା ସହରକୁ ନିରବଛିନ୍ନ ପରିଷ୍କାର ପରିଚ୍ଛନ୍ନତା ରଖାଯିବ । ପାର୍କିଂ ସ୍ଥଳ ଉନ୍ନତି ସହ ସେଠାରେ ଡ୍ରାଇଭର ବିଶ୍ରାମ ସ୍ଥାନ, ରଥଯାତ୍ରାରେ ଅଧିକ ଶୌଚାଳୟର ବ୍ୟବସ୍ଥା କରାଯିବ । ଡ୍ରେନ୍ ସଫା ତ୍ୱରାନ୍ୱିତ କରାଯାଇଛି । ରାସ୍ତାରେ ବୁଲୁଥିବା ଗୋରୁଗାଈମାନଙ୍କୁ ଗୋଶାଳା ଅବା କାଞ୍ଜିଆହୁଦାରେ ରଖାଯିବ । ବର୍ଷା ହେଲେ ଯେଉଁଠାରେ ଜଳ ଜମିବା ଆଶଙ୍କା ରହୁଛି ତାହାକୁ ଚିହ୍ନଟ ସହ ତ୍ୱରିତ ଜଳ ନିଷ୍କାସନ ବ୍ୟବସ୍ଥା କରିବା, ଉଚ୍ଚଶକ୍ତି ସମ୍ପନ୍ନ ପମ୍ପ ରଖାଯିବା ସହ ହୋଟେଲମାନଙ୍କୁ ସଚେତନ କରାଯାଇ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଇଛି । ଚଳିତ ରଥଯାତ୍ରାରେ ବଡ଼ଦାଣ୍ଡରେ ଆଦୌ ରନ୍ଧାଖାଦ୍ୟ ଦିଆଯିବ ନାହିଁ । ଗଳିମାନଙ୍କରେ ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ ଅନ୍ନଦାନ ବ୍ୟବସ୍ଥା କରାଯିବ । ଯାହାଫଳରେ ପରିବେଶ ଅସ୍ୱଚ୍ଛ ରହିବ ନାହିଁ । ବିଭିନ୍ନ ସାଇନ୍ଏଜ ବା ସୂଚନା ଫଳକ ଲଗାଯାଇ ଖାଦ୍ୟ, ପାନୀୟ, ଚିକିତ୍ସା ଇତ୍ୟାଦି ସମ୍ପର୍କରେ ଲୋକଙ୍କୁ ସୂଚିତ କରାଯିବ, ପାନୀୟ ଜଳର ବ୍ୟବସ୍ଥା କରିବା, ଅସୁରକ୍ଷିତ ବିଲ୍ଡିଂକୁ ଚିହ୍ନଟ କରି ଉପଯୁକ୍ତ ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସମୀକ୍ଷା ବୈଠକରେ ଏସପି ପ୍ରତୀକ ସିଂ,ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ର ସ୍ୱତନ୍ତ୍ର ସଚିବ ବିନୟ କୁମାର ଦାସ,ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ କୃଷ୍ଣ ଚନ୍ଦ୍ର ସାମନ୍ତରାୟ, ରାମ ନାରାୟଣ ଗୋଛିକାର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ମହାନଗର ନିଗମର ଯୁଗ୍ମ ସଚିବ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଯୋଗଦେଇଥିଲେ ।

## ଏନ୍ଏସିର ୯ ପୋଖରୀ ନିଲାମ, ସାଢ଼େ ୩ଲକ୍ଷ ଟଙ୍କା ଆଦାୟ

**ଓଡ଼ଗାଁ,୬।୬/ଏନ୍ଏନ୍ଏସ୍:** ବର୍ଷବର୍ଷ ଧରି ରାଜସ୍ୱ ଆଦାୟରେ ପଛୁଆ ହୋଇ ରହିଥିବା ଓଡ଼ଗାଁ ଏନଏସି ଏବେ ରାଜ୍ୟରେ ଶୀର୍ଷ ସ୍ଥାନରେ ରହିଛି । ବିଭିନ୍ନ ଉପାୟରେ କରଆଦାୟ କରିବାରେ ସକ୍ଷମ ହୋଇଛି । ହୋଲ୍ଡି ଟ୍ୟାକ୍ସ ଠାରୁ ଆରମ୍ଭକରି ଦୋକାନୀଙ୍କ ଠାରୁ ଟିକସ ଓ କଲ୍ୟାଣମଣ୍ଡପ ଆଦିରୁ ଅର୍ଥ ଆଦାୟ କରାଯାଉଛି । ଏହି ସହରକୁ ସ୍ୱଚ୍ଛ ରଖିବାକୁ ଯେତିକି ପ୍ରୟାସ କରାଯାଉଛି ତାଠାରୁ ଟିକସ ଆଦାୟ କରିବାକୁ ଏନଏସି ଦିନରାତି ଏକକରି ଦେଇଛି । ସେତିକିନୁହେଁ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବା ପାଇଁ ପ୍ରୟାସ କରାଯାଉଛି ।ଆଜି ଏନଏସିର ଜଳାଶ୍ରୟ ଗୁଡିକର ପୁନରୁଦ୍ଧାର କରାଯାଇ ଆଜି ନିଲାମ ପ୍ରକ୍ରିୟା କରାଯାଇଛି । ଏଥିରେ ସମସ୍ତ ଗ୍ରାମବାସୀ, ଏନଏସି କର୍ମଚାରୀ ଓ ଅତିରିକ୍ତ ତହସିଲଦାର ପବିତ୍ର କୁମାର ସେଠି ଉପସ୍ଥିତରହି ୧୨ଟି ଜଳାଶୟରୁ ୯ଟି ଜଳାଶୟ ନିଲାମ କରାଯାଇ ସାଢ଼େ ୩ଲକ୍ଷ ଟଙ୍କା ଆଦାୟ ହୋଇଛି । କାର୍ଯ୍ୟକ୍ରମକୁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା ପରିଚାଳନା କରିଥିବା ଜଣାପଡ଼ିଛି ।

## ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ଦେବଦୂତ ସାଜିଲେ ବିଦ୍ୟୁତ୍ କର୍ମଚାରୀ

**ଟାଙ୍ଗୀ,୬।୬/ଏନ୍ଏନ୍ଏସ୍:** ରାତି ଅନ୍ଧାରରେ ଅଜଣା ଗାଡ଼ି ଧକ୍କାରେ ଗୁରୁତର ହୋଇ ଯନ୍ତ୍ରଣାରେ ଛଟପଟ ହେଉଥିବା ଏକ ପ୍ରେମୀଯୁଗଳଙ୍କ ପାଇଁ ବିଦ୍ୟୁତ୍ ବିଭାଗର କିଛି କର୍ମଚାରୀ ଦେବଦୂତ ସାଜି ସେମାନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିବା ଜଣାପଡିଛି । ସୂଚନାରୁ ପ୍ରକାଶ ଦୁଇଜଣ ପ୍ରେମୀଯୁଗଳ ଶୁକ୍ରବାର ବିଳମ୍ବିତ ରାତିରେ ଭୁବନେଶ୍ୱରର ଏକ କଲେଜରୁ ବାହାରି ସ୍କୁଟି ଯୋଗେ ୱେଷ୍ଟବେଙ୍ଗଲ୍ ଯାଉଥିବା ସମୟରେ ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ହରିଅନ୍ତା ନିକଟରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା । ଫଳରେ ଦୁଇ ଜଣ ରକ୍ତାକ୍ତ ଅବସ୍ଥାରେ ରାସ୍ତାକଡ଼ରେ ପଡ଼ିରହିଥିଲେ । ଅନେକ ସମୟରେ ରାତି ସମୟରେ ରାଜପଥରେ ଦୁର୍ଘଟଣା ଘଟିଲେ ଅସାମାଜିକ ବ୍ୟକ୍ତିମାନେ ଦୁର୍ଘଟଣାଗ୍ରସ୍ତମାନଙ୍କୁ ସାହାଯ୍ୟ କରିବା ବଦଳରେ ସେମାନଙ୍କ ଠାରୁ ଲୁଟ୍ପାଟ୍ କରି ଚମ୍ପଟ ମାରନ୍ତି । ହେଲେ ଟାଙ୍ଗୀ ବିଦ୍ୟୁତ୍ ସେସୁ କର୍ମଚାରୀମାନେ ମାନବିକତାର ପରିଚୟ ଦେଇ ଉକ୍ତ ଯୁବକ ଯୁବତୀଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ କଟକ ମେଡିକାଲ ପଠାଇବା ସହ ରାଜପଥ ପୁଲିସକୁ ଖବର ଦେଇ ସ୍କୁଟିଟିକୁ ପୁଲିସ ଜିମା ଦେଇଥିଲେ ।

## ରାଷ୍ଟ୍ରୀୟ ସଦ୍ଭାବନା ମଞ୍ଚ ତରଫରୁ ବିଶ୍ୱ ପରିବେଶ ଦିବସ

**ପୁରୀସଦର,୬।୬/ଏନ୍ଏନ୍ଏସ୍:** ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟ ଅଧୀନ ମାଇଁ ଭାରତ କେନ୍ଦ୍ର, ପୁରୀ ଜିଲ୍ଲା ଏବଂ ରାଷ୍ଟ୍ରୀୟ ସଦଭାବନା ମଞ୍ଚ ତରଫରୁ ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣିଆ ଗ୍ରାମ ପଞ୍ଚାୟତର ବ୍ରାହ୍ମଣିଆ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ବିଶ୍ୱ ପରିବେଶ ଦିବସ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଆଇନଜୀବୀ ଦିଗମ୍ବର ବେହେରା ଅଧକ୍ଷତା କରିଥିଲେ । ସ୍ଥାନୀୟ ସରପଞ୍ଚ ନିରଞ୍ଜନ ସେଠୀ ମୁଖ୍ୟ ଅତିଥି ରୁପେ ଯୋଗଦେଇ ପରିବେଶ ସୁରକ୍ଷା ରେ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ବ୍ରହ୍ମଗିରି ଓକିଲ ସଂଘ ସଭାପତି ଆଇନଜୀବୀ ରମା ଶଙ୍କର ପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ ।ଆମ ସଂସ୍କୃତି ଦାରୁ ବୃକ୍ଷ ଆଧାରିତ । ଜନ୍ମର ଏନ୍ତୁଡ଼ିଶାଳରୁ ମରଣର ଜୁଇ ଶେଯ ପର୍ଯ୍ୟନ୍ତ ବୃକ୍ଷର ଆବଶ୍ୟକତା ରହିଛି । ବର୍ତ୍ତମାନ ପୃଥିବୀ ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ଘଟି ଚାଲିଛି । ବିଶ୍ୱ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ହେବାରେ ଲାଗିଛି । ଏହାକୁ ସ୍ଥାନୀୟ ସ୍ତରରେ ମୁକାବିଲା କରିବାକୁ ହେଲେ ବ୍ୟାପକ ବୃକ୍ଷ ରୋପଣ କରିବାକୁ ହେବ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟା ବବିତା ସ୍ୱାଇଁ, ସମାଜସେବୀ ସସ୍ମିତା ସାହୁ, ବ୍ରହ୍ମା କୁମାରୀ ଭଗ୍ନୀ ମଞ୍ଜୁଲତା ଦେବୀ, ଟୁଇଟର ଆକ୍ଟିଭିଷ୍ଟ ବିସ୍ମୟ ମିଶ୍ର, ଅକ୍ଷୟ ଜେନା, ସମାଜସେବୀ ପ୍ରଦୀପ କୁମାର ମହାରଣା ପ୍ରମୁଖ ଯୋଗଦାନ କରି ବିଶ୍ୱ ତାପାୟନ, ଜଳବାୟୁ ପରିବର୍ତ୍ତନ ଓ ବ୍ୟାପକ ବୃକ୍ଷ ରୋପଣ ସମ୍ପର୍କରେ ଆଲୋଚନା କରିଥିଲେ । ଅତିଥିମାନେ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ବିଭିନ୍ନ ଫଳଚାରା ରୋପଣ କରିଥିଲେ । ପୂର୍ବରୁ ଆୟୋଜିତ ହୋଇଥିବା ପରିବେଶ ସୁରକ୍ଷା ସମ୍ପର୍କୀତ ବକ୍ତୃତା ପ୍ରତିଯୋଗିତାର ଚାରିଜଣ ବିଜେତାଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ସହିତ ସମ୍ମାନିତ କରାଯାଇଥିଲା । ପ୍ରାରମ୍ଭରେ ଷ୍ଟଡି କମ୍ପ୍ଲେକ୍ସର ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ରାଷ୍ଟ୍ରୀୟ ସଦଭାବନା ମଞ୍ଚ ଅଧକ୍ଷା ସ୍ୱର୍ଣ୍ଣଲତା ଜେନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଉପାଧକ୍ଷ ସଞ୍ଜୟ ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । ଆବାହକ ସମୀର କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଶତାଧିକ ମହିଳା, ଚାଷୀ, ଯୁବକ, ଯୁବତୀ ଓ ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିଲେ ।

## ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ପେନ୍ସନ୍ ଅଦାଲତ

**ଖୋର୍ଦ୍ଧା,୬।୬/ଏନ୍ଏନ୍ଏସ୍:** ପ୍ରତ୍ୟେକ କାର୍ଯ୍ୟାଳୟରେ ଅବସର ଗ୍ରହଣ କରିବାକୁ ଯାଉଥିବା ସରକାରୀ କର୍ମଚାରୀମାନଙ୍କ ଚାକିରି ନିୟମିତୀକରଣ କରିବା ବିଭାଗୀୟ ଅଧିକାରୀମାନଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ । ପ୍ରତ୍ୟେକ କର୍ମଚାରୀ ମାନଙ୍କ ପେନସନ କାଗଜାତପତ୍ର ନିଶ୍ଚିତ ଭାବେ ଦୁଇମାସ ପୂର୍ବରୁ ଚୂଡାନ୍ତ ହୋଇ ପେନସନ ମଞ୍ଜୁରି କରୁଥିବା ଅଧିକାରୀ ଓ ମହାଲେଖାଗାର କାର୍ଯ୍ୟାଳୟକୁ ପଠାଇବାକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହେବା ଜରୁରୀ ଅଟେ । ଆଜି ପୂର୍ବାହ୍ନରେ ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ଜିଲ୍ଲାର ୮୬ ଗୋଟି ବିଭିନ୍ନ ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟର ୨୨୨ ଗୋଟି ପେନସନ କେସ ସମୀକ୍ଷା କରି ଉପରୋକ୍ତ ବିଷୟ ପ୍ରକାଶ କରି ୧୫ ଦିନ ମଧ୍ୟରେ କର୍ମଚାରୀ ମାନଙ୍କ ସ୍ଥଗିତ ଥିବା ପେନସନ କେସ ସମାଧାନ କରିବା ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ଭିଜିଲାନ୍ସ କେସ ଥିବା କର୍ମଚାରୀମାନଙ୍କ କେସ ଗୁଡ଼ିକର ସ୍ଥିତି ପରଖି ଜିଲ୍ଲା ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ଜିଲ୍ଲାର ସମସ୍ତ ତହସିଲ, ବ୍ଲକ, ବ୍ଲକ ଶିକ୍ଷାଧିକାରୀ, ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ, ପୂର୍ତ୍ତ, ବନଖଣ୍ଡ, ସ୍ୱାସ୍ଥ୍ୟ ବିଭାଗ, ପାନୀୟ ଜଳ, ଶିକ୍ଷା ଜଳ ବିଭାଜିକା, କୃଷି, ପରିବହନ, ଅବକାରୀ ଆଦି କାର୍ଯ୍ୟାଳୟ ଗୁଡିକର ପେନସନ କେସ ଗୁଡ଼ିକୁ ସମୀକ୍ଷା କରି ଅବସର କରୁଥିବା କର୍ମଚାରୀ ମାନଙ୍କୁ ଅବସର ଗ୍ରହଣ ଦିନ ଅସ୍ଥାୟୀ ପେନସନ ପ୍ରଦାନ କରିବା ସହ ସେମାନଙ୍କର ସ୍ଥାୟୀ ପେନସନ ପ୍ରଦାନ ଦିଗରେ ସମସ୍ତ କାର୍ଯ୍ୟ ଚୂଡାନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ, ଉପ ଅଧିକାରୀ, ବରିଷ୍ଠ ରାଜସ୍ୱ ସହାୟକ ଯୋଗଦେଇଥିଲେ ।

## ଶ୍ରୀରଘୁନାଥ ବୈଦିକ ବ୍ରାହ୍ମଣ ସମାଜର ବାର୍ଷିକ ସମ୍ମିଳନୀ



**ଓଡ଼ଗାଁ,୬।୬/ଏନ୍ଏନ୍ଏସ୍:** ଓଡ଼ଗାଁ କଲେଜ ରୋଡ ସ୍ଥିତ ହ୍ୱାଇଟ ହାଉସ ଠାରେ ଶ୍ରୀରଘୁନାଥ ବୈଦିକ ବ୍ରାହ୍ମଣ ସମାଜର ବାର୍ଷିକ ସମ୍ମିଳନୀ ଶନିବାର ସ୍ୱଅନୁଷ୍ଠିତ ହୋଇଯାଇଛି । ପ୍ରାୟ ୪୦ଟି ବ୍ରାହ୍ମଣ ପରିବାର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବାବେଳେ ସମାଜର ଅସ୍ଥାୟୀ ସଭାପତି ଭାବେ ବସନ୍ତ କୁମାର ମିଶ୍ର ଅଧକ୍ଷତା କରିଥିଲେ । ସର୍ବପ୍ରଥମେ ଦିବଂଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯିବାପରେ ନୂତନ କମିଟି ଗଠନର ଆହ୍ୱାନ ଦେଇଥିଲେ । ସେଥିରେ ସର୍ବ ସମ୍ମତିକ୍ରମେ ଭଗବାନ ଆଚାର୍ଯ୍ୟ ସଭାପତି, ସୁରେନ୍ଦ୍ରନାଥ ମିଶ୍ର ସମ୍ପାଦକ, ଗୋଦାବାରୀ ଷଡଙ୍ଗୀ ସହ ସମ୍ପାଦକ, ଜଳନ୍ଧର ରଥ କୋଷାଧକ୍ଷ, ବରିଷ୍ଠ ବ୍ରାହ୍ମଣ ସଭ୍ୟ ଅଖିଳ ମିଶ୍ର, ଶିବାରମ ଷଡଙ୍ଗୀ, ବୈକୁଣ୍ଠ ବିହାରୀ ମିଶ୍ର ଓ ଜଗଦୀଶ ମିଶ୍ର ଉପଦେଷ୍ଟା କମିଟି ସଭ୍ୟଭାବେ କାର୍ଯ୍ୟ କରିବାପାଇଁ ସ୍ଥିରୀକୃତ ହୋଇଥିଲା ।କିପରି ଭାବେ ସଂସ୍କାର ପୂର୍ଣ୍ଣ ସମାଜ ଗଠନରେ ବାହ୍ମଣ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ନିୟମିତ ଭାବେ ଗୀତାପାଠ,ବିଷ୍ଣୁ ସହସ୍ରନାମ ପାଠ, ବ୍ରାହ୍ମଣୋଚିତ କର୍ମକାଣ୍ଡ ଉପରେ ଗରୁତ୍ୱଦେଇ ପରିବାରର ଶିଶୁ ମାନଙ୍କୁ ଏଦିଗରେ ପ୍ରୋତ୍ସାହିତ କଲେ ଯାଇ ସାମାଜିକ ଶୃଙ୍ଖଳାପାଇଁ ଏକ ଉତ୍ତମ ପଦକ୍ଷେପ ହେବବୋଲି ବରିଷ୍ଠ ସଭ୍ୟମାନେ ମତାମତ ରଖିଥିଲେ । ସଭାକାର୍ଯ୍ୟ ଶେଷରେ ଶିଶୁ, ମହିଳା ସମେତ ସମସ୍ତେ ସମୂହଭୋଜନରେ ଯୋଗଦେଇଥିବା ବେଳେ ବରିଷ୍ଠସଭ୍ୟ ଭାବଗ୍ରାହୀ ମହାପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିବା ଜଣାପଡ଼ିଛି ।

## ବୋଲଗଡ଼ ମଣ୍ଡଳ ବିଜେପି ପକ୍ଷରୁ ବୃକ୍ଷରୋପଣ



**ବୋଲଗଡ଼,୬।୬/ଏନ୍ଏନ୍ଏସ୍:** ରାଜ୍ୟରେ ଜୁନ୫ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି ।ଏହି ଅବସରରେ କେନ୍ଦ୍ର ସରକାରଙ୍କ ୧୨ବର୍ଷ ପୂର୍ତ୍ତି ଓ ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ପାଳନ ଓ ବିଶ୍ୱ ଜନ କଲ୍ୟାଣ ଉଦେଶ୍ୟରେ ଜସ୍ୱସୀ ପ୍ରଧାନମନ୍ତ୍ରୀ ମୋଦୀଜିଙ୍କ ଦିଆଯାଇଥିବା 'ମା ପାଇଁ ଗଛଟିଏ' ବାର୍ତ୍ତା ଅବସରରେ ବୋଲଗଡ଼ ମଣ୍ଡଳ ବିଜେପି ପକ୍ଷରୁ ଶୁକ୍ରବାର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ବଳିଷ୍ଠ ଆହ୍ୱାନ ଓ ବୋଲଗଡ଼ ମଣ୍ଡଳ ସଭାପତି ଦୀପନ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ବରିଷ୍ଠ ବିଜେପି ନେତା ରବିନ୍ଦ୍ର ପରିଡା, ଖୋର୍ଦ୍ଧା ଜିଲ୍ଲା ବିଜେପି ଉପସଭାପତି ବାସୁଦେବ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ବିଦ୍ୟୁତ କାଣ୍ଡି, ମଣ୍ଡଳ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ପ୍ରଧାନ ଓ ଦିଲ୍ଲୀପ କୁମାର ଦଣ୍ଡ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ବେହେରା, ବୋଲଗଡ଼ ମଣ୍ଡଳ ଶକ୍ତିକେନ୍ଦ୍ର ସଭାପତି ଅଶୋକ ଦଳବେହେରା, ଫାସିଓଦା ଶକ୍ତିକେନ୍ଦ୍ର ସଭାପତି ଜଗବନ୍ଧୁ ମୁଦୁଲି ଓ ଡାବରଧୁଆ ପାଟଣା ଶକ୍ତିକେନ୍ଦ୍ର ସଭାପତି ବନ୍ଧୁ ଭୋଳ, ଯୁବ ମୋର୍ଚ୍ଚା ସଭାପତି ଅଜିତ କୁମାର ମହାପାତ୍ର, କୃଷକ ମୋର୍ଚ୍ଚା ସଭାପତି ପବିତ୍ର ସିଂହ, ବୋଲଗଡ଼ ମଣ୍ଡଳ ଉପସଭାପତି ଲକ୍ଷ୍ମୀଧର ବଳିଆରସିଂହ ଓ ସର୍ବେଶ୍ୱର ମହାପାତ୍ର, ବେଗୁନିଆ ମଣ୍ଡଳ ସଭାପତି ପ୍ରକାଶ ବଳିଆରସିଂହ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଭୁତି ମହାନ୍ତି ଓ ବୋଲଗଡ଼ ମଣ୍ଡଳ ସମ୍ପାଦକ ରାଜେଶ ମହାପାତ୍ରଙ୍କ ସମେତ ମଣ୍ଡଳସ୍ତରୀୟ ମହିଳା ଯୋଗଦେଇ ସ୍ଥାନୀୟ ପିଏମ ବାମନ ଉଚ୍ଚବିଦ୍ୟାଳୟ ପରିସରରେ ବିଭିନ୍ନ କିସମ ବୃକ୍ଷ ରୋପଣ କରିଥିଲେ । ବିଶେଷ ଅତିଥି ଭାବେ ବନପାଳ ମଧୁଛନ୍ଦା ସେଠୀ ଓ ପିଏମ ବାମନ ଉଚ୍ଚବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପୀତବାସ ଲେଙ୍କା ପ୍ରମୁଖ ସାମିଲ ହୋଇଥିଲେ ।

## ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବିଶ୍ୱ ପରିବେଶ ଦିବସ

**ବେଗୁନିଆ,୬।୬/ଏନ୍ଏନ୍ଏସ୍:** ବେଗୁନିଆ ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ବିଦ୍ୟାମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ




ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ପରେ ଅଞ୍ଚଳର ବୁଦ୍ଧିଜୀବୀ, ପ୍ରକୃତିପ୍ରେମୀ ଜନସାଧାରଣ, ଶିଶୁ ମନ୍ଦିରର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରରେ ବଉଳ, ଅଁଳା, ବାହାଡା ପେସ୍ତାବାଦାମ, ଡାଳିମ୍ବ ଓ ଗଙ୍ଗଶିଉଳି ଆଦି ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ । ଅନୁଷ୍ଠାନ ସମ୍ମିଳନୀ କକ୍ଷରେ 'ପରିବେଶର ବିଳାପ' ଶୀର୍ଷକ ଆଲୋଚନା ଓ କବିତା ପାଠରେ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ରଥ ପୌରୋହିତ୍ୟ କରିଥିଲେ । ଗୁରୁମା ବିଜୟଲକ୍ଷ୍ମୀ ସାହୁ ଓ ମିନତୀ ସାହୁ ମା' ସରସ୍ୱତୀ ଓ ଭାରତ ମାତାଙ୍କ ବନ୍ଦନା ଗାନ କରି ସଭାର ଶୁଭାରମ୍ଭ କରିଥିଲେ । ପ୍ରାରମ୍ଭରେ କଥା ପୁରୁଷ, ସୁସାହିତ୍ୟିକ ଜଗନ୍ନାଥ ପ୍ରସାଦ ଦାସଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ସଭାପତି ସମସ୍ତଙ୍କୁ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଶପଥ ପାଠ କରାଇଥିଲେ । କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ସ୍ୱରଚିତ ପରିବେଶ ଆଧାରିତ ସଚେତନତା ସଙ୍ଗୀତ ଗାନ କରିଥିଲେ । ଏଥିରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି ମୁଖ୍ୟ ଅତିଥି, ବିଷୟ ବିଶେଷଜ୍ଞ ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ବକ୍ତା, ଶିଶୁ ମନ୍ଦିରର ସମ୍ପାଦକ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶରତ କୁମାର ପଣ୍ଡା ଓ ଡିଙ୍ଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିବାକର ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ଶିକ୍ଷାବିତ ହରିବନ୍ଧୁ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠରେ ଇଂ କେଦାର କିଶୋର ବଳିୟାରସିଂହ, ଗୀତିକାର ରାମଚନ୍ଦ୍ର ସାହୁ, ପ୍ରଧାନ ଶିକ୍ଷକ ଉପେନ୍ଦ୍ର ନାଥ ସାହୁ ,ପଣ୍ଡିତ ଦୀନବନ୍ଧୁ ଦାଶ, ସମାଜସେବୀ ପ୍ରଶାନ୍ତ ବାରିକ, ସନ୍ତୋଷ ପଣ୍ଡା, ସୁରେନ୍ଦ୍ର ପାଲଟାସିଂହ, ବୈକୁଣ୍ଠ ନାଥ ସ୍ୱାଇଁ, ପୀତବାସ ମହାପାତ୍ର, କାଳୁଚରଣ ନାୟକ, ବିଜୟ ମହାନ୍ତି, କୈଳାସ ଚନ୍ଦ୍ର ସାହୁ, ବିଜୟଲକ୍ଷ୍ମୀ ଷଡ଼ଙ୍ଗୀ, ପ୍ରଣତି ପଣ୍ଡା, ଶିକ୍ଷକ ବସନ୍ତ ଜୟସିଂହ, ବରିଷ୍ଠ ଆଚାର୍ଯ୍ୟ ପ୍ରଲୁବ୍ଧ ପଟ୍ଟନାୟକ, ରାଜକିଶୋର ସାହୁ, ବ୍ରଜବନ୍ଧୁ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶେଷରେ ଗାୟକ ହରିହର ମହାପାତ୍ର ଉଦ୍ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ବରିଷ୍ଠ ଆଚାର୍ଯ୍ୟ ବିଷ୍ଣୁମୋହନ ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଦ୍ୟାଳୟ ନିକଟରୁ ହଟିଲା ମଦଦୋକାନ

**ନୟାହାଟ,୬।୬/ଏନ୍ଏନ୍ଏସ୍:** ଏକ ବିଦ୍ୟାଳୟ ପାଚେରି ନିକଟରେ ମଦ କାରବାର ହେଉଥିବା ଖବର ପାଇ ଗୋପ ଥାନା ଆଇଆଇସି ଦୁର୍ଗାଚରଣ ମହାପାତ୍ର ରାତିରେ ଚଢାଉ କରି ମଦ ଜବତ କରିବା ସହିତ ବିଦ୍ୟାଳୟ ନିକଟରୁ ଚୋରା ମଦ କାରବାର କରୁଥିବା ଦୋକାନ କୁ ଉଠାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ବାଉଲାଙ୍ଗ ପଞ୍ଚାୟତ ପଞ୍ଚେଣା ପ୍ରାଥମିକ ବିଦ୍ୟାଳୟ ପାଚେରିକୁ ଲାଗି ସେହି ଗ୍ରାମର ଜଣେ ଯୁବକ ଚୋରା ମଦ କାରବାର କରୁଥିଲା । କୋମଳମତି ପିଲାମାନେ ପାଠ ପଢିବାକୁ ଗଲାବେଳେ ଦୃଷ୍ଟି ଗୋଚର ହେଉଥିଲା । ବିଭିନ୍ନ ସମୟରେ ମଦୁଆ ମାନଙ୍କ ପ୍ରଦୃଭାବ ଯୋଗୁଁ ବିଦ୍ୟାଳୟରେ ପାଠପଢ଼ା ବାଧାପ୍ରାପ୍ତ ହେଉଥିଲା । ଏ ସଂପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସାହୁ ଗୋପ ଥାନା ଆଇଆଇସିଙ୍କ ଦୃଷ୍ଟି ଗୋଚର କରିବାରେ ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା । ସାତଦିନ ମଧ୍ୟରେ ବିଦ୍ୟାଳୟ ପର୍ଶ୍ୱରୁ କ୍ୟାଭିନ୍ ଉଠାଇବା ପାଇଁ ଆଇଆଇସିଙ୍କ ନିର୍ଦ୍ଦେଶ ପରେ ଉକ୍ତ କ୍ୟାଭିନ୍ ଉଠିଯାଇଥିଲା । ପୁଲିସର ଏହି କାର୍ଯ୍ୟକୁ ଅଭିଭାବକ ଓ ଗ୍ରାମବାସୀ ପ୍ରଶଂସା କରିଛନ୍ତି ।

## ଜେଲ୍ଗଲା ନବବଧୂ ହତ୍ୟାକାରୀ ସ୍ୱାମୀ



**ଓଡ଼ଗାଁ,୬।୬/ଏନ୍ଏନ୍ଏସ୍:** ସ୍ତ୍ରୀର ତଣ୍ଟି ଚିପି ହତ୍ୟାକରିବା ଘଟଣାରେ ଜେଲ ଗଲା ସ୍ୱାମୀ ।ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଅନୁଯାୟୀ ଓଡ଼ଗାଁ ଥାନା କୁରୁମବାଙ୍କତରା ଗ୍ରାମର ଦୀପକ ମହାପାତ୍ର ୩ ମାସତଳେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ବଡ଼ପଡ଼ା ଗ୍ରାମର ପଦ୍ମ ରଣାଙ୍କ ଏକମାତ୍ର ଅଲିଅଳି ଝିଅ ଶୁଭଶ୍ରୀ ମହାପାତ୍ର (୨୦)ଙ୍କୁ ବିବାହ କରିଥିଲା । ବିବାହପରେ ଦୀପକ ସ୍ତ୍ରୀ ଶୁଭଶ୍ରୀଙ୍କୁ ସବୁବେଳେ ସନ୍ଦେହକରି ଆସୁଥିଲା । ଏମିତିକି ଘର ବେଡ଼ରୁମ ଆଗରେ ଏକ ସିସିଟିଭି କ୍ୟାମେରା ଲଗାଇଥିଲା ।ଦୀପକ ଡ୍ରିଜେ ମେସିନ ଚଲାଇ ରୋଜଗାର କରୁଥିଲେ । ବାପା ତାଙ୍କର ଦେଶ ସୁରକ୍ଷା(ଆର୍ମି)ରୁ ଅବସର ଗ୍ରହଣକରି ଘରେ ରହୁଥିଲେ । ସାନଭାଇ ମଧ୍ୟ ଏକ ପ୍ରାଇଭେଟ କମ୍ପାନୀରେ କାମକରନ୍ତି । ଗତ ୩ତାରିଖ ବିଳମ୍ବିତ ରାତିରେ ସ୍ୱାମୀ ସ୍ତ୍ରୀ ଖାଇସାରି ଶୋଇବାକୁ ଯାଇଥିଲେ । କିନ୍ତୁ ଘରଭିତରୁ ତା ପରଦିନ ଶୁଭଶ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଶୁଭଶ୍ରୀଙ୍କ ବାପା ପଦ୍ମ ରଣା ଖବରପାଇ ଘରେ ପହଞ୍ଚିବା ବେଳକୁ ସବୁକିଛି ସରି ଯାଇଥିଲା । ସେ ଓଡ଼ଗାଁ ଥାନାରେ ଶୁଭଶ୍ରୀର ସ୍ୱାମୀ ଦୀପକ ସବୁବେଳେ ମୋ ଝିଅକୁ ସନ୍ଦେହ କରୁଥିଲା ଏବଂ ତା ତଣ୍ଟିଚିପି ହତ୍ୟା କରିଥିବା ଅଭିଯୋଗ କରିଥିଲେ । ଏହି ଘଟଣାରେ ପୁଲିସ ଦୀପକକୁ ଥାନାରେ ଅଟକରଖି ପଚରାଉଚୁରା କରି ଶୁକ୍ରବାର କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ସତ୍ୟନାରାୟଣ ବାରିକ ସୂଚନା ଦେଇଛନ୍ତି । ଏହି ଘଟଣାରେ ଆଉ କାହାର ସଂପୃକ୍ତି ଅଛି କି ନାହିଁ ତାହାର ତଦନ୍ତ ଚାଲିଥିବା ପ୍ରକାଶ କରିଛନ୍ତି ।

## ଚତୁର୍ଥ ମୁଣ୍ଡମୁହାଣ ରଜ ଉତ୍ସବ ପ୍ରସ୍ତୁତି

**ମୁଣ୍ଡମୁହାଣ,୬।୬/ଏନ୍ଏନ୍ଏସ୍:** ରାଜଧାନୀ ଉପକଣ୍ଠ ଜଟଣୀ ବ୍ଲକ ଯାଁଳା ପଞ୍ଚାୟତ ମୁଣ୍ଡମୁହାଣର ଗ୍ରାମରେ ବିଗତ ବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ଉତ୍କଳୀୟ ଗଣପର୍ବ ରଜ ଗ୍ରାମେଶ୍ୱର ଯୁବ ପରିଷଦ, ମୁଣ୍ଡମୁହାଁଣ ଆନୁକୂଲ୍ୟରେ ଚାରିଦିନ ଧରି ପାଳିତ ହେବାକୁ ଯାଉଛି । ଅନୁଷ୍ଠାନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଯୋଗେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ପ୍ରାକ ସୂଚନା ଦିଆଯାଇଛି । ପଲ୍ଲୀପ୍ରାଣ ରଜ ମହୋତ୍ସବ ୧୪ ରୁ ୧୭ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ଶ୍ରୀ ଗ୍ରାମେଶ୍ୱର ଦେବଙ୍କ ମେଲଣ ପଡିଆରେ ଅନୁଷ୍ଠିତ ହେବ । ଉତ୍ସବରେ ସଂସ୍କୃତିମନସ୍କ ଗ୍ରାମେଶ୍ୱର ଯୁବ ପରିଷଦ ଓ ମୁଣ୍ଡମୁହାଁଣ ଗ୍ରାମବାସୀଙ୍କ ସହଯୋଗରେ ଅନେକ ସଂସ୍କୃତି ଭିତ୍ତିକ କାର୍ଯ୍ୟକ୍ରମର ଆୟୋଜନ ସହିତ ପ୍ରଥମ ଦୁଇ ସନ୍ଧ୍ୟାରେ ଓଡ଼ିଆ ସଂଗୀତ ସୁନାମଧନ୍ୟ ଗାୟକ ମଣ୍ଟୁ ଛୁରିଆ ଏବଂ ଅର୍ପିତା ଚୌଧୁରୀ କଳା ପ୍ରଦର୍ଶନ କରିବେ । ଶେଷ ରଜ ଦୁଇ ସନ୍ଧ୍ୟାରେ ଯୁବଶ୍ରୀ କ୍ଲବ, ବଡରଘୁନାଥପୁର ଓ ବୀଣାପାଣି ଆସୋସିଏସନ, ତମାଣ୍ଡୋ ଦ୍ୱାରା ଦୁଇଟି ସାମାଜିକ ନାଟକ ପରିବେଷଣ କରାଯିବ ।ଚାରିଦିନ ଧରି ଲୁଡୁ, ତାସ, ଦୌଡ଼ି ଡିଆଁ, ମ୍ୟୁଜିକ ଚେୟାର, ସଂଗୀତ, ନୃତ୍ୟ, ଝୋଟି, ଚିତା ଅଙ୍କା, ପିଠା, ପୁଚି ଆଦି ଅନେକ ପ୍ରତିଯୋଗିତାମାନ ଆୟୋଜିତ ହେବାକୁ ଥିବାବେଳେ ୫୦ରୁ ଉର୍ଦ୍ଧ୍ୱ ଦୋଳି ରଜ ମଉଜର ମୁଖ୍ୟ ଆକର୍ଷଣ ରହିବ । ଏତତ୍‌ବ୍ୟତୀତ ଶାସ୍ତ୍ରୀୟ ନୃତ୍ୟ, ପାଇକ ଆଖଡ଼ା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ସୂଚନା ଦେଇଛନ୍ତି ଯୁବ ପରିଷଦ ସଭାପତି ଅମ୍ବରୀଶ ମଙ୍ଗରାଜ । ସମ୍ମିଳନୀରେ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଉପଦେଷ୍ଟା ଜଗତ ଜେନା, ବିଶ୍ୱଜିତ ସୁବୁଦ୍ଧି, ସୁନୀଲ ସାହୁ, ଅନିଲ ମଙ୍ଗରାଜ, ସୁନୀଲ ମଙ୍ଗରାଜ, ବିକାଶ ବାରିକ, ମାନସ ବାରିକ, ସନ୍ତୋଷ ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ପୃଷ୍ଠ ପୋଷାକ କୃପାସିନ୍ଧୁ ପ୍ରଧାନ ଚଳିତ ବର୍ଷ ରଜ ମଉଜ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କ ସହଯୋଗ ଓ ଶୁଭେଚ୍ଛା କାମନା କରିଛନ୍ତି ।

## ଅଭିଯୁକ୍ତଙ୍କୁ ଗିରଫ ପାଇଁ ଏସ୍ପିଙ୍କ ନିକଟରେ ଦାବି

**ଅସ୍ତରଙ୍ଗ,୬।୬/ଏନ୍ଏନ୍ଏସ୍:** ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଅସନ ଗ୍ରାମର ବାତ୍ୟା ଆଶ୍ରୟସ୍ଥଳୀରେ ଏକ ବର୍ଷ ତଳେ ମରାମତି କାର୍ଯ୍ୟକୁ ନେଇ ଏକ ଗୋଷ୍ଠୀ ସଂଘର୍ଷ ହୋଇଥିଲା । ଉଭୟ ପକ୍ଷରୁ ୨୭ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ବେଳେ ଜଣେ ଗିରଫ ହୋଇଥିଲା । ପରବର୍ତ୍ତୀ ସମୟରେ ୨୪ ଜଣ ଜାମିନିରେ ଆସିଥିଲେ । ମୁଖ୍ୟ ଦୁଇ ଅଭିଯୁକ୍ତ ଫେରାର ହୋଇଯାଇଥିଲେ । ଏହି ମାମଲାରେ ନିମାପଡ଼ା ଉପ ଆରକ୍ଷୀ ଅଧିକ୍ଷକ ଜନାର୍ଦ୍ଦନ ପାଢ଼ୀ ତଦନ୍ତକାରୀ ଅଧିକାରୀ ଥିଲେ । ଅସ୍ତରଙ୍ଗ ଥାନା ସ୍ପେଶାଲ ଜିଆର କେଶ୍ ରୁଜୁ ହୋଇଥିଲା । ଏକ ବର୍ଷ ହେଲା ଦୁଇ ଅଭିଯୁକ୍ତ ପୋଲିସ ଆଖିରେ ଧୂଳି ଦେଇ ସାଧାରଣରେ ବୁଲୁଥିବା ବେଳେ ନିମାପଡ଼ା ଏସ୍ଡିପିଓ ଗିରଫ ନ କରି ଚୁପ୍ ହୋଇ ବସିଛନ୍ତି, ପୋଲିସ କାର୍ଯ୍ୟର ସ୍ୱଚ୍ଛତା ପ୍ରତି ପ୍ରଶବାଚୀ ସୃଷ୍ଟି କରିଛି କହି ଏହାର ପ୍ରତିବାଦ କରି ସୋମବାର କୁଞ୍ଜବିହାରୀ ଦାସ ପୁରୀ ଏସପିଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଥିଲେ । ଅଭିଯୋଗକୁ ଗ୍ରହଣ କରି ଅତିରିକ୍ତ ଏସ୍ପି ନିମାପଡ଼ା ଉପ ଆରକ୍ଷୀ ଅଧିକ୍ଷକଙ୍କୁ ଫୋନ ଯୋଗେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏ ସମ୍ପର୍କରେ ନିମାପଡା ଉପ ଆରକ୍ଷୀ ଅଧିକ୍ଷକ ଜନାର୍ଦ୍ଦନ ପାଢ଼ୀଙ୍କୁ ଯୋଗାଯୋଗ କରିବାରୁ ଆମେ ମୁଦୁଲାମାନଙ୍କୁ ଖୋଜା ଖୋଜି କରୁଛୁ ସେମାନେ ଘରେ ରହୁନାହାନ୍ତି ସେମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ସୂଚନା ଦେଇଥିଲେ ।

## ହାଇୱା ଧକ୍କାରେ ଜଣେ ଗୁରୁତର

**କଣ୍ଟିଲୋ,ଖଣ୍ଡପଡ଼ା,୬।୬/ଏନ୍ଏନ୍ଏସ୍:** ଖଣ୍ଡପଡ଼ାରୁ କଣ୍ଟିଲୋକୁ ସଂଯୋଗ କରୁଥିବା ରାସ୍ତାର ଗୋପୀନାଥପୁର ଗ୍ରାମ ନିକଟରେ ଶନିବାର ମଧ୍ୟାହ୍ନରେ ଏକ ହାଇୱା ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇ ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ସୁଦୁର ଅନୁଗୁଳରୁ ଏକ ହାଇୱା ନୟାଗଡ଼ ଅଭିମୁଖେ ଯାଇ ଫେରୁଥିବା ସମୟରେ ଗୋପୀନାଥପୁରୁ ଗ୍ରାମ ନିକଟରେ ଦୁର୍ଘଟଣା ଘଟାଇଥିବା ପ୍ରତ୍ୟେକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ । ଘଟଣାକ୍ରମେ ଗୋପୀନାଥପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଟ୍ରାକ୍ଟର ଖରାପ ହୋଇ ରାସ୍ତା ପାର୍ଶ୍ୱରେ ଅଟକି ରହିଥିଲା । ଜଣେ ମେକାନିକ ଟ୍ରାକ୍ଟରଟିକୁ ସଜାଡିବା ନିମନ୍ତେ ସେଠାକୁ ଆସି ରାସ୍ତା ପାର୍ଶ୍ୱରେ ଛିଡା ହୋଇ କଥାବାର୍ତ୍ତା ହେଉଥିବା ବେଳେ ହାଇୱା ଗାଡିଟି ତାଙ୍କୁ ଧକ୍କା ଦେବାରୁ ସେ ରାସ୍ତାକଡ଼କୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ । ଏପରିକି ଦୁର୍ଘଟଣାରେ ତାଙ୍କର ଗୋଟିଏ ଗୋଡ଼ ଭାଙ୍ଗି ଯାଇଥିବା ଜଣାପଡିଛି । କଣ୍ଟିଲୋ ଫାଣ୍ଡିର ବରିଷ୍ଠ ଅଧିକାରୀ ମନୋରଞ୍ଜନ ପଣ୍ଡା ସଦଳବଳେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ହାଇୱା ଗାଡିକୁ ଜବତ କରିବା ସହ ଗାଡି ଚାଳକ ବଳରାମ ସାହୁଙ୍କୁ ଫାଣ୍ଡିରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଥିବା ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶଙ୍କ ଠାରୁ ପ୍ରକାଶ ।

# ସୋଲାର୍ ଜଳଯୋଗାଣ ପ୍ରକଳ୍ପରେ ବ୍ୟାପକ ଅନିୟମିତତା

**ଧାମନଗର,୬।୬/ଏନ୍ଏନ୍ଏସ୍:** ଧାମନଗର ବ୍ଲକ୍ ଅନ୍ତର୍ଗତ ଦୋବଲ୍ ପଞ୍ଚାୟତରେ ଆର୍‌ଡବ୍ଲ୍ୟୁଏସ୍ଏସ୍ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସୋଲାର୍ ପାନୀୟଜଳ ଯୋଗାଣ ପ୍ରକଳ୍ପ ଏବେ ବିବାଦଘେରରେ ରହିଛି। ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେବା ପୂର୍ବରୁ ହିଁ ଏହାର ନିର୍ମାଣ ଶୈଳୀ ଓ ବ୍ୟବହୃତ ସାମଗ୍ରୀର ଗୁଣବତ୍ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଥାଉକି ଗ୍ରାମବାସୀଙ୍କୁ ପାନୀୟଜଳ ଯୋଗାଇବା ଲକ୍ଷ୍ୟରେ ଏହି ସୋଲାର୍ ପ୍ରକଳ୍ପ ହାତକୁ ନିଆଯାଇଥିଲା। ହେଲେ ଘଟଣାସ୍ଥଳରେ ବିଭାଗୀୟ କାର୍ଯ୍ୟର ଅବହେଳା ସ୍ପଷ୍ଟ ବାରି ହୋଇପଡୁଛି। ପ୍ରଥମତଃ ସୋଲାର୍ ପ୍ୟାନେଲ୍ ଗୁଡ଼ିକୁ ମାତ୍ର ୧୦ ଫୁଟ୍ ଉଚ୍ଚତାରେ ସ୍ଥାପନ କରାଯାଇଛି ଯାହାକି



ସୂର୍ଯ୍ୟକିରଣ ପାଇବା ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ। ଏପରିକି ଅନେକ ସ୍ଥାନରେ ଛାଇ ପଡୁଥିବା ଜାଗାରେ ଏହି ପ୍ୟାନେଲ୍ ଗୁଡ଼ିକ ଲଗାଯାଇ ଥିବାରୁ ଏହା କିପରି ଠିକ୍ ଭାବେ ଶକ୍ତି ଉତ୍ପାଦନ କରିବ ସେନେଇ ସନ୍ଦେହ ପ୍ରକାଶ ପାଇଛି। ଦ୍ୱିତୀୟରେ ପ୍ରକଳ୍ପ ପାଇଁ ବ୍ୟବହାର କରାଯାଉଥିବା ପାଇପ୍ ଗୁଡ଼ିକ ଅତି ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ସାଧାରଣ ଚାପରେ ମଧ୍ୟ ଏହି ପାଇପ୍ ଗୁଡ଼ିକ ଫାଟିଯିବାର ଆଶଙ୍କା ରହିଛି। ସରକାରୀସ୍ତରରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଦାୟିତ୍ୱରେ ଥିବା ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏଭଳି ନିମ୍ନମାନର କାମ ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଯଦି ଆରମ୍ଭରୁ କାମ ଏଭଳି ହୋଇଥାଏ, ତେବେ ଭବିଷ୍ୟତରେ ଏହି ପ୍ରକଳ୍ପରୁ ପାଣି ମିଳିବା ନିଶ୍ଚିତ ଭାବେ ସନ୍ଦେହଜନକ। ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଉନ୍ନତମାନର ସାମଗ୍ରୀ ବ୍ୟବହାର ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ। ତେବେ ଠିକାଦାରଙ୍କୁ ପଚାରିବାରୁ ଜେଇଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ ହେଉଛି କହି କଥା ଏଡ଼େଇ ଦେଇଥିଲେ।

**ଛାଇରେ ଲାଗିଛି ପ୍ୟାନେଲ୍**

**ନିମ୍ନମାନର ସାମଗ୍ରୀ ବ୍ୟବହାର**

# ସରପଞ୍ଚଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



**ବାଲେଶ୍ୱର,୬।୬/ଏନ୍ଏନ୍ଏସ୍:** ରେମୁଣା ସରପଞ୍ଚ ସଂଘ ପକ୍ଷରୁ କରଞ୍ଜିଆ ପଞ୍ଚାୟତର ସରପଞ୍ଚ ମୁକୁନ୍ଦ ଭାରତୀଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରେମୁଣା ବ୍ଲକ୍ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାର୍ଥକ ସୌରଭ ମହାପାତ୍ର, ପଞ୍ଚାୟତ ଉନ୍ନୟନ ଅଧିକାରୀ ସତ୍ୟନାରାୟଣ ବିଶ୍ୱାଳ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭସ୍ମିତା ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଜୟ କୁମାର ବେହେରା, କ୍ୟାସିଅର୍ ଉତ୍ତମ କୁମାର ଦେ, ମୁଖ୍ୟ କିରାଣୀ ଭାସ୍କର ଚନ୍ଦ୍ର ଘଡ଼େଇ, ସମସ୍ତ ବ୍ଲକ୍ କର୍ମଚାରୀ, କନିଷ୍ଠ ଯନ୍ତ୍ରୀ, ସରପଞ୍ଚଙ୍କ ମଧ୍ୟରେ ବିଦ୍ୟାସ୍ମିତା ମହାଳିକ, ପ୍ରଣତୀ ଜେନା, ମମତା ପରିଡ଼ା, ରଞ୍ଜିତା ସାହୁ, ମଞ୍ଜୁଶ୍ରୀ ଦାସ, କେଦାର ସାହୁ, କମଳଲୋଚନ ପଣ୍ଡା ଓ ଗୀତାଞ୍ଜଳି ଦାଶଙ୍କ ସହ ଅନ୍ୟ ସମସ୍ତ ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ। ଉପସ୍ଥିତ ସମସ୍ତ ଅତିଥିବୃନ୍ଦ ଭାରତୀ ବାବୁଙ୍କ ସହ ନିଜର ଅନୁଭୂତି ବଖାଣିବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବଡ଼ପାଳ ସରପଞ୍ଚ ଇଂ କମଳଲୋଚନ ପଣ୍ଡା ପରିଚାଳନା କରିଥିଲେ। ଦହପଡ଼ା ସରପଞ୍ଚ ପ୍ରଣତୀ ଜେନା ଧନ୍ୟବାଦ ଦେଇଥିଲେ।

# ପ୍ରଶାସନ ପକ୍ଷରୁ ଚଢ଼ଉ, ଡମ୍ପର୍ ଜବତ

**ସୋର,୬।୬/ଏନ୍ଏନ୍ଏସ୍:** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ପାଇକାଳି ନିକଟରୁ ୨ଟି ବେଆଇନ୍ ପଥର ବୋଝେଇ ଡମ୍ପର୍‌କୁ ସୋର ଭାରପ୍ରାପ୍ତ ତହସିଲଦାର୍ କୃଷ୍ଣ ମୋହନ ସିଂହ ଜବତ କରିଛନ୍ତି। ଶନିବାର ଅପରାହ୍ନରେ ବାଗୁଡ଼ି ଖାଦାନରୁ ବେଆଇନ୍ ପଥର ଚାଲାଣ ହେଉଥିବା ଖବରପାଇ ଭାରପ୍ରାପ୍ତ ତହସିଲଦାର୍ ଶ୍ରୀ ସିଂହ ପାଇକାଳି ନିକଟରେ ଚଢ଼ଉ କରିଥିଲେ। ଏହି ସମୟରେ ୨ଟି ଡମ୍ପର୍ ବେଆଇନ୍ ପଥର ବୋଝେଇ କରି ଆସୁଥିବାବେଳେ ଗାଡ଼ିକୁ ଅଟକାଇ କାଗଜପତ୍ର ଯାଞ୍ଚ କରି ଜବତ କରାଯାଇଥିଲା। ପରେ ସୋର ଥାନାରେ ଜିମା ଦେବାସହ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ସେହିପରି ଭାରପ୍ରାପ୍ତ ତହସିଲଦାର୍ ଶ୍ରୀ ସିଂହ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଓ ସମ୍ବିତ୍ କୁମାର ମଣିଙ୍କୁ ନେଇ ଏକ ଟିମ୍ ସହ ଖଞ୍ଜାମାହାଲ ଏବଂ ମହୁମୁହାଣରେ ଚାଲିଥିବା ବିଭିନ୍ନ କ୍ରସର୍‌ରେ ଚଢ଼ଉ କରିଥିଲେ। ଏହି ସମୟରେ ମୋଟ୍ ୮ଟି କ୍ରସର୍‌ରୁ ୯ ହଜାର କ୍ୟୁବି ମିଟର୍ ପଥର ଜବତ କରିଥିବା ଜଣାପଡ଼ିଛି। ତେବେ ପରବର୍ତ୍ତୀ ସମୟରେ ଉକ୍ତ କ୍ରସର୍ ମାଲିକଙ୍କ ନିକଟରୁ ଫାଇନ୍ ଆଦାୟ କରାଯିବ ବୋଲି ସୂଚନା ମିଳିଛି।

# ଶୁଆକାଟିରେ ତେଲ ସଙ୍କଟ, ଜନସାଧାରଣ ହନ୍ତସନ୍ତ

**କେନ୍ଦୁଝର,୬।୬/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଶୁଆକାଟିରେ ଗତ କିଛିଦିନ ହେବ ପେଟ୍ରୋଲ୍ ଓ ଡିଜେଲ୍ ନମିଳିବା କାରଣରୁ ସ୍ଥାନୀୟ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତାୟାତ ବାଧାପ୍ରାପ୍ତ ହେବାସହ ଜରୁରିକାଳୀନ ଚିକିତ୍ସା, ଅଫିସ୍ ଓ ନିଜର ଦୈନନ୍ଦିନ କାର୍ଯ୍ୟ ପାଇଁ ଲୋକେ ଗାଡ଼ିରେ ତେଲ ପକାଇ ନପାରି ଅଧାବାଟରେ ଅଟକି ରହିଛନ୍ତି। ଡିଜେଲ୍ ଅଭାବରୁ ଚାଷ କାର୍ଯ୍ୟ ଏବଂ ପରିବହନ ସେବା ମଧ୍ୟ ବାଧାପ୍ରାପ୍ତ ହେଉଛି। ଶୁଆକାଟି ପେଟ୍ରୋଲ୍ ପମ୍ପ୍‌କୁ ଆସି ଲୋକେ ଘଣ୍ଟା ଘଣ୍ଟା ଅପେକ୍ଷା କରି ନିରାଶ ହୋଇ ଫେରୁଛନ୍ତି। ଏହି ଅଞ୍ଚଳରେ ତେଲର ଏଭଳି ଅଭାବ ସ୍ଥାନୀୟ ଅର୍ଥନୀତି ଏବଂ ସାଧାରଣ ଜୀବନଯାତ୍ରାକୁ ଅଚଳ କରିଦେଇଛି। ଏହି ସମସ୍ୟା କୃତ୍ରିମ ଅଭାବ ଯୋଗୁ ହେଉଛି ନା ଯୋଗାଣରେ କୌଣସି ତ୍ରୁଟି ରହିଛି ତା'ର ତୁରନ୍ତ ତଦନ୍ତ ହେବା ଆବଶ୍ୟକ।

# ବିଶ୍ୱ ପରିବେଶ ଦିବସରେ ଜନସଚେତନତା କାର୍ଯ୍ୟକ୍ରମ

**ସୋର,୬।୬/ଏନ୍ଏନ୍ଏସ୍:** ବିଶ୍ୱ ପରିବେଶ ଦିବସର ବାର୍ତ୍ତା ବହନ କରୁଥିବା ଗୁରୁତ୍ୱକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ସୋର ମ୍ୟୁନିସିପାଲିଟି କର୍ମଚାରୀ ଏବଂ ନାଗରିକ ମଞ୍ଚର ମିଳିତ ପ୍ରୟାସରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୋର ଟ୍ରେଜେରୀ, ଶିକ୍ଷକ ଭବନ ରାସ୍ତାପାର୍ଶ୍ୱ, ଗୋସେଇଁ ପୋଖରୀ ଆଡ଼ି ଓ ସ୍ୱର୍ଗଦ୍ୱାର ଶ୍ମଶାନ ପରିସରରେ ସଫାସୁତୁରା କରାଯିବା ସହ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇଥିଲା। ପରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପ୍ରତ୍ୟେକ ମଣିଷ ଗୋଟିଏ



ବୃକ୍ଷରୋପଣ ସହ ଜଳବାୟୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଉଦ୍ୟକ୍ତାମାନେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସୋର ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ, ସୋର ନାଗରିକ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତ ଓ ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ ପରିଚାଳନା କରିଥିଲେ। ଏଥିରେ ବରିଷ୍ଠ ନାଗରିକ, ନବକିଶୋର ଦାସଙ୍କ, ପ୍ରଫୁଲ୍ଲ ଷଡ଼ଙ୍ଗୀ, କଟଚନ୍ଦ୍ର ବେହେରା, ସୁରେନ୍ଦ୍ର ପାଣିଗ୍ରାହୀ, ବାସୁକୃଷ୍ଣ ମହାପାତ୍ର, ଗଙ୍ଗାଧର ପାଢ଼ୀ, ଶ୍ରୀଧର ପତ୍ରି, ମାୟାଧର ନାୟକ, ଶରତ ଚନ୍ଦ୍ର ମହାନ୍ତି, ଶରତ ଚନ୍ଦ୍ର ନାୟକ, କରୁଣାକର ପାଢୀ, ମନୋଜ କୁମାର ରାୟ, ପଙ୍କଜ ପଣ୍ଡା, ରାଜାରାଣୀ ଜେନା, ସନ୍ତୋଷ ଦିବେଦୀ, ରବିନାରାୟଣ ନନ୍ଦ, ଅକ୍ଷୟ କୁମାର କର, ହରିହର ଦାସ, ସୁରେନ୍ଦ୍ର ବେହେରା, ନିତ୍ୟାନନ୍ଦ କର, ଦାମୋଦର ଦାଶ ମହାପାତ୍ର ଓ ବାବାଜୀ ମହାଳିକ ପ୍ରମୁଖ ସାମିଲ୍ ହୋଇଥିଲେ।

**AFFIDAVIT**

By virtue of an affidavit dated. 05.06.2026, Notary, Bhubaneswar - I, Sidhartha Kumar Dhal, F/o - Shivam Dhal, Address - HIG-37, B-22, Ananta Vihar, Phase-2, Pokhariput, Bhubaneswar, Pin- 751020, hereby declare that my name has been recorded as Sidhartha Dhal in place of Sidhartha Kumar Dhal in my son's ICSE and ISC Board Certificate (UID-8257313). **Sidhartha Kumar Dhal** and **Sidhartha Dhal** is one and same person.

**AFFIDAVIT**

By virtue of an affidavit made before The Executive Magistrate, Bhadrak, I Santosh Jena, S/o- Kailash Jena, Vill.- Kakudigadia, P.O- Govindapur, P.S.- Dhusuri, Dist- Bhadrak declare that the name of my minor son's name is Smuti Ranjan Jena in his all documents. By this affidavit I have changed my minor son's name Smuti Ranjan Jena to Smruti Ranjan Jena. Further I declare that Smuti Ranjan Jena and Smruti Ranjan Jena is one person. By this affidavit he will be known as Smruti Ranjan Jena in all purpose.

**Sd/- Santosh Jena**

# ବସ୍‌କୁ ପିଟିଲା ଟ୍ରଲର୍, ଯାତାୟାତ ଠପ୍



**ଯୋଡ଼ା,୬।୬/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥରେ ପୁଣି ଏକ ଦୁର୍ଘଟଣା ଘଟିଛି। ଯୋଡ଼ାସ୍ଥିତ କଳାପାହାଡ଼ ଓଭରବ୍ରିଜ୍ ଉପରେ ଗୋଟିଏ ଟ୍ରଲର୍ ପଛପଟୁ ଏକ ଯାତ୍ରୀବାହୀ ଘରୋଇ ବସ୍‌କୁ ଧକ୍କା ଦେଇଥିଲା। ଫଳରେ ଦୀର୍ଘ ସମୟ ଧରି ଯାତାୟାତ ବ୍ୟାହତ ହୋଇଥିବାବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୁଲିସ୍ ଓ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣାରେ କେହି ଆହତ ହୋଇନଥିବା ଜଣାପଡ଼ିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଓଭରବ୍ରିଜ୍ ତଳେ ଯାତାୟାତ ଚାଲିଥିବା ସମୟରେ ହଠାତ୍ ଟ୍ରଲର୍‌ଟି ନିୟନ୍ତ୍ରଣ ହରାଇ ବସ୍‌ର ପଛପଟକୁ ଧକ୍କା ଦେଇଥିଲା। ଧକ୍କାର ପ୍ରଭାବ ଏତେ ଜୋରଦାର୍ ଥିଲା ଯେ ଉଭୟ ଗାଡ଼ି ରାସ୍ତା ମଝିରେ ଅଟକି ଯାଇଥିଲା ଏବଂ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଥିଲା।

ଉଲ୍ଲେଖଯୋଗ୍ୟ ୫୨୦ ନମ୍ବର ଜାତୀୟ ରାଜପଥର ଯୋଡା-ବଡ଼ବିଲ୍ ଅଞ୍ଚଳରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଅତ୍ୟଧିକ ଭାରୀଯାନ ଚଳାଚଳ, ଅସାବଧାନ ଗାଡ଼ି ଚାଳନା ଓ ସଡ଼କ ସୁରକ୍ଷା ବ୍ୟବସ୍ଥାର ଅଭାବ ଏଭଳି ଘଟଣାର ମୁଖ୍ୟ କାରଣ ବୋଲି ଅନେକ ଅଭିଯୋଗ କରୁଛନ୍ତି।

# ରୁଚି ମଶରୁମ୍ ଫାର୍ମରେ ସୁଲିଆପଦା ଡିଗ୍ରୀ କଲେଜ ଛାତ୍ରଛାତ୍ରୀଙ୍କ ଇଣ୍ଟର୍ନସିପ୍

**ବାରିପଦା,୬।୬/ଏନ୍ଏନ୍ଏସ୍:** ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ସୁଲିଆପଦା ଡିଗ୍ରୀ କଲେଜର ଉଦ୍ଭିଦ, ରସାୟନ, ପଦାର୍ଥ ଓ ପ୍ରାଣୀ ବିଜ୍ଞାନ ବିଭାଗର ଦ୍ୱିତୀୟବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ଇଣ୍ଟର୍ନସିପ୍ ପ୍ରଶିକ୍ଷଣ ଶିବିର ରୁଚି ମଶରୁମ୍ ଫାର୍ମରେ ଆରମ୍ଭ ହୋଇଛି। ଛାତ୍ରଛାତ୍ରୀଙ୍କୁ ଆଧୁନିକ ଛତୁ ଚାଷର ବୈଜ୍ଞାନିକ ଓ ବ୍ୟବହାରିକ ଜ୍ଞାନ ପ୍ରଦାନ କରିବା ସହିତ ସ୍ୱାବଲମ୍ବୀ ଓ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜନ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରୁଚି ମଶରୁମ୍ ଫାର୍ମର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶିକା




ଗୀତାଞ୍ଜଳି ମହାନ୍ତି, ସୁଲିଆପଦା ଡିଗ୍ରୀ କଲେଜର ଅଧାପିକା ଡ଼ଃ ସୁଧାଶ୍ରୀ ସେଠୀ, ଅଧାପକ ମନୋରଞ୍ଜନ ସାହୁ ଓ ଚକ୍ରଧର ସାହୁଙ୍କ ସହ ଅନ୍ୟାନ୍ୟ ଅଧାପକମାନେ ଉପସ୍ଥିତ ଥିଲେ। ବର୍ତ୍ତମାନ ସମୟରେ ଛତୁ ଚାଷ ଯୁବପିଢ଼ିଙ୍କ ପାଇଁ ଏକ ଲାଭଜନକ ଏବଂ ରୋଜଗାରକ୍ଷମ କୃଷିଭିତ୍ତିକ ଉଦ୍ୟୋଗ ଭାବେ ପରିଚିତ ହୋଇଛି। ଉଚ୍ଚଶିକ୍ଷା ସହ ବୃତ୍ତିଗତ ଦକ୍ଷତାର ସମନ୍ୱୟ ଯୁବାଙ୍କୁ ନୂତନ ରୋଜଗାର ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବ ବୋଲି ଉପସ୍ଥିତ ବକ୍ତାମାନେ ମତପ୍ରକାଶ କରିଥିଲେ। ରୁଚି ମଶରୁମ୍ ଫାର୍ମର ଉପନିର୍ଦ୍ଦେଶକ ସୁନୀଲ କୁମାର ପଟ୍ଟନାୟକ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି ଜ୍ଞାନ ସହିତ ଦକ୍ଷତାର ବିକାଶ ହିଁ ସଫଳତାର ଚାବିକାଠି ବୋଲି କହିଥିଲେ।

**AFFIDAVIT**

By virtue of an affidavit sworn before the Executive Magistrate, Aska, dtd. 06.06.2026, I, Santoshini Muni, aged about 31 years, W/o- Subasha Chandra Muni, of village - Gangapur Sasan, Po- Jagamohan, Ps - Aska, Dist - Ganjam, State - Odisha, Aadhar card no. 4914 5948 3190 do hereby declare that before marriage i am known as Santosini Raula, D/o- Simanchal Raula, but after marriage my name is Santoshini Muni, W/o- Subasha Chandra Muni. Actually DOB: 21/04/1995 but wrongly mention in my policy 04/04/1992. That **Santosini Raula & Santoshini Muni**, is one and same person.

# ଗ୍ରୀଷ୍ମରେ ବିଜୁଳି ବିଲ୍ ଚାପରୁ ଆଶ୍ୱସ୍ତି ଦେଉଛି ସୌରଶକ୍ତି

**ବାଲେଶ୍ୱର,୬।୬/ଏନ୍ଏନ୍ଏସ୍:** ପ୍ରଚଣ୍ଡ ଗ୍ରୀଷ୍ମରେ ଲୋକଙ୍କୁ ବିଜୁଳି ବିଲ୍ ଚାପରୁ ଆଶ୍ୱସ୍ତି ଦେଉଛି ସୌରଶକ୍ତି। ଭଦ୍ରକ ଜିଲ୍ଲାର ପାଖାପାଖି ଏକ ହଜାର ଉପଭୋକ୍ତାଙ୍କ ଘର ଜିରୋ ୟୁନିଟ୍ ବିଲିଂ ଓ ଏପରିକି ନଦୀଗାଁ ଭଦ୍ରକ ଜିଲ୍ଲାର ପ୍ରଥମ ସୌରଶକ୍ତି ଗାଁ ଭାବେ ମାନ୍ୟତା ପାଇଛି। ସାଧାରଣତଃ ଗ୍ରୀଷ୍ମରେ ଉପଭୋକ୍ତାମାନେ ବିଜୁଳି ବିଲ୍‌କୁ ନେଇ ଅଧିକ ଚିନ୍ତା ପ୍ରକଟ କରୁଥିଲେ। କିନ୍ତୁ ପିଏମ୍ ସୂର୍ଯ୍ୟଘର ଯୋଜନା ଏବେ ସେମାନଙ୍କ ପାଇଁ ବରଦାନ ସାଜିଛି। ଘର ଛାତରେ ସୋଲାର୍ ପ୍ୟାନେଲ୍ ସ୍ଥାପନ କରି ସେମାନେ ନିଜର ବିଜୁଳି ବିଲ୍ ଆଶାତୀତ ହ୍ରାସ କରିବାରେ ସଫଳ ହେଉଛନ୍ତି। ଏପରିକି ଗତ ମାସରେ ଭଦ୍ରକ ଜିଲ୍ଲାର ପାଖାପାଖି ଏକ ହଜାର ଉପଭୋକ୍ତାଙ୍କ ଘରେ ବିଜୁଳି ବିଲ୍ ବାବଦକୁ ଜିରୋ ୟୁନିଟ୍ ବିଲିଂ ହୋଇଥିବା ଦେଖିବାକୁ ମିଳିଛି। ଟାଟା ପାୱାର୍ ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍



(ଟିପିଏନ୍‌ଓଡିଏଲ୍), ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା ଓ ୟୁଟିଲିଟି ଲେଡ୍ ଏଗ୍ରିଗେସନ୍ (ୟୁଏଲ୍ଏ) ମଡେଲ୍ ଅଧୀନରେ ରୁଫ୍‌ଟପ୍ ସୋଲାର୍ ସ୍ଥାପନକୁ ମଧ୍ୟ ଆହୁରି ତ୍ୱରାନ୍ୱିତ କରିଛି। ସଂସ୍ଥା ପକ୍ଷରୁ ୧-କିଲୋୱାଟ୍ ବିଦ୍ୟୁତ୍ ସଂଯୁକ୍ତ ଘରୋଇ ଉପଭୋକ୍ତାଙ୍କୁ ଏବେ ମାତ୍ର ୧,୮୭୫ ଟଙ୍କାରେ ଉଚ୍ଚ ଗୁଣମାନ ବିଶିଷ୍ଟ ସୌର ପ୍ୟାନେଲ୍ ସ୍ଥାପନା କରାଯାଉଛି। ଏହାସହ ମିଟର୍ ଦେୟ ବାବଦକୁ ସମାନ ମାସିକ କିସ୍ତି (ଇଏମ୍ଆଇ) ବ୍ୟବସ୍ଥା ମଧ୍ୟ ରହିଛି। ପିଏମ୍ ସୂର୍ଯ୍ୟ ଘର ଯୋଜନା ଅଧୀନରେ ଏଯାବତ୍ ଭଦ୍ରକ ଜିଲ୍ଲାରେ ୩ ହଜାରରୁ ଅଧିକ ଉପଭୋକ୍ତା ନିଜ ଘରେ ସୌର ପ୍ୟାନେଲ୍ ସ୍ଥାପନା କରିଥିବାବେଳେ ମେ'ରେ ୯୯୦ ଜଣ ଉପଭୋକ୍ତାଙ୍କ ମାସିକ ବିଜୁଳି ବିଲ୍ ଜିରୋ ୟୁନିଟ୍ ଆସିଥିବା ସୂଚନା ମିଳିଛି। ସେହିପରି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍‌ର ନଦୀଗାଁକୁ ମଡେଲ୍ ସୌର ଗ୍ରାମ ଭାବେ ଘୋଷଣା କରାଯାଇଛି। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ନଦୀଗାଁ ସରପଞ୍ଚ ଝରଣା ମାଝୀ, ଟିପିଏନ୍‌ଓଡିଏଲ୍ ମୁଖ୍ୟ ଯନ୍ତ୍ରୀ ରାଜୀବ ନାୟକ, ଅଧୀକ୍ଷଣ ଯନ୍ତ୍ରୀ ଭୁପେନ୍ଦ୍ରନାଥ ସାହୁ ଓ ଓରେଡ଼ା ସହକାରୀ ନିର୍ଦ୍ଦେଶକ (ବୈଷୟିକ) ଅସୀମା ଅରୁଣିମା ପ୍ରମୁଖଙ୍କ ଉପସ୍ଥିତିରେ ମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ଗତ ୩ ମାସ ଧରି ଭଦ୍ରକ ଜିଲ୍ଲାର ୫ ହଜାରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୧୨ଟି ଗ୍ରାମରେ ସୌର ପ୍ରକଳ୍ପ ସ୍ଥାପନ ସମ୍ପର୍କିତ ଆକଳନ କରାଯାଇଥିଲା। ଏଥିରେ ନଦୀଗାଁ ୧୧୯ କିଲୋୱାଟ୍ ସୌର କ୍ଷମତା ସ୍ଥାପନ କରି ପ୍ରଥମ ହୋଇଛି। ଏହି ସଫଳତା ଆଧାରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗ୍ରାମର ସାର୍ବଜନୀନ ସ୍ଥାନରେ ସୌରଭିତ୍ତିକ ପ୍ରକଳ୍ପ ସ୍ଥାପନ କରାଯିବ।

OFFICE OF THE DIVISIONAL FOREST OFFICER, REDHAKHOL DIVISION

Mobile No:-06644-299949, Email ID:-dfo.redhakhol@odisha.gov.in

Tender Notice No- F & E/RKL/ 017 (OFFLINE)/2026-27 /1F – Dated.04.06.2026

TENDER CALL NOTICE

Divisional Forest Officer, Redhakhol Forest Division invites invite sealed tenders from eligible, experienced firms specializing in **Design, development, deployment, training and maintenance of an integrated Nursery Management System (web + mobile) and a Forest Management system cum GIS Dashboard and field mobile application for Redhakhol Forest Division.** The tender papers with detailed terms and conditions documents can be downloaded from website www.redhakholforest.com or https://sambalpur.odisha.gov.in or www.odishaforest.in from 14:00 Hours of 04.06.2026 (02:00 PM) to 24.06.2026 (05:00 PM). The Cost of tender paper of Rs. 1,000/- (One Thousand) only to be deposited through Demand Draft in favour of Divisional Forest Officer, Redhakhol Forest Division payable at Redhakhol. The Tender Papers can be submitted at the below mentioned address on or before 24.06.2026 till 05:00 PM by Speed Post/Registered post by hand only. The tender will be opened in the O/o the undersigned on 25.06.2026 at 11.00 AM.

The undersigned reserves the right to accept or reject any or all the tenders without assigning any reason thereof.

| | |
|---|---|
| Date of Publication of Bids | 04.06.2026 at 02.00 PM |
| Last Date Submission of Bids | 24th June 2026 (up to 5:00 PM) |
| The Date of Opening of Tenders | 25th June 2026 at 11:00 AM |

OIPR-8001/8146/1/26-27/0020 8001/133/2627

Sd/-Divisional Forest Officer
Redhakhol Forest Division

# ନଗରପାଳଙ୍କ ଉନ୍ନୟନ କାର୍ଯ୍ୟର ସ୍ଥିତି ସମୀକ୍ଷା

**ବାରିପଦା,୬।୬/ଏନ୍ଏନ୍ଏସ୍:** ବାରିପଦା ସହରରେ ପୌରପାଳିକା ପକ୍ଷରୁ ବହୁ ଉନ୍ନୟନମୂଳକ କାର୍ଯ୍ୟ ଚାଲିଛି। ତେବେ ସମୟ ମୁତାବକ କାର୍ଯ୍ୟ ଗୁଡ଼ିକ ସମାପ୍ତ କରି ଲୋକଙ୍କୁ ସେବା ଯୋଗାଇବା ନିମନ୍ତେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ନିୟମିତ ଭାବେ ନିଜେ କାର୍ଯ୍ୟସ୍ଥଳ ଗୁଡ଼ିକର ପରିଦର୍ଶନ କରି ତୁରନ୍ତ ନିର୍ମାଣ କାର୍ଯ୍ୟ ସମାପ୍ତ କରିବାକୁ ନିର୍ମାଣକାରୀ ଏଜେନ୍ସିଙ୍କୁ ତାଗିଦ୍ କରିଛନ୍ତି। ଆଗକୁ ବର୍ଷାଦିନ ଆସୁଥିବାରୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଗୁଡ଼ିକ ଶେଷ ନହେଲେ ବହୁ କ୍ଷେତ୍ରରେ ସମସ୍ୟା ଦେଖାଦେବ। ଏହି ପରିପ୍ରେକ୍ଷୀରେ ଶନିବାର ଅପରାହ୍ନରେ ବାରିପଦା ସହରର ୱାର୍ଡ ନଂ ୧୯ରେ ଚାଲିଥିବା ଏକ ନିର୍ମାଣାଧୀନ ଉନ୍ନୟନ କାର୍ଯ୍ୟର ନଗରପାଳ ସ୍ଥିତି ସମୀକ୍ଷା କରିଛନ୍ତି।



OFFICE OF THE PANCHAYAT SAMITI, TIHIDI

At/po- Tihidi, Dist- Bhadrak, Pin- 756130

e-mail: ori-tihidi@od.gov.in, Phone & Fax- 06784274430

Letter No.1999 TENDER CALL NOTICE Dt.05.06.2026

Bid Identification number-01/2026-27

The Block Development Officer, Tihidi on behalf of Government of Odisha invites Sealed tender on percentages (%) rate from the interested "D & C" Class contractor registered with the Govt. for execution of civil work under Panchayat samiti Tihidi, Bhadrak. The eligible criteria and the details of the tender documents which can be downloaded from the website https://bhadrak.odisha.gov.in. Interested bidders fulfilling the eligibility criteria may submit their proposals to the O/O BDO Tihidi only through Regd Post/Speed post. Other mode of communication will not be entertained.

No of Civil Works put to tender: 08 Nos

Terms and conditions

1. Sale & Receipt of Tender paper: from dt **08.06.2026 to 18.06.2026 up to 5.00 PM** on every office working days. The last date of receipt of the bid documents will be **18.06.2026 up to 5.00 PM.**
2. Date of Opening of the tender paper: **19.06.2026 at 11.00 AM** at the conference Hall, Panchayat samiti, Tihidi, Bhadrak in the presence of the bidders
3. Mode of receipt: Through either regd. Post or speed post only to O/O BDO Tihidi, Bhadrak
4. Envelop should be super-scribed with the name of works for which tender paper is being submitted otherwise will be rejected.

OIPR-19001/19115/1/26-27/0001 19001/96/2627

Sd/- Block Development Officer,
Tihidi

ନିତିଦିନ NITIDIN



## ପ୍ରଥମ ପୃଷ୍ଠାରୁ...

### ଲକର୍‌ରୁ ମିଳିଲା ...

କାନନ ବିହାର ଫେଜ୍-୧ର ଦୁଇ ମହଲା କୋଠା ରହିଛି। ଗ୍ରାଉଣ୍ଡ ଫ୍ଲୋରରୁ ଉପର ମହଲା ଯାଏଁ ଚକାଚକ୍। ଭିତରେ ପୁରା ହୋଟେଲ ଭଳି ସାଜସଜ୍ଜା। ହଲରୁ ଡାଇନିଂ କିଚେନରୁ ବେଡରୁମ, ଝକମକ ଲାଇଟିଂକୁ ଆଖି ଝଲସା ଇଣ୍ଟେରିଅର। ଖୁନ୍ଦି ହୋଇ ରହିଛି ମାଳ ମାଳ ସୋ ପିସ୍। ଲକ୍ଷ ଲକ୍ଷ ଟଙ୍କାରେ ସଜେଇ ହୋଇଛି ଘର। ଠାକୁର ଘର ବି ପ୍ରିମିୟମ୍। ବାବୁଙ୍କ ଘରେ ରେଡ୍ ବେଳେ ସମ୍ପତ୍ତି ଦେଖି ତାଜୁବ ଭିଜିଲାନ୍ସ ଅଧିକାରୀ। ବେଡରୁମରେ ଖାଣ୍ଟି ସୁନାର ଶୁଭ-ଲାଭ ଫ୍ରେମ୍। ୨ ଲକ୍ଷ ୮୫ ହଜାର ନଗଦ ସହ ୫ଟି ଆଇ ଫୋନ୍, ଏକାଧିକ ଡାଇମଣ୍ଡ ରିଙ୍ଗ, ବ୍ରାଣ୍ଡେଡ୍ ହାତ ଘଣ୍ଟା, କୃଷ୍ଣଙ୍କ ପିତ୍ତଳ ମୂର୍ତ୍ତି ମିଳିଛି। ୧୯୯୯ରେ ଆରମ୍ଭ ହୋଇଥିଲା ବାବୁଙ୍କ ସରକାରୀ ଚାକିରି। ଜୁନିୟର ଇଞ୍ଜିନିୟର ଭାବେ ନବରଙ୍ଗପୁରରେ ହୋଇଥିଲା ପୋଷ୍ଟିଂ। ମାସିକ ଦରମା ଥିଲା ୬ ହଜାର। ୨୦୦୧ ଯାଏଁ ବାବୁ ସେଠାରେ ଥିଲେ। ପରେ ଉଦଳା ଟ୍ରାନ୍ସଫର ହୋଇଥିଲା। ହେଲେ କିଛି ଦିନ ମଧ୍ୟରେ ପୁଣି ଫେରି ଆସିଥିଲେ ନବରଙ୍ଗପୁର। ଡାବୁଗାଁ ବ୍ଲକ୍ କୁସୁମଗୁଡାରେ କନିଷ୍ଠ କିରାଣୀ ଭାବେ ୨୦୦୧ରୁ ୨୦୦୭ ଯାଏଁ ଆଇଟିଡିଏରେ ରହିବା ପରେ ୨୦୧୬ରେ ଆସିଷ୍ଟାଣ୍ଟ ଇଞ୍ଜିନିୟର ଭାବେ ମିଳିଥିଲା ପଦୋନ୍ନତି। ଆଇଟିଡିଏ ନବରଙ୍ଗପୁରରେ ହିଁ ୨୦୨୨ ଯାଏଁ ରହିଥିଲେ। ଏ ବର୍ଷ ଫେବ୍ରୁଆରୀରେ ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ୍ ଇଞ୍ଜିନିୟର ରାଙ୍କ ସହ ବାଲିଗୁଡାରେ ହୋଇଥିଲା ପୋଷ୍ଟିଂ। ବଡ କଥା ହେଉଛି ଯେ, ପୁରା ଚାକିରି କାଳ ନବରଙ୍ଗପୁରରେ ହିଁ ଆସ୍ଥାନ ଜମାଇଥିଲେ ଯନ୍ତ୍ରୀ ବୈକୁଣ୍ଠନାଥ ବେହେରା। ହେଲେ ଏବେ ପଡିଛନ୍ତି ଭିଜିଲାନ୍ସ ଜାଲରେ।୯ଟି ସ୍ଥାନରେ ଏକକାଳୀନ ରେଡ୍ ବେଳେ ବୈକୁଣ୍ଠ ବାବୁଙ୍କ ବିପୁଳ ସମ୍ପତ୍ତି ଠାବ ହୋଇଛି। ଅନ୍ୟପକ୍ଷରେ ତାଙ୍କ ଘରୁ ନଗଦ ୨ ଲକ୍ଷ ୬୬ ହଜାର ୪୦୦ ଟଙ୍କା ଜବତ କରାଯାଇଛି। ଭୁବନେଶ୍ୱରରେ ୪ଟି ସ୍ଥାନ ସମେତ ବାରିପଦା, ଯାଜପୁରର ଧର୍ମଶାଳା ଏବଂ ବାଲିଗୁଡା ସରକାରୀ ବାସଭବନରେ ମଧ୍ୟ ରେଡ୍ କରାଯାଉଛି। ଭୁବନେଶ୍ୱର ନୀଳାଦ୍ରି ବିହାରରେ ଚାରି ମହଲା ବିଶିଷ୍ଟ ଘର, ଶୈଳଶ୍ରୀ ବିହାରରେ ତିନି ମହଲା ଘର, ପଟିଆ କାନନ ବିହାର ଫେଜ୍ -୧ରେ ଦୁଇ ମହଲା ଘର, ଏବଂ ଚନ୍ଦ୍ରଶେଖରପୁରରେ ଦୁଇ ମହଲା ବିଶିଷ୍ଟ ଘର ଠାବ କରାଯାଇଛି। ଯାଜପୁର ଜିଲ୍ଲା ଧର୍ମଶାଳା କଲେଜ ନିକଟ ପାଣ୍ଟୁଆ ଗ୍ରାମରେ ପୈତୃକ ଜମି ଉପରେ ନିର୍ମିତ ଦୁଇ ମହଲା ଘର ଠାବ କରିଛି ଭିଜିଲାନ୍ସ। ବାରିପଦା ସହରର ଦେଉଳ ସାହି, ୱାର୍ଡ ନଂ-୯ରେ ଥିବା ଜଣେ ସମ୍ପର୍କୀୟଙ୍କ ଘର, ଧର୍ମଶାଳାର ପାଣ୍ଟୁଆ ଗ୍ରାମରେ ଥିବା ଅନ୍ୟ ଜଣେ ସମ୍ପର୍କୀୟଙ୍କ ଘର, ବାଲିଗୁଡାସ୍ଥିତ ସ୍ୱତନ୍ତ୍ର ଅଧିକାରୀ, ଆଇଟିଡିଏ କାର୍ଯ୍ୟାଳୟରେ ଥିବା ଶ୍ରୀ ବେହେରାଙ୍କ କାର୍ଯ୍ୟାଳୟ, ଆଇଟିଡିଏ କାର୍ଯ୍ୟାଳୟ ନିକଟ ବାଲିଗୁଡାରେ ଥିବା ତାଙ୍କ ସରକାରୀ ବାସଭବନରେ ରେଡ୍ କରାଯାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ, ଭୁବନେଶ୍ୱରଙ୍କ ସର୍ଚ୍ଚ ୱାରେଣ୍ଟ ଆଧାରରେ ଭିଜିଲାନ୍ସର ଏକ ବହୁସ୍ତରୀୟ ଟିମ୍ ତାଙ୍କ ସମ୍ପର୍କିତ ବିଭିନ୍ନ ସ୍ଥାନରେ ଏକାସଙ୍ଗରେ ଚଢ଼ଉ କରିଛି। ଏହି ଚଢଉରେ ୨ ଜଣ ଅତିରିକ୍ତ ଏସ୍‌ପି, ୫ ଜଣ ଡିଏସ୍‌ପି, ୬ ଜଣ ଇନ୍ସପେକ୍ଟର, ଏବଂ ଅନ୍ୟ ଅଧିକାରୀ ସାମିଲ ଅଛନ୍ତି। ଚଢ଼ଉ ସମୟରେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି, ବ୍ୟାଙ୍କ ଜମା, ନିବେଶ ଏବଂ ଅନ୍ୟାନ୍ୟ ଆର୍ଥିକ ଦଲିଲର ଯାଞ୍ଚ କରାଯାଉଥିବା ଜଣାପଡ଼ିଛି।

### ଧୀମାନ ଚାକମା ...

ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ। ଏପରିକି ସର୍ଚ୍ଚ ବେଳେ ତାଙ୍କ ଘରୁ ୪୭ ଲକ୍ଷ ଟଙ୍କାର କ୍ୟାସ ବି ଜବତ ହୋଇଥିଲା। ଭିଜିଲାନ୍ସ ହାତରେ ଗିରଫ ହେବା ପରେ ରାଜ୍ୟ ସରକାର ତାଙ୍କୁ ଚାକିରିରୁ ସସପେଣ୍ଡ କରିଥିଲେ। କିଛି ଦିନ ଜେଲରେ ରହିବା ପରେ ତାଙ୍କୁ ହାଇକୋର୍ଟରୁ ଜାମିନ୍ ମିଳିଥିଲା । ତେବେ ଏବେ ପୁଣି ସେ ଚାକିରିରେ ଯୋଗ ଦେଇଛନ୍ତି। ରାଜସ୍ୱ ବିଭାଗରେ ଉପ ସଚିବ ଭାବେ ତାଙ୍କୁ ମେ ମାସ ୨୧ ତାରିଖରେ ନିଯୁକ୍ତି ମିଳିବା ପରେ ଏବେ ସେ କାର୍ଯ୍ୟରେ ଯୋଗ ଦେଇଛନ୍ତି।

### ୪ ମୃତ ...

ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ବନ ବିଭାଗ କର୍ମଚାରୀମାନେ ହାତୀଟିକୁ ଜଙ୍ଗଲକୁ ଘଉଡ଼ାଇବାରେ ସଫଳ ହୋଇଛନ୍ତି। ସେହିପରି ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା ଡିଭିଜନର ବାଙ୍କୀ ରେଞ୍ଜ ଅନ୍ତର୍ଗତ କଛୁପଡ଼ା ଗାଁ ନିକଟରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ଯମୁନା ମହାନ୍ତ। ତାଙ୍କ ଘର କଛୁପଡ଼ା ଗାଁରେ। ସେ ଶୌଚ ପାଇଁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ କଚାଡ଼ି ମାରି ଦେଇଥିଲା। ଖବର ପାଇ ବାଙ୍କୀ ରେଞ୍ଜର ଓ ଫରେଷ୍ଟର ଘଟଣା ସ୍ଥଳରେ ପହଞ୍ଚି ମୃତ୍ୟୁ ଦେହକୁ ଡାକ୍ତରଖାନା ପଠାଇଥିଲେ। ଉକ୍ତ ଅଞ୍ଚଳରେ ୧୦ରୁ ଅଧିକ ହାତୀ ଥିବା ବେଳେ ଏକ ଦନ୍ତା ଆସି ଯମୁନାଙ୍କୁ ଆକ୍ରମଣ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କେନ୍ଦୁଝରର ବିଜେପି ରେଞ୍ଜ ନୀଳମୁଣ୍ଡି ସାହିରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ଼ ଜିଲ୍ଲା ରାଏବଗା ଥାନା ଅନ୍ତର୍ଗତ ସାଉନାପଡ଼ା ଗାଁର ୬୫ ବର୍ଷୀୟା ଗ୍ଲୋରିଆ ଟପ୍ପୋ ଶନିବାର ସକାଳେ ମହୁଲ ଫଳ ଗୋଟାଇବା ପାଇଁ ଜଙ୍ଗଲକୁ ଯାଇଥିଲେ। ସେହି ସମୟରେ ଏକ ହାତୀ ସହ ତାଙ୍କର ମୁହାଁମୁହିଁ ହୋଇଥିଲା। ହାତୀଟି ତାଙ୍କୁ କଚାଡ଼ି ଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

### ଏକାଠି ଜଳିଲା ...

ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ଖୋଜାଖୋଜି କରିବା ପରେ ବାଲୁଗାଁ ଷ୍ଟେସନ ନିକଟ ରେଳ ଧାରଣାରୁ ମିଳିଥିଲା ବାପାଙ୍କ ମୃତଦେହ। ସେ ରେଳ ଧାରଣାରେ ଶୋଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ଏହି ଘଟଣା ଘଟିଛି ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା କେଶପୁର ଗାଁରେ। ମୃତକମାନେ ହେଉଛନ୍ତି ନବଘନ ପ୍ରଧାନ ଓ ତାଙ୍କ ସାନ ପୁଅ ତୋଫାନ ପ୍ରଧାନ। ନବଘନ ତାଙ୍କ ଗାଁ ତଥା ଆଖପାଖ ଗାଁରୁ ବିଭିନ୍ନ ଲୋକଙ୍କଠାରୁ ୧୦ ଲକ୍ଷରୁ ଅଧିକ ଟଙ୍କା ଉଧାରି କରିଥିଲେ। ସେଥିରୁ ସେ ୫ ଲକ୍ଷ ତାଙ୍କ ଝିଅଙ୍କୁ ଦେଇଥିଲେ, ଯିଏ ବିବାହିତା। ୧୦ ଦିନ ତଳେ ବିଦେଶରୁ ଘରକୁ ଫେରିଥିବା ତୋଫାନ ଏ କଥା ଜାଣିବା ପରେ ଭାରି ବିରକ୍ତ ହୋଇଥିଲେ। ଏହି କଥାକୁ ନେଇ ଗତକାଲି ରାତିରେ ବାପପୁଅଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଆଉ ତା'ପରେ ଉଭୟେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଶନିବାର ଗାଁ ମଶାଣିରେ ଗୋଟିଏ ଜୁଇରେ ନବଘନ ଓ ତାଙ୍କ ପୁଅ ତୋଫାନଙ୍କର ଶବ ସତ୍କାର କରାଯାଇଛି। ଏହି ଘଟଣାକୁ ନେଇ ପୂରା ଗାଁ ମର୍ମାହତ ହୋଇଛି।

### ଦିଲ୍ଲୀରେ ହେବ ...

ଜଳ ଉପରେ ଓଡ଼ିଶାର ପ୍ରାପ୍ୟ କେତେ, ଛତିଶଗଡ଼ର ପ୍ରାପ୍ୟ କେତେ, ସେହି ମୂଳ ବିଷୟବସ୍ତୁ ଉପରେ ବର୍ତ୍ତମାନ ସିଧାସଳଖ ଦୁଇ ରାଜ୍ୟର ବୈଷୟିକ କମିଟି ଆଲୋଚନା କରିବେ। ତେଣୁ ଏହି ଆଲୋଚନାର ଫଳାଫଳକୁ ଟ୍ରିବ୍ୟୁନାଲ ପାଖରେ ଆମେ ଦାଖଲ କରିବୁ। ଦୁଇ ରାଜ୍ୟର ସରକାରଙ୍କ ଶୀର୍ଷ ସ୍ତରରେ ମଧ୍ୟ ଆଲୋଚନା କରାଯିବ। ଏହାପରେ ମହାନଦୀ ଟ୍ରିବ୍ୟୁନାଲ ପରବର୍ତ୍ତୀ ଶୁଣାଣି ଜୁନ୍ ୨୭ରେ କରିବେ। ମହାନଦୀ ଟ୍ରିବ୍ୟୁନାଲର ଅଧ୍ୟକ୍ଷା ଜଷ୍ଟିସ ଏମ୍ ବେଲା ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରୁଛନ୍ତି।

### ପିକ୍ ଅପ୍-ଟ୍ରେଲର୍ ...

ଅସ୍ଥି ବିସର୍ଜନ କରିବା ପାଇଁ ଡେରା ବ୍ୟାସ ଅଭିମୁଖେ ବାହାରିଥିଲେ। ପୁରୁଷ, ମହିଳା ଓ ଶିଶୁଙ୍କୁ ମିଶାଇ ପାଖାପାଖି ୨୭ ଜଣ ପରିବାର ସଦସ୍ୟ ଏକ ଭ୍ୟାନରେ ଯାତ୍ରା କରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି। ମୃତକମାନେ ପଞ୍ଜାବର ଜଲାଲାବାଦ ଅଞ୍ଚଳର ବାସିନ୍ଦା ଅଟନ୍ତି। ଏହି ଦୁର୍ଘଟଣା ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଟ୍ରେଲର ଏବଂ ପିକଅପ୍ ମଧ୍ୟରେ ଟକ୍କର ଏତେ ଭୟଙ୍କର ଥିଲା ଯେ ପିକଅପ୍ ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ଚୁରମାର ହୋଇଯାଇଛି। ଦୁର୍ଘଟଣା ପରେ ଗାଡ଼ି ଭିତରେ ହିଁ ଅନେକ ଲୋକ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ପୁଲିସକୁ ଖବର ଦେଇଥିଲେ। ପ୍ରାଥମିକ ସୂଚନାରେ ୩ ଜଣ ପୁରୁଷ ଏବଂ ଜଣେ ମହିଳାଙ୍କ ସମେତ ୪ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ମାତ୍ର ପରବର୍ତ୍ତୀ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ଏହି ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇ ୯ରେ ପହଞ୍ଚିଛି ।

### ଫିଫା ମାନର ...

'ସିଏମ କପ୍' ଫୁଟବଲ୍ ଟୁର୍ଣ୍ଣାମେଣ୍ଟରୁ ତୃଣମୂଳ ସ୍ତରରେ ମନୋନୀତ ହେଉଥିବା ୧୪ ବର୍ଷରୁ କମ୍ ବୟସର ୩୦ ଜଣ ପ୍ରତିଭାବାନ ପିଲାଙ୍କୁ ଉଚ୍ଚକୋଟୀର ଆବାସିକ ତାଲିମ ଦେବାର ଦାୟିତ୍ୱ ଏହି ଏକାଡେମୀକୁ ଦିଆଯାଇଛି। ତାଲିମ ଗ୍ରହଣ କରୁଥିବା ଏହି ଶିଶୁମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ନିକଟସ୍ଥ ଶିକ୍ଷାନୁଷ୍ଠାନମାନଙ୍କରେ ଗୁଣାତ୍ମକ ଶିକ୍ଷା ଗ୍ରହଣର ସମ୍ପୂର୍ଣ୍ଣ ବ୍ୟବସ୍ଥା ମଧ୍ୟ ସରକାରଙ୍କ ପକ୍ଷରୁ କରାଯାଇଛି। ସେହିପରି ଉନ୍ନତ କ୍ରୀଡ଼ା ଭିତ୍ତିଭୂମି ଓ ଉପଯୁକ୍ତ ପ୍ରଶିକ୍ଷଣ ଜରିଆରେ ସମ୍ବଲପୁର ଫୁଟବଲ ଏକାଡେମୀ ଆଗାମୀ ଦିନରେ ଓଡ଼ିଶା ପାଇଁ କ୍ରୀଡ଼ା କ୍ଷେତ୍ରରେ ଆହୁରି ଅନେକ ଗୌରବ ଓ ସଫଳତା ଆଣିଦେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରାଜ୍ୟସଭା ସାଂସଦ ମନମୋହନ ସାମଲ, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ, ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର ପ୍ରମୁଖ ଉପସ୍ଥିତ ଥିଲେ।

# ଡଙ୍ଗରିଆଙ୍କୁ ରାସ୍ତା ନାଁରେ ଠକିଦେଲା ଏନ୍‌ବିସିସି ସଂସ୍ଥା

## କ୍ରାଇମବ୍ରାଞ୍ଚ ତଦନ୍ତ ଦାବି



**ରାୟଗଡ଼ା,୬।୬/ଏନ୍‌ଏନ୍‌ଏସ୍:** ନିୟମଗିରି ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା ଡଙ୍ଗରିଆ ଆଦିମ ଜନଜାତିଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ଘୋଷଣା ହେଉଥିଲେ ମଧ୍ୟ ତା'ର ସୁଫଳ ସେମାନଙ୍କୁ ମିଳୁନାହିଁ। ଯୋଜନାରେ ଅନିୟମିତତା ସହ ମୌଳିକ ସୁବିଧା ବିଶେଷକରି ଯାତାୟାତ ବ୍ୟବସ୍ଥାର ଅଭାବ ଏବେ ମଧ୍ୟ ଗୁରୁତର ସମସ୍ୟା ଭାବେ ରହିଛି। କୋଟି କୋଟି ଟଙ୍କା ବ୍ୟୟରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅଧୀନରେ ନିର୍ମିତ ରାସ୍ତା ନିମ୍ନମାନର କାମ ହେତୁ ଅଳ୍ପ ସମୟରେ ନଷ୍ଟ ହୋଇ ମାଟି ଗୋଡ଼ିରେ ପରିଣତ ହୋଇଛି। ଏହି ଅନିୟମିତତା ନେଇ ସ୍ଥାନୀୟ ସରପଞ୍ଚ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି। ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା, କଲ୍ୟାଣସିଂହପୁର ଓ ବିଷମକଟକ ବ୍ଲକ୍‌କୁ ସଂଯୋଗ କରୁଥିବା ନିୟମଗିରି ଅଞ୍ଚଳରେ ଡଙ୍ଗରିଆ ଜନଜାତି ବସବାସ କରୁଛନ୍ତି। ମୁନିଗୁଡ଼ା ବ୍ଲକ୍‌ର ମୁନିଖୋଲ ପଞ୍ଚାୟତ ଅଧୀନରେ ଡେଙ୍ଗୁଣୀ, ଜାମଣପାଙ୍ଗୀ, ସୁଟାଙ୍ଗୁଣି ଓ ମଣ୍ଡା ସହ ୧୫ରୁ ଅଧିକ ଗ୍ରାମର ଲୋକଙ୍କ ଯାତାୟାତ ସୁବିଧା ପାଇଁ ସକଟା ଛକରୁ ଆମ୍ବଧୁନୀ ପର୍ଯ୍ୟନ୍ତ ଏହି ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଥିଲା। ତେବେ ୨୦୧୭ ମସିହାରୁ ପ୍ରାୟ ୧୨.୫ କିମି ଦୈର୍ଘ୍ୟର ଏହି ପ୍ରକଳ୍ପ ଆରମ୍ଭ ହେବା ସତ୍ତ୍ୱେ ଏପର୍ଯ୍ୟନ୍ତ କାମ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଏହି ପ୍ରକଳ୍ପର କାମ ଏନ୍‌ବିସିସି ସଂସ୍ଥାକୁ ଦିଆଯାଇଥିବାବେଳେ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟକୁ ନେଇ ଗୁରୁତର ଅଭିଯୋଗ ହୋଇଛି। କିଛି ସ୍ଥାନରେ ପିଚୁ ଉଠିଯାଇଥିବାବେଳେ ଅନ୍ୟାନ୍ୟ ସ୍ଥାନରେ ରାସ୍ତା ଗୋଡ଼ିରେ ପରିଣତ ହୋଇଛି। ନିୟମ ଅନୁସାରେ ଦୁଇ ପର୍ଯ୍ୟାୟର ମେଟାଲିଂ ପରେ ପିଚୁମିଶ୍ରିତ ଚିପ୍ସ ଓ ଶେଷରେ ବଜ୍‌ରୀ ପକାଯିବା ଦରକାର ଥିଲେ ମଧ୍ୟ ଅନେକ ସ୍ଥାନରେ ମାତ୍ର ଗୋଟିଏ ପର୍ଯ୍ୟାୟ ମେଟାଲିଂ କିମ୍ବା ମୋରମ ପକାଇ ରୋଲିଂ କରାଯାଇଛି। ଫଳସ୍ୱରୂପ ସାଧାରଣ ବାଇକ୍ ଚଳାଚଳରେ ମଧ୍ୟ ରାସ୍ତାର ପିଚୁ ଖସିଯାଉଛି। ଏହି ଅବସ୍ଥା ନେଇ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଙ୍ଗଲଜାତ ଉତ୍ପାଦ ବିକ୍ରି କିମ୍ବା ଚିକିତ୍ସା ପାଇଁ ଡଙ୍ଗରିଆମାନେ ମୁଖ୍ୟତଃ ମୁନିଗୁଡ଼ା ଉପରେ ନିର୍ଭର କରୁଥିବାବେଳେ ଏହି ଖରାପ ରାସ୍ତା ଯୋଗୁ ସେମାନଙ୍କ ଜୀବନ ଦୁର୍ବିସହ ହୋଇଛି। ଭଲ ରାସ୍ତା ଏବେ ସ୍ୱପ୍ନ ହୋଇଯାଇଛି ବୋଲି ସ୍ଥାନୀୟ ବାସିନ୍ଦା କରକାରିଆ ଓ ଅଭିରାମ ଟାକ୍ରୀ କହିଛନ୍ତି। ଏପରିକି କାର୍ଯ୍ୟରତ ଶ୍ରମିକ ସୁବାଷ ପଲକିଆ କହିଛନ୍ତି ଯେ ଉପରୁ ଯେମିତି ନିର୍ଦ୍ଦେଶ ମିଳୁଛି, ସେହି ଅନୁଯାୟୀ କାମ କରାଯାଉଛି। ଏନେଇ ଏନ୍‌ବିସିସି ପକ୍ଷରୁ ମତାମତ ନେବା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସଂସ୍ଥାର କାର୍ଯ୍ୟାଳୟ ଜିଲ୍ଲା ବାହାରେ ଥିବାରୁ ସମ୍ପର୍କ ସ୍ଥାପିତ ହୋଇପାରି ନାହିଁ। ତେଣୁ ଏହି ପରିସ୍ଥିତିକୁ ଗୁରୁତ୍ୱ ଦେଇ ସ୍ଥାନୀୟ ସରପଞ୍ଚ ପାଇକ ଜାକାକା ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଉକ୍ତ ରାସ୍ତାକାମର ଭିଜିଲାନ୍ସ କିମ୍ବା କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି।

# ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ କରାଯାଉ: ବିଜେଡି

## ଦାବିପୂରଣ ନହେଲେ କାର୍ଯ୍ୟାଳୟ ଘେରାଉ ଚେତାବନୀ



**ରେଢ଼ାଖୋଲ,୬।୬/ଏନ୍‌ଏନ୍‌ଏସ୍:** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବିଜେଡି ପକ୍ଷରୁ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରେଢ଼ାଖୋଲରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ପ୍ରତି ରାଜ୍ୟ ସରକାର, ପ୍ରଶାସନ ଦୃଷ୍ଟି ଦେଇ ସମାଧାନ ନକଲେ ଆଗାମୀ ଦିନରେ କାର୍ଯ୍ୟାଳୟ ଘେରାଉ ସହ ରାସ୍ତାରୋକ ଆନ୍ଦୋଳନ ତୀବ୍ରତର ହେବ ବୋଲି ରେଢ଼ାଖୋଲ ବ୍ଲକ୍ ବିଜେଡି ସଭାପତି ଉଦିତ୍ ନାରାୟଣ ତ୍ରିପାଠୀ ସରକାର ଓ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ବ୍ଲକ୍ ସଭାପତି ଉଦିତ୍ ନାରାୟଣ ତ୍ରିପାଠୀ କହିଥିଲେ ଯେ ରେଢ଼ାଖୋଲ ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ବର୍ତ୍ତମାନ ଏକ ମରଣଯନ୍ତା ପାଲଟିଛି। ଦୈନନ୍ଦିନ କଳକାରଖାନାରୁ ନିର୍ଗତ ଶହ ଶହ ଟ୍ରକ୍ ପାଉଁଶ ରେଢ଼ାଖୋଲ ସହର ଦେଇ ବିଭିନ୍ନ ସ୍ଥାନକୁ ଯାଉଛି। ଟ୍ରକ୍‌ରେ ବୋଝେଇ ପାଉଁଶକୁ ଠିକ୍ ଭାବେ ପଲିଥିନ୍ ଢାଙ୍କି ନନେବାରୁ ରାସ୍ତାରେ ପଡ଼ିବା ସହ ଉଡ଼ି ଲୋକଙ୍କ ଆଖିରେ ପଡୁଛି। ଏପରିକି ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ସେହିପରି ପିଡି ଏନ୍‌ଏଚ୍‌ଆଇ, ଉପଜିଲ୍ଲାପାଳ ଓ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ହୋଇଥିବା ବୈଠକର ନିଷ୍ପତ୍ତି ଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନାହିଁ। ସ୍ଥାନୀୟ ତାରିଣୀ ଢାବାଠାରୁ ସହର ମଧ୍ୟକୁ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଥିବାରୁ ଦୁର୍ଘଟଣା ମଧ୍ୟ ବଢୁଛି। ସମ୍ବଲପୁର ଜିଲ୍ଲାରେ ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାରେ ଥିବା ରକ୍ତ ଭଣ୍ଡାର ବନ୍ଦ ରହିଥିବାବେଳେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ କାର୍ଯ୍ୟକ୍ଷମ କରିବାରେ କାହାର ଆନ୍ତରିକତା ନଥିବା ପରି ମନେ ହେଉଛି। ପାନୀୟଜଳର ସଙ୍କଟ ବିଭିନ୍ନ ଗାଁରେ ଦେଖିବାକୁ ମିଳୁଛି। ଏହାକୁ ଦୂର କରିବାକୁ ପ୍ରଶାସନ ଆଦୌ ଦୃଷ୍ଟି ଦେଉନାହିଁ। ରେଢ଼ାଖୋଲ ବ୍ଲକ୍ ମୋଚିବାହାଳ ପଞ୍ଚାୟତ ଅନ୍ତର୍ଗତ ସାଇବେର୍ଣି ଗ୍ରାମରେ ମେଗା ଜଳପ୍ରକଳ୍ପ ୧୭ ବର୍ଷ ଧରି ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ରେଢ଼ାଖୋଲ ବ୍ଲକ୍‌ରେ ଏମ୍‌ଜିଏନ୍‌ଆଇଜିଏସ୍ ଅନ୍ତର୍ଗତ ଚାଷ ଜମି ଉନ୍ନତିକରଣ ପାଇଁ ୨୮୭ ଚାଷୀ ନିଜର ଜମି ନିର୍ମାଣ କାର୍ଯ୍ୟ ସାରିଛନ୍ତି। ମାତ୍ର ହିତାଧିକାରୀ ନିଜର କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବାବେଳେ ଅର୍ଥ ପାଇନାହାନ୍ତି। ଫଳରେ ନିର୍ବାଚନମଣ୍ଡଳୀର ଅନେକ ସ୍ଥାନରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇପଡ଼ିଛି। ବିଜେଡି ସରକାର ସମୟରେ ରେଢ଼ାଖୋଲର ନୂଆ ବସ୍‌ଷ୍ଟାଣ୍ଡ, ଟାଉନ୍ ହଲ୍, କଲ୍ୟାଣ ମଣ୍ଡପ, ଟ୍ରକ୍ ଟର୍ମିନାଲ୍ ସେଣ୍ଟର୍ ଓ ଅନେକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିବାବେଳେ ଏହା ଉଦ୍‌ଘାଟନ ହେଉନଥିବାରୁ ଲୋକଙ୍କ କାର୍ଯ୍ୟରେ ଲାଗି ପାରୁନାହିଁ। ଏହି ସାମ୍ବାଦିକ ସମ୍ମିଳନୀରେ ରେଢ଼ାଖୋଲ ନଗର ସଭାପତି ସିଦ୍ଧାର୍ଥ ଶଙ୍କର ପ୍ରଧାନ, ଏନ୍‌ଏସି ପୂର୍ବତନ ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ନଗର ଯୁବ ସଭାପତି ବିକାଶ ଦାସ, ନଗର ଛାତ୍ର ସଭାପତି ଶିବ ଶମ୍ଭୁ ନନ୍ଦ, ଜିଲ୍ଲା ଉପସଭାପତି ଅନାଦି ଚରଣ ସାହୁ, ଏନ୍‌ଏସି ପୂର୍ବତନ କାଉନସିଲର୍ ରାଜୀବ ଲୋଚନ ପ୍ରଧାନ ଓ ବହୁ ବିଜେଡି କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଜନସମ୍ପର୍କ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି




**ଝାରସୁଗୁଡ଼ା,୬।୬/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳ କାର୍ଯ୍ୟକାଳ ପୂର୍ତ୍ତି ଉତ୍ସବ ଏବଂ ଏଥିପାଇଁ ଆୟୋଜିତ ହେବାକୁ ଥିବା ଆଗାମୀ ଜନସମ୍ପର୍କ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ରାଜ୍ୟବ୍ୟାପୀ ଜନସମ୍ପର୍କ ଅଭିଯାନର ଏକ ଅଂଶ ଭାବେ ବିଭିନ୍ନ ବିଭାଗ ଦ୍ୱାରା ପ୍ରସ୍ତାବିତ କାର୍ଯ୍ୟକଳାପ ଗୁଡ଼ିକର ସମୀକ୍ଷା କରାଯାଇଥିଲା। ବିଗତ ଦୁଇ ବର୍ଷ ମଧ୍ୟରେ ସରକାରଙ୍କ ସଫଳତା, ଜନକଲ୍ୟାଣକାରୀ ପଦକ୍ଷେପ ଓ ବିକାଶମୂଳକ କାର୍ଯ୍ୟକ୍ରମ ଗୁଡ଼ିକୁ ସାଧାରଣ ଲୋକଲୋଚନକୁ ଆଣିବା ଏବଂ ପ୍ରତ୍ୟେକ ନାଗରିକଙ୍କ ନିକଟରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ। ଏହି ବୈଠକରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚୌହ୍ୱାଣଙ୍କ ସମେତ ଜିଲ୍ଲାର ସମସ୍ତ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଫଳ ରୂପାୟନ, ସର୍ବାଧିକ ଜନସାଧାରଣଙ୍କ ଭାଗିଦାରୀ ନିଶ୍ଚିତ କରିବା , ସରକାରୀ ଯୋଜନା ଓ ସେବା ବିଷୟରେ ତଥ୍ୟର ପ୍ରଭାବଶାଳୀ ପ୍ରସାର ପାଇଁ ରଣନୀତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜନସମ୍ପର୍କ କାର୍ଯ୍ୟକ୍ରମ ଗୁଡ଼ିକର ସୁଚାରୁ ପରିଚାଳନା ଲାଗି ସମସ୍ତ ବିଭାଗ ମଧ୍ୟରେ ସମନ୍ୱିତ ପ୍ରୟାସ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେବାସହ ଅଧିକାରୀଙ୍କୁ ଆଗୁଆ ଆବଶ୍ୟକୀୟ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ମତାମତ ଉପସ୍ଥାପନ କରିଥିଲେ।

# କଲରାପତରିଆ ଛାଲ ଜବତ, ୮ ଗିରଫ



**ରାୟଗଡ଼ା,୬।୬/ଏନ୍‌ଏନ୍‌ଏସ୍:** କଲ୍ୟାଣସିଂହପୁର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ରିଭଲକଣା ଅଞ୍ଚଳରେ ଜଙ୍ଗଲ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୮ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ଠାରୁ ଗୋଟିଏ କଲରାପତରିଆ ବାଘ ଚମଡ଼ା ଜବତ କରାଯାଇଛି। କଳାହାଣ୍ଡି ଓ ରାୟଗଡା ଜଙ୍ଗଲ ବିଭାଗର କର୍ମଚାରୀମାନେ ଏହି ଚଢ଼ଉରେ ସାମିଲ ହୋଇଥିଲେ। ଗିରଫ ଅଭିଯୁକ୍ତମାନଙ୍କୁ ତଦନ୍ତ ପାଇଁ ରାୟଗଡାକୁ ଆଣାଯାଉଥିବା ବିଭାଗ ପକ୍ଷରୁ କୁହାଯାଇଛି। ତଦନ୍ତ ପରେ ବାଘ ଛାଲ କେଉଁଠାରୁ ଆଣାଯାଇଥିଲା ତାହା ସ୍ପଷ୍ଟ ହେବ।ଏହି ତେବେ ଜବତ ବାଘ ଛାଲ କଳାହାଣ୍ଡି ଜିଲ୍ଲାର କର୍ଲାପାଟ ରିଜର୍ଭ ଫରେଷ୍ଟ ଅଞ୍ଚଳରୁ ଆଣାଯାଇଥିବା ଅନୁମାନ କରାଯାଉଛି। ଚଢ଼ଉରେ ରାୟଗଡ଼ା ରେଞ୍ଜର ଅନୀଲ ପାଣିଗ୍ରାହୀ, କଲ୍ୟାଣସିଂହପୁର ରେଞ୍ଜର ସଚ୍ଚିଦାନନ୍ଦ ପରିଡ଼ା, ଗୌରୀ ଶଙ୍କର ସାହୁ, ରବି ଚନ୍ଦ୍ର ପାତ୍ର ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ରାୟଗଡା ଡିଏଫଓ ସଚିନ ଆତ୍ମା ସାହେବ ଓହଲ କହିଛନ୍ତି ଯେ, ତଦନ୍ତ ପରେ ସବିଶେଷ ତଥ୍ୟ ଗଣମାଧ୍ୟମକୁ ଜଣାଯିବ। ସୂଚନାଯୋଗ୍ୟ ଯେ, ଗତ ୨ ବର୍ଷରେ ରାୟଗଡା ଜିଲ୍ଲାରୁ ପ୍ରାୟ ୧୦ଟି କଲରାପତରିଆ ବାଘ ଛାଲ ଜବତ ହୋଇଛି। ଗୁମ୍ମା ରିଜର୍ଭ ଫରେଷ୍ଟ ଓ ମୁନିଗୁଡା ରେଞ୍ଜର ଚନ୍ଦ୍ରପୁର ବନାଞ୍ଚଳରେ ପୂର୍ବରୁ ବହୁ ସଂଖ୍ୟକ ବାଘ ଦେଖାଯାଉଥିଲେ। କିନ୍ତୁ ସମ୍ପ୍ରତି ବାଘ ଗଣନା ସମୟରେ ଟ୍ରାପ କ୍ୟାମେରାରେ ଗୋଟିଏ ମଧ୍ୟ ବାଘ ଧରାପଡ଼ିନାହିଁ। ଶେଷଥର ପାଇଁ ଗତ ଡିସେମ୍ବର ମାସରେ ଟ୍ରାପ କ୍ୟାମେରାରେ ଗୋଟିଏ ବାଘର ସୂଚନା ମିଳିଥିଲା।

## ପାଇଖାନା ଟାଙ୍କି ଟ୍ରାଜେଡି ଘଟଣା

# ବିଧାୟିକାଙ୍କ ସହାୟତା ପ୍ରଦାନ



**ମ.ରାମପୁର,୬।୬/ଏନ୍‌ଏନ୍‌ଏସ୍:** ମ.ରାମପୁର ନିକଟସ୍ଥ ଗୌଡ଼ କର୍ଲାଖୁଣ୍ଟାରେ ନିର୍ମାଣାଧୀନ ପାଇଖାନା ଟାଙ୍କି ସେଣ୍ଟ୍ରି ଖୋଲିବାକୁ ଯାଇ ଶ୍ୱାସରୁଦ୍ଧ ହୋଇ ୬ ଜଣ ପ୍ରାଣ ହରାଇଥିଲେ। ସେମାନଙ୍କ ଏକାଦଶାହରେ ନର୍ଲା ବିଧାୟିକା ମନୋରମା ମହାନ୍ତି ମୃତକ ଓ ଆହତଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ପରିବାରବର୍ଗଙ୍କୁ ୨୦ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିଛନ୍ତି। ଏଥିସହ ପରିବାରର ଅସହାୟ ପୁଅ ଝିଅଙ୍କ ଉଚ୍ଚଶିକ୍ଷା ପାଇଁ ସହଯୋଗର ହାତ ବଢ଼ାଇବେ ବୋଲି ବିଧାୟିକା ଶ୍ରୀମତୀ ମହାନ୍ତି ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ବିଜେଡି ବ୍ଲକ୍ ସଭାପତି ସତ୍ୟନାରାୟଣ ସାହୁ, ବ୍ଲକ୍ ସଭାନେତ୍ରୀ ତୁଳସା ବିଶି, ରାଜ୍ୟ ସରପଞ୍ଚ ସଂଘ ସଭାପତି ରୋମାଞ୍ଚ ସାହୁ, ଜିଲ୍ଲା ସମ୍ପାଦକ ରଜନୀକାନ୍ତ ମହାଖୁଡ଼, ଯୁବନେତା ପ୍ରଦୀପ ପାଣିଗ୍ରାହୀ, ଶୈଳେଶ ବିଶି, ସାମ୍ବାଦିକ ଅଭିରାମ ନନ୍ଦ, ଲକ୍ଷଣ ସ୍ୱାଇଁ ଓ ଶୁଭେନ୍ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବ ରେଡକ୍ରସ୍ ପକ୍ଷରୁ ଚାରାରୋପଣ

**ପାଟଣାଗଡ଼,୬।୬/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ବଳଭଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହରିଶଙ୍କର ବନାଞ୍ଚଳ ଅଧିକାରୀ ତଥା ଏସିଏଫ୍ ଅରବିନ୍ଦ ନାଏକ, ସମ୍ମାନିତ ଅତିଥିରୂପେ ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ଗୋବିନ୍ଦ ବାରିକ, ପ୍ରକୃତି ବନ୍ଧୁ ଡ. ଅଭୟ ତ୍ରିପାଠୀ ଓ ଖିରଧର ମାଝୀ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଚାରାରୋପଣ କରି କାର୍ଯ୍ୟକ୍ରମ ଆରମ୍ଭ କରିବା ସହିତ ଜଳବାୟୁ ପରିବର୍ତ୍ତନ ଏକ ଆହ୍ୱାନ ହୋଇଥିବାବେଳେ ଛାତ୍ରୀଛାତ୍ରମାନେ ଅଧିକରୁ ଅଧିକ ଚାରାରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବନରକ୍ଷୀ ରାଜେନ୍ଦ୍ର ଧରୁଆ, ସଞ୍ଜୀବ ପ୍ରଧାନ, ହର୍ଷଦ କୁମାର ଶତପଥୀ, ବିହାରୀ ପ୍ରଧାନ, ମତୁଆଲା ବର୍ଗତି, ମଣ୍ଟୁ ନାଗ, କ୍ରିଷ୍ଣା ଚରଣ ସାହୁ, କରନ୍ ବିଶ୍ୱାଳ, କୁମୁଦିନୀ ଭୋଇ, ସୌଭାଗ୍ୟ ଜାନି, ଗୁଣମଣି ସାହୁ, ନନ୍ଦକିଶୋର ବାଗ ଓ ଜ୍ୟୋତିର୍ମୟ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଫୁଲୁକିମୁଣ୍ଡା ଉଚ୍ଚବିଦ୍ୟାଳୟରେ ମଧ୍ୟ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଚାରାରୋପଣ ସହିତ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି।

# ଆର୍‌ଆଇ ଅଫିସ୍‌ରେ ଝୁଲୁଛି ତାଲା, ଲୋକେ ନିରାଶ

## କ୍ଷେତ୍ର ପରିଦର୍ଶନ ବାହାନା କରି ଅଧିକାରୀ ଅନୁପସ୍ଥିତ



**କନ୍ଧମାଳ,୬।୬/ଏନ୍‌ଏନ୍‌ଏସ୍:** କନ୍ଧମାଳ ବ୍ଲକ୍ ଦପଲା ନିକଟରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଖୋଲିବାକୁ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ହୋଇଥିଲେ ମଧ୍ୟ ଅଧିକାଂଶ ସମୟରେ ଗେଟ୍ ସମ୍ମୁଖରେ ତାଲା ଝୁଲୁଥିବା ଅଭିଯୋଗ ହୋଇଛି। ଗ୍ରୀଷ୍ମପ୍ରବାହ ଯୋଗୁ ସମସ୍ତ ସରକାରୀ ଅଫିସ୍ ସକାଳେ ଖୋଲିବା ପାଇଁ ସରକାରୀ ନିଷ୍ପତ୍ତି ନିଆଯାଇଛି। ହେଲେ ଏଠାରେ ସରକାରଙ୍କ ନିୟମକୁ ସିଧାସଳଖ ଉଲ୍ଲଙ୍ଘନ କରାଯାଉଛି। ତେବେ ସକାଳ ୭ଟାରେ ଅନେକ ଲୋକ କାର୍ଯ୍ୟାଳୟକୁ ଆସି ୯ଟା ୩୦ ପର୍ଯ୍ୟନ୍ତ ଅପେକ୍ଷା କରୁଥିଲେ ମଧ୍ୟ କାର୍ଯ୍ୟାଳୟ ଖୋଲିନଥିବା ଅଭିଯୋଗ ହୋଇଛି। ଫଳରେ ଲୋକେ ଦୂରଦୂରାନ୍ତରୁ ଆସି କାମ ନହେବାରୁ ଅସନ୍ତୋଷ ବ୍ୟକ୍ତ କରିବା ସହ ନିରାଶ ହୋଇ ଖରାରେ ଘରକୁ ଫେରୁଛନ୍ତି। ଅନେକ ସମୟରେ ବୃଦ୍ଧ ବୃଦ୍ଧାମାନେ ନିଜର ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବାବେଳେ କାର୍ଯ୍ୟାଳୟ ଖୋଲା ନଥିବା ସହ ଅଧିକାରୀଙ୍କ ଦେଖା ମିଳୁନି। ତେବେ ଉକ୍ତ ଅଫିସ୍‌ରେ ୪ ଜଣ କର୍ମଚାରୀ ଥିବାବେଳେ ଅଫିସ୍ ସମୟରେ କୌଣସି ଜଣେ ବି କର୍ମଚାରୀ ଉପସ୍ଥିତ ନଥିବା ଦେଖିବାକୁ ମିଳିଥିଲା। ଏପରିକି ଆର୍‌ଆଇ ମଧ୍ୟ ଅନୁପସ୍ଥିତ ଥିଲେ । ଆର୍‌ଆଇ ମନମୁଖୀ ଭାବେ ବିଳମ୍ବରେ ଆସୁଥିବା ମଧ୍ୟ ଅଭିଯୋଗ ହୋଇଛି। ଏଣୁ ଉକ୍ତ ଅଫିସ୍ କେଉଁ ସମୟରେ ଖୋଲାଯାଉଛି ତାହା ମଧ୍ୟ କେହି ଜାଣି ନାହାନ୍ତି। ଏନେଇ ଆର୍‌ଆଇ ସ୍ୱାତି ସ୍ୱାଗତିକା ନାୟକଙ୍କୁ ପଚାରିବାରୁ ମୁଁ କ୍ଷେତ୍ର ପରିଦର୍ଶନରେ ଯାଇଥିବାରୁ ଅଫିସ୍ ଖୋଲାଯାଇ ନଥିଲା କହି ସଫେଇ ଦେଇଥିଲେ। ତେବେ ଜିଲ୍ଲା ପ୍ରଶାସନ ଏହାର ତଦନ୍ତ କରି ନିୟମିତ କାର୍ଯ୍ୟାଳୟ ଖୋଲିବାକୁ ସାଧାରଣରେ ଦାବି ହେଉଛି।

## ପୂର୍ବତଟ ରେଳପଥର ମହାପ୍ରବନ୍ଧକଙ୍କ ଦ୍ୱାରା ପୁରୀ ରେଳଷ୍ଟେସନ୍ ନିରୀକ୍ଷଣ



**ଭୁବନେଶ୍ୱର,୬।୬/ଏନ୍ଏନ୍ଏସ୍:** ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ପୁରୀ ରେଳ ଷ୍ଟେସନର ଏକ ବ୍ୟାପକ ନିରୀକ୍ଷଣ କରି ଯାତ୍ରୀ ସୁବିଧା, ସୁରକ୍ଷା ମାନଦଣ୍ଡ, ପରିଚାଳନାଗତ ଦକ୍ଷତା ଏବଂ ଚାଲିଥିବା ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନ ସମୟରେ ମହାପ୍ରବନ୍ଧକ ପୁରୀ ରେଳ ଷ୍ଟେସନକୁ ଏକ ଆଧୁନିକ ତଥା ଯାତ୍ରୀ ଅନୁକୂଳ ପରିବହନ କେନ୍ଦ୍ରରେ ପରିଣତ କରିବା ଉଦ୍ଦେଶ୍ୟରେ ଚାଲିଥିବା ଷ୍ଟେସନ ପୁନଃନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ସେ ବିଭିନ୍ନ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର ସ୍ଥିତି ଆକଳନ କରିଥିଲେ ଏବଂ ଗୁଣବତ୍ତା ମାନଦଣ୍ଡ ବଜାୟ ରଖିବା ସହ ଯାତ୍ରୀମାନଙ୍କ ଅସୁବିଧାକୁ ଯଥାସମ୍ଭବ କମ୍ କରି ଏହି ସବୁ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖୋର୍ଦ୍ଧା ରୋଡ୍ ମଣ୍ଡଳର ରେଳ ପ୍ରବନ୍ଧକ (ଡିଆରଏମ୍) ଡି. ସୁନୀଲ ଏହି ପରିଦର୍ଶନ ସମୟରେ ମହାପ୍ରବନ୍ଧକଙ୍କ ସହିତ ଉପସ୍ଥିତ ଥିଲେ। ଏଥିସହ ପୂର୍ବତଟ ରେଳପଥ ମୁଖ୍ୟାଳୟ ଏବଂ ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ରେଳ ଯାତ୍ରୀମାନଙ୍କ ବଢୁଥିବା ଆକାଂକ୍ଷାକୁ ପୂରଣ କରିବା ପାଇଁ ଯାତ୍ରୀ ସୁବିଧା, ପରିଚାଳନାଗତ ଦକ୍ଷତା ଏବଂ ସୁରକ୍ଷା ମାନଦଣ୍ଡରେ ନିରନ୍ତର ଉନ୍ନତି ଆଣିବାର ଆବଶ୍ୟକତା ଉପରେ ମହାପ୍ରବନ୍ଧକ ଗୁରୁତ୍ୱାରୋପ କରିଥିଲେ। ଭାରତୀୟ ରେଳ ନେଟୱାର୍କର ଅନ୍ୟତମ ପ୍ରମୁଖ ତୀର୍ଥସ୍ଥାନ ପୁରୀରେ ଯାତ୍ରୀମାନଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରିବା ଏବଂ ସାମଗ୍ରିକ ଯାତ୍ରା ଅନୁଭୂତିକୁ ଉନ୍ନତ କରିବା ଦିଗରେ ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ଏହି ପରିଦର୍ଶନ ପ୍ରତିଫଳିତ କରୁଛି।

### ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ

## ୩,୭୯୩ କୋଟି ଟଙ୍କାର ପୁଞ୍ଜିନିବେଶକୁ ଅନୁମୋଦନ

**ଭୁବନେଶ୍ୱର,୬।୬/ଏନ୍ଏନ୍ଏସ୍:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଓଡ଼ିଶା ସରକାର ଶିଳ୍ପାୟନ ଓ ଆର୍ଥିକ ବିକାଶ କ୍ଷେତ୍ରରେ ନିରନ୍ତର ଭାବେ ଅଗ୍ରଗତି କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ

### ସୃଷ୍ଟିହେବ ୧୯,୯୨୪ ନିଯୁକ୍ତି ସୁଯୋଗ

ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୪୭ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ବୈଠକରେ ମୋଟ ୨୪ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ରାଜ୍ୟର ୧୪ଟି ଜିଲ୍ଲାରେ ୩,୭୯୩.୩୩ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ୧୯,୯୨୪ଟି ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅନୁମୋଦିତ ପ୍ରକଳ୍ପଗୁଡ଼ିକ ଖୋର୍ଦ୍ଧା, ଢେଙ୍କାନାଳ, ଝାରସୁଗୁଡ଼ା, କୋରାପୁଟ, ଯାଜପୁର, ସମ୍ବଲପୁର, କେନ୍ଦୁଝର, ବଲାଙ୍ଗୀର, ପୁରୀ, କଟକ, ସୁନ୍ଦରଗଡ଼, ଗଞ୍ଜାମ, ଜଗତସିଂହପୁର ଏବଂ ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟକାରୀ ହୋଇ ଆଞ୍ଚଳିକ ସନ୍ତୁଳିତ ଶିଳ୍ପ ବିକାଶକୁ ପ୍ରୋତ୍ସାହିତ କରିବ। ଏହି ପ୍ରକଳ୍ପଗୁଡ଼ିକ ଇସ୍ପାତ ଓ ଧାତୁ-ଭିତ୍ତିକ ଡାଉନଷ୍ଟ୍ରିମ୍ ଶିଳ୍ପ, ନବୀକରଣଯୋଗ୍ୟ ଶକ୍ତି, ଉନ୍ନତ ସାମଗ୍ରୀ, ଇଲେକ୍ଟ୍ରୋନିକ୍ସ, ବୈଦ୍ୟୁତିକ ଯାନ ଉପକରଣ, ବସ୍ତ୍ର ଓ ପୋଷାକ ଶିଳ୍ପ, ପର୍ଯ୍ୟଟନ ଓ ଆତିଥେୟତା, ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, ଉପଭୋକ୍ତା ସାମଗ୍ରୀ ଏବଂ ରସାୟନ ଶିଳ୍ପ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସହ ଜଡ଼ିତ।

ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଢେଙ୍କାନାଳ ଜିଲ୍ଲାରେ ସିଇଏସସି ଗ୍ରିନ୍ ପାୱାର ଲିମିଟେଡ୍ ପକ୍ଷରୁ ୬୮୩.୮୩ କୋଟି ଟଙ୍କା ବିନିଯୋଗରେ ଏକ ବ୍ୟାଟେରି ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ ପ୍ରକଳ୍ପ ସ୍ଥାପନ କରାଯିବ, ଯାହା ୧୫୩ ଜଣଙ୍କୁ ନିଯୁକ୍ତି ଦେବ। ଖୋର୍ଦ୍ଧା ଜିଲ୍ଲାରେ ଏଭିପି ଷ୍ଟାର ପ୍ରାଇଭେଟ ଲିମିଟେଡ୍ ୫୦୦ କୋଟି ଟଙ୍କା ବ୍ୟୟରେ ଏକ କୃତ୍ରିମ ହୀରା ଉତ୍ପାଦନ କାରଖାନା ସ୍ଥାପନ କରି ୫୦୦ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ବସ୍ତ୍ର ଓ ପୋଷାକ ଶିଳ୍ପ କ୍ଷେତ୍ରରେ ଖୋର୍ଦ୍ଧା ଜିଲ୍ଲାରେ ନନ୍ଦରାଜ ଟେକ୍ସଟାଇଲ୍ସ ପ୍ରାଇଭେଟ ଲିମିଟେଡ୍ ୧୬୮.୬୪ କୋଟି ଟଙ୍କା ବିନିଯୋଗରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହା ମାଧ୍ୟମରେ ସର୍ବାଧିକ ୧୦,୩୦୬ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ସାହି ଏକ୍ସପୋର୍ଟସ୍ ପ୍ରାଇଭେଟ ଲିମିଟେଡ୍ ସମ୍ବଲପୁରଠାରେ ୧୪୫.୫୦ କୋଟି ଟଙ୍କା ବିନିଯୋଗରେ ବୁଣା ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରି ୧,୮୪୦ ଜଣଙ୍କୁ ଏବଂ ମା' ତାରାତାରିଣୀ ଟେକ୍ସଟାଇଲ୍ ପାର୍କ ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମ ଜିଲ୍ଲାରେ ୭୦ କୋଟି ଟଙ୍କା ବିନିଯୋଗରେ ଏକ ସମନ୍ୱିତ ବସ୍ତ୍ର ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା କରି ୩୫୦ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିବ। ପର୍ଯ୍ୟଟନ ଓ ଆତିଥେୟତା କ୍ଷେତ୍ରରେ କୋରାପୁଟ ଜିଲ୍ଲାରେ ସ୍ୱସ୍ତି ପ୍ରିମିୟମ ଲିମିଟେଡ୍ ୨୫୦ କୋଟି ଟଙ୍କା ବିନିଯୋଗରେ ଏକ ପଞ୍ଚତାରକା ରିସୋର୍ଟ ନିର୍ମାଣ କରି ୪୮୦ ଜଣଙ୍କୁ, ଏସ୍ଏନ୍ଏମ୍ ହୋଟେଲ୍ ଆଣ୍ଡ ରିସୋର୍ଟ ପ୍ରାଇଭେଟ ଲିମିଟେଡ୍ ୧୩୩.୩୪ କୋଟି ଟଙ୍କା ବିନିଯୋଗରେ ଏକ ରିସର୍ଟ ନିର୍ମାଣ କରି ୧୭୩ ଜଣଙ୍କୁ ଏବଂ ପ୍ରତ୍ୟକ୍ଷ ହୋଟେଲ ଆଣ୍ଡ ରିସୋର୍ଟ ପ୍ରାଇଭେଟ ଲିମିଟେଡ୍ ୭୦ କୋଟି ଟଙ୍କା ବିନିଯୋଗରେ ଅନ୍ୟ ଏକ ରିସର୍ଟ ସ୍ଥାପନ କରି ୧୭୦ ଜଣଙ୍କୁ ନିଯୁକ୍ତି ଦେବେ। କେନ୍ଦୁଝର ଜିଲ୍ଲାରେ ଶ୍ରୀ ଇକୋ ରିସୋର୍ଟ ୧୦୫.୬୦ କୋଟି ଟଙ୍କା ବ୍ୟୟରେ ଏକ ଇକୋ-ରିସର୍ଟ ଓ ଜଳ ମନୋରଞ୍ଜନ ପାର୍କ ନିର୍ମାଣ କରି ୨୪୦ ଜଣଙ୍କୁ ଏବଂ ମୟୂରଭଞ୍ଜ ଜିଲ୍ଲାରେ ପ୍ରାଚୀ ଏଣ୍ଟରପ୍ରାଇଜର୍ସ ୫୨ କୋଟି ଟଙ୍କା ବିନିଯୋଗରେ ସଦୃଶ ପ୍ରକଳ୍ପ ସ୍ଥାପନ କରି ୧୫୦ ଜଣଙ୍କୁ ନିଯୁକ୍ତି ଦେବେ। ଏହାବାଦ୍ ପୁରୀରେ ଶୈଳବାଳା ଇନଫ୍ରାଷ୍ଟ୍ରକ୍ଚର୍ ପକ୍ଷରୁ ୯୨.୮୦ କୋଟି ଟଙ୍କାରେ ରିସର୍ଟ ସ୍ଥାପନ କରି ୧୭୦ ନିଯୁକ୍ତି, ଜଗତସିଂହପୁରରେ ସୂର୍ଯ୍ୟୋ ଉଦ୍ୟୋଗ ପକ୍ଷରୁ ୭୦ କୋଟି ଟଙ୍କାରେ ଚାରିତାରକା ହୋଟେଲ (୨୪୦ ନିଯୁକ୍ତି) ଏବଂ ସୁନ୍ଦରଗଡ଼ରେ ଲେହର୍ସ ଏକ୍ସପୋର୍ଟସ୍ ସର୍ଭିସେସେ ପକ୍ଷରୁ ୬୦ କୋଟି ଟଙ୍କା ବିନିଯୋଗରେ ଏକ ରିସର୍ଟ (୨୦୦ ନିଯୁକ୍ତି) ସ୍ଥାପନ କରାଯିବ। ଇସ୍ପାତ ଓ ଡାଉନଷ୍ଟ୍ରିମ୍ କ୍ଷେତ୍ରରେ ଯାଜପୁର ଜିଲ୍ଲାରେ ଜେଏସଡବ୍ଲୁସିଭରଫିଲ୍ଡସ୍ ଷ୍ଟ୍ରକଚର୍ସ ଲିମିଟେଡ୍ ୨୧୫ କୋଟି ଟଙ୍କାରେ ଏକ ଇସ୍ପାତ ଫ୍ୟାବ୍ରିକେସନ୍ ୟୁନିଟ୍ ସ୍ଥାପନ କରି ୧,୪୦୦ ଜଣଙ୍କୁ ନିଯୁକ୍ତି ଦେବ। ଝାରସୁଗୁଡ଼ାରେ କୋଶାଲ ସେରାମିକ୍ସ ପ୍ରାଇଭେଟ ଲିମିଟେଡ୍ ୨୭୫.୦୭ କୋଟି ଟଙ୍କାରେ ରିଫ୍ରାକ୍ଟୋରି ଇଟା କାରଖାନାର ସମ୍ପ୍ରସାରଣ କରି ୧,୦୦୦ ନିଯୁକ୍ତି ଏବଂ ସୁନ୍ଦରଗଡ଼ରେ ଏନଭିରୋକେୟାର ଇନଫ୍ରାସ୍ୟୁସନ ପ୍ରାଇଭେଟ ଲିମିଟେଡ୍ ୮୧ କୋଟି ଟଙ୍କା ବ୍ୟୟରେ ରଙ୍ଗ-ଆବୃତ ଇସ୍ପାତ ସିଟ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରି ୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବେ। ଖୋର୍ଦ୍ଧାରେ ବିଷ୍ଣୁ ଷ୍ଟିଲ ପକ୍ଷରୁ ୫୧.୮୩ କୋଟି ଟଙ୍କାରେ ଷ୍ଟେନଲେସ୍ ଷ୍ଟିଲ୍ ପାଇପ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରାଯାଇ ୯୦ ଜଣଙ୍କୁ ନିଯୁକ୍ତି ଦିଆଯିବ। ଲଜିଷ୍ଟିକ୍ସ କ୍ଷେତ୍ରରେ ସମ୍ବଲପୁରରେ ଏମ୍ ଏସ୍ ଇନଫ୍ରା ଇଞ୍ଜିନିୟର୍ସ ପ୍ରାଇଭେଟ ଲିମିଟେଡ୍ ୧୧୨.୫୨ କୋଟି ଟଙ୍କାରେ ଲଜିଷ୍ଟିକ୍ ପାର୍କ (୫୦୦ ନିଯୁକ୍ତି) ଏବଂ ବଲାଙ୍ଗୀରରେ ଇନେକ୍ସ ଇକୋ ଲଜିଷ୍ଟିକ୍ସ ୧୦୩.୨୦ କୋଟି ଟଙ୍କା ବିନିଯୋଗରେ ଗୋଦାମ ଭିତ୍ତିଭୂମି (୨୨୫ ନିଯୁକ୍ତି) ବିକାଶ କରିବେ। ଖାଦ୍ୟ ପ୍ରକ୍ରିୟାକରଣ ଓ ଉପଭୋକ୍ତା ସାମଗ୍ରୀ କ୍ଷେତ୍ରରେ ଖୋର୍ଦ୍ଧା ଜିଲ୍ଲାରେ ହିନ୍ଦୁସ୍ଥାନ କୋକା-କୋଲା ବିଭରେଜେସ୍ ପ୍ରାଇଭେଟ ଲିମିଟେଡ୍ ୩୦୦ କୋଟି ଟଙ୍କା ବିନିଯୋଗରେ କାର୍ବୋନେଟେଡ୍ ପାନୀୟ ଉତ୍ପାଦନ କ୍ଷମତାର ସମ୍ପ୍ରସାରଣ କରି ୯୯୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହାବାଦ୍ ଖୋର୍ଦ୍ଧାରେ ଲିଥ୍ରୋସ୍ ବ୍ୟାଟେରିଜ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ୬୦ କୋଟି ଟଙ୍କାରେ ବୈଦ୍ୟୁତିକ ଯାନ ବ୍ୟାଟେରି ଓ ଇନଭର୍ଟର ୟୁନିଟ୍ (୩୫୦ ନିଯୁକ୍ତି), ଜସ୍ମର ଇକୋ ପ୍ରଡକ୍ଟ ପ୍ରାଇଭେଟ ଲିମିଟେଡ୍ ୫୧ କୋଟି ଟଙ୍କାରେ କୋରୁଗେଟେଡ୍ ବକ୍ସ ଉତ୍ପାଦନ ୟୁନିଟ୍ (୧୦୦ ନିଯୁକ୍ତି) ଏବଂ ଏକାଂଶ ଆଗ୍ରୋ ଫୁଡ୍ ପ୍ରଡକ୍ଟସ୍ ପ୍ରାଇଭେଟ ଲିମିଟେଡ୍ ୫୦ କୋଟି ଟଙ୍କା ବିନିଯୋଗରେ ଏକ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ (୩୭୦ ନିଯୁକ୍ତି) ସ୍ଥାପନ କରିବେ। କଟକ ଜିଲ୍ଲାରେ ଜୟ ଭବାନୀ ଫୁଡ୍ ପକ୍ଷରୁ ୧୨ କୋଟି ଟଙ୍କା ବିନିଯୋଗରେ ଏକ ସାବୁନ୍ ଖଣ୍ଡ ଉତ୍ପାଦନ ୟୁନିଟ୍ ସ୍ଥାପନ କରାଯାଇ ୩୦୦ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥାର ଏହି ସମୟବଦ୍ଧ ଅନୁମୋଦନ ରାଜ୍ୟରେ ବ୍ୟବସାୟିକ ଅନୁକୂଳ ପରିବେଶକୁ ସୁଦୃଢ଼ କରିବା ସହ 'ବିକଶିତ ଓଡ଼ିଶା-୨୦୩୬'ର ଲକ୍ଷ୍ୟ ହାସଲ ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।



### ହସ୍ପିଟାଲ୍‌ଗୁଡ଼ିକୁ ସ୍ୱାସ୍ଥ୍ୟ ବିଭାଗର କଡ଼ା ନିର୍ଦ୍ଦେଶ

## ଚିକିତ୍ସା ପୂର୍ବ ଓ ପରବର୍ତ୍ତୀ ଖର୍ଚ୍ଚ ଆଦାୟ ମନା

**ଭୁବନେଶ୍ୱର,୬।୬/ଏନ୍ଏନ୍ଏସ୍:** ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ଚିକିତ୍ସିତ ହେଉଥିବା ରୋଗୀଙ୍କ କ୍ଷେତ୍ରରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ଯୋଜନାର

### ଆୟୁଷ୍ମାନ ଭାରତ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ସମୀକ୍ଷା

ହିତାଧିକାରୀମାନେ ହସ୍ପିଟାଲରେ ଭର୍ତ୍ତି ହେବାର ୩ ଦିନ ପୂର୍ବରୁ ମେଡିକାଲ୍ ପରୀକ୍ଷା ଏବଂ ଡିସ୍‌ଚାର୍ଜ ହେବାର ୧୫ ଦିନ ପର୍ଯ୍ୟନ୍ତ ଆବଶ୍ୟକ ଔଷଧ, ପରାମର୍ଶ, ନିଦାନ ପରୀକ୍ଷା ଓ ଅସ୍ତ୍ରୋପଚାର ପରବର୍ତ୍ତୀ ଯତ୍ନ ସମ୍ପୂର୍ଣ୍ଣ ନିଃଶୁଳ୍କ ପାଇବେ। ଏହି ସମସ୍ତ ସେବା ପୂର୍ବ ନିର୍ଦ୍ଧାରିତ ପ୍ୟାକେଜ୍ ମୂଲ୍ୟ ଅଧୀନରେ ରହିଥିବାରୁ ରୋଗୀଙ୍କଠାରୁ କୌଣସି ଅତିରିକ୍ତ ଅର୍ଥ ଆଦାୟ ନ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଆସ୍ୟୁରାନ୍ସ ସମିତି (ଏସ୍ଏଚ୍ଏଏସ୍) ପକ୍ଷରୁ ସମସ୍ତ ପଞ୍ଜୀକୃତ ହସ୍ପିଟାଲକୁ କଡ଼ା ନିର୍ଦ୍ଦେଶନାମା ଜାରି କରାଯାଇଛି। ଅସ୍ତ୍ରୋପଚାର ଜନିତ ଜଟିଳତା କିମ୍ବା ରୋଗୀ ପୁନଃ ଭର୍ତ୍ତି ହେବାର ଖର୍ଚ୍ଚ ମଧ୍ୟ ଏହି ପ୍ୟାକେଜରେ ସାମିଲ ରହିବ ଏବଂ ନିୟମ ଉଲ୍ଲଙ୍ଘନ କଲେ ସମ୍ପୃକ୍ତ ହସ୍ପିଟାଲ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସମିତି ସ୍ପଷ୍ଟ କରିଛି। ଏହି ଆଡଭାଇଜରି କେମିତି ଅନୁପାଳନ ହେଉଛି, ତାହାର ସମୀକ୍ଷା ପାଇଁ ଆଜି ନିଜେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଭୁବନେଶ୍ୱରର ଦୁଇଟି ବେସରକାରୀ ହସ୍ପିଟାଲକୁ ଆକସ୍ମିକ ପରିଦର୍ଶନ କରି ସ୍ଥିତି ପଚାରି ବୁଝିଥିଲେ। ଏହା ସହିତ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ପଞ୍ଜୀକୃତ ମେଡିକାଲଗୁଡ଼ିକର ଏକ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଡ. ମହାଲିଙ୍ଗ ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ହେଲ୍ପ ଡେସ୍କ ପ୍ରତିଷ୍ଠା ସମ୍ପର୍କରେ ତଥ୍ୟ ମାଗିଥିଲେ। ହସ୍ପିଟାଲକୁ ଆସୁଥିବା ପ୍ରତ୍ୟେକ ରୋଗୀଙ୍କୁ ସମ୍ମାନର ସହ ଉଚିତ ସେବା ଓ ଗୁଣାତ୍ମକ ଚିକିତ୍ସା ଯୋଗାଇ ଦେବାକୁ ସେ ସମସ୍ତ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।



### ସିବିଏସ୍ଇ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଏସ୍ଏଫ୍‌ର ବିକ୍ଷୋଭ




**ଭୁବନେଶ୍ୱର,୬।୬/ଏନ୍ଏନ୍ଏସ୍:** ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍ଏଫ୍)ର ଜାତୀୟ ଆହ୍ୱାନ କ୍ରମେ ଆଜି ଭୁବନେଶ୍ୱରସ୍ଥିତ ସିବିଏସଇ ଜୋନାଲ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିବିଏସଇର ଅନ୍-ସ୍କ୍ରିନ୍ ମୂଲ୍ୟାଙ୍କନ ବ୍ୟବସ୍ଥାରେ ଘଟିଥିବା ଗୁରୁତର ତ୍ରୁଟି ଯୋଗୁଁ ପ୍ରଭାବିତ ହୋଇଥିବା ୧୭ ଲକ୍ଷ ଛାତ୍ରଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଦେଶବ୍ୟାପୀ ବଢ଼ି ଚାଲିଥିବା ପରୀକ୍ଷା ଦୁର୍ନୀତି ବିରୋଧରେ ଛାତ୍ର ସଂଘ ପକ୍ଷରୁ ପ୍ରତିବାଦର ସ୍ୱର ତେଜିଛି। ଚଳିତ ବର୍ଷ ନିଟ୍, ୟୁଜିସି-ନେଟ୍, ସିୟୁଇଟି, ଜେଇଇ ଆଡଭାନ୍ସ ଏବଂ ଏସ୍ଏସସି ଜିଡି ଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାଗୁଡ଼ିକରେ ପ୍ରଶ୍ନପତ୍ର ଲିକ୍, ପରୀକ୍ଷା ବାତିଲ ଓ ପ୍ରଶାସନିକ ବିଫଳତା ଦେଶର ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେଇଛି ବୋଲି ସଂଘ ଅଭିଯୋଗ କରିଛି। ଟେଣ୍ଡର ପ୍ରକ୍ରିୟା ଏବଂ ବେସରକାରୀ ସଂସ୍ଥାଗୁଡ଼ିକର ସନ୍ଦେହଜନକ ଭୂମିକା ନେଇ ପ୍ରଶ୍ନ ଉଠାଇବା ସହ ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ କରୁଥିବା ପିଲାମାନଙ୍କୁ ଭୟଭୀତ କରାଯିବା ଗଣତାନ୍ତ୍ରିକ ମୂଲ୍ୟବୋଧର ବିରୋଧୀ ବୋଲି ଦର୍ଶାଯାଇଛି। ସିବିଏସ୍ଇ ମୂଲ୍ୟାଙ୍କନ ଖାତାର ଯେଉଁ ସ୍କାନ୍ କପି ଛାତ୍ରଛାତ୍ରୀଙ୍କୁ ଦିଆଯାଇଛି, ତାହା ଅତି ନିମ୍ନମାନର ମୋବାଇଲ୍ କ୍ୟାମେରାରେ ସ୍କାନ୍ ହୋଇଥିବା ଭଳି ଅସ୍ପଷ୍ଟ ରହିଛି, ଯାହା ପିଲାଙ୍କ ଭବିଷ୍ୟତ ପ୍ରତି ଘୋର ଅବହେଳାକୁ ପ୍ରମାଣିତ କରୁଛି। ଏହି ସମସ୍ୟାର ସମାଧାନ ପାଇଁ ଏଆଇଏସ୍ଏଫ୍ ପକ୍ଷରୁ ପ୍ରମୁଖ ପାଞ୍ଚ ଦଫା ଦାବି ଉପସ୍ଥାପନ କରାଯାଇଛି। ସେଗୁଡ଼ିକ ମଧ୍ୟରେ ଅନ୍-ସ୍କ୍ରିନ୍ ମୂଲ୍ୟାଙ୍କନ ତ୍ରୁଟିର ସମ୍ପୂର୍ଣ୍ଣ ସଂଶୋଧନ ସହ ଦାୟୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ସମସ୍ତ ପରୀକ୍ଷା ଦୁର୍ନୀତିର ନିରପେକ୍ଷ ନ୍ୟାୟିକ ତଦନ୍ତ, ପରୀକ୍ଷା ବ୍ୟବସ୍ଥାର ବିକେନ୍ଦ୍ରୀକରଣ ଏବଂ ଏକ ସ୍ୱଚ୍ଛ ପରୀକ୍ଷା ପ୍ରଣାଳୀ ସୁନିଶ୍ଚିତ କରିବା ଅନ୍ତର୍ଭୁକ୍ତ ରହିଛି। ଦାବି ପୂରଣ ନହେଲେ ଦେଶବ୍ୟାପୀ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ଛାତ୍ର ସଂଘର ରାଜ୍ୟ ସଭାପତି ସଙ୍ଘମିତ୍ରା ଜେନା ଚେତାବନୀ ଦେଇଛନ୍ତି। ଏହି ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ ସମୟରେ ଏଆଇଏସ୍ଏଫ୍‌ର ରାଜ୍ୟ ସଭାପତି ସଙ୍ଘମିତ୍ରା ଜେନାଙ୍କ ସମେତ ଅବିନାଶ ବିଶ୍ୱାଳ, ଅଭିଷେକ ପଣ୍ଡା, ଗାୟତ୍ରୀ ଓଝା, ସାଗର ପ୍ରଧାନ ଏବଂ ସତ୍ୟଜିତ ସାହୁ ପ୍ରମୁଖ ବହୁ ଛାତ୍ର ନେତା ଉପସ୍ଥିତ ରହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ୩୦ ସୁଦ୍ଧା ନିଗମ ନିଯୁକ୍ତି

**ଭୁବନେଶ୍ୱର,୬।୬/ଏନ୍ଏନ୍ଏସ୍:** ତ୍ୱରାନ୍ୱିତ ହେଲା ବୋର୍ଡ ନିଗମ ନିଯୁକ୍ତି ପ୍ରକ୍ରିୟା। ବୋର୍ଡ-ନିଗମ ନିଯୁକ୍ତି ନେଇ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ପବ୍ଲିକ୍ ଏଣ୍ଟରପ୍ରାଇସ୍ ବିଭାଗ ପକ୍ଷରୁ ନିଯୁକ୍ତି ନେଇ ଚିଠି ଜାରି ହୋଇଛି। ବିଭାଗ ବୋର୍ଡ-ନିଗମର ଖାଲି ଥିବା ପଦବୀର ତଥ୍ୟ ଦେଇଛି। ଜୁନ ୩୦ ସୁଦ୍ଧା ୧ ହଜାର ୧୮୩ ଜଣଙ୍କୁ ନିଯୁକ୍ତି ଦେବା ପାଇଁ ଲକ୍ଷ୍ୟ ରଖିଛି ବିଭାଗ। ବିଭିନ୍ନ ବିଭାଗ ଅଧୀନରେ ଆସୁଥିବା ବୋର୍ଡ ନିଗମରେ କେତେ ପଦବୀ ଖାଲି ଅଛି ଏବଂ ନୂଆ ସରକାର ଆସିବା ପରେ କେତେ ନିଯୁକ୍ତି ହୋଇଛି ତାର ତଥ୍ୟ ମାଗିଥିଲେ ସରକାର। ନିର୍ଦ୍ଦେଶ ଅନୁସାରେ ୧୭ଟି ବିଭାଗରେ ୩୨ଟି ବୋର୍ଡ ନିଗମ ବାବଦରେ ତଥ୍ୟ ଦିଆଯାଇଛି। ନୂଆ ସରକାର ଆସିବା ପରେ ୩୨ଟି ବୋର୍ଡ ନିଗମରେ ୬୭୭ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ୧୭ଟି ବୋର୍ଡ ନିଗମରେ ଜଣେ ବି ନିଯୁକ୍ତ ହୋଇ ନାହାନ୍ତି। ଦୁଇ ବର୍ଷ ହେଲା ବିଭିନ୍ନ ବୋର୍ଡ ଏବଂ ନିଗମର ଅଧ୍ୟକ୍ଷ ପଦବୀ ଖାଲି ରହିଥିବା ବେଳେ ଖୁବଶୀଘ୍ର ଏହାକୁ ପୂରଣ କରାଯିବ ବୋଲି ସୂଚନା ମିଳିଥିଲା। ନିକଟରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭାପତି ଦିଲ୍ଲୀ ଗସ୍ତରେ ଯାଇଥିବା ବେଳେ ଏନେଇ କେନ୍ଦ୍ର ନେତୃତ୍ୱଙ୍କ ସହ ଆଲୋଚନା ହୋଇଥିବା କୁହାଯାଉଥିଲା।

### ଏମ୍ସ ଭୁବନେଶ୍ୱରର ଡାକ୍ତରଙ୍କ ବଡ଼ ସଫଳତା

## ମହିଳାଙ୍କ ହାତରୁ ବାହାର କଲେ ୭ କିଲୋଗ୍ରାମର ବିରଳ ଟ୍ୟୁମର୍

**ଭୁବନେଶ୍ୱର,୬।୬/ଏନ୍ଏନ୍ଏସ୍:** ଭୁବନେଶ୍ୱର ସ୍ଥିତ ସର୍ବଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ର ବର୍ଣ୍ଣସ ଏଣ୍ଡ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ଡାକ୍ତରମାନେ ଜଣେ ୪୭ ବର୍ଷୀୟା ମହିଳାଙ୍କ ବାମ ହାତରୁ ଏକ ବିଶାଳକାୟ ଏବଂ

### ୩୦ ବର୍ଷର ଯନ୍ତ୍ରଣାରୁ ମିଳିଲା ମୁକ୍ତି

ବିରଳ 'ପ୍ଲେକ୍ସିଫର୍ମ ନ୍ୟୁରୋଫାଇବ୍ରୋମା' ଟ୍ୟୁମର୍ ସଫଳତାର ସହ ବାହାର କରି ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ବାରିପଦା ଅଞ୍ଚଳର ଜଣେ ଦିନମଜୁରିଆ ଭାବେ କାମ କରୁଥିବା ଏହି ମହିଳା ପ୍ରାୟ ତିନି ଦଶନ୍ଧି ଧରି ଏହି ମାରାତ୍ମକ ରୋଗରେ ପୀଡ଼ିତ ହୋଇ ଅତି କଷ୍ଟରେ ଜୀବନ ବିତାଉଥିଲେ। ତାଙ୍କ ହାତର ମଧ୍ୟଭାଗରୁ ପାପୁଲିର ପଛପଟ ପର୍ଯ୍ୟନ୍ତ ଏହି ମାଂସପିଣ୍ଡଟି ଝୁଲି ରହିଥିଲା ଏବଂ ବର୍ଷ ବର୍ଷ ଧରି ଏହା ବଢ଼ିବା ସହ ଅତ୍ୟନ୍ତ ଓଜନଦାର ହୋଇଯାଇଥିଲା। ଏହାଯୋଗୁଁ ମହିଳା ଜଣକ ନିଜର ଦୈନନ୍ଦିନ କାର୍ଯ୍ୟ କରିପାରୁନଥିଲେ ଏବଂ ଅତ୍ୟଧିକ ଚାପ ଯୋଗୁଁ ତାଙ୍କ ହାତର ଚର୍ମ କଳା ପଡ଼ି କ୍ଷତ ସୃଷ୍ଟି ହୋଇଥିଲା। ଅସ୍ତ୍ରୋପଚାର ପୂର୍ବରୁ ପରୀକ୍ଷା କରିବାରୁ ଏହି ଟ୍ୟୁମରଟି ପ୍ରାୟ ୪୫ ସେଣ୍ଟିମିଟର ଲମ୍ବର ଏବଂ ଏଥିରେ ପ୍ରଚୁର ରକ୍ତ ପ୍ରବାହ ହେଉଥିବା ଜଣାପଡ଼ିଥିଲା, ଯାହା ଡାକ୍ତରମାନଙ୍କ ପାଇଁ ଏକ ବଡ଼ ଆହ୍ୱାନ ଥିଲା। ଏହି ଜଟିଳତାକୁ ଦୃଷ୍ଟିରେ ରଖି ଦୁଇଟି ପର୍ଯ୍ୟାୟରେ ଅସ୍ତ୍ରୋପଚାର କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୬ ଘଣ୍ଟା ଧରି ଅସ୍ତ୍ରୋପଚାର କରାଯାଇ କୋଣିଠାରୁ ମଣିବନ୍ଧ ଅଂଶରୁ ଟ୍ୟୁମର୍ ବାହାର କରାଯାଇଥିଲା ଏବଂ ଏହାର ୬ ମାସ ପରେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୩ ଘଣ୍ଟା ପରିଶ୍ରମ କରି ପାପୁଲି ଅଂଶରୁ ଏହାକୁ ସମ୍ପୂର୍ଣ୍ଣ ବାହାର କରାଯାଇଥିଲା।

ଏହି ଅତ୍ୟନ୍ତ ଜଟିଳ ଅସ୍ତ୍ରୋପଚାରକୁ ସଫଳତାର ସହ ଶେଷ କରିଥିବାରୁ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡାକ୍ତର) ଆଶୁତୋଷ ବିଶ୍ୱାସ ଚିକିତ୍ସକ ଦଳକୁ ଆନ୍ତରିକ ସାଧୁବାଦ ଜଣାଇବା ସହ ଏହା ରୋଗୀଙ୍କୁ ଏକ ନୂତନ ଜୀବନ ପ୍ରଦାନ କରିଛି ବୋଲି କହିଛନ୍ତି। ବର୍ଣ୍ଣସ ଏଣ୍ଡ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ଏହି ସର୍ଜିକାଲ୍ ଦଳରେ ଡାକ୍ତର ସଞ୍ଜୟ କୁମାର ଗିରି, ଡାକ୍ତର ଶ୍ୟାମ ସୁନ୍ଦର ବେହେରା, ଡାକ୍ତର ଅହନା ବାନାର୍ଜୀ, ଡାକ୍ତର ସୂର୍ଯ୍ୟ ଯଶସ୍ୱୀ ପିଭିଏସ୍, ଡାକ୍ତର କୀର୍ତ୍ତି ଜି, ଡାକ୍ତର ନିଖିଲ କୁମାର ଶର୍ମା ଏବଂ ଡାକ୍ତର ଆଶୁତୋଷ ଅଧିକାରୀ ସାମିଲ ଥିଲେ। ଏଥିସହିତ ସେମାନଙ୍କୁ ଆନାସ୍ଥେସିଆ ବିଭାଗର ଡାକ୍ତର ଦେବୀଶ୍ରୀ ଦାସ ଏବଂ ଡାକ୍ତର ପୂଜା ସହଯୋଗ କରିଥିଲେ। ଅସ୍ତ୍ରୋପଚାର ସମୟରେ ରକ୍ତସ୍ରାବ ନିୟନ୍ତ୍ରଣ କରିବା ପାଇଁ ଅତ୍ୟାଧୁନିକ 'ଲିଗାସିଓର୍' ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଇଥିଲା ଏବଂ ରୋଗୀଙ୍କୁ ରକ୍ତ ମଧ୍ୟ ଦିଆଯାଇଥିଲା। ବାହାର କରାଯାଇଥିବା ଏହି ଟ୍ୟୁମର୍‌ର ଓଜନ ପ୍ରାୟ ୭ କିଲୋଗ୍ରାମ ଥିଲା। ଏହାପରେ ମହିଳାଙ୍କ କ୍ଷତ ସ୍ଥାନକୁ ସେହି ବାହାର କରାଯାଇଥିବା ମାଂସପିଣ୍ଡରୁ ଉପଯୋଗୀ ଚର୍ମ ନେଇ ଗ୍ରାଫ୍ଟିଂ କରାଯାଇଥିଲା, ଯାହାଫଳରେ ରୋଗୀଙ୍କ ଶରୀରର ଅନ୍ୟ କୌଣସି ସ୍ଥାନରେ କ୍ଷତ କରିବାକୁ ପଡ଼ିନଥିଲା। ବର୍ତ୍ତମାନ ରୋଗୀଜଣକ ସୁସ୍ଥ ଅଛନ୍ତି ଏବଂ ଡାକ୍ତରୀ ଦଳର ନିୟମିତ ତତ୍ତ୍ୱାବଧାନରେ ରହିଛନ୍ତି। ଏହି ସଫଳତା ଏମ୍ସ ଭୁବନେଶ୍ୱରର ଉଚ୍ଚକୋଟୀର ଚିକିତ୍ସା ବିଶେଷଜ୍ଞତା ଓ ସାମୂହିକ ପ୍ରୟାସକୁ ପ୍ରମାଣିତ କରୁଛି।




## ଏମ୍‌ସିଏଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ

**ଭୁବନେଶ୍ୱର,ସମ୍ବଲପୁର,୬।୬/ଏନ୍ଏନ୍ଏସ୍:** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ପକ୍ଷରୁ ପରିବେଶ ସୁରକ୍ଷା ଏବଂ ସୁଦୂରପ୍ରସାରୀ ବିକାଶ ପ୍ରତି ସଂକଳ୍ପବଦ୍ଧତା ସହ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। କମ୍ପାନୀର ଅଧ୍ୟକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ପରିବେଶ ପତାକା ଉତ୍ତୋଳନ କରିବା ସହ ମୁଖ୍ୟାଳୟର କର୍ମଚାରୀମାନଙ୍କୁ ପରିବେଶ ସୁରକ୍ଷା ସଙ୍କଳ୍ପ ପାଠ କରାଇଥିଲେ। ଏହି ଅବସରରେ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ, କୋଲ୍ ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷଙ୍କ ବାର୍ତ୍ତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ (ବିତ୍ତ) ଅଜିତ କୁମାର ବେହୁରା, ନିର୍ଦ୍ଦେଶକ (ବୈଷୟିକ-ପରିଚାଳନା/ଯୋଜନା ଓ ପ୍ରକଳ୍ପ) ଏସ. କେ. ଝା, ବିଭିନ୍ନ ବିଭାଗୀୟ ମୁଖ୍ୟ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶ୍ରୀ କାଓଲେଙ୍କ ନେତୃତ୍ୱରେ 'ଏକ ପେଡ୍ ମାଆ କେ ନାମ' ଅଭିଯାନ ଅଧୀନରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ସହିତ ଏସିଆର ସବୁଠାରୁ ଦୀର୍ଘତମ ମାଟି ବନ୍ଧ 'ହୀରାକୁଦ ବନ୍ଧ'ର ଶୂନ୍ୟ ବିନ୍ଦୁଠାରେ ଏକ ସଫେଇ ଅଭିଯାନର ଆୟୋଜନ କରାଯାଇଥିଲା, ଯେଉଁଥିରେ କମ୍ପାନୀର ଉଚ୍ଚ ପଦାଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ବିଶ୍ୱ ପରିବେଶ ଦିବସ ଉପଲକ୍ଷେ କମ୍ପାନୀ ପକ୍ଷରୁ ଜୁନ୍ ୨ ରୁ ୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଓ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଶ୍ନୋତ୍ତର, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ ପ୍ରତିଯୋଗିତା ସହିତ ବର୍ଜ୍ୟବସ୍ତୁ ପରିଚାଳନା ଓ ରୋଷେଇ ଘର ବଗିଚା ପ୍ରସ୍ତୁତି ଉପରେ କର୍ମଶାଳା ଅନ୍ତର୍ଭୁକ୍ତ ଥିଲା। ଏହି ସବୁ କାର୍ଯ୍ୟକ୍ରମରେ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ଉତ୍ସାହର ସହ ଭାଗ ନେଇ ଏକ ସ୍ଥାୟୀ ତଥା ପରିବେଶ ଅନୁକୂଳ ଜୀବନଶୈଳୀ ଆପଣାଇବାକୁ ପ୍ରେରଣା ଯୋଗାଇଥିଲେ। କମ୍ପାନୀର ଅନ୍ୟ ସମସ୍ତ ଖଣି ଅଞ୍ଚଳରେ ମଧ୍ୟ ଏଭଳି ସଦୃଶ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା, ଯାହା ଏକ ସବୁଜ ଓ ସୁନ୍ଦର ଭବିଷ୍ୟତ ଗଠନରେ ସାହାଯ୍ୟ କରୁଛି।



## ମନବୋଧ


ବିକେଶ ସାହୁ

ସବୁ ଦେଖିବୁ ସବୁ ଶୁଣିବୁ
ସବୁ କିଛିର ସାକ୍ଷୀ ହୋଇଥିବୁ,
ସତ ମିଛର ବିଚାର କରିବୁନି କେବେ
ସବୁକୁ ସମାନ ମଣିବୁ।

ମନେରଖ, ଏଠି ସତ ମିଛ ବୋଲି
କିଛି ନ ଥାଏ
ସବୁ ମିଛ ଭିତରେ ସତ,
ପୁଣି ସବୁ ସତ ଭିତରେ ମିଛ।

ଯେତକ ତୋର ସୀମା, ସୀମିତ ରହିବୁ
ସୀମା ଡେଇଁଲେ ସମାଧି ଜାଣିବୁ।

ସବୁ ଦେଖିବୁ, ନ ଦେଖିଲା ଭଳି
ସବୁ ଶୁଣିବୁ ନ ଶୁଣିଲା ପରି
କେବେ ପାଟି ଖୋଲି କହିବୁନି କିଛି
ମୌନତା ତୋର ସୁରକ୍ଷା ଭାବିବୁ
ପାରିବୁ ଯଦି
ପାଷାଣ କରିଦେବୁ ନିଜକୁ।

ଭୁଲରେ ବି ଭରସା କରିବୁନି କାହାଠି,
ଭରସା ଏଠି
ଥାଳକୂଳ ନ ଥିବା ନଈପରି
ଭାସିଗଲେ କୂଳ କି କିନାରା ପାଇବୁନି କିଛି,
ଭଉଁରୀ ପରି ଯାହା ବୁଲୁଥିବୁ
ଅଗାଧ ଜଳରେ
ନିଜ ହାତେ ନିଜକୁ ମାରିବୁ।

ଜାଣିଥା,
ଯାହା ଯାହା ଦେଖିଛୁ, ଦେଖୁଛୁ
ଆଗକୁ ଯାହାବି ଦେଖିବୁ
ମିଛ ମାୟା ଆଳିକ ଏଠି ସବୁ,
ନିଜପାଇଁ ଜୀବନ ଜୀଇଁବୁ
ନିଜଠି ସବୁ ସମର୍ପିବୁ
ତେବେ ଯାଏଁ ନିଜକୁ ପାଇବୁ।

**ଓଡ଼ିଆ ଅଧ୍ୟାପକ, ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ନୟାଗଡ଼**
**ମୋ: ୯୩୩୭୧୬୬୧୭୨**

# ସଭ୍ୟତାର ଆଦ୍ୟନ୍ତର ଆଦିପୁରୁଷ

**ଶ୍ରୀଗୋବିନ୍ଦ**

ମନୋଜ କୁମାର ମହାପାତ୍ରଙ୍କର ଉପନ୍ୟାସ ଆଦିପୁରୁଷ ଏକବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଏପର୍ଯ୍ୟନ୍ତ ଲେଖାଯାଇଥିବା ଓଡିଆ ଉପନ୍ୟାସ ଭିତରେ ଏକ ଭିନ୍ନଧରଣର ରୁଚିକର ଉପନ୍ୟାସ। ଭିନ୍ନ କହିବାର ଅର୍ଥ ହେଉଛି ଯେ ୧୮୬୬ ଖ୍ରୀଷ୍ଟାବ୍ଦର ନ'ଅଙ୍କ ଦୁର୍ଭିକ୍ଷର କରାଳ ଦୃଶ୍ୟପଟ୍ଟରେ ଏହି ଉପନ୍ୟାସର କାହାଣୀର ଆରମ୍ଭ ଏବଂ ଶେଷ ହେଉଛି କରୋନା ମହାମାରୀ ଆକ୍ରାନ୍ତ ୨୦୨୧ ଖ୍ରୀଷ୍ଟାବ୍ଦରେ। ପ୍ରାୟ ଦେଢଶହ ବର୍ଷ ବ୍ୟାପି କାହାଣୀ ଗଡ୍ଡଳିକା ସୁଅରେ ଭାସି ଚାଲିଛି ଏବଂ ଭାରତ ବିଶେଷକରି ଓଡିଶାରେ ଘଟିତ ଉକ୍ତ କାଳଖଣ୍ଡ ଭିତରେ ଅନେକ କଥା ଓ ବ୍ୟଥାକୁ ଛୁଇଁ ଛୁଇଁ ଗତିକରିଛି, କେତେବେଳେ ମନ୍ଥର ତ କେତେବେଳେ କ୍ଷିପ୍ର ଗତିରେ। ତତ୍‌କାଳୀନ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଭୟାବହ ଦୁର୍ଭିକ୍ଷ ଯୋଗୁ କିପରି ହଜାର ହଜାର ସଂଖ୍ୟକ ଲୋକ ଭୋକ ଉପାସରେ ମୃତ୍ୟୁବରଣ କରିଛନ୍ତି ଓ କେତେ ପରିବାର ନିଶ୍ଚିନ୍ନ ହେଇଯାଇଛି, ତାହାର ଏକ ନିଖୁଣ ବାସ୍ତବ ଚିତ୍ର ଦେଖିବାକୁ ମିଳେ ଏହି ଉପନ୍ୟାସରେ।

ଜନୈକ ଗାଁର ଗୋଟିଏ ବ୍ୟବସାୟୀ ଧନୀ ପରିବାର ଏମନ୍ତ ଦୁର୍ଭିକ୍ଷ କାଳରେ ନଷ୍ଟଭ୍ରଷ୍ଟ ହେଇଯିବା ପରେ, ସେହି ପରିବାରରେ ବର୍ତ୍ତିଯାଇଥିବା ନଅ ଦଶ ବର୍ଷର ବାଳକ ସାଧବ ଘରୁ ପଳାଇ ଆସି ପହଞ୍ଚିଛି ଚୁଡାମଣି ସମୁଦ୍ର କୂଳରେ ଏବଂ ଜଣେ ଅଜଣା ବାବାଜୀ ସହିତ ଅନେକ ଗରିବ ଓ ବୁଭୁକ୍ଷୁ ଲୋକଙ୍କୁ ନେଇ ଯାଉଥିବା ଏକ ବିଶାଳ ବୋଇତରେ ବସି ଯାତ୍ରା କରିଥିଲା ମରିସସ୍ ଦେଶ ଅଭିମୁଖେ। ଗାଁଉଲି ବାଳକର ମଝି ଦରିଆର ଜଳଯାତ୍ରାର ଅନୁଭୂତି ବେଶ କଷ୍ଟଦାୟକ ରୋମାଞ୍ଚକ। ସେଠାରେ ବାବାଜୀ ଓ ବାଳକ ସାଧବ ଆଖୁ କିଆରୀରେ ହାଡଭଙ୍ଗା ପରିଶ୍ରମ କରି ଜୀବନ ନିର୍ବାହ କରିବାକୁ ପଡିଥିଲା। କିନ୍ତୁ ବାବାଜୀ ବାଳକ ସାଧବକୁ ପୁତ୍ରବତ୍ ଭଲପାଇଲେ ଓ ଯତ୍ନ ସହକାରେ ପାଳନ କଲେ। କିଛିଦିନ ଅନ୍ତେ ବାବାଜୀଙ୍କର ଭାଗ୍ୟରେ ହେଲା ଏକ ବିରାଟ ପରିବର୍ତ୍ତନ ଏବଂ ସେ ସେଠାରେ ସମଗ୍ର ଭାରତୀୟ ଶ୍ରମିକ ମଧ୍ୟରେ ଏକ ଧାର୍ମିକ ଗୁରୁ ଭାବରେ ପ୍ରତିଭାତ ହେଲେ। ସାଧବକୁ ଯେତେବେଳେ କୋଡିଏ ବର୍ଷ ହେଲା, ସେ ତାକୁ ଓଡିଶାର ତାହାର ନିଜ ଗାଁକୁ ପଠାଇଦେଲେ। ଉପନ୍ୟାସରେ ବାବାଜୀ ଓ ସାଧବର ଆଖୁ କିଆରିରେ ବେଦାନାସିକ୍ତ ହାଡଭଙ୍ଗା ପରିଶ୍ରମର କାହାଣୀ ଅତି ମର୍ମସ୍ପର୍ଶୀ। ବାବାଜୀଙ୍କର ପୂର୍ବ ଧାର୍ମିକ ଓ ଆଧ୍ୟାତ୍ମିକ କାହାଣୀ ବେଶ ରହସ୍ୟପୂର୍ଣ୍ଣ ଓ ଲୋମଟାଙ୍କୁରା ହେଇପାରିଛି। ବାବାଜୀ ଥିଲେ ପ୍ରାଚୀନ ଚୌରାସୀ ସିଦ୍ଧ ଯୋଗୀଙ୍କ ମଧ୍ୟରୁ ଶବରିପ୍ପା ସମ୍ପ୍ରଦାୟର ଜଣେ ସନ୍ନ୍ୟାସୀ। ଚାନ୍ଦିପୁରର ତାଙ୍କ ଆଶ୍ରମରେ ମାଟିତଳେ ପୋତିଥିବା ସୁନା, ରୂପାର ମୋହର ଭର୍ତ୍ତି ଏକ କଳସୀକୁ ସେ ଦାନ କରିଥିଲେ ସାଧବକୁ। ସେହି ମୂଲ୍ୟବାନ ଅଳଙ୍କାର ବିକ୍ରିଲବ୍ଧ ଧନରାଶିକୁ କିପରି ଉପଯୋଗ କରାଯିବ ଏବଂ ତାହା ମଧ୍ୟରୁ କିଛି ଧନ ଖର୍ଚ୍ଚ କରି ପୁଣି ଥରେ ଏକ ନୂତନ ଜୀବନ ଆରମ୍ଭ କରିବ ସେ ସାଧବକୁ ବତାଇ ଦେଇଥିଲେ।

ଉପନ୍ୟାସରେ ଅନେକ ଚରିତ୍ରର ଆବିର୍ଭାବ ଔପନ୍ୟାସିକ ଘଟାଇଛନ୍ତି ଅତି ଚତୁରତା ସହିତ, କେତେବେଳେ କଳ୍ପନାର ସୌଧ ନିର୍ମାଣ କରିଛନ୍ତି ତ କେତେବେଳେ ସତ୍ୟ ଘଟଣା ଓ ସ୍ଥାନକୁ ସଜାଇ ନୂଆ କରି ଗଢିତୋଳିଛନ୍ତି। ସବରିପ୍ପାର ଜୀବନ ଇତିହାସ, ଉତ୍ତର ଭାରତରେ ପ୍ରସିଦ୍ଧି ଲାଭ କରିଥିବା ଓଡିଆ ବାବା, ଯାହାଙ୍କୁ ସାଧବ ଭେଟିଥିଲେ ତାଙ୍କର କଲିକତାରୁ ବାଲେଶ୍ୱର ପର୍ଯ୍ୟନ୍ତ ପଦବ୍ରଜ ଯାତ୍ରା କାଳରେ, ସେ ସବୁ ସୁନ୍ଦର ଭାବରେ ଉପନ୍ୟାସରେ ବର୍ଣ୍ଣିତ। ସାଧବ ନିଜ ଗାଁରେ ପହଞ୍ଚି ଜାଗାଟିଏ କିଣି ଏକ ନୂତନ ପିଢିର ଅଯାରମ୍ଭ କଲା। ବିଭିନ୍ନ ବ୍ୟବସାୟ କରି ନିଜର ପୂର୍ବବଂଶଜଙ୍କ ଠାରୁ କେବଳ ଧନୀ ହେଲାନି ବରଂ ଅନେକ ଲୋକହିତକର କାର୍ଯ୍ୟରେ ନିଜକୁ ସମର୍ପଣ ବିଖ୍ୟାତ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱ ପାଲଟିଲା। ମରିସସ୍‌ରେ ଘରବାଡିକୁ ମୃତ୍ୟୁ ପୂର୍ବରୁ ବାବାଜୀ ନିଜର ପାଳିତ ପୁତ୍ର ସାଧବ ନାଁରେ କରିଦେଇ ଆଖି ବୁଜିଲେ, ସେହି ସମ୍ପତ୍ତିର ମାଲିକାନା ସାଧବ ନାଁରେ ରହିଲା ଏବଂ ତାହାର ଚାରିପୁଅ ଭିତରୁ ସାନପୁଅ ସେଠାରେ ବସବାସ କରି ବଂଶ ବିସ୍ତାର କଲା। ତାଙ୍କର ବଡପୁଅ କଲିକତାର ବ୍ୟବସାୟ ସମ୍ଭାଳି ସେଠାରେ ରହିଗଲା ଯେ ରହିଗଲା। ମଝିଆ ପୁଅ ବାଲେଶ୍ୱର ଟାଉନରେ କରିଥିବା ସମ୍ପତ୍ତିର ଦେଖାଶୁଣା କଲା। ସବା ସାନପୁଅ ରହିଲା ଗାଁରେ। ପିଢିରୁ ପିଢି ସାତପୁରୁଷ ଯାଏଁ ଗାଁରେ ସାଧବର ବଂଶଜ ଆଧିପତ୍ୟ ବିସ୍ତାର କଲେ ଏବଂ ଦେଶବିଦେଶରେ କେନା ମେଲାଇ ଚାକିରି ଓ ବ୍ୟବସାୟ କରି ସେ ଦେଶର ନାଗରିକ ପାଲଟିଗଲେ। ଶେଷ ପିଢି ୨୦୨୧ର କରୋନା ଆକ୍ରାନ୍ତିତ ହେଇ ମୃତ୍ୟୁବରଣ କରିଥିଲା। କିନ୍ତୁ ଛାଡି ଦେଇଯାଇଥିଲେ ଜଣେ ମାନସିକ ରୋଗୀ ପୁତ୍ର ଓ ଦଶବର୍ଷର ବାଳକ ପାତଞ୍ଜଳି ଯାହାକୁ ଜଣେ ନିଃସନ୍ତାନ ସମ୍ପର୍କୀୟ ପାଳନ କରିବାକୁ ବାଧ ହେବା ସହିତ ସାଧବଙ୍କ ଦ୍ୱାରା ଗାଁରେ ସ୍ଥାପିତ ବକ୍ରତୁଣ୍ଡଙ୍କ ମନ୍ଦିରର ଦେଖାଶୁଣା କରିବାର ଦାୟିତ୍ୱ ପଡିଥିଲା। ଗାଁ ଭିଟାମାଟିରେ ସ୍ଥାପିତ ଏକ ନୂତନ ପିଢି ଶେଷରେ କିପରି ନିଜର ସପ୍ତମ ପିଢିର ବଂଶଜକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରି ପରାଜିତ ହେଇଛି, ତାହାର ଏକ କରୁଣ ଚିତ୍ର ଲେଖକ ଏପରି ଆଙ୍କିଛନ୍ତି ଯେ ପଥର ହୃଦୟୀ ପାଠକର ଆଖିରେ ଅଶ୍ରୁଜାତ କରିଦିଏ।




ଅନେକ କରୁଣ ଓ ସୁଖକର ଘଟଣାରେ ପରିପୂର୍ଣ୍ଣ ଏହି ଉପନ୍ୟାସ। କେବଳ ସେତିକି ନୁହେଁ ଅନେକ ପୁରୁଣା ନିତ୍ୟ ବ୍ୟବହୃତ ଜିନିଷ ଯଥା ହେଁସ, ମସିଣା, ଦୀପ, ଡିବି, ଲଣ୍ଠନ, ପେଟ୍ରୋମାକ୍ସ, ଘୋଡାଗାଡି, ହାତବୁଣା ଗାମୁଛା ଓ ଲୁଗା, ହଳ, ଲଙ୍ଗଳ, ପଖିଆ, ଖଣ୍ଡା, ପାଲିକି, ସବାରି, ଜନ୍ତ, ଦୁଣ୍ଡୁରି, ଖଇଁଚି, ଶିଳ, ପେଷା, କୁଲା, ଚାଲୁଣି, ଶେର, ଗଉଣୀ, କଠଉ, ଚାବୁକ ଭଳି ଅନେକ ହଡିଯାଇଥିବା ଜିନିଷର ନାମ ଉପନ୍ୟାସରେ ଦେଖିବାକୁ ମିଳେ। ଶିକ୍ଷାର ପ୍ରସାର, ଓଡିଆ ଭାଷାର ସୁରକ୍ଷା ପାଇଁ ମଧୁବାବୁଙ୍କର ସଂଗ୍ରାମ, ମହାତ୍ମା ଗାନ୍ଧିଙ୍କର ଓଡିଶା ଆଗମନ, ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀଙ୍କ ନେତୃତ୍ୱରେ ସ୍ୱାଧୀନତା ଆନ୍ଦୋଳନ, ସୁଭାଷ ବୋଷଙ୍କର ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପ୍ରବେଶ, ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧର ଉତ୍ପତ୍ତି ଓ ପରମାଣୁ ବୋମାର ଧ୍ୱଂସକାରୀ ତାଣ୍ଡବ, ସ୍ୱାମୀ ବିବେକାନନ୍ଦ, ଶ୍ରୀ ରାମକୃଷ୍ଣ ପରମହଂସ ସମେତ ଭୀମ ଭୋଇଙ୍କର ମହିମା ଧର୍ମର ମହତ୍ତ୍ୱ ଭଳି ଅନେକ ଘଟଣା ଚୁମ୍ବକରେ ବର୍ଣ୍ଣିତ ହେଇଛି। ସ୍ୱାଧୀନ ଭାରତରେ ନିର୍ବାଚନ ପ୍ରକ୍ରିୟା, ଓଡିଶା ରାଜନୀତି ଭଳି ବହୁ ଘଟଣାର ଉଲ୍ଲେଖ ରହିଛି। ଦେଶ ଓ ରାଜ୍ୟର ବିକାଶ ସାଙ୍ଗକୁ ଦୁର୍ନୀତିର ଚେର କିପରି ଦେଶକୁ ଅସ୍ତବ୍ୟସ୍ତ କରିଛି ସେ ସବୁର କାହାଣୀ ଏଥିରେ ଲିପିବଦ୍ଧ।

ଏତଦ୍ ଭିନ୍ନ ଓଡିଶାର ବିଭିନ୍ନ ଭାଗରେ ଆମ ଚତୁଃପାର୍ଶ୍ୱରେ ଭୂଗୋଳ, ସ୍ଥାନ ଓ ଗ୍ରାମର ଅବତାରଣା ସହିତ ଓଡିଆ ପରିବାରର ପାରମ୍ପରିକ ରୀତି, ନୀତି, ଦୈନନ୍ଦିନ ଜୀବନରେ ବ୍ୟବହାର୍ଯ୍ୟ ବସ୍ତୁବିଶେଷ ଓ ଚରିତ୍ରମାନଙ୍କର ପ୍ରକୃତି ଓ ଦେଢଶହ ବର୍ଷର ଗ୍ରାମ୍ୟ ଜୀବନର ଦୁଃଖ-ସୁଖ ବେଶ୍ ପ୍ରତିଫଳିତ ହେଇଛି। ଚରିତ୍ରମାନଙ୍କରେ ବାବାଜି ବକ୍ରତୁଣ୍ଡ, ଉତ୍ତର ଭାରତର ପ୍ରସିଦ୍ଧ ଓଡିଆ ବାବା, କାବୁଲିବାଲା, ଆକାଶିଆ ପାଇକରାୟ, ଇଶାଣପୁର ମଠର ମହନ୍ତ, ଶ୍ରୀ ଅରବିନ୍ଦ ଓ ଭଗିନୀ ନିବେଦିତାଙ୍କ ଦ୍ୱାରା ପ୍ରଭାବିତ ବୀରାଙ୍ଗନା ତଥା ସନ୍ନ୍ୟାସିନୀ ସୁଭଦ୍ରା, ମଠମା ଚନ୍ଦ୍ରମଣି, କଉସୁଲି ନାନୀ ଓ ଲକ୍ଷ୍ମୀ ଏବଂ ଆହୁରି ଅନେକ କାଳ୍ପନିକ ଚରିତ୍ର ଅତ୍ୟନ୍ତ ଉଚ୍ଚକୋଟିର କହିଲେ ଅତ୍ୟୁକ୍ତ ହେବନି। ବେଦ ବେଦାନ୍ତ ଓ ଉପନିଷଦ ସହିତ ବୌଦ୍ଧଦର୍ଶନ ଏପରି ଭାବରେ ସମୟର ଗତିରେ ବିଜ୍ଞାନ ସହିତ ଫେଣ୍ଟାଫେଣ୍ଟି ହେଇଛି ଯେ ପାଠକ ସ୍ୱତଃପ୍ରବୃତ୍ତ ବାନ୍ଧି ହେଇଯାଏ ଅଧିବର୍ଣ୍ଣନା(ମେଟା ନେରେଟିଭ)ର କୁହୁକ ଭିତରେ। ପ୍ରେମ, ବିରହ, ଦ୍ରୋହ, ଅନୁକମ୍ପା, ଅନୁଶୋଚନା, ଭୟ, ଭକ୍ତି ମନଜନିତ ଭାବକଳ୍ପ ଉପନ୍ୟାସରେ ଭାବ ତରଙ୍ଗ ସୃଷ୍ଟି କରିପାରିଛି। ଲେଖକଙ୍କର ଉପନ୍ୟାସରେ ନିମ୍ନଲିଖିତ କେତୋଟି ଧାଡି ସ୍ପଷ୍ଟ ରୂପରେ ସୂଚାଇଦିଏ ଭାବ-ତରଙ୍ଗର ଦାର୍ଶନିକତା।

'ସତରେ ଏ ଜଗତଟା ହିଁ ଅହରହ ପରିବର୍ତ୍ତନଶୀଳ, ଘଡିକେ ଘୋଡା ଛୁଟେ ଏଠି। କେତେ ବଂଶ ବୁଡିଯାଏ, ପୁଣି କେତେ ବଂଶ ନୂଆ କରି ଗଢିଉଠେ। ଇୟେ ତ ପ୍ରକୃତିର ଖେଳ। ପରିବର୍ତ୍ତନ ଓ ରୂପାନ୍ତରଣ ହେଉଛି ପ୍ରାକୃତିକ ପ୍ରକ୍ରିୟା। ମାଟିଆ ବଂଶର କୁଆଁଟିଏ ବିଶୁ କୁବେର ରୂପ ନେଇ ଏକଦା ଉଭା ହେଇଥିଲା, ପୁଣି କାଳର କରାଳ ଗତିରେ ଶୂନ୍ୟତା ମଧ୍ୟରେ ଡୁବିଗଲା। ପୁଣି ତା'ର କ୍ଷୁଦ୍ର କୁଆଁଟିଏ, ବିଶାଳ ଦ୍ରୁମ ସଦୃଶ ଚୌଧୁରୀ ସାଧବ ଦାସବର୍ମା ବଂଶ ରୂପରେ ଏବେ ଲୀଳାଖେଳା କରୁଛି ଦେଶ ଓ ବିଦେଶର ବିଭିନ୍ନ ଜାଗାରେ। ତା'ପରେ ଏ ବଂଶର ଭାଗ୍ୟ କଣ ହେବ କିଏ ଜାଣେ ? ଗାଁର ମାଟି କାମୁଡି ପଡିଥିବା ବଂଶର ପଞ୍ଚମ ପିଢିର ଜଣେ ଦାୟାଦ ଆଧୁନିକତାର ସର୍ବଗ୍ରାସୀ ଦେଶାନ୍ତର ଓ ପ୍ରତିଭା ପଳାୟନ ସୁଅରେ ନିଜର ମୂଳ ଭିଟାମାଟିରେ ବଂଶର ସନ୍ତକଟିଏ ସାଇତି ରଖିବା ପାଇଁ କରୁଛି ପ୍ରାଣମୂର୍ଚ୍ଛା ଉଦ୍ୟମ। କେବଳ ସେତିକି ନୁହେଁ, ଗାଁକୁ ଭଲପାଉଥିବା ଏଇ ଆଦିପୁରୁଷ ବଂଶର ଅନୁରକ୍ତ ଲୋକଟିର କେତେ ଯନ୍ତ୍ରଣା, କେତେ ଦୁଃଖ, କେତେ ନୈରାଶ୍ୟ ସତେ! ତଥାପି ସେ ଭିଟାମାଟି ପାଇଁ କାନ୍ଦି କାନ୍ଦି ଶେଷ ନିଃଶ୍ୱାସ ତ୍ୟାଗ କରୁଛନ୍ତି।

ଭାଷାର ଶୈଳୀ ସରଳ ଓ ଭାବଗର୍ଭକ। ଇତିହାସ, ଭୂଗୋଳ, ଦର୍ଶନ, ଧର୍ମ, ଆଧ୍ୟାତ୍ମିକତା, ତାନ୍ତ୍ରିକ ଚମତ୍କାରିତା ଓ ବିଜ୍ଞାନର ଝଲକ ରହିଛି ବହୁଜାଗାରେ, ସେଗୁଡିକର ବର୍ଣ୍ଣନା ଅତି ଚମତ୍କାର। ଅସହାୟ ବୁଭୁକ୍ଷୁ ବାଳକଟିଏ ସର୍ବଗ୍ରାସୀ କରାଳ ଦୁର୍ଭିକ୍ଷ ସ୍ରୋତରେ ଭାସିଯାଉଥିବା ସମୟରେ ତାର ସାହସ, ଧୈର୍ଯ୍ୟ, ଜିତିବାର ସଙ୍କଳ୍ପର ବର୍ଣ୍ଣାତ୍ମକ ଶବ୍ଦର ଭାଷା ଏବଂ ନିଜ ଗୋଡରେ ଠିଆ ହେବାପରେ ଆଗକୁ ମାଡି ଚାଲିବାର ଉଦ୍ଦାମତା ବେଶ ସୁଖପାଠ୍ୟ। ଓଡିଆ ଉପନ୍ୟାସ ଜଗତରେ ଏହା ନିଶ୍ଚିତ ଏକ ସୁଖପାଠ୍ୟ ଏବଂ ବହୁ ଚରିତ୍ରବିଶିଷ୍ଟ ଉପନ୍ୟାସ ଏଥିରେ ସନ୍ଦେହ ନାହିଁ। ପାଠକେ ପୁରାତନ ଓ ନୂତନତାର ସମନ୍ୱୟ ଏଥିରେ ଦେଖିବାକୁ ପାଇବେ।

**ମୋ-୭୦୦୮୯୧୩୫୮୯**

## ଉର୍ଦ୍ଦୁ ଗଜଲ


ମୂଳ ଉର୍ଦ୍ଦୁ : ବସିର ବଦ୍ର
ଓଡ଼ିଆ ଅନୁବାଦ: ମୃଣାଳ

ସମକାଳୀନ ଉର୍ଦ୍ଦୁ ସାହିତ୍ୟର ଜଣେ ଅତ୍ୟନ୍ତ ଲୋକପ୍ରିୟ କବି ବସିର ବଦ୍ରଙ୍କର ଗତ ୨୮ ମଇ ୨୦୨୬ରେ ଦେହାନ୍ତ ହୋଇଛି। ଉତ୍ତରପ୍ରଦେଶରେ ୧୯୩୫ ରେ ଜନ୍ମ କବିଙ୍କର ଅସଲ ନାଁ ସୈୟଦ ମହମ୍ମଦ ବସିର। ତାଙ୍କ କବିତା ଓ ଗଜଲରେ ପ୍ରେମ, ବିରହ, ସମ୍ପର୍କ, ଏକାକୀତ୍ୱ ଓ ମାନବୀୟ ଅନୁଭୂତିର ସୂକ୍ଷ୍ମ ପ୍ରକାଶ ଦେଖିବାକୁ ମିଳେ। ସହଜ ଭାଷା ଓ ଗଭୀର ଭାବନା ତାଙ୍କ ରଚନାକୁ ସାଧାରଣ ପାଠକଙ୍କ ମଧ୍ୟରେ ବି ବହୁତ ପ୍ରିୟ କରିଛି। 'କୋଇ ହାଥ ଭି ନ ମିଲାଏଗା', 'ପରଖନା ମତ, ପରଖନେ ସେ କୋଇ ଅପନା ନେହିଁ ରହତା' ପରି ଅନେକ ଶେର ଜନମନରେ ସ୍ଥାନ ପାଇଛି। ଉର୍ଦ୍ଦୁ ଗଜଲକୁ ଆଧୁନିକ ସମ୍ବେଦନା ସହ ଯୋଡ଼ିବାରେ ବଶୀର ବଦ୍ରଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ସୃଜନଶୀଳତା ଭାରତୀୟ କବିତା ଜଗତକୁ ସମୃଦ୍ଧ କରିଛି। ସ୍ୱାଧୀନୋତ୍ତର ଭାରତରେ ଉର୍ଦ୍ଦୁ ଗଜଲକୁ ନେଇ ସେ ପୁସ୍ତକ ଲେଖିଛନ୍ତି ।
ସେ ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟରେ ଉର୍ଦ୍ଦୁ ସାହିତ୍ୟରେ ସ୍ନାତକୋତ୍ତର ଓ ଡକ୍ଟରେଟ କଲା ପରେ ସେଠାରେ ଅଧ୍ୟାପନା କରିଥିଲେ । ପରେ ମିରଟ କଲେଜରେ ଅଧ୍ୟାପନା କରିଥିଲେ । ୧୯୮୭ ପରେ ସେ ଭୋପାଳରେ ସ୍ଥାୟୀ ଭାବେ ରହିଥିଲେ। ଉର୍ଦ୍ଦୁ ଏକାଡେମୀର ସେ ଅଧ୍ୟକ୍ଷ ଥିଲେ ।
୧୯୯୯ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ସେହି ବର୍ଷ ତାଙ୍କର ଉର୍ଦ୍ଦୁ କବିତା ସଂକଳନ 'ଆସ' ପାଇଁ ସେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ।



ଶ୍ରଦ୍ଧାଞ୍ଜଳି

-୧-
ମୁଣ୍ଡ ନୁଆଁଇଦେଲେ ପଥର ଦେବତା ହୋଇଯିବ,
ଏତେ ଭଲ ପାଅନି ତାକୁ, ସେ ଚହଲି ଯିବ ।

ମୁଁ ସମୁଦ୍ର, ନିଜ କ୍ଷମତା ଭଲଭାବେ ଜାଣିଛି
ଯେଉଁ ଦିଗକୁ ମାଡ଼ି ଯିବି, ରାସ୍ତା ଆପେ ହୋଇଯିବ।

କେତେ ସତ କଥା କହିଲା ମୋତେ ଏ ଜୀବନ ଦିନେ-
ତୁ ନ ହେଲେ ମୋର, ଅନ୍ୟ କେହି ହୋଇଯିବ।

ଭଗବାନଙ୍କ ନାଁ ନେଇ ପିଉଛି ମୁଁ, ସାଙ୍ଗମାନେ,
ବିଷ ଯଦି ଥାଏ ଏହା ଭିତରେ, ଔଷଧ ହୋଇଯିବ।

ପବନ, ସୁଗନ୍ଧ, ପୃଥିବୀ ଓ ଆକାଶ- ସବୁ ତା'ର,
ମୁଁ ଯେଉଁଠି ବି ଯିବି, ଖବର ତା'କୁ ହୋଇଯିବ।

-୨-

ଆଖିରେ ହିଁ ରହିଗଲା, ହୃଦୟକୁ କେବେ ଦେଖିନି,
ହୁଲି ଡଙ୍ଗାର ଯାତ୍ରୀଟି କେବେ ସମୁଦ୍ରକୁ ଦେଖିନି।

ଅସମୟରେ ଯଦି ଘରକୁ ଫେରିବି, ସମସ୍ତେ ଚମକିଯିବେ,
କେତେ ଯୁଗ ହେଲାଣି, ଦିନବେଳେ ମୁଁ ଘରକୁ ଫେରିନି।

ଯେଉଁଦିନଠୁ ବାହାରିଛି, ଲକ୍ଷ୍ୟ ଉପରେ ରହିଛି ନଜର,
ରାସ୍ତାର ମାଇଲ ଫଳକକୁ ଆଖି କେବେ ଦେଖିନି।

ଏ ଫୁଲ ମୋତେ ଉତ୍ତରାଧିକାରରେ ମିଳିଛି,
ତୁମେ ମୋର କଣ୍ଟା ଭରା ଶେଯକୁ କେବେ ଦେଖିନ।

ସାଙ୍ଗମାନଙ୍କ ଉପରେ ମୁଁ ଅତ୍ୟଧିକ ବିଶ୍ୱାସ କରିଥିଲି,
ଫୁଲ ତଳେ ଲୁଚିଥିବା ଛୁରୀକୁ କେବେ ଦେଖିନି।

ପ୍ରିୟାର ଘର ହେଉ କି ପୂର୍ବଜଙ୍କ ଜମି,
ଥରେ ଛାଡ଼ିଦେଲି ତ ଆଉ ପଛକୁ ଫେରି ଦେଖିନି।

ମୋତେ ଚାହୁଁଥିବା ଲୋକେ ମୋତେ ପଥର କହନ୍ତି ,
ମୁଁ ମହମ ଥିଲି-ମୋତେ ସେ କେବେ ଛୁଇଁ ଦେଖିନି।

ନିର୍ମାଲ୍ୟ, ଛତାବର, ଭୁବନେଶ୍ୱର

## ହାଟ ସଉଦା


ଡ. ରାମଚନ୍ଦ୍ର ପଲାଇ

ହାଟରେ ବୁଲିବୁଲି ପରିବା କିଣିବା କେଡ଼େ ସହଜ
ଯେବେ ତୁମ ପାଖରେ କିଛି ବରାଦ ନଥାଏ
ବିଲରେ ଖରାଦିନ ହଳକରିବା କେଡ଼େ ସହଜ
ଯେବେ ହିଡ଼ମୁଣ୍ଡରେ ତୁମକୁ ଦେଖି
କେହି ଜଣେ ମୁରୁକି ମୁରୁକି ହସୁଥାଏ।

ବରାଦ ସବୁବେଳେ ବ୍ୟଥା ଦେଇଥାଏ
ତାହା କାନ୍ଧରେ ହେଉ କି ମୁଣ୍ଡରେ
ଆଉ ସେ ବୋଝ ତ ସବୁବେଳେ ଭାରି
ଯାହା ବେଳେବେଳେ ଆସେ ଅବେଳରେ
ଏପରିକି ରାତି ଅଧରେ ମଧ୍ୟ।

ବୋଝ ନ ଥିବା ମଣିଷଟିଏ ଦେଖିଛ କି ?
କାନ୍ଧ ନଥିବା କଳେବରଟିଏ କେବେ ସାମ୍ନା କରିଛ କି ?
ଯଦି ଥାଏ, ତାହା ହୁଏତ ହେଇଥିବ
ସୋର ଓଭରବ୍ରିଜ୍ ତଳେ ଗଡୁଥିବା କବନ୍ଧଟିଏ,
ଅଥବା କାଂଶବଂଶ ନଈ ଗର୍ଭରେ ଗଡୁଥିବା
ମାଳମାଳ ପଥରସବୁ।

ବୋଝ ପାଖରେ ବାହାନା କରିବା ଅସମ୍ଭବ।

ଅଛି ତ ଖାଅ,
ନହେଲେ ପକ୍ଷୀଟିଏ ପରି ଉଡୁଥାଅ ନଭମଣ୍ଡଳ
ଅଧାର ପାଇବା ପାଇଁ ବା ଅଧାର ହେବାପାଇଁ
ହେଲେ ତୁମକୁ ଘରୁ ଗୋଡ଼ କାଢ଼ିବାକୁ ହେବ
କାନ୍ଧରେ ଝୁଲା ପକେଇ
ମୁଣ୍ଡରେ ଠେକା ଭିଡ଼ି।

ହେଇ ଦେଖ !
ସେ ସ୍ତ୍ରୀଲୋକଟି କିପରି ଗୀତ ଗାଇଗାଇ
ହାଟକୁ ଯାଉଛି
ତା' ଅଣ୍ଟିରେ ଛୋଟ ଛୁଆଟିକୁ ବାନ୍ଧିଦେଇ
ମୁଣ୍ଡରେ ବୋଝର ପାହାଡ଼ଟିଏ ଧରି
ଧୀରେ ଧୀରେ।

ବୋଝକୁ ଆପଣେଇନେଲେ
ବୋଝ ହାଲୁକା ହେଇଯାଏ ବହୁଗୁଣରେ
ଶ୍ରବଣକୁମାରର ଭାର ପରି।

ଭାରତ ଭିଲ୍ଲା, ରୁଦ୍ରପୁର,
ଭୁବନେଶ୍ୱର - ୭୫୧୦୩୫
ମୋ: ୭୯୭୮୮୯୮୪୫୬



## ଆଖିସାରା ପୁରୀ


ବସନ୍ତ ବେହେରା

କିଛି ବାଲି
କିଛି ମଲାଶାମୁକା
ଓ ପାଣିଫୋଟକା ପରି ଲିଭିଯାଉଥିବା
କିଛି ପାଦଚିହ୍ନମାନଙ୍କର ନିରୁଦବିଗ୍ନତା ବ୍ୟତୀତ
ସମୁଦ୍ରକୂଳ ଆଉ କଣ କି !

ଅତି ବେଶିରେ
କିଛି କୋଳାହଳ
କିଛି ଉନ୍ମାଦନା
କିଛି ଅନ୍ତରଙ୍ଗ ଅଥଚ ଅପସୃୟମାନ
ସ୍ମୃତିର ନିବିଡ଼ କାନ୍ଦଣା।

ସମୁଦ୍ରମାନେ ତ ନୀଳ, ଗଭୀର, କୂଳହୀନ
ଓ ରହସ୍ୟର ଅତଳ ସହର !

ତେବେ ଏ ସମୁଦ୍ରକୂଳର ବିଶେଷତ୍ୱ କଣ ?
କାହିଁକି ଏଇଠି ଝରେ ଲୁଣାପବନରେ
ରେଣୁ ରେଣୁ ରଜତ କର୍ପୁର,
ରାଶି ରାଶି ବାଲି ଲାଗେ ନିର୍ମାଲ୍ୟ କଣିକା,
ମେଘ ସବୁ ଘନ ନୀଳ
କ୍ରୀଡାରତ ନରନାରୀ ଗୋପୀଗୋପାଙ୍ଗନା
ପାଣିରେ ବ୍ରହ୍ମକମଳ ଏବଂ ଆକାଶରେ
ପ୍ରତିଧ୍ୱନି ଆଦ୍ୟ ଓଁକାରର !

କହିଦେଇ ଚାଲିଗଲା ବୁଲାବିକାଳୀ -
'ବିଶ୍ୱାସ ହେଉନି
ତ ନୀଳଚକ୍ରକୁ ଚାହିଁ ଥରେ ଆଖି ବନ୍ଦ କର '

**ସୁନାପୁର, ଗଞ୍ଜାମ,ମୋ - ୮୧୧୭୮୩୭୮୭୯**

## ଛାଇ


ପାର୍ଥସାରଥୀ ରାଉତ

ଆକାଶରୁ ନିଆଁ ବର୍ଷୁଥିଲା, ଆଉ ସେଇ ରଡ ନିଆଁରେ ଜଳିଜଳି ବାପା ସାଇକେଲ ଚଳାଉଥିଲେ। ପଛ କ୍ୟାରିଅରରେ ଛିଡା ହେଇ ବାପାଙ୍କ ଗୋଡକୁ ଲକ୍ଷ୍ୟ କରୁଥିଲା କୁନି ଝିଅ। ତାକୁ ଲାଗୁଥିଲା ତଳ ଉପର ହେଉଥିବା ଗୋଡର ମାଂସପେଶୀଟା ଯେମିତି ଚମଡା ଚିରି ବାହାରକୁ ବାହାରିଆସିବ! ଝାଳରେ ଗୋଟାପଣ ଗୋଧୋଇପଡିଥିଲେ ବାପା। କୁନିଝିଅଟା ଛତା ମାରିଲା ଆଉ ବାପାକୁ ଘୋଡାଇଦେଲା। ଛତାକୁ ସେ ଏମିତି ଧରିଥିଲା ଯେ ଛାଇ ନିଜ ଆଡକୁ କମ୍, ବାପାଙ୍କ ଆଡକୁ ବେଶୀ ଢଳିଥିଲା। ରାସ୍ତା ଭଲ ନଥିଲା, ହଲହଲ ହେଉଥିଲା ସାଇକେଲ କ୍ୟାରିଅର। ଯୋଉଥି ପାଇଁ ବାଆଁ ହାତକୁ ବାପାଙ୍କ ବେକରେ ଭଲ କରି ଗୁଡାଇ ଡାହାଣ ହାତରେ ଛତାକୁ ଖୁବ୍ କଷ୍ଟରେ ବାଲାନ୍ସ କରୁଥିଲା।

କୁନିଝିଅଟା ହଠାତ ଈଶ୍ୱରଙ୍କ ଉପରେ ପ୍ରଚଣ୍ଡ ରାଗିଗଲା। କହିଲା, 'କେତେ ନିର୍ଦ୍ଦୟ ତମେ ! ମୋ ବାପା ପାଇଁ ଟିକେ ବର୍ଷା କରନ୍ତନି !' ଉଠାଣିରେ ଟାଣିଓଟାରି ହେଇ ପେଡାଲ ମାରୁଥିବା ବାପା ହସିଲେ ଆଉ ମନେମନେ କହିଲେ- ତୁ ତ ଦିଇ ହାତ ପ୍ରସାରି ନିଜେ ମେଘ ଖଣ୍ଡେ ହେଇଯାଇଛୁ। ମୋର ଆଉ ମେଘ କ'ଣ ହେବ ?

ବାପାଙ୍କ ବେକମୂଳ ଝାଳରେ ପୂରା ବୁଡିଗଲାଣି। କୁନିଝିଅ ପୋଛିଦେବାକୁ ଚେଷ୍ଟା କଲା, ମାତ୍ର ଚଳନ୍ତା ସାଇକେଲରେ ସମ୍ଭବ ହେଲାନି। ସମସ୍ତ ବଳ ପ୍ରୟୋଗ କରି ପାଟିରେ ଝାଳକୁ ଫୁଙ୍କିବାକୁ ଲାଗିଲା। ବାପା ଆଶ୍ୱସ୍ତ ହେଲା ପରି ଇସାରା ଦେଲେ ଓ ଟିକେ ଭଲ କରି ପେଡାଲ ମାରିଲେ। କହିଲେ, 'କେବଳ ତୋ ଛାଇ ପାଇଁ ସାଇକେଲ ଚଳାଇବା ଟିକେ ସହଜ ହେଉଛି। ନହେଲେ ଏ ଖରା ଯେମିତି ହେଉଛି...। ବାପାଙ୍କ କଥାକୁ ସଂପୂର୍ଣ୍ଣ ହେବାକୁ ନଦେଇ ଝିଅ କହିଲା -ତମେ ତ ମୋ ଉପରେ ସାରା ଜୀବନ ଛାଇ ହେଇ ରହିଛ। ସେ ତୁଳନାରେ ଏ ଛାଇ ତ ସାମାନ୍ୟ, ତୁଚ୍ଛ, ନଗଣ୍ୟ।'

ଏଥର ବାପାକୁ ଟିକେ କଷ୍ଟ ଦେବାକୁ ଚାହିଁଲା କୁନିଝିଅ। କହିଲା, ଗୋଟେ ଗୀତ ଗାଅ ବାପା। ବାପା କହିଲେ, ତୁ ତ ଜାଣୁ ମୋତେ ଗୀତ ଗାଇ ଆସେନି। ଝିଅ କିନ୍ତୁ ନଛୋଡବନ୍ଧା। ଗୀତ ଶୁଣିବାକୁ ଅଝଟ କଲା। ମୋତେ ଆସେନି କହି ବାପା ସେଇମିତି ନା ନା କରୁଥିଲେ ଆଉ ଝିଅ ଜିଦ୍ କରି ଚାଲିଥିଲା। ବାପ-ଝିଅଙ୍କ କଥା ଶୁଣି ସାଇକେଲ କିନ୍ତୁ ହସୁଥିଲା। ଭାବୁଥିଲା, ବାପା ମୁଣ୍ଡ ଉପରେ ଛତାଟିଏ ଘୋଡାଇଦେବା ମୁହୂର୍ତ୍ତରେ ହିଁ ପୃଥିବୀର ସବୁଠୁ ସୁନ୍ଦର ଗୀତ ଲେଖା ସରିଥିଲା।

ଝିଅ କଥା ରଖିବାକୁ ବାପା ଗୀତ ଗାଇବା ପରି ଗୁଣୁଗୁଣୁ ହେଇ ଉଁ ଉଁ ହେଉଥିଲେ। ଏଥର ଗଡାଣି ପଡିଲା, ସାଇକେଲ ଜୋରରେ ଗଡୁଥିଲା। ସେଇ ଗୀତ ତାଳରେ ମୁଣ୍ଡ ହଲାଉଥିଲା ଝିଅ। ଆଗକୁ ଆଗକୁ ଲମ୍ବୁଥିଲା ଛାଇ। କୁନିଝିଅର ଏ ଛାଇ ଆଗରେ ସୂର୍ଯ୍ୟର ସବୁ ତାତି ହାର ମାନିଥିଲା।

**ଶୈଳଶ୍ରୀବିହାର, ଭୁବନେଶ୍ୱର,**
**ମୋ : ୯୪୩୮୨୯୦୪୯୧**



## ୧୮ ବର୍ଷରୁ କମ୍ ହକି ଏସିଆ କପ୍

# ୩ୟ ଥର ପାଇଁ ଭାରତ ଜିତିଲା ଟାଇଟଲ୍



**ଜାପାନ, ନୂଆଦିଲ୍ଲୀ, ୬।୬/ଏଜେନ୍ସି:** ୧୮ ବର୍ଷରୁ କମ୍ ହକି ଏସିଆ କପ୍‌ରେ ଭାରତ ଚାମ୍ପିଅନ୍ ହୋଇଛି। ଭାରତ ତୃତୀୟ ଥର ପାଇଁ ଏହି ଟାଇଟଲ୍ ହାସଲ କରିଛି। ଭାରତୀୟ ଦଳ ଫାଇନାଲ୍ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିଅନ୍ ଜାପାନକୁ ୪-୧ ଗୋଲ୍‌ରେ ପରାସ୍ତ କରିଛି। ଏହାପୂର୍ବରୁ ଭାରତ ୨୦୦୧ ଏବଂ ୨୦୧୬ ମସିହାରେ ଏହି ଟାଇଟଲ୍ ନିଜ ନାମରେ କରିଥିଲା।

ଶନିବାର ଜାପାନର କାକାମିଗାହାରା ଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଯୁବ ଭାରତୀୟ ଖେଳାଳି ଆଶିଷ ତାନି ପୂର୍ତ୍ତି ଚମତ୍କାର ହ୍ୟାଟ୍ରିକ ଗୋଲ୍ କରିଥିଲେ। ଏହାସହ ଅଧିନାୟକ କେତନ କୁଶଓ୍ବାହା ମଧ୍ୟ ଗୋଟିଏ ଗୋଲ୍ ଦେଇଥିଲେ। ଏହାପୂର୍ବରୁ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ସେମିଫାଇନାଲ୍ ମ୍ୟାଚ୍‌ରେ ମଧ୍ୟ ଆଶିଷ ହ୍ୟାଟ୍ରିକ୍ ସହ ୪ଟି ଗୋଲ୍ କରିଥିଲେ। ଗୋଟିଏ ଟୁର୍ଣ୍ଣାମେଣ୍ଟରେ ଦୁଇ ଦୁଇ ଥର ହ୍ୟାଟ୍ରିକ୍ ଗୋଲ୍ ଦେବାରେ ଆଶିଷ ଏକ କୀର୍ତ୍ତିମାନ ସ୍ଥାନ କରିଛନ୍ତି। ତେବେ ଭାରତ ଚାମ୍ପିଅନ୍ ଦଳ ଭାବେ ସ୍ୱର୍ଣ୍ଣ ଜିତିଥିବା ବେଳେ ଜାପାନ୍ ରୌପ୍ୟରେ ସନ୍ତୁଷ୍ଟ ରହିଛି। ସେହିପରି ପାକିସ୍ତାନ ଦଳ ମାଲେସିଆକୁ ହରାଇ ତୃତୀୟ ସ୍ଥାନ ଅକ୍ତିଆର ପୂର୍ବକ ବ୍ରୋଞ୍ଜ୍ ପଦକ ହାସଲ କରିଛି। ଅନ୍ୟପକ୍ଷେ ଭାରତୀୟ ମହିଳା ଦଳ ଦକ୍ଷିଣ କୋରିଆକୁ ୩-୦ ଗୋଲ୍‌ରେ ସହଜରେ ହରାଇ ବ୍ରୋଞ୍ଜ ପଦକ ଜିତିଛି। ଏହି ବିଭାଗରେ ଚୀନ୍ ଗୋଲ୍ଡ ମେଡାଲ୍ (ସ୍ୱର୍ଣ୍ଣ ପଦକ) ନିଜ ନାମରେ କରିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏସିଆ କପ୍ ୨୦୨୬ ରେ ଚମତ୍କାର ପ୍ରଦର୍ଶନ ପାଇଁ ଉଭୟ ଭାରତୀୟ ପୁରୁଷ ଏବଂ ମହିଳା (୧୮ ବର୍ଷରୁ କମ୍) ହକି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ମହିଳା ଦଳକୁ ଅଭିନନ୍ଦନ ଜଣାଇ ସେ କହିଛନ୍ତି ଯେ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଦଳ ଚମତ୍କାର ଲଢୁଆ ମନୋଭାବ ପ୍ରଦର୍ଶନ କରିଛି। ଏହି ସଫଳତା ଭାରତୀୟ ମହିଳା ହକିର ବଢୁଥିବା ଶକ୍ତି ଏବଂ ଖେଳାଳିମାନଙ୍କ ଅପାର ସମର୍ଥକୁ ଦର୍ଶାଉଛି। ସେହିପରି ପୁରୁଷ ଦଳକୁ ବଧେଇ ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତୀୟ

### ପ୍ରଧାନମନ୍ତ୍ରୀ କଲେ ପ୍ରଶଂସା

ଖେଳାଳିମାନେ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଉତ୍କୃଷ୍ଟ କ୍ରୀଡ଼ା କୌଶଳ ଏବଂ ଦଳଗତ ପ୍ରଦର୍ଶନ (ଟିମଓ୍ବାର୍କ) ପ୍ରଦର୍ଶନ କରିଛନ୍ତି, ଯାହାର ପରିଣାମ ସ୍ୱରୂପ ଫାଇନାଲରେ ଏକ ସ୍ମରଣୀୟ ବିଜୟ ହାସଲ ହୋଇଛି।

ଟାଇଟଲ୍ ଜିତିବା ପରେ ହକି ଇଣ୍ଡିଆ ପକ୍ଷରୁ ପୁରୁଷ ଦଳର ପ୍ରତ୍ୟେକ ଖେଳାଳିଙ୍କୁ ତିନି-ତିନି ଲକ୍ଷ ଟଙ୍କା ଏବଂ ସପୋର୍ଟ ଷ୍ଟାଫ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ଦେଢ଼ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ଦେବାକୁ ଘୋଷଣା କରାଯାଇଛି। ସେହିପରି ସମାନ ଦିନରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ମହିଳା ଦଳର ଖେଳାଳିମାନଙ୍କୁ ୧-୧ ଲକ୍ଷ ଟଙ୍କା ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ଦେବାକୁ ମଧ୍ୟ ଘୋଷଣା କରାଯାଇଛି।

## ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ: ମଜଭୁତ୍ ସ୍ଥିତିରେ ଟିମ୍ ଇଣ୍ଡିଆ

# ପ୍ରଥମ ଦିନରେ ଭାରତ ୩୬୮/୩

**ନ୍ୟୁ ଚଣ୍ଡିଗଡ଼, ୬।୬/ଏଜେନ୍ସି:** ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟର ପ୍ରଥମ ଦିନରେ ନିଜର ସ୍ଥିତି ମଜଭୁତ କରିନେଇଛି ଭାରତ। ମୁଲ୍ଲାନପୁରର ମହାରାଜା ଯାଦବେନ୍ଦ୍ର ସିଂ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଏହି ଟେଷ୍ଟ ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଦିନର ଖେଳ ଶେଷ ହେବା ସୁଦ୍ଧା ୩ ଓ୍ବିକେଟ୍ ହରାଇ ୩୬୮ ରନ ସଂଗ୍ରହ କରିଛି। ଅଧିନାୟକ ଶୁଭମନ୍ ଗିଲ୍ ୧୦୩ ଏବଂ ଋଷଭ ପନ୍ତ୍ ୫୦ ରନ୍ କରି ଅପରାଜିତ ଫେରିଛନ୍ତି। ଏହା ପୂର୍ବରୁ କେଏଲ୍. ରାହୁଲ ୧୦୦ ଏବଂ ସାଇ ସୁଦର୍ଶନ ୮୧ ରନ୍‌ର ପାଳି ଖେଳିଥିଲେ। ଆଫଗାନିସ୍ତାନ ପକ୍ଷରୁ ସଲିମ ସଫି ୨ଟି ଓ୍ବିକେଟ ନେଇଥିବା ବେଳେ ଜିଆଉର ରେହମାନ ଶରିଫିଙ୍କୁ ଗୋଟିଏ ଓ୍ବିକେଟ ମିଳିଛି।

ଆଜି ଦିନରେ ଭାରତର ଆରମ୍ଭ ଭଲ ହୋଇନଥିଲା। ଭାରତୀୟ ଦଳର ଓପନର ଯଶସ୍ୱୀ ଜୈସଓ୍ବାଲ ୩୨ ବଲ୍‌ରେ ମାତ୍ର ୨୪ ରନ କରି ଆଉଟ ହୋଇଥିଲେ। ସେତେବେଳେ ଦଳର ସ୍କୋର ୪୧ ରନ

### ରାହୁଲ-ଗିଲ୍‌ଙ୍କ ଶତକ, ସୁଦର୍ଶନ-ଋଷଭ୍‌ଙ୍କ ଅର୍ଦ୍ଧଶତକ

ଥିଲା। ଏହାପରେ କେ.ଏଲ୍. ରାହୁଲ ଏବଂ ସାଇ ସୁଦର୍ଶନ ଦ୍ୱିତୀୟ ଓ୍ବିକେଟ୍ ପାଇଁ ୧୩୯ ରନ ଯୋଡ଼ି ପାଳିକୁ ସମ୍ଭାଳିଥିଲେ। ସୁଦର୍ଶନ ୧୦୪ ବଲରେ ୮୧ ରନ କରିଥିଲେ,



ଯେଉଁଥିରେ ୧୩ଟି ଚୌକା ସାମିଲ ଥିଲା। ସୁଦର୍ଶନ ଏବଂ ଜୈସଓ୍ବାଲଙ୍କୁ ସଲିମ ସଫି ଆଉଟ୍ କରିଥିଲେ। ତେବେ ସୁଦର୍ଶନ ଆଉଟ୍ ହେବା ପରେ ରାହୁଲ ଏବଂ ଅଧିନାୟକ ଗିଲ ପାଳିକୁ ଆଗକୁ ବଢ଼ାଇଥିଲେ। ଦୁହେଁ ତୃତୀୟ ଓ୍ବିକେଟ ପାଇଁ ୬୭ ରନ ଯୋଡ଼ିଥିଲେ। ରାହୁଲ ନିଜର ୧୨ତମ ଶତକ ହାସଲ କରି ୧୬୫ ବଲରେ ୧୦୦ ରନ୍ କରିଥିଲେ। ତାଙ୍କ ପାଳିରେ ୧୧ଟି ଚୌକା ସାମିଲ ଥିଲା। ତେବେ ସେ ନିଜ ଶତକକୁ ବଡ଼ ପାଳିରେ ପରିଣତ କରିପାରିନଥିଲେ ଏବଂ ଜିଆଉର ରେହମାନ ଶରିଫିଙ୍କ ବଲରେ ଓ୍ବିକେଟକିପର ରହମାନୁଲ୍ଲାହ ଗୁରବାଜଙ୍କୁ କ୍ୟାଚ୍ ଦେଇ ବସିଥିଲେ। ରାହୁଲ ଆଉଟ ହେବା ପରେ ଋଷଭ ପନ୍ତ ଦ୍ରୁତ ଗତିରେ ବ୍ୟାଟିଂ କରିଥିଲେ। ସେ ଅବଦୁଲ ମଲିକଙ୍କ ଏକ ଓଭରରେ ୩ଟି ଛକା ମାରିଥିଲେ। ଅନ୍ୟପଟେ ଗିଲ୍ ୧୩୮ ବଲରେ ନିଜ ଟେଷ୍ଟ କ୍ୟାରିୟରର ୧୧ତମ ଶତକ ପୂରଣ କରିଥିଲେ। ଦିନର ଖେଳ ଶେଷ ହେବା ଠିକ୍ ପୂର୍ବରୁ ଋଷଭ୍ ପନ୍ତ୍ ମଧ୍ୟ ୭୦ ବଲରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଦୁଇ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଚତୁର୍ଥ ଓ୍ବିକେଟ ପାଇଁ ଅପରାଜିତ ୧୨୧ ରନର ଭାଗିଦାରୀ ହୋଇସାରିଛି।

# ବାଦ୍ ପଡ଼ିଲେ ସୂର୍ଯ୍ୟ, ଶ୍ରେୟସଙ୍କୁ ଅଧିନାୟକ ଦାୟିତ୍ୱ

## ଏସିଆନ୍ ଗେମ୍ସରେ ବି କ୍ୟାପ୍ଟେନ୍ ରହିବେ ଆୟର

**ନୂଆଦିଲ୍ଲୀ,୬।୬/ଏଜେନ୍ସି:** ବିସିସିଆଇ ଆୟରଲ୍ୟାଣ୍ଡ ଏବଂ ଇଂଲଣ୍ଡ ବିପକ୍ଷରେ ଟି-୨୦ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା କରିଛି। ଏହି ଦଳ ଏସିଆନ୍ ଗେମ୍ସରେ ମଧ୍ୟ ଖେଳିବ। ଏସିଆନ୍ ଗେମ୍ସରେ ଯଶପ୍ରୀତ୍ ବୁମ୍ରା ସାମିଲ ହେବେ। ସେ ମହମଦ୍ ସିରାଜ୍‌ଙ୍କ ସ୍ଥାନ ନେବେ। ତେବେ ଏହି ୩ଟି ଟି-୨୦ ଟୁର୍ଣ୍ଣାମେଣ୍ଟ ପାଇଁ ଶ୍ରେୟସ ଆୟରଙ୍କୁ ନୂତନ ଅଧିନାୟକ ଭାବରେ ନିଯୁକ୍ତ କରାଯାଇଛି।



### ଆୟରଲ୍ୟାଣ୍ଡ ଏବଂ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ୍ : ଭାରତୀୟ କ୍ରିକେଟ୍ ଦଳ ଘୋଷଣା

ଖେଳାଳି ଏବଂ ଅଭିଜ୍ଞ ଖେଳାଳିଙ୍କ ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରାଯାଇଥିବା କୁହାଯାଇଛି। ସେହିପରି ଗଣମାଧ୍ୟମର ପ୍ରଶ୍ନର ଉତ୍ତର ଦେଇ କୋଚିଂ ଷ୍ଟାଫ୍ ଏବଂ ଚୟନକର୍ତ୍ତା କେତେକ ସିନିୟର ଖେଳାଳିଙ୍କ ଭୂମିକା ଏବଂ ଦଳରେ ନୂଆ ଚେହେରାଙ୍କୁ ସାମିଲ କରିବା ପଛର କାରଣ ସମ୍ପର୍କରେ ଆଲୋଚନା କରିଛନ୍ତି। ଖେଳାଳିମାନଙ୍କ କାର୍ଯ୍ୟଭାର ଏବଂ ଫିଟନେସ୍‌କୁ ମଧ୍ୟ ବିଶେଷ ଗୁରୁତ୍ୱ

ଏହାର ଅର୍ଥ ଚୟନ କର୍ତ୍ତା ସୂର୍ଯ୍ୟ କୁମାର ଯାଦବଙ୍କ ଠାରୁ ଅଧିନାୟକ ପଦ ପ୍ରତ୍ୟାହାର କରିନେଇଛନ୍ତି। ତେବେ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ପ୍ରଥମ ଥର ପାଇଁ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ଶନିବାର ଆୟୋଜିତ ପ୍ରେସ୍ କନଫରେନ୍ସରେ ଚୟନକର୍ତ୍ତା ଏବଂ ବୋର୍ଡ କର୍ତ୍ତୃପକ୍ଷ ଆଗାମୀ ସିରିଜ୍‌ଗୁଡ଼ିକ ପାଇଁ ଦଳର ଯୋଜନା ସ୍ପଷ୍ଟ କରିଛନ୍ତି। ଭବିଷ୍ୟତର ଟି-୨୦ ବିଶ୍ୱକପ୍‌କୁ ଆଖିରେ ରଖି ଯୁବ ଦିଆଯାଇଛି। ଆଫଗାନିସ୍ତାନ ବିପକ୍ଷ ଦିନିକିଆ ସିରିଜ ପରେ ଭାରତୀୟ ଦଳ ଆୟର୍ଲାଣ୍ଡ ଗସ୍ତ କରିବ। ସେଠାରେ ଦୁଇଟି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ଖେଳାଯିବ। ପ୍ରଥମ ମ୍ୟାଚ୍ ଜୁନ ୨୬ ଏବଂ ଦ୍ୱିତୀୟ ମ୍ୟାଚ ଜୁନ ୨୮ରେ ଅନୁଷ୍ଠିତ ହେବ। ଉଭୟ ମ୍ୟାଚ୍ ବେଲଫାଷ୍ଟରେ ଅନୁଷ୍ଠିତ ହେବ। ଆୟାରଲ୍ୟାଣ୍ଡ ଗସ୍ତ ପରେ, ଭାରତୀୟ ଦଳ ୫ ମ୍ୟାଚ ବିଶିଷ୍ଟ ଟି ୨୦ ସିରିଜ୍ ଖେଳିବାକୁ ଇଂଲଣ୍ଡ ଗସ୍ତ କରିବ।

## ନରଓ୍ବେ ଚେସ୍ ୨୦୨୬ ଟୁର୍ଣ୍ଣାମେଣ୍ଟ: ନୂଆ କୀର୍ତ୍ତିମାନ ରଚିଲା ଭାରତ

# ଟାଇଟଲ୍ ଜିତିଲେ ପ୍ରଜ୍ଞାନାନନ୍ଦ

**ଓସ୍‌ଲୋ, ୬।୬/ଏଜେନ୍ସି:** ଭାରତର ଯୁବ ଗ୍ରାଣ୍ଡମାଷ୍ଟର ଆର୍ ପ୍ରଜ୍ଞାନାନନ୍ଦ ଇତିହାସ ରଚିଛନ୍ତି। ୨୦ ବର୍ଷୀୟ ଏହି ଷ୍ଟାର ଚେସ୍ ଖେଳାଳି ନରଓ୍ବେ ଚେସ୍ ୨୦୨୬ର ଟାଇଟଲ୍ ଜିତିବାରେ ପ୍ରଥମ ଭାରତୀୟ ଖେଳାଳି ହୋଇପାରିଛନ୍ତି। ଭାରତୀୟ ଚେସ୍ ଜଗତର କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦ ଯାହା କରିପାରିନଥିଲେ, ପ୍ରଜ୍ଞାନାନନ୍ଦ ତାହା କରି ଦେଖାଇଛନ୍ତି। ବର୍ତ୍ତମାନର ବିଶ୍ୱ ଚାମ୍ପିଅନ୍ ଡି. ଗୁକେଶ ମଧ୍ୟ ଏପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଜିତିପାରିନଥିଲେ। କିନ୍ତୁ ପ୍ରଜ୍ଞାନାନନ୍ଦ ନରଓ୍ବେ ଚେସ୍ ୨୦୨୬ ଟାଇଟଲ୍ ନିଜ ନାମରେ କରିବାରେ ସଫଳ ହୋଇଛନ୍ତି। ପ୍ରଜ୍ଞାନାନନ୍ଦ ଦ୍ୱିତୀୟ ଥର ପାଇଁ ନରଓ୍ବେ ଚେସ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ରିପୋର୍ଟ ଅନୁସାରେ ଫାଇନାଲ୍‌ରେ ପ୍ରଜ୍ଞାନାନନ୍ଦଙ୍କ ଆମ୍ନାସାମ୍ନା ଜର୍ମାନୀର ଭିନସେଣ୍ଟ କୀମରଙ୍କ ସହ ହୋଇଥିଲା। ତେବେ ସେ ଭିନସେଣ୍ଟ କୀମରଙ୍କୁ ହରାଇ ଏହି ସଫଳତା ହାସଲ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ଶେଷ ଦିନରେ ପ୍ରଜ୍ଞାନାନନ୍ଦ ୧୫ ପଏଣ୍ଟ ସହ ତୃତୀୟ ସ୍ଥାନରେ ଥିଲେ। ସେ କ୍ଲାସିକାଲ୍ ମୁକାବିଲା ଜିତି ୩ ପଏଣ୍ଟ ହାସଲ କରିଥିଲେ ଏବଂ ମୋଟ ୧୮ ପଏଣ୍ଟ ସହ ଟାଇଟଲ୍ ନିଜ ନାମରେ କରିଥିଲେ। ସେହିପରି ଆମେରିକୀୟ ଗ୍ରାଣ୍ଡମାଷ୍ଟର ଓ୍ବେସଲି ସୋ' ୧୭ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିବାକୁ ବାଧ୍ୟ ହୋଇଥିବା ବେଳେ ଫ୍ରାନ୍ସର ଅଲୀରଜା ଫିରୋଜା ୩ୟ ସ୍ଥାନ ଅକ୍ତିଆର କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ସବୁଠୁ ବଡ଼ ବିପର୍ଯ୍ୟୟ ହେଉଛି, ବିଶ୍ୱର ୧ନଂ ତଥା ୭ଥରର (୨୦୨୫ରେ ମଧ୍ୟ ଟାଇଟଲ ବିଜୟୀ) ନରଓ୍ବେ ଚେସ୍ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ତଥା ନରଓ୍ବେର ମ୍ୟାଗନସ୍ କାର୍ଲସନ୍ ମାତ୍ର ୧୩ ପଏଣ୍ଟ ସହ ୫ମ ସ୍ଥାନରେ ରହିବା। କାର୍ଲସନ୍‌ଙ୍କୁ ଏହି ଟୁର୍ଣ୍ଣାମେଣ୍ଟରେ ହିଁ ପ୍ରଜ୍ଞାନାନନ୍ଦ ଦୁଇ ଦୁଇ ଥର ହରାଇଛନ୍ତି। ଉଭୟ ଦୁଇଟି ମ୍ୟାଚ୍‌ରେ ସାମ୍ନାସାମ୍ନି ହୋଇଥିବା ବେଳେ ଦୁଇ ଥର ଯାକ କାର୍ଲସନ୍ ପରାଜିତ ହୋଇଥିଲେ।




## ଦେଶ

## ଲେବାନନ୍ ଉପରେ ଇସ୍ରାଏଲର୍ ଏୟାରଷ୍ଟ୍ରାଇକ୍

# ୩ ଲେବାନନ୍ ସେନାଧିକାରୀଙ୍କ ସମେତ ୯ ମୃତ

**ବେରୁତ, ଜେରୁଜେଲମ୍, ୬।୬/ଏଜେନ୍ସି:** ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏତଦ୍‌ବ୍ୟତୀତ ୨/୩ ଦିନ ପୂର୍ବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫୋନ୍ କରି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ କଠୋର ଶବ୍ଦରେ ଭର୍ତ୍ସନା କରିଥିଲେ। ଏସବୁ ସତ୍ତ୍ୱେ ଇସ୍ରାଏଲ୍ ପୁଣିଥରେ ଲେବାନନ୍ ଉପରେ ଏୟାରଷ୍ଟ୍ରାଇକ୍ କରିଛି। ଇସ୍ରାଏଲର ଲଢୁଆ ବିମାନଗୁଡ଼ିକ ଲେବାନନ୍‌ର ଦକ୍ଷିଣ ପ୍ରାନ୍ତରେ ଆକାଶରୁ ବୋମାବର୍ଷା କରିଛନ୍ତି। ତେବେ ଏହି ଆକ୍ରମଣରେ ଲେବାନନ୍‌ର ୩ ସେନାଧିକାରୀଙ୍କ ସମେତ ମୋଟ୍ ୯ଜଣ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଲେବାନନ୍ ପକ୍ଷରୁ ଏହାକୁ ବିଶ୍ୱାସଘାତକ ବୋଲି କୁହାଯାଇଥିବା ବେଳେ ଇରାନ୍ ମଧ୍ୟ ଚେତାବନୀ ଦେଇଛି।

ରିପୋର୍ଟ ଅନୁସାରେ ଇସ୍ରାଏଲ୍ ଏବଂ ଲେବାନନ୍ ମଧ୍ୟରେ ଏକ ନୂତନ ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷରିତ ହେବାର ମାତ୍ର କିଛି ଦିନ ପରେ, ଇସ୍ରାଏଲ୍ ଏହି ଆକ୍ରମଣ କରିଛି। ନାବାତିୟେହ ସହରକୁ ମାର୍ଜାୟୁନ୍ ସହର ସହିତ ସଂଯୋଗ କରୁଥିବା ରାସ୍ତାରେ ଏକ ଗାଡ଼ି ଉପରେ ହୋଇଥିବା ବିମାନ ଆକ୍ରମଣରେ ଜଣେ ବ୍ରିଗେଡିୟର ଜେନେରାଲ, ଜଣେ କ୍ୟାପ୍ଟେନ୍ ଏବଂ ଅନ୍ୟ ଜଣେ ସୈନ୍ୟ ଅଧିକାରୀଙ୍କ ଘଟିଛି ବୋଲି ଲେବାନନ୍ ସେନା ପକ୍ଷରୁ କୁହାଯାଇଛି, ତେବେ ତୁରନ୍ତ ସେମାନଙ୍କ ନାମ ପ୍ରକାଶ କରାଯାଇନାହିଁ। ଅନ୍ୟପଟେ, ଦକ୍ଷିଣ ଗ୍ରାମ ସାକସାକିୟା ଉପରେ ହୋଇଥିବା ଅନ୍ୟ ଏକ ବିମାନ ଆକ୍ରମଣରେ ୬ ଜଣ ସାଧାରଣ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି ବୋଲି ସରକାରୀ ଜାତୀୟ ସମ୍ବାଦ ସଂସ୍ଥା କହିଛି।

ଇସ୍ରାଏଲ୍ ସେନା ଏହି ଆକ୍ରମଣ ସମ୍ପର୍କରେ ସୂଚନା ଦେଇ କହିଛି ଯେ, ଲେବାନନ୍ ଉପରେ ହୋଇଥିବା ଏହି ଆକ୍ରମଣଗୁଡ଼ିକର ଉଦ୍ଦେଶ୍ୟ ହେଉଛି ଏହି ଅଞ୍ଚଳରେ ଲୁଚି ରହିଥିବା ହିଜବୁଲ୍ଲା ସଶସ୍ତ୍ର ଗୋଷ୍ଠୀଙ୍କ ଷଡଯନ୍ତ୍ରକୁ ବିଫଳ କରିବା। ଇଣ୍ଟେଲ୍ ସୂତ୍ରରୁ ମିଳିଥିବା ସୂଚନାନୁସାରେ ଏହି ପ୍ରାନ୍ତରୁ ହିଜବୁଲ୍ଲା ସଂଗଠନ ଶକ୍ତିଶାଳୀ ହେବା ସହ ଇସ୍ରାଏଲ୍ ଉପରେ ଆକ୍ରମଣ କରିବାକୁ ଯୋଜନା କରୁଛି। ଏହାକୁ ଭିତ୍ତି କରି ଏହି ଆକ୍ରମଣ କରାଯାଇଛି। ଇସ୍ରାଏଲ୍ ସେନା ସ୍ପଷ୍ଟ କରିଛି ଯେ ସେମାନେ ହିଜବୁଲ୍ଲାହ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି, ଲେବାନନ୍ ସେନା ବିରୋଧରେ ନୁହେଁ। ଅନ୍ୟପକ୍ଷେ ଲେବାନନ୍ ଦର୍ଶାଇଛି ଯେ, ଇସ୍ରାଏଲର



ଏହି ଆକ୍ରମଣ ସେହି ସମସ୍ତ ପ୍ରୟାସକୁ ପଣ୍ଡ ପ୍ରଭାବିତ କରୁଛି, ଯାହାକି ଆଞ୍ଚଳିକ ସ୍ତରରେ ସ୍ଥିରତା ଫେରାଇ ଆଣିବା ପାଇଁ କରାଯାଉଛି। ଲେବାନନ୍‌ର ରାଷ୍ଟ୍ରପତି ଜୋସେଫ୍ ଆଉନ୍ ଏହି ଆକ୍ରମଣକୁ 'ଲେବାନନ୍'ର ସାର୍ବଭୌମତ୍ୱ ଏବଂ ଅନ୍ତର୍ଜାତୀୟ ଆଇନର ଏକ ଖୋଲା ଉଲ୍ଲଂଘନ ବୋଲି କହିଛନ୍ତି। ସେ କହିଛନ୍ତି ଯେ, କୌଣସି ପ୍ରତିବନ୍ଧକ ବିନା ଚାଲିଥିବା ଇସ୍ରାଏଲ୍ ଆକ୍ରମଣର ଅନ୍ତ ଘଟାଇବା ପାଇଁ ଲେବାନନ୍ ଓ୍ବାଶିଂଟନ୍ ବାତାବରଣରେ ଆଲୋଚନା ମାଧ୍ୟମରେ ପ୍ରୟାସ କରୁଥିବା ସତ୍ତ୍ୱେ, ଏହି ଆକ୍ରମଣ 'କ୍ରମାଗତ ଭାବେ ବଢୁଥିବା ଉତ୍ତେଜନାର ପରିପ୍ରେକ୍ଷୀରେ ଆସିଛି, ଯାହା ଦକ୍ଷିଣ (ଲେବାନନ୍) ର ସ୍ଥିରତା ଏବଂ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି।'

ସୂଚନାଯୋଗ୍ୟ, ଓ୍ବାଶିଂଟନ୍‌ରେ ଶୁକ୍ରବାର ଘୋଷଣା କରାଯାଇଥିବା ଏହି ନୂତନ ଅସ୍ତ୍ରବିରତି, ଆମେରିକାର ମଧ୍ୟସ୍ଥତାରେ ଇସ୍ରାଏଲ୍ ଏବଂ ଲେବାନନ୍ ସରକାରଙ୍କ ମଧ୍ୟରେ ହୋଇଥିବା ଆଲୋଚନା ଦ୍ୱାରା ସମ୍ଭବ ହୋଇଛି। ଲେବାନନ୍ ସରକାର ହିଜବୁଲ୍ଲାହ ଉପରେ ଦେଶକୁ ଯୁଦ୍ଧ ଭିତରକୁ ଟାଣି ଆଣିଥିବା ଅଭିଯୋଗ କରିଛନ୍ତି ଏବଂ ସାମ୍ପ୍ରତିକ ଶତ୍ରୁତା ପୂର୍ବରୁ ତାକୁ ନିରସ୍ତ୍ର କରିବାକୁ ଚେଷ୍ଟା ମଧ୍ୟ କରିଥିଲେ। ତେବେ ହିଜବୁଲ୍ଲାହ ଏହି ଅସ୍ତ୍ରବିରତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି। ସେହିପରି ଲେବାନନ୍ ଏବଂ ଇସ୍ରାଏଲ୍ ମଧ୍ୟରେ ହୋଇଥିବା ନୂତନ ଅସ୍ତ୍ରବିରତି ଚୁକ୍ତିକୁ ଇରାନ୍ ମଧ୍ୟ ବିରୋଧ କରୁଛି। ଏନେଇ ଲେବାନନ୍ ପ୍ରଧାନମନ୍ତ୍ରୀ ଇରାନକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଓ୍ବାଶିଂଟନ୍ ସହିତ ଚାଲିଥିବା ଆଲୋଚନାରେ ତେହେରାନ୍ (ଇରାନ) ନିଜର ଫାଇଦା ପାଇଁ ଲେବାନନ୍‌କୁ ଏକ 'ମୂଳଚାଲ୍‌ର ମାଧ୍ୟମ' ଭାବରେ ବ୍ୟବହାର କରିବା ଉଚିତ୍ ନୁହେଁ।

## ପଶ୍ଚିମବଙ୍ଗରେ ବିପୁଳ ଅସ୍ତ୍ରଶସ୍ତ୍ର ଜବତ

# ଏସ୍‌ଟିଏଫ୍‌କୁ ପ୍ରଶଂସାରେ ପୋତିଲେ ମୁଖ୍ୟମନ୍ତ୍ରୀ

**କୋଲକାତା, ୬।୬/ଏଜେନ୍ସି:** ପଶ୍ଚିମବଙ୍ଗ ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍) ଗୁଇନ୍ଦା ତଥ୍ୟ ଆଧାରରେ କୁମ୍ରାଖାଲି, ବାସନ୍ତୀ ଓ ସନ୍ଦେଶଖାଲିରେ ସିରିଜ ଚଢାଉ କରି ବିପୁଳ ପରିମାଣର ବନ୍ଧୁକ ଓ ଗୁଳିଗୋଳା ଉଦ୍ଧାର କରିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏନେଇ ଶନିବାର ରାଜ୍ୟ ପୁଲିସକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ, କଳା ଦିନ ଶେଷ ହୋଇଛି। ରାଜ୍ୟରେ ଶାନ୍ତି ଓ ଗଣତନ୍ତ୍ରର ଜୟ ହେବ। ରାଜ୍ୟରେ ଅବୈଧ ଅସ୍ତ୍ରଶସ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ନେଟ୍‌ଓ୍ବର୍କକୁ ସଫଳତାର ସହିତ ଧରିବା ପାଇଁ ଏସ୍‌ଟିଏଫ୍‌ର ପ୍ରୟାସ ଉଲ୍ଲେଖନୀୟ ତଥା ଫଂଶସାଯୋଗ୍ୟ। ଅଧିକାରୀ 'ଏକ୍ସ'ରେ ସୂଚନା ଦେଇଛନ୍ତି ଯେ, ଶାନ୍ତି ଭଙ୍ଗ କରିବା ପାଇଁ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ବେଆଇନ ବନ୍ଧୁକ ଓ ଗୁଳି ଜବତ ହୋଇଛି। ଅଧିକାରୀ ଲେଖିଛନ୍ତି, ପୂର୍ବ ସରକାରଙ୍କ ଶାସନ ସମୟରେ ବର୍ଷ ବର୍ଷ ଧରି ଏପରି ଅବୈଧ ଅସ୍ତ୍ରଶସ୍ତ୍ର ଗଚ୍ଛିତ କରାଯାଇଥିଲା ଓ ସାଧାରଣ ନାଗରିକଙ୍କୁ ଆତଙ୍କିତ କରିବା ପାଇଁ ବ୍ୟବହାର କରାଯାଇଥିଲା। ହିଂସାର ଏହି ସଂସ୍କୃତି



ଅନେକ ବିରୋଧୀ ଦଳର କର୍ମୀ ବିଶେଷକରି ବିଜେପି କାର୍ଯ୍ୟକର୍ତ୍ତାଙ୍କ ମୂଲ୍ୟବାନ ଜୀବନ ନେଇଥିଲା। ସେହିପରି ଅନ୍ୟ ଏକ ରିପୋର୍ଟ ଅନୁସାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପଶ୍ଚିମବଙ୍ଗର ଭାଙ୍ଗରରେ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ସନ୍ଦିଗ୍ଧ ପଳାତକ ପୂର୍ବତନ ବିଧାୟକ ସାଓକୋଟ ମୋଲ୍ଲାଙ୍କୁ ଗିରଫ କରିଛି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ବୋମା ତିଆରି ସମୟରେ ବିସ୍ଫୋରଣ ଘଟି ଜଣଙ୍କର ମୃତ୍ୟୁ ଓ ଅନେକ ଆହତ ହୋଇଥିଲେ। ମୋଲ୍ଲାକୁ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାରୁ ଗିରଫ କରାଯାଇଥିଲା।

# ଟିଭିକେରେ ମିଶିଲେ ଆଉ ୪ ଏଆଇଏଡିଏମ୍‌କେ ନେତା

**ଚେନ୍ନାଇ, ୬।୬/ଏଜେନ୍ସି:** ଏଆଇଏଡିଏମ୍‌କେର ଦୁର୍ଗ ଭୁଶୁଡିବାରେ ଲାଗିଛି। ଶନିବାର ଦଳର ଆଉ ୪ ଜଣ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବିଧାୟକ ଥଲାପତି ବିଜୟଙ୍କ ଦଳ ଟିଭିକେରେ ସାମିଲ ହୋଇଛନ୍ତି। ଏଆଇଏଡିଏମ୍‌କେର ଆଭ୍ୟନ୍ତରୀଣ ବିବାଦର ଫଳସ୍ୱରୂପ ସେମାନେ ଦଳ ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି କହିଛନ୍ତି। ଶନିବାର ଏହି ୪ ନେତା ଚେନ୍ନାଇସ୍ଥିତ ଟିଭିକେ ମୁଖ୍ୟାଳୟକୁ ଯାଇ ସେଠାରେ ଟିଭିକେର ସଦସ୍ୟତା ଗ୍ରହଣ କରିଛନ୍ତି। ଏମାନେ ହେଲେ ଉଦୁମଲାଇ କେ ରାଧାକ୍ରିଷ୍ଣନ୍, ଏମ୍‌ସି ସମ୍ପଥ, କଦମବୁର ସି ରାଜୁ ଓ ଏନ୍‌ଆର୍ ଶିବାପଥୀ। ଟିଭିକେ ସାଧାରଣ ସମ୍ପାଦକ ଆନନ୍ଦ ଓ ନିର୍ବାଚନ ପ୍ରଚାର ପରିଚାଳନା ପାଇଁ ସାଧାରଣ ସମ୍ପାଦକ ଅଧବ ଅର୍ଜୁନଙ୍କ ସମ୍ମୁଖରେ ସମସ୍ତେ ଶାସକ ଦଳରେ ଯୋଗ ଦେଇଥିଲେ। ପ୍ରକାଶ, ତାମିଲନାଡୁରେ ଏପ୍ରିଲ ୨୩ରେ ଅନୁଷ୍ଠିତ ନିର୍ବାଚନ ପରେ ପରେ ଏଆଇଏଡିଏମକେରେ ବିଧାୟକ, ପୂର୍ବତନ ବିଧାୟକମାନଙ୍କ ଦଳ ଛାଡିବା ପ୍ରକ୍ରିୟା ଜୋର ଧରିଛି।

# ସମ୍ଭଲରେ ମସଜିଦ୍ ଭାଙ୍ଗିବା ପ୍ରକ୍ରିୟା ଆରମ୍ଭ

**ଲକ୍ଷ୍ନୌ, ୬।୬/ଏଜେନ୍ସି:** ଜମି ମାଲିକାନା ବିବାଦର କେନ୍ଦ୍ରବିନ୍ଦୁ ପାଲଟିଥିବା ସମ୍ଭଲ ଜିଲ୍ଲାର 'ମୁସ୍ତଫା କାଦ୍ରି ମସଜିଦ୍' ବିରୋଧରେ ଶନିବାର ଉତ୍ତରପ୍ରଦେଶ ପ୍ରଶାସନ ଉଚ୍ଛେଦ ଅଭିଯାନ ଆରମ୍ଭ କରିଛି। ତହସିଲଦାର ଧୀରେନ୍ଦ୍ର କୁମାର ଏବଂ ନାଏବ ତହସିଲଦାର ଦୀପକ ଜୁରୈଲଙ୍କ ନେତୃତ୍ୱରେ ଏକ ଟିମ୍, ରାଜସ୍ୱ ଅଧିକାରୀ ଏବଂ ପୋଲିସ କର୍ମଚାରୀଙ୍କ ସହ ମିଶି ଏହି ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜିଲ୍ଲା ମାଜିଷ୍ଟ୍ରେଟ୍ ଅଙ୍କିତ ଖଣ୍ଡେଲଓ୍ବାଲ ଏବଂ ଆରକ୍ଷୀ ଅଧୀକ୍ଷକ କୃଷ୍ଣ କୁମାର ବିଷ୍ଣୋଇ ଏହି ସମଗ୍ର ପ୍ରକ୍ରିୟାର ତଦାରଖ କରିବା ପାଇଁ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। କର୍ତ୍ତୃପକ୍ଷଙ୍କ ଦାବି ଅନୁଯାୟୀ ଏହା ସରକାରୀ ଜମିରେ ନିର୍ମାଣ କରାଯାଇଥିବା ବେଳେ, ମସଜିଦ୍ କମିଟିର ସଦସ୍ୟମାନେ ଆଇନଗତ ବାଟରେ ଏହି ପଦକ୍ଷେପକୁ ଚ୍ୟାଲେଞ୍ଜ କରିଥିଲେ। ତେବେ କୋର୍ଟରେ ମସଜିଦ୍ କମିଟିର ଆଇନଗତ ଆହ୍ୱାନ ପ୍ରତ୍ୟାଖ୍ୟାନ ହେବା ପରେ, ମସଜିଦ୍‌ଟି ସରକାରୀ ଜମିରେ ନିର୍ମିତ ହୋଇଥିବା ଦର୍ଶାଇ ଏହି ମସଜିଦ୍‌କୁ ଭାଙ୍ଗିବା ପ୍ରକ୍ରିୟା ଆରମ୍ଭ କରିଛି। ଅଧିକାରୀମାନେ ଅଭିଯୋଗ କରିଛନ୍ତି ଯେ, ଏହି ସମ୍ପତ୍ତିକୁ ଓ୍ବାକଫ୍ ବୋର୍ଡରେ ପଞ୍ଜୀକୃତ କରିବା ସମୟରେ ଜମିର ମାଲିକାନା ସରକାରଙ୍କର ବୋଲି ଦର୍ଶାଉଥିବା ଦସ୍ତାବିଜ୍‌ଗୁଡ଼ିକୁ ଲୁଚାଇଦିଆଯାଇଥିଲା।

୧୨୦ ବର୍ଗ ମିଟର ପ୍ଲଟ୍‌ରେ ଅବସ୍ଥିତ ଏହି ମସଜିଦ୍‌କୁ ଭାଙ୍ଗିବା ପାଇଁ ୪ ବୁଲଡୋଜରକୁ କାମରେ ଲଗାଯାଇଥିଲା। ଏହି ଅଭିଯାନ ସମୟରେ ଘଟଣାସ୍ଥଳରେ ବହୁ ସଂଖ୍ୟାରେ



ପୁଲିସ୍ ଏବଂ ରାଜସ୍ୱ ଅଧିକାରୀ ମୁତୟନ ହୋଇଥିଲେ। ଏହି ବିବାଦ ଜାନୁଆରୀ ମାସରେ ହୋଇଥିବା ଏକ ରାଜସ୍ୱ ସର୍ଭେରୁ ଆରମ୍ଭ ହୋଇଥିଲା, ଯେଉଁଥିରେ ଅଧିକାରୀମାନେ ଦାବି କରିଥିଲେ ଯେ ମସଜିଦ୍ ଠିଆ ହୋଇଥିବା ଜମିଟି ସରକାରୀ ସମ୍ପତ୍ତି ଭାବରେ ରେକର୍ଡ ହୋଇଛି। ପ୍ରଶାସନ ଅନୁଯାୟୀ, ପରବର୍ତ୍ତୀ ସମୟରେ କରାଯାଇଥିବା ଯାଞ୍ଚରୁ ଜଣାପଡ଼ିଛି ଯେ ରାଜସ୍ୱ ରେକର୍ଡରେ ଏହି ଜମିଟି ରାଜ୍ୟ ସରକାରଙ୍କର ବୋଲି ଦର୍ଶାଯାଇଥିବା ସତ୍ତ୍ୱେ ଏହାକୁ ଓ୍ବାକଫ୍ ସମ୍ପତ୍ତି ଭାବରେ ପଞ୍ଜୀକୃତ କରାଯାଇଥିଲା। ତେବେ ଏସମ୍ପର୍କୀତ ସବିଶେଷ ଯାଞ୍ଚ ବା ତଦନ୍ତ ରିପୋର୍ଟ ସାମ୍ନାକୁ ଆସିବା ପରେ କଥିତ ଅନିୟମିତତା ଅଭିଯୋଗରେ ମସଜିଦ୍ କମିଟିର ୭ଜଣ ସଦସ୍ୟଙ୍କ ବିରୋଧରେ ଏକ ଏଫ୍‌ଆଇଆର୍ ରୁଜୁ କରାଯାଇଥିଲା। ତହସିଲଦାରଙ୍କ କୋର୍ଟ ଏପ୍ରିଲ ୨୧ ରେ ଏକ ବେଦଖଲ ନିର୍ଦ୍ଦେଶ ଜାରି କରି କର୍ତ୍ତୃପକ୍ଷଙ୍କ ଦ୍ୱାରା ବେଆଇନ ଜବରଦଖଲ କୁହାଯାଉଥିବା ଏହି ନିର୍ମାଣକୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra